# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ ୨୯/୨୦୧୯ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, May 29/2019 | ★★★★★★

୪୫ଶ ଭାଗ ୧୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ମୋ ନୃତ୍ୟ ଦକ୍ଷତା ପସନ୍ଦ କରନ୍ତି ପିଲା: ମାଧୁରୀ**
ମୋ ପିଲା ମୋର ନୃତ୍ୟଶୈଳୀକୁ ଖୁବ୍ ପସନ୍ଦ କରନ୍ତି ବୋଲି ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ପ୍ରକାଶ କରିଛନ୍ତି। ୧୪

୧୯ **ବୀରେନ୍ଦ୍ର ଉପଅଧିନାୟକ**
ଏଫ୍ଆଇଏଚ୍ ପୁରୁଷ ହକି ସିରିଜ ଫାଇନାଲ୍ସ ପାଇଁ ଘୋଷିତ ଭାରତୀୟ ଦଳରେ ଓଡ଼ିଆ ତାରକା ବୀରେନ୍ଦ୍ର ଲାକ୍ରା ଉପଅଧିନାୟକ ନିଯୁକ୍ତ ହୋଇଛନ୍ତି।




ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


## ଆଜି ନୂଆ ମନ୍ତ୍ରିମଣ୍ଡଳ

# ୧୧ କ୍ୟାବିନେଟ୍, ୯ ରାଷ୍ଟ୍ରମନ୍ତ୍ରୀ



ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଠଗଡ଼ | ବିକ୍ରମକେଶରୀ ଆରୁଖ ଭଞ୍ଜନଗର | ପ୍ରଫୁଲ୍ଲ କୁମାର ମଲ୍ଲିକ କାମାକ୍ଷାନଗର | ନିରଞ୍ଜନ ପୂଜାରୀ ସୋନପୁର | ପଦ୍ମନାଭ ବେହେରା ବୀରମହାରାଜପୁର | ପ୍ରତାପ ଜେନା ମାହାଙ୍ଗା | ଅରୁଣ କୁମାର ସାହୁ ନୟାଗଡ଼ | ସୁଦାମ ମାର୍ଣ୍ଡି ବାଙ୍ଗିରିପୋଷି | ସୁଶାନ୍ତ ସିଂ ଭଟଲି | ନବକିଶୋର ଦାସ ଝାରସୁଗୁଡ଼ା | ଟୁକୁନି ସାହୁ ଟିଟିଲାଗଡ଼

ଭୁବନେଶ୍ୱର,୨୮।୫(ବ୍ୟୁରୋ)

ବୁଧବାର ପୂର୍ବାହ୍ନରେ ରାଜ୍ୟର ନୂଆ ମନ୍ତ୍ରିମଣ୍ଡଳ ଶପଥ ନେବ। ନବୀନ ପଟ୍ଟନାୟକ ୫ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ତାଙ୍କ ନୂଆ ମନ୍ତ୍ରିମଣ୍ଡଳରେ ୧୧ଜଣଙ୍କୁ କ୍ୟାବିନେଟ୍ ପାହ୍ୟା ଓ ୯ଜଣଙ୍କୁ ରାଷ୍ଟ୍ର ପାହ୍ୟା ମନ୍ତ୍ରୀପଦ ମିଳିଛି। ଏନେଇ ରାଜଭବନ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିକ୍ରମ କେଶରୀ ଆରୁଖ, ପ୍ରଫୁଲ୍ଲ କୁମାର ମଲ୍ଲିକ, ନିରଞ୍ଜନ ପୂଜାରୀ, ପଦ୍ମନାଭ ବେହେରା, ପ୍ରତାପ ଜେନା, ଅରୁଣ କୁମାର ସାହୁ, ସୁଦାମ ମାର୍ଣ୍ଡି, ସୁଶାନ୍ତ ସିଂ, ନବକିଶୋର ଦାସ ଏବଂ ଟୁକୁନି ସାହୁଙ୍କୁ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ପଦ ମିଳିଛି। ସେହିପରି ଅଶୋକ ଚନ୍ଦ୍ର ପଣ୍ଡା, ସମୀର ରଞ୍ଜନ ଦାଶ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଦିବ୍ୟଶଙ୍କର ମିଶ୍ର, ପ୍ରେମାନନ୍ଦ ନାୟକ, ରଘୁନନ୍ଦନ ଦାଶ, ପଦ୍ମିନୀ ଦିଆନ, ତୁଷାରକାନ୍ତି ବେହେରା ଏବଂ ଜଗନ୍ନାଥ ସାରକାଙ୍କୁ ରାଷ୍ଟ୍ରମନ୍ତ୍ରୀ ପଦ ମିଳିଛି।

ଶପଥଗ୍ରହଣ ଦିନକ ପୂର୍ବରୁ ମଙ୍ଗଳବାର ମନ୍ତ୍ରୀ ପଦ ପାଇବା ନେଇ ବିଜେଡି ନେତାମାନଙ୍କ ମଧ୍ୟରେ ବହୁ ଉତ୍ସୁକତା ରହିଥିଲା। କେତେ ବେଳେ ଡକରା ଆସିବ। ପୁଣିଥରେ ମନ୍ତ୍ରୀ ପଦବୀ ମିଳିବ ନା ନାହିଁ। ଏଭଳି ଆଶଙ୍କା କରି ଆଶାୟୀ ପୂର୍ବତନ ମନ୍ତ୍ରୀଙ୍କର ହାର୍ଟ ବିଟ୍ ବଢ଼ିଯାଇଥିଲା। ମଙ୍ଗଳବାର ଦିନତମାମ ଆଶା ଓ ଆଶଙ୍କାରେ ଦିନ କାଟୁଥିଲେ ଆଶାୟୀ ଓ ବରିଷ୍ଠ ବିଧାୟକମାନେ। ସସପେନ୍ସ ଭିତରେ ପୂରା ଦିନ ବିତିଗଲା। ଖରା ଯାଇ ସଞ୍ଜ ନଇଁଲା, ତଥାପି ମନରେ ଥିଲା ଶଙ୍କା। ସମସ୍ତଙ୍କର ନବୀନ ନିବାସର ଫୋନ କଲ୍‌କୁ ଥିଲା ଅପେକ୍ଷା। ସନ୍ଧ୍ୟାବେଳକୁ ଗୋଟିଏ ପରେ ଗୋଟିଏ ଫୋନ୍ କଲ୍ ଉପରୋକ୍ତ ବିଧାୟକମାନଙ୍କ ପାଖକୁ ଯାଇଥିଲା।

ଅନ୍ୟପକ୍ଷରେ ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏବଂ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ମଧ୍ୟ ଫୋନ୍ କଲ୍ ଯାଇଥିବା ଜଣାପଡିଛି। ପ୍ରମିଳାଙ୍କୁ ଶାସକ ଦଳର ମୁଖ୍ୟ ସଚେତକ ଏବଂ ସୂର୍ଯ୍ୟଙ୍କୁ ବାଚସ୍ପତି ପଦବୀରେ ବସାଇବା ନେଇ ଚର୍ଚ୍ଚା ହେଉଛି। ଫୋନ କଲ ପାଇବା ପରେ ଉପରୋକ୍ତ ବିଧାୟକମାନେ ଉତ୍ସାହିତ ହୋଇପଡ଼ିଥିବା ସେମାନଙ୍କ ସହ କଥାବାର୍ତ୍ତା ବେଳେ ଜଣାପଡ଼ିଛି। ଅନ୍ୟପକ୍ଷରେ ଫୋନ କଲ ପାଇ ନ ଥିବା କେତେଜଣ ବରିଷ୍ଠ ବିଧାୟକଙ୍କୁ ନିରାଶ ହେବାକୁ ପଡ଼ିଛି।

ନୂଆ ମନ୍ତ୍ରିମଣ୍ଡଳରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଅଧିକ ନୂଆ ମୁହଁକୁ ସାମିଲ କରିଛନ୍ତି। ବିଶେଷ କରି କୌଣସି ମାମଲାରେ ଜଡ଼ିତ ହୋଇ ନ ଥିବା ଯୁବ ବିଧାୟକଙ୍କୁ ନବୀନ ଗୁରୁତ୍ୱ ଦେଇଛନ୍ତି। ଯେଉଁମାନଙ୍କ ନାମରେ କିଛି ଅଭିଯୋଗ ରହିଛି କିମ୍ବା ପୂର୍ବ ରେକର୍ଡ ଖରାପ ରହିଛି, ସେମାନଙ୍କୁ ଦୂରେଇ ରଖାଯାଇଛି। ପୂର୍ବରୁ ସୁଶାନ୍ତ ସିଂ ଶକ୍ତି ଓ ଶ୍ରମ ବିଭାଗ ଦାୟିତ୍ୱ ତୁଲାଇଛନ୍ତି। ☞ପୃଷ୍ଠା-୧୬



- **ପଞ୍ଚମ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ନବୀନ**
- **ସୂର୍ଯ୍ୟ ପାତ୍ର ହୋଇପାରନ୍ତି ବାଚସ୍ପତି**
- **ବହୁ ପୂର୍ବତନ ମନ୍ତ୍ରୀ ନିରାଶ**

### ରାଷ୍ଟ୍ରପାହ୍ୟା



ଅଶୋକ ଚନ୍ଦ୍ର ପଣ୍ଡା ଏକାମ୍ର-ଭୁବନେଶ୍ୱର | ସମୀର ରଞ୍ଜନ ଦାଶ ନିମାପଡ଼ା | ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସିମୁଳିଆ | ଦିବ୍ୟଶଙ୍କର ମିଶ୍ର ଜୁନାଗଡ଼ | ପ୍ରେମାନନ୍ଦ ନାୟକ ତେଲକୋଇ | ରଘୁନନ୍ଦନ ଦାଶ ବାଲିକୁଦା-ଏରସମା | ପଦ୍ମିନୀ ଦିଆନ କୋଟପାଡ଼ | ତୁଷାରକାନ୍ତି ବେହେରା କାକଟପୁର | ଜଗନ୍ନାଥ ସାରକା ବିଷମକଟକ

## ବେସ୍ କ୍ୟାମ୍ପରେ କଳ୍ପନାଙ୍କ ପାର୍ଥିବ ଶରୀର



ଭୁବନେଶ୍ୱର, ୨୮।୫(ସ୍ପୋର୍ଟ୍ସ ବ୍ୟୁରୋ)

ଏଭରେଷ୍ଟ ଶୃଙ୍ଗରେ ପର୍ବତାରୋହୀ କଳ୍ପନା ଦାଶଙ୍କ ମରଶରୀରର ସନ୍ଧାନ ଓ ଉଦ୍ଧାରକାର୍ଯ୍ୟରେ ଶେର୍ପା ଦଳ ସକ୍ଷମ ହୋଇଛନ୍ତି। ସେମାନେ ମଙ୍ଗଳବାର ମରଶରୀରକୁ ବେସ୍ କ୍ୟାମ୍ପ-୪କୁ ଆଣିଛନ୍ତି। ଲୁକ୍‌ଲାସ୍ଥିତ ବେସ୍ କ୍ୟାମ୍ପରେ ଆବଶ୍ୟକ ଔପଚାରିକତା ପରେ ବୁଧବାର ଏହାକୁ ବିମାନ ଯୋଗେ କାଠମାଣ୍ଡୁ ଅଣାଯିବ ବୋଲି ରାଜ୍ୟ ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି। କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ଏବଂ ଉଦ୍ଧାରକାରୀ ଦଳ ସହିତ ରାଜ୍ୟ ସରକାରଙ୍କ ଯୋଗାଯୋଗ ଅବ୍ୟାହତ ରହିଛି। କଳ୍ପନାଙ୍କ ପାର୍ଥିବ ଶରୀରକୁ ଯଥା ଶୀଘ୍ର ଅଣାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯିବା ଯୋଜନା ଚାଲିଥିବା ସୂଚନା ଦିଆଯାଇଛି। ପ୍ରକାଶ ଯୋଗ୍ୟ ଦୁଃସାହସିକ କ୍ରୀଡ଼ାରେ ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ଆଦର୍ଶ ପାଲଟିଥିବା ଏଭରେଷ୍ଟ ଆରୋହଣକାରୀ କଳ୍ପନା ଗତ ଗୁରୁବାର ମୃତ୍ୟୁ ଘଟିଥିବା ଖବର ଓଡ଼ିଶା କ୍ରୀଡ଼ା ଜଗତକୁ ସ୍ତବ୍ଧ କରିଥିଲା। ସେ ଦ୍ୱିତୀୟଥରପାଇଁ ଏଭରେଷ୍ଟ ଆରୋହଣ କରି ☞ପୃଷ୍ଠା-୧୬

**ଆଜିର ସମ୍ପାଦକୀୟ**

ଭିତରକୁ ଦେଖ

**ଆଜିର ମନ୍ତବ୍ୟ**

" ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଜୟ ହୋଇଛି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପଦ ଛାଡ଼ିବା ଅନାବଶ୍ୟକ।

-ରଜନୀକାନ୍ତ, ସୁପରଷ୍ଟାର

**କିଛି ତଥ୍ୟ**

ଚଳିତ ବର୍ଷ ଏପ୍ରିଲ ମାସରେ ଦେଶର ଅଶୋଧିତ ଇସ୍ପାତ ଉତ୍ପାଦନ ୦.୧% ବଢି ୮.୬୬୨ ନିୟୁତ ଟନ୍ ରହିଛି।

- ଇସ୍ପାତ ମନ୍ତ୍ରଣାଳୟ

## ୟୁପିରେ ବିଷାକ୍ତ ମଦ ପିଇ ୧୩ ମୃତ

ବାରାବାଙ୍କି,୨୮।୫(ପି.ଟି.)

- **୪୦ ଅସୁସ୍ଥ, ରାଜନୈତିକ ଷଡ଼ଯନ୍ତ୍ର ସନ୍ଦେହ**
- **୧୦ ଅବକାରୀ, ୨ ପୋଲିସ କର୍ମଚାରୀ ସସ୍‌ପେଣ୍ଡ**
- **ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ଯୋଗୀ**

ଉତ୍ତରପ୍ରଦେଶର ବାରାବାଙ୍କି ଜିଲ୍ଲାରେ ବିଷାକ୍ତ ମଦ ପିଇ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରାୟ ୪୦ ଜଣଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୪ଜଣ ଥିବା ପ୍ରକାଶ। ସୋମବାର ରାତିରେ ଏହିସବୁ ଲୋକ ବିଷାକ୍ତ ମଦ ପିଇବା ପରେ ହଠାତ୍ ଅସୁସ୍ଥ ହୋଇପଡ଼ିବା ସହ ବାନ୍ତି କରିଥିଲେ। ସେମାନଙ୍କ ଛାତି ଓ ମୁଣ୍ଡ ବିନ୍ଧିବା ପରେ ଜଣକ ପରେ ଜଣେ ଆଖି ବୁଜିଥିଲେ। ଗୁରୁତରଙ୍କୁ ହସ୍ପିଟାଲ୍ ନିଆଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆଭୟ ସୃଷ୍ଟିହୋଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ପଛରେ ରାଜନୈତିକ ଷଡ଼ଯନ୍ତ୍ର ଥିବା ସନ୍ଦେହ କରାଯାଉଛି।

ଏହି ଘଟଣାକୁ ନେଇ ୧୦ ଜଣ ଅବକାରୀ ବିଭାଗର କର୍ମଚାରୀ ଓ ୨ ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ପ୍ରାଣ ହରାଇଥିବା ଲୋକଙ୍କ ନିକଟ ସମ୍ପର୍କୀୟଙ୍କୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ୪୮ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ୟୁପି ମନ୍ତ୍ରୀ ସିଦ୍ଧାର୍ଥ ନାଥ ସିଂ ପ୍ରକାଶ କରିଛନ୍ତି।

ସ୍ଥାନୀୟ ରାଣୀଗଞ୍ଜ ଓ ଏହାର ଆଖପାଖ ଅଞ୍ଚଳର ଲୋକମାନେ ରାମନଗରରେ ଥିବା ଏକ ଦୋକାନରୁ ସୋମବାର ରାତିରେ ମଦ କିଣି ପିଇଥିଲେ। ପରେ ସେମାନେ ଅସୁସ୍ଥ ଅନୁଭବ କରି ରାମନଗର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ଲାଗି ଯାଇଥିଲେ। ମଙ୍ଗଳବାର ସେମାନଙ୍କୁ ଲକ୍ଷ୍ନୌସ୍ଥିତ କିଙ୍ଗ ଜର୍ଜ ମେଡିକାଲ୍ ବିଶ୍ୱବିଦ୍ୟାଳୟ ହସ୍ପିଟାଲ୍‌କୁ ନିଆଯାଇଥିଲା। କେତେଜଣଙ୍କୁ ବଲରାମପୁର ଓ ଲକ୍ଷ୍ନୌର ରାମ ମନୋହର ଲୋହିଆ ହସ୍ପିଟାଲରେ ମଧ୍ୟ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କର ଡାଏଲିସିସ୍ ପରୀକ୍ଷା କରାଯାଇଥିଲା। ହେଲେ ଅନେକଙ୍କ ମୃତ୍ୟୁ ଘଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିପକାଇଛି।

ୟୁପି ଅବକାରୀ ମନ୍ତ୍ରୀ ଜୟପ୍ରତାପ ସିଂ କହିଛନ୍ତି ଯେ, ଘଟଣାସ୍ଥଳକୁ ଅବକାରୀ କମିଶନର ଓ ଯୁଗ୍ମ କମିଶନରଙ୍କୁ ପଠାଯାଇଛି। ☞ପୃଷ୍ଠା-୧୬

## ସୁଭଦ୍ରାଙ୍କ ରଥ ଚକ ତୁମ୍ବରେ ଫାଟ

ପୁରୀ ଅଫିସ, ୨୮।୫

ଆସନ୍ତା ଜୁଲାଇ ୪ରେ ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ନିର୍ମାଣ ଚାଲିଛି। ସବୁ ରଥର ତୁମ୍ବ ନିର୍ମାଣ ଶେଷ ହୋଇ ଚକ ତିଆରି କରାଯାଉଛି । ତେବେ ମଙ୍ଗଳବାର ସୁଭଦ୍ରା ରଥର ଏକ ଚକ ନିର୍ମାଣ ସମୟରେ ତୁମ୍ବରେ ଫାଟ ହୋଇଥିବା ଦେଖିବାକୁ ମିଳିଛି। ପରେ ଏହି ତୁମ୍ବ ବଦଳାଯାଇ ନୂତନ ତୁମ୍ବ ତିଆରି ଆରମ୍ଭ ହୋଇଛି।

ଅକ୍ଷୟ ତୃତୀୟାଠାରୁ ରଥଖଳାରେ ରଥ ନିର୍ମାଣ ଆରମ୍ଭ ହୋଇଛି। ପ୍ରଥମେ ତିନି ରଥର ତୁମ୍ବ ତିଆରି କରାଯାଇଥିଲା। ତିନି ରଥର ୪୨ଟି ତୁମ୍ବ ନିର୍ମାଣ ପରେ ସେଥିରେ ବିନ୍ଧ କରାଯାଇଥିଲା। ପରେ ଏଥିରେ ପଇ ସଂଯୋଗ କରାଯାଇ ଚକ ତିଆରି ଚାଲିଛି। ଭଉଁରିରେ ତିନି ରଥର ୨ଟି ଲେଖାଏ ଚକ ଅଖ ସହ ସଂଯୋଗ କରାଯାଇଥିବା ବେଳେ ବର୍ତ୍ତମାନ ଅନ୍ୟ ଚକ ତିଆରି ଚାଲିଛି । ତେବେ ମଙ୍ଗଳବାର ଅପରାହ୍ନରେ ବିଲେଇ ବାଡ଼ିଆ (ଅରରେ

**ନଜରକୁ ଆସିବା ପରେ ବଦଳାଗଲା**



ପଇ ସଂଯୋଗ) ଚାଲିଥିଲା। ଏହି ସମୟରେ କେତେଜଣ ଭୋଇ ସେବକ ଏବଂ ମହାରଣା ସେବକ ସୁଭଦ୍ରାଙ୍କ ରଥର ଏକ ତୁମ୍ବରେ ଫାଟ ହୋଇଥିବା ଦେଖିଥିଲେ। ଏ ନେଇ ସେମାନେ ମୁଖ୍ୟ ବିଶ୍ୱକର୍ମା କୃଷ୍ଣଚନ୍ଦ୍ର ମହାରଣାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଏହାକୁ ବଦଳାଯାଇ ଏକ ନୂଆ ତୁମ୍ବ ତିଆରି କରାଯାଉଥିବା ଜଣାପଡ଼ିଛି।

ସାଧାରଣତଃ ତୁମ୍ବରେ ଅର ସଂଯୋଗ ପରେ ଉଭୟ ପାର୍ଶ୍ୱରେ ଲୁହାର ବଳା ପିନ୍ଧା ଯାଇଥାଏ। ବଳା ପିନ୍ଧାଇବା ଅଥବା ସିଙ୍ଗଡ଼ା ବାଡ଼ିଆ ସମୟରେ ☞ପୃଷ୍ଠା-୧୬







NECC NATIONAL EGG CO-ORDINATION COMMITTEE 28.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 87 | 141 | 151 |
| BDK | 87 | 141 | 151 |
| BLS | 87 | 141 | 151 |
| ANG | 87 | 141 | 151 |

Eggs Retail Price- 41/-Dozen
Issued in the Interest of Consumers
*Conditions Apply


## ଗତିପଥ ବଦଳାଉଛି ବୁଢ଼ାବଳଙ୍ଗ



ବୁଢ଼ାବଳଙ୍ଗ ନଦୀ ପାର୍ଶ୍ୱସ୍ଥ ନଲକୁଳି ଗାଁ

- **ଭୀମଦିଆ ପରେ ନଲକୁଳି ନିଶ୍ଚିହ୍ନ ଆଶଙ୍କା**
- **ବେଘର ହେଉଛନ୍ତି ଶହ ଶହ ପରିବାର**

ମାନସ ବିଶ୍ୱାଳ

ବାଲେଶ୍ୱର ଅଫିସ, ୨୮।୫

ବାଲେଶ୍ୱର ଜିଲା ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀ ଦୀର୍ଘ ଦୁଇ ଦଶନ୍ଧି ଧରି ଗତିପଥ ବଦଳାଉଥିବାରୁ ସଦର ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତର କାଠପାଳ, ଜଗନ୍ନାଥପୁର, ମାଣିକୁଲା ଓ ନଲକୁଳ ଗ୍ରାମ ପ୍ରତି ବିପଦ ଦେଖାଦେଇଛି। ଜନବସତି ଆଡ଼କୁ ନଦୀ ମାଡି ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାର କରାଯାଉନାହିଁ। ଏହି ନଦୀ ତଟବର୍ତ୍ତୀ ଭୀମଦିଆ ଗ୍ରାମ କେବେଠାରୁ ନଦୀଗର୍ଭରେ ଲୀନ ହୋଇଗଲାଣି। ପୂର୍ବରୁ ୩ଶହରୁ ଊର୍ଦ୍ଧ୍ୱ ପରିବାର ଉକ୍ତ ଗ୍ରାମରେ ବସବାସ କରୁଥିଲେ। ଲୋକେ ଭିଟାମାଟି ହରାଇ ଏବେ ନିରାଶ୍ରୟ ଅବସ୍ଥାରେ ଅନ୍ୟତ୍ର ମୁଣ୍ଡଗୁଞ୍ଜି ରହୁଛନ୍ତି। ବିସ୍ଥାପିତ ଲୋକେ କୁଆଡେ ଗଲେ ତାହାର ହିସାବ ପ୍ରଶାସନ ନିକଟରେ ନାହିଁ। ଅନ୍ୟପକ୍ଷେ ନଦୀ ଅପରପାର୍ଶ୍ୱରେ ଥିବା ନଲକୁଳି ଗ୍ରାମ ଧୀରେ ଧୀରେ ନଦୀଗର୍ଭରେ ବିଲୀନ ହେବାକୁ ଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ନଦୀର ଗତିପଥ ପରିବର୍ତ୍ତନକୁ ରୋକିବା ପାଇଁ ସ୍ପର ନିର୍ମାଣ ସାଙ୍ଗକୁ ନଦୀବନ୍ଧ ପାର୍ଶ୍ୱକୁ ପଥର ପ୍ୟାକିଂ କରିବା ଲାଗି ତଟବର୍ତ୍ତୀ ଗ୍ରାମର ଲୋକେ ଦୀର୍ଘଦିନ ଧରି ଦାବି କରି ଆସୁଛନ୍ତି। ନଦୀଗର୍ଭକୁ ଚାଲିଯାଇଥିବା ଭୀମଦିଆ ଗ୍ରାମ ପଟୁ ଏବେ ନଦୀଶଯ୍ୟା ପୋତିହୋଇ ନଲକୁଳି ଆଡ଼କୁ ଖାଇ ଖାଇ ଯାଉଛି। ଏହି ଗ୍ରାମର ପ୍ରାୟ ଅଧା କି.ମି. ଅଞ୍ଚଳ ନଦୀଗର୍ଭରେ ଲୀନ ହୋଇଗଲାଣି। ବର୍ଷାଦିନେ ନଦୀର ଜଳସ୍ତର ବଢ଼ିଲେ ଆଖପାଖ ଅଞ୍ଚଳରେ ପାଣି ମାଡ଼ି ଘରଦ୍ୱାର ବୁଡ଼ିଯାଇଥାଏ। ଏହି ସମୟରେ ଗ୍ରାମବାସୀ ନିଜ ଘର ଉପରେ କିମ୍ବା ଡଙ୍ଗାରେ ରହି ସମୟ କାଟିଥାନ୍ତି। ପ୍ରାୟ ପ୍ରତିବର୍ଷ ନଦୀ ତଟବର୍ତ୍ତୀ ଅଞ୍ଚଳବାସୀ ବନ୍ୟା ବିପତ୍ତିକୁ ସାମ୍ନା କରି ଆସୁଛନ୍ତି।

ସ୍ଥାନୀୟ ଅଞ୍ଚଳବାସ କହିଛନ୍ତି ଯେ, ନଲକୁଳି ରାଜସ୍ୱ ଗ୍ରାମରେ ୩୦୦ରୁ ଊର୍ଦ୍ଧ୍ୱ ପରିବାର ରହୁଥିଲେ। ଏବେ ମାତ୍ର ୭୦ ପରିବାର ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଅନ୍ୟମାନେ ଘର ଛାଡି ଅନ୍ୟତ୍ର ପଳାଇ ଯାଇଛନ୍ତି। ନଦୀଗର୍ଭରେ ଚାଷ ଜମି ଲୀନ ହୋଇଯାଉଥିବାରୁ ଲୋକେ ଜୀବିକା ହରାଇ ବସିଛନ୍ତି। ପ୍ରଶାସନର ନଜର ଆଢୁଆଳରେ ଥିବା ଏସବୁ ଗାଁର ଲୋକଙ୍କ ପାଖରେ ସରକାରୀ ସହାୟତା ଓ ସୁବିଧା ପହଞ୍ଚିପାରୁନାହିଁ। ଅଧିକାଂଶ ଗରିବ ପରିବାର ଭଙ୍ଗା ଚାଳ ଛପର ଘରେ ରହୁଛନ୍ତି। ନଦୀକୂଳ ଖାଇ ଜନବସତି ଆଡ଼କୁ ମାଡି ଆସିଲେ ସେମାନେ ବାସସ୍ଥାନ ଛାଡି ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ବାଧ୍ୟ ହେବେ ବୋଲି ନଲକୁଳି ଗ୍ରାମବାସୀ କହିଛନ୍ତି। ସେମାନେ ଆହୁରି ଦର୍ଶାଇଛନ୍ତି ଯେ, ☞ପୃଷ୍ଠା-୧୬


**UTKAL UNIVERSITY**
DEPARTMENT OF BUSINESS ADMINISTRATION
Vani Vihar, Bhubaneswar-751004, Odisha, India
UTKAL UNIVERSITY NAAC-A+Accredited
ADMISSION OPEN
DEGREE WITH SKILL
**MBA (AGRIBUSINESS)**
*Excellent Placement Record*
ICICI Bank, AXIS Bank, Bandhan Bank, Yes Bank, Utkarsh Bank, Ujjivan Small Finance Bank, Seed Works, Pioneer Seeds, Dhanuka Agritech Ltd., Sinochem India, UPL, Matrix Fertilizer, Mahyco, VNR Seeds, Coromondel, Mansanto, DSCL, BFIL, Spandana, Arohan Microfinance, Annapurna Microfinance, Adhikar Microfinance, Origo Commodities, Pradan, AMUL, Mahashakti Foundation, Syngenta Foundation.
ELIGIBILITY:
B.Sc(Ag.) & Allied sectors/B.tech(Ag)/ B.tech(Food tech) B.Tech(Biotech), B.Tech/BE (Any stream), B.Sc in Life science (Zoology, Botany, Biotech, Microbiology) /B.Sc. (Chemistry), B.Com/BBA/BBM. Weightage will be given to Graduates in the Agriculture and allied sector. Candidates should have secured minimum 50% marks or equivalent (45% for SC/ST candidates) in Graduation and minimum 50% marks in 10th & 12th.
SELECTION:
Selection will be based on scores in MAT/CAT/CMAT/ICAR/OJEE followed by personal interview. The candidates, those who have not appeared the above tests, will have to appear for University Management Aptitude Test (UMAT) in the Utkal University campus.
APPLICATION PROCESS:
Fill in the Application form **ONLINE** at **www.camutkal.ac.in**
- Last date of submission of e-Application form : 15.06.2019 (23:45 hours)
- Last date of submission of hard copy along with other documents : 22.06.2019 (17:00 hours)

Contact
The Course Head, Centre for Agri-Management
Dept. of Business Administration, Utkal University, Bhubaneswar-751004
Ph./Fax: 0674-2567035, Mob.: 9437124356, 9778886001, 9938204639
e-mail : admission@camutkal.org, academic@camutkal.org, Website: www.camutkal.ac.in
Course Director



“ କଂଗ୍ରେସକୁ ଆଗେଇନେବା ଲାଗି ରାହୁଲ ଗାନ୍ଧୀ ହିଁ ସବୁଠାରୁ ଉତ୍ତମ ନେତା।
-ଶଶୀ ଥରୁର୍,
ବରିଷ୍ଠ କଂଗ୍ରେସ ନେତା

# କଂଗ୍ରେସରେ ନେତୃତ୍ୱ ସଙ୍କଟ

ନୂଆଦିଲ୍ଲୀ,୨୮।୫

ସାଧାରଣ ନିର୍ବାଚନରେ କଂଗ୍ରେସର ପରାଜୟ ଦଳ ପାଇଁ ନେତୃତ୍ୱ ସଙ୍କଟର କାରଣ ପାଲଟିଛି। ଦଳର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଇସ୍ତଫା ଦେଇଥିବାବେଳେ ତାକୁ ନେଇ ଅଡୁଆ ଛିଣ୍ଡୁନାହିଁ। ରାହୁଲ କଂଗ୍ରେସ ମୁଖ୍ୟ ଭାବେ ରୁହନ୍ତୁ ବୋଲି ଦଳର ବରିଷ୍ଠ ନେତାମାନେ ତାଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସରେ ନେତୃତ୍ୱ ପରିବର୍ତ୍ତନ ପାଇଁ କେତେକ ମହଲରେ ସ୍ୱର ଉଠିବାରେ ଲାଗିଲାଣି।

୫୪୩ ସଦସ୍ୟ ବିଶିଷ୍ଟ ଲୋକ ସଭାର ମାତ୍ର ୫୨ ଆସନ ଦଖଲ କରିବାରେ ସକ୍ଷମ ହୋଇଛି କଂଗ୍ରେସ। ଏପରି କି ୧୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଦଳ ଖାତା ମଧ୍ୟ ଖୋଲିପାରି ନାହିଁ। ଉତ୍ତରପ୍ରଦେଶର ପାରମ୍ପରିକ ଆସନ ଅମେଠିରେ ରାହୁଲଙ୍କୁ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ଏନେଇ କ୍ଷୁବ୍ଧ ରାହୁଲ ବିଫଳତା ପାଇଁ ଉତ୍ତରଦାୟିତ୍ୱ ନେଇ ଶନିବାର ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଏହାସହ ସେ କମଲନାଥ, ପି. ଚିଦାମ୍ବରମ୍ ଓ ଅଶୋକ ଗେହଲଟଙ୍କ ଭଳି କେତେଜଣ ବରିଷ୍ଠ ନେତାଙ୍କ ଉପରେ ବର୍ଷିଥିଲେ। ଦିନକ ପାଇଁ ନେତାଙ୍କ ସହ ଆଲୋଚନା ଓ ବୈଠକକୁ ବାତିଲ କରିବା ପରେ ରାହୁଲ ମଙ୍ଗଳବାର ତୋଗ୍‌ଲକ୍ ଲେନ୍‌ସ୍ଥିତ ବାସଭବନରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ



ଅଶୋକ ଗେହଲଟ, ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଓ ଦଳର ସାଧାରଣ ସମ୍ପାଦକ ତଥା ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ପୃଥକ୍ ବୈଠକ କରିଛନ୍ତି। ପ୍ରିୟଙ୍କାଙ୍କ ପରେ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଓ ମୁଖପାତ୍ର ରଣଦୀପ ସୁର୍ଜେୱାଲା ମଧ୍ୟ ରାହୁଲଙ୍କୁ ସାକ୍ଷାତ କରିଛନ୍ତି। ରାହୁଲ ଇସ୍ତଫାପତ୍ର ପ୍ରତ୍ୟାହାର କରନ୍ତୁ ବୋଲି ନେତାମାନେ ତାଙ୍କୁ ଅନୁରୋଧ କରିଥିବାବେଳେ ସେ ନିଜ ଜିଦରେ ଅଟଳ ଥିବା କୁହାଯାଉଛି। ଏହାସତ୍ତ୍ୱେ ରାହୁଲ ଅଧ୍ୟକ୍ଷ ପଦ ବଜାୟ ରଖନ୍ତୁ ବୋଲି ବରିଷ୍ଠ ନେତାମାନେ ତାଙ୍କୁ ମନାଇବାରେ ଲାଗିଛନ୍ତି। ରାଜ୍ୟ ସଭା ସଦସ୍ୟ ପ୍ରମୋଦ ତିୱାରୀ କହିଛନ୍ତି, ରାହୁଲ ଇସ୍ତଫା ଦେବା ବଦଳରେ ଅନ୍ୟ ସମସ୍ତ ନେତାଙ୍କୁ ଇସ୍ତଫା ଲାଗି ନିର୍ଦ୍ଦେଶ ଦେଇ କଂଗ୍ରେସର ପୁନର୍ଗଠନ କରିବା ଉଚିତ। ପରାଜୟ ପାଇଁ ଉତ୍ତରଦାୟିତ୍ୱ ସ୍ଥିରକରିବା ସମୟ ଆସିଛି। ସେହିପରି ବରିଷ୍ଠ ନେତା ଶଶୀ ଥରୁର କହିଛନ୍ତି, କଂଗ୍ରେସ ବଞ୍ଚିଛି। ଏହାର ଶେଷକଥା ଲେଖିବାର ସମୟ ଆସିନାହିଁ। ଦଳର ନେତୃତ୍ୱ ପାଇଁ ରାହୁଲ ସବୁଠୁ ଯୋଗ୍ୟ ନେତା। ଅନୁରୂପ ଭାବେ ରାହୁଲ କଂଗ୍ରେସ ପାଇଁ ପ୍ରେରଣା ଏବଂ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଜୟକୁ ନେଇ ସେ ଇସ୍ତଫା ଦେବା ଅନୁଚିତ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍. ବୀରାପ୍ପା ମୋଇଲି କହିଛନ୍ତି। ତାମିଲନାଡୁରେ କଂଗ୍ରେସର ସହଯୋଗୀ ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ମଧ୍ୟ ପଦ ନ ଛାଡ଼ିବାକୁ ରାହୁଲଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟ ଏକ ସୂତ୍ରରୁ ମିଳିଥିବା ସୂଚନାନୁସାରେ ରାହୁଲ ନରମିଥିବା ଜଣାପଡ଼ିଛି। ସେ କେତେକ ସର୍ତ୍ତ ସହ ଅଧ୍ୟକ୍ଷ ପଦ ବଜାୟ ରଖିବାକୁ ରାଜି ହୋଇଛନ୍ତି। ରାହୁଲ ଲୋକ ସଭାରେ କଂଗ୍ରେସ ନେତା ମଧ୍ୟ ହେବା ପାଇଁ ପ୍ରସ୍ତୁତ। ତେବେ ଦଳ ପକ୍ଷରୁ ଏନେଇ କିଛି ସ୍ପଷ୍ଟ କରାଯାଇନାହିଁ।



ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାକ୍ଷାତ କରିବା ଅବସରରେ।

## କମଲନାଥଙ୍କୁ ଦଳବଦଳ ଭୟ

ଭୋପାଳ,୨୮।୫

ଲୋକ ସଭା ନିର୍ବାଚନରେ କଂଗ୍ରେସର ପରାଜୟ କେବଳ କେନ୍ଦ୍ରୀୟ ନେତୃତ୍ୱ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିନାହିଁ, ବରଂ ଏହାର ପ୍ରଭାବ ରାଜ୍ୟ ସ୍ତରରେ ମଧ୍ୟ ଦେଖିବାକୁ ମିଳିଛି। ୫ ମାସ ତଳେ ଭାଜପାଠାରୁ କ୍ଷମତା ଛଡ଼ାଇନେଇ ମଧ୍ୟପ୍ରଦେଶରେ ସରକାର ଗଠନ କରିଥିବା କଂଗ୍ରେସରେ ଏବେ ବିଭାଜନ ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ କମଲନାଥ ତାଙ୍କ କ୍ୟାବିନେଟ ସହଯୋଗୀମାନଙ୍କ ପାଇଁ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି। ୨୭ ମନ୍ତ୍ରୀ ୫ ଜଣ ଲେଖାଏ କଂଗ୍ରେସ ବିଧାୟକଙ୍କ ଉପରେ କଡ଼ା ନଜର ରଖିବେ। ବିରୋଧୀ ଭାଜପା ଶିବିରକୁ ଯେମିତି ଜଣେ ହେଲେ ବିଧାୟକ ଲମ୍ଫ ନ ମାରନ୍ତି ସେଦିଗରେ ଯତ୍ନଶୀଳ ହେବାକୁ କମଲନାଥ ମନ୍ତ୍ରୀମାନଙ୍କୁ ଦାଗିଦ କରିଛନ୍ତି। କମଲନାଥ ସରକାରଙ୍କ ଶକ୍ତିପରୀକ୍ଷା ଲାଗି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ପାଇଁ



**୫ ବିଧାୟକଙ୍କୁ ଜଗିବେ ଜଣେ ମନ୍ତ୍ରୀ**

ବିରୋଧୀ ଦଳ ନେତା ଗୋପାଳ ଭାର୍ଗବ ଗତ ୨୦ ତାରିଖରେ ରାଜ୍ୟପାଳ ଆନନ୍ଦିବେନ ପଟେଲଙ୍କ ନିକଟରେ ଦାବି କରିବା ପରେ କମଲନାଥଙ୍କ ଅଡୁଆ ବଢ଼ିଯାଇଛି। ସଦ୍ୟ ସମାପ୍ତ ଲୋକ ସଭା ନିର୍ବାଚନରେ ମଧ୍ୟପ୍ରଦେଶର ୨୯ ଆସନ ମଧ୍ୟରୁ କଂଗ୍ରେସ ମାତ୍ର ଗୋଟିଏ ଆସନ (ଛିନ୍ଦ୍‌ୱାଡାରେ ନକୁଲନାଥ) ରେ ସନ୍ତୁଷ୍ଟ ହୋଇଛି।

## ଗେହଲଟଙ୍କ ମୁଣ୍ଡରେ ସବୁ ଦୋଷ

ନୂଆଦିଲ୍ଲୀ/ଜୟପୁର,୨୮।୫

୫ ମାସ ତଳେ ଯେଉଁ ୩ ହିନ୍ଦୀଭାଷୀ ରାଜ୍ୟରେ ଭାଜପାଠାରୁ କଂଗ୍ରେସ କ୍ଷମତା ଛଡ଼ାଇନେଇଥିଲା ତନ୍ମଧ୍ୟୁ ରାଜସ୍ଥାନ ଅନ୍ୟତମ। ୨୦୦ ଆସନ ବିଶିଷ୍ଟ ରାଜସ୍ଥାନ ବିଧାନସଭାର ୧୦୦ ଆସନ ଦଖଲ କରି ୬ ବିଏସ୍‌ପି ଓ ୧୨ ସ୍ୱାଧୀନ ବିଧାୟକଙ୍କ ସମର୍ଥନରେ ସରକାର ଗଢ଼ିବାରେ ସକ୍ଷମ ହୋଇଥିବା କଂଗ୍ରେସ ଉପରେ ଏବେ ସଙ୍କଟ ଦେଖାଦେଇଛି। ଲୋକ ସଭା ନିର୍ବାଚନରେ କଂଗ୍ରେସ ୨୫ଟି ଯାକ ଆସନରେ ପରାଜୟ ସ୍ୱୀକାର କରିଛି। ଏପରି କି ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ପୁଅ ବୈଭବ ମଧ୍ୟ ନିର୍ବାଚନ ହାରିଯାଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସିଡବ୍ଲ୍ୟୁସି ବୈଠକରେ ଗେହଲଟଙ୍କ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିବା ପରେ ରାଜ୍ୟ କଂଗ୍ରେସ ନେତାମାନେ ଦଳର ପରାଜୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉପରେ ସବୁ ଦୋଷ ଲଦିବାରେ ଲାଗିଛନ୍ତି।



ସଚିନ ପାଇଲଟ | ଅଶୋକ ଗେହଲଟ

**ରାହୁଲ ପଦ ଛାଡ଼ିଲେ ଇସ୍ତଫା ଦେବେ ପାଇଲଟ**

ଅନ୍ୟପକ୍ଷରେ ରାହୁଲ କଂଗ୍ରେସ ଅଧ୍ୟକ୍ଷ ପଦରେ ନ ରହିଲେ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଉପମୁଖ୍ୟମନ୍ତ୍ରୀ ପଦ ସହ ରାଜ୍ୟ କଂଗ୍ରେସ ସଭାପତି ପଦରୁ ମଧ୍ୟ ଇସ୍ତଫା ଦେବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଜୟପୁରରେ ବୁଧବାର ପ୍ରଦେଶ କଂଗ୍ରେସ କମିଟି (ପିସିସି) ବୈଠକ ହେବ। ଏଥିରେ ଉଭୟ ଗେହଲଟ ଓ ପାଇଲଟଙ୍କ ସମେତ ଏଆଇସିସି ସାଧାରଣ ସମ୍ପାଦକ ଅବିନାଶ ପାଣ୍ଡେ ଯୋଗଦେବେ।

## ପଶ୍ଚିମବଙ୍ଗର ୩ ବିଧାୟକ ଭାଜପାରେ

ନୂଆଦିଲ୍ଲୀ,୨୮।୫

**ମମତାଙ୍କୁ ଧକ୍କା**

■୬୦ କାଉନ୍‌ସିଲର୍ ମଧ୍ୟ ସାମିଲ ହେଲେ

ସାଧାରଣ ନିର୍ବାଚନରେ ଭାଜପା ପଶ୍ଚିମବଙ୍ଗରେ ସଫଳତା ପାଇବା ପରେ ଉତ୍ସାହିତ ହୋଇପଡ଼ିଛି। ମଙ୍ଗଳବାର ରାଜ୍ୟର ୩ ବିଧାୟକ ଓ ୩ ପୌରସଂସ୍ଥାର ୬୦ କାଉନ୍‌ସିଲର୍ ଭାଜପାରେ ଯୋଗଦେଇଛନ୍ତି। ଫଳରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ନେତ୍ରୀ ମମତା ବାନାର୍ଜୀଙ୍କୁ ଏହା ଶକ୍ତ ଧକ୍କା ଦେଇଛି। ବିଜ୍‌ପୁର ବିଧାୟକ ଶୁଭ୍ରାଂଶୁ ରୟ, ନୋଆପାଡ଼ା ବିଧାୟକ ସୁନୀଲ ସିଂ, ବାରାକ୍‌ପୁର୍ ବିଧାୟକ ଶୀଳଭଦ୍ର ଦତ୍ତ ପ୍ରମୁଖ ତୃଣମୂଳ କଂଗ୍ରେସର ୬୦ କାଉନ୍‌ସିଲର୍‌ଙ୍କ ସହ ନୂଆଦିଲ୍ଲୀ ଯାଇ ଭାଜପାରେ ସାମିଲ ହୋଇଛନ୍ତି। ଟିଏମ୍‌ସିରେ ଗଣତନ୍ତ୍ର ନାହିଁ ବୋଲି ଏହି ନେତାମାନେ ପ୍ରକାଶ କରିଛନ୍ତି। ଏହାକୁ ନେଇ ରାଜନୈତିକ ଛକାପଞ୍ଝା ଆରମ୍ଭ ହୋଇଯାଇଛି।

ହାଲିସହର, କାଞ୍ଚରାପଡ଼ା, ନୈହାଟି ମ୍ୟୁନିସିପାଲିଟିର ସଦସ୍ୟବୃନ୍ଦ ନୂଆଦିଲ୍ଲୀ ଗସ୍ତକରି ଭାଜପାରେ ସାମିଲ୍ ହୋଇଛନ୍ତି। ଭାଜପା ନେତା ମୁକୁଲ୍ ରୟଙ୍କ ପୁଅ ଶୁଭ୍ରାଂଶୁ ରୟଙ୍କୁ ମେ ୨୪ରେ ଟିଏମ୍‌ସିରୁ ନିଲମ୍ବିତ କରାଯାଇଥିଲା। ଏହାପରେ ଅସନ୍ତୋଷ ଦାନାବାନ୍ଧି ଏବେ ଭୟଙ୍କର ରୂପ ଧାରଣ କରିଛି। ୨୦୧୪ରେ ମାତ୍ର ୨ଟି ଆସନ ଦଖଲ କରିଥିବା ଭାଜପା ଏଥର ଟିଏମ୍‌ସିକୁ କଡ଼ା ଟକ୍କର ଦେବା ସହ ପଶ୍ଚିମବଙ୍ଗରେ ୧୮ ଆସନ ଦଖଲ କରିଛି। ଏହାପରେ ୩ ବିଧାୟକଙ୍କ ଭାଜପାରେ ସାମିଲ ଦଳକୁ ଶକ୍ତିବୃଦ୍ଧିରେ ସହାୟକ ହୋଇପାରିଛି। ଏଭଳି ସ୍ଥିତିକୁ ଦେଖି ଟିଏମ୍‌ସିର ନର୍ଥ ୨୪ ପ୍ରଗଣା ସଭାପତି ତଥା ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଜ୍ୟୋତିପ୍ରିୟା ମଲ୍ଲିକ ମଙ୍ଗଳବାର ଅପରାହ୍ନରେ ସମସ୍ତ ଦଳୀୟ ବିଧାୟକ ଓ ପୌରସଂସ୍ଥା ମୁଖ୍ୟଙ୍କୁ ଏକ ଜରୁରିକାଳୀନ ବୈଠକକୁ ଡାକି ଆଲୋଚନା କରିଛନ୍ତି। ଭାଜପା କୂଟନୀତିକୁ ପ୍ରତିହତ କରିବା ଓ ଦଳୀୟ ଏକତା ବଜାୟ ରଖିବା ନେଇ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗରେ ଭାଜପାର ଶକ୍ତିବୃଦ୍ଧି ମମତାଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି।



ଶୁଭ୍ରାଂଶୁ ରୟଙ୍କୁ ଭାଜପା ନେତା କୈଳାସ ବିଜୟଭର୍ଗୀୟ ସ୍ୱାଗତ କରୁଛନ୍ତି।

## ଏନ୍‌କାଉଣ୍ଟର୍‌ରେ ୨ ଆତଙ୍କବାଦୀ ନିହତ



ଶ୍ରୀନଗର,୨୮।୫ (ପି.ଟି.)

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲ୍ଲା ଏକ ଜଙ୍ଗଲରେ ୨ ଆତଙ୍କବାଦୀ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ଆତଙ୍କବାଦୀମାନେ ଲୁଚିଥିବା ଗୋଇନ୍ଦା ସୂଚନା ପାଇ ସୁରକ୍ଷା କର୍ମୀମାନେ ସେଠାକୁ ଯାଇ ଅଭିଯାନକୁ ଜୋର୍‌ଦାର୍ କରିଥିଲେ। କୋକେର୍‌ନାଗସ୍ଥିତ କଟୱାନୀ ଜଙ୍ଗଲରେ ଏହି ଏନ୍‌କାଉଣ୍ଟର୍ କରାଯାଇଥିଲା। ଯବାନମାନେ ତଲାସି ଚଳାଇଥିବାବେଳେ ଆତଙ୍କବାଦୀମାନେ ଗୁଳିମାଡ଼ କରିଥିଲେ। ପାଲ୍‌ଟା ଜବାବରେ ୨ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିଲା।

## କର୍ଣାଟକ ସରକାର ଟଳମଳ

ନୂଆଦିଲ୍ଲୀ/ବେଙ୍ଗାଲୁରୁ, ୨୮।୫(ପି.ଟି.)

କର୍ଣାଟକରେ ଶାସକ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ଏବଂ କଂଗ୍ରେସ ମେଣ୍ଟରେ ଫାଟ ସୃଷ୍ଟି ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ କୁମାରସ୍ୱାମୀ ସରକାର ଟଳମଳ ହୋଇଛି। ଏଭଳି ସ୍ଥିତିରେ ଲୋକ ସଭା ନିର୍ବାଚନରେ ମେଣ୍ଟର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ଏବଂ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିବା ଦର୍ଶାଇ ବିଧାନସଭା ଭଙ୍ଗ ପାଇଁ ବରିଷ୍ଠ ଭାଜପା ନେତା ବି.ଏସ୍. ୟେଦ୍ୟୁରପ୍ପା ଦାବି କରିଛନ୍ତି। ମତଭେଦ ଦୂର କରି ସଙ୍କଟ ଟାଳିବା ପାଇଁ ଏଆଇସିସି ସାଧାରଣ ସମ୍ପାଦକ ତଥା ଦଳର କର୍ଣାଟକ ପ୍ରଭାରୀ କେ.ସି. ବେଣୁଗୋପାଳ ଏବଂ ବରିଷ୍ଠ ନେତା ଗୁଲାମନବୀ ଆଜାଦ ବେଙ୍ଗାଲୁରୁ ଗସ୍ତ କରିଛନ୍ତି।

କର୍ଣାଟକରେ ଗତବର୍ଷ ଜେଡିଏସ୍-କଂଗ୍ରେସ ସରକାର ଗଠନ ହେବା

**ବେଙ୍ଗାଲୁରୁ ଧାଇଁଲେ ଆଜାଦ, ବେଣୁଗୋପାଳ**

ପରଠାରୁ ଏହା ଉପରେ ବିପଦର ବାଦଲ ଛାଇହୋଇରହିଛି। ଭାଜପା ଏହି ମେଣ୍ଟକୁ ଭାଙ୍ଗି ସରକାର ଗଠନ ପାଇଁ ଉଦ୍ୟମ ଚଳାଇଥିବା କଂଗ୍ରେସ ଏବଂ ଜେଡିଏସ୍ ନେତାମାନେ ସବୁବେଳେ ଅଭିଯୋଗ କରିଆସିଛନ୍ତି। ସାଧାରଣ ନିର୍ବାଚନରେ କ୍ଷମତାସୀନ ମେଣ୍ଟକୁ ମାତ୍ର ଗୋଟିଏ ଲୋକ ସଭା ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ ଭାଜପା ୨୫ଟି ଆସନ ଦଖଲ କରିଛି। ବରିଷ୍ଠ ଭାଜପା ନେତା ତଥା କର୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍.ଏମ୍. କ୍ରିଷ୍ଣାଙ୍କ ବେଙ୍ଗାଲୁରୁସ୍ଥିତ ବାସଭବନରେ କଂଗ୍ରେସର ୨ ବିଧାୟକ ରବିବାର ତାଙ୍କୁ ସାକ୍ଷାତ କରିଥିଲେ। ବିଦ୍ରୋହୀ ବିଧାୟକ ରମେଶ ଜାର୍କିହୋଲି ଏବଂ ସୁନ୍ଦର ଏହାକୁ ସୌଜନ୍ୟମୂଳକ ସାକ୍ଷାତ ବୋଲି କହୁଥିଲେ ହେଁ କଂଗ୍ରେସ ନେତାମାନେ ସାକ୍ଷାତକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। କଂଗ୍ରେସ ବିଧାୟକ ଦଳ ବୈଠକ ୨୯ରେ ହେବାକୁ ଥିବାବେଳେ ସମସ୍ୟାର ସମାଧାନ ପାଇଁ ଆଜାଦ ଓ ବେଣୁଗୋପାଳ ରାଜ୍ୟ ନେତାଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ୨୨୪ ସଦସ୍ୟ ବିଶିଷ୍ଟ କର୍ଣାଟକ ବିଧାନସଭାରେ ଭାଜପାର ୧୦୫ ସଦସ୍ୟ ଥିବାବେଳେ ଶାସକ ମେଣ୍ଟର ୧୧୭ ବିଧାୟକ ଅଛନ୍ତି। ବିଧାନସଭା ନିର୍ବାଚନରେ କଂଗ୍ରେସ ୭୯, ଜେଡିଏସ୍ ୩୭ ଓ ବିଏସ୍‌ପି ଗୋଟିଏ ଆସନ ଦଖଲ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ୟେଦ୍ୟୁରପ୍ପା ସରକାର ଭଙ୍ଗକରି ବିଧାନସଭା ନିର୍ବାଚନ ପାଇଁ ଦାବି କରିଥିବାବେଳେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ସରକାର ବଞ୍ଚାଇବା ଲାଗି ମେଣ୍ଟ ଦଳର ବିଶେଷକରି କଂଗ୍ରେସ ବିଧାୟକମାନଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରିବାରେ ଲାଗିଛନ୍ତି।

## ମାଓବାଦୀଙ୍କ ବିସ୍ଫୋରଣ ୧୧ ଯବାନ ଗୁରୁତର

ରାଞ୍ଚି,୨୮।୫ (ପି.ଟି.)

ଝାଡ଼ଖଣ୍ଡର ସରେଇକଳା-ଖରସୁଆଁ ଜିଲାରେ ମାଓବାଦୀମାନେ ମଙ୍ଗଳବାର ସକାଳେ ଆଇଡି ବିସ୍ଫୋରଣ କରିବା ଫଳରେ ସେଇବାଟ ଦେଇ ଯାଉଥିବା ଯବାନମାନେ ଗୁରୁତର ହୋଇଛନ୍ତି। ସିଆର୍‌ପିଏଫ୍‌ର ସ୍ୱତନ୍ତ୍ର ଜଙ୍ଗଲ ୱାର୍‌ଫେୟାର୍ ୟୁନିଟ୍ ସହ କୋବ୍ରା ଓ ରାଜ୍ୟ ପୋଲିସ ବାହିନୀର କୁଚାଇ ଜଙ୍ଗଲାଞ୍ଚଳରେ ମିଳିତ କମ୍ବିଂ ଅପରେଶନ ଚାଲିଥିବାବେଳେ ଏହି ବିସ୍ଫୋରଣ ହୋଇଥିଲା। ଏହାକୁ ମାଓବାଦୀମାନେ ଅଳିଆ ଗଦାରେ ଲୁଚାଇ ବିସ୍ଫୋରଣ କରିଥିବା କୁହାଯାଉଛି। ଆହତ ୧୧ ଯବାନଙ୍କ ମଧ୍ୟରେ ୮ଜଣ କୋବ୍ରା ବାହିନୀର ହୋଇଥିବାବେଳେ ଅନ୍ୟମାନେ ରାଜ୍ୟ ପୋଲିସର ବୋଲି ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ସେମାନଙ୍କୁ ହେଲିକପ୍ଟର ଯୋଗେ ରାଜଧାନୀ ରାଞ୍ଚିକୁ ଅଣାଯାଇ ଚିକିତ୍ସା କରାଯାଉଛି।

## ଛୁରାମାଡ଼ରେ ୩ ମୃତ, ୬ ଆହତ

ଟୋକିଓ,୨୮।୫(ଆଇଏଏନ୍‌ଏସ୍)

ଜାପାନର କାୱାସାକିରେ ଜଣେ ବ୍ୟକ୍ତିଙ୍କ ଛୁରାମାଡ଼ରେ ଜଣେ ଷଷ୍ଠଶ୍ରେଣୀ ଛାତ୍ରୀଙ୍କ ସମେତ ୨ ପ୍ରାଣ ହରାଇଥିବାବେଳେ ଅନ୍ୟ ୧୬ ଜଣ ଆହତ ହୋଇଛନ୍ତି। ଆକ୍ରମଣକାରୀ ଶେଷରେ ନିଜକୁ ମଧ୍ୟ ଛୁରାମାଡ଼ କରି ଆତ୍ମହତ୍ୟା କରିଛନ୍ତି। ୫୧ ବର୍ଷୀୟ ବ୍ୟକ୍ତି ଜଣକ ମଙ୍ଗଳବାର ସକାଳ ୭ଟା ୪୫ରେ କାୱାସାକି ସହରର ଏକ ବସଷ୍ଟପ୍ ନିକଟରେ ଛାତ୍ରୀଛାତ୍ରଙ୍କ ଉପରେ ଦୁଇହାତରେ ଛୁରି ଧରି ଅବିଚାରିତ ଭାବେ ଆକ୍ରମଣ କରିଥିଲେ।

**ନିଜ ଜୀବନ ନେଲେ ଆକ୍ରମଣକାରୀ**

ଏଥିରେ ୧୧ ବର୍ଷୀୟା ଛାତ୍ରୀ ହାନାକୋ କୁରିବୟାଶି ଓ ଅନ୍ୟ ଜଣେ ଛାତ୍ରୀଙ୍କ ବାପା ସାତୋଶି ଓୟାମା (୩୯)ଙ୍କ ମୃତ୍ୟୁ ଘଟିଛି। ଆକ୍ରମଣକାରୀଙ୍କ ପରିଚୟ ମିଳିନାହିଁ। ଆକ୍ରମଣର ଉଦ୍ଦେଶ୍ୟ ମଧ୍ୟ ଜଣାପଡ଼ିନାହିଁ। ତେବେ ଛୁରାମାଡ଼ ପୂର୍ବରୁ ସେ ‘ମୁଁ ତୁମମାନଙ୍କୁ ହତ୍ୟା କରିବାକୁ ଯାଉଛି’ ବୋଲି ଚିତ୍କାର କରୁଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି।

## ଜେଲରେ ସଂଘର୍ଷ: ୪୨ ମୃତ

ମନାଉସ୍,୨୮।୫

ବ୍ରାଜିଲର ମନାଉସ୍‌ଠାରୁ ୨୮ କି.ମି. ଦୂର ଆମାଜନର ୪ଟି ଜେଲରେ ବିରୋଧୀ ଗ୍ୟାଙ୍ଗ୍‌ର କଏଦୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ୪୨ ଜଣ ବନ୍ଦୀ ପ୍ରାଣ ହରାଇଛନ୍ତି। ୨୦୧୭ ଜାନୁୟାରୀରେ ମଧ୍ୟ ୨୦ ଘଣ୍ଟା ଧରି ଏଭଳି ସଂଘର୍ଷ ହେବାରୁ ୫୬ କଏଦୀଙ୍କ ମୃତ୍ୟୁ ଘଟିଥିଲା। ସଦ୍ୟ ଘଟଣା ପରେ ବ୍ରାଜିଲ ରାଷ୍ଟ୍ରପତି ଜୈର ବୋଲ୍‌ସୋନାରୋ ଦେଶର ଜେଲ୍‌ଗୁଡ଼ିକର ଆଇନକୁ କଡ଼ାକଡ଼ି କରିବାକୁ ସଂକଳ୍ପ ନେଇଛନ୍ତି। ପ୍ରକାଶ ଯେ, ବ୍ରାଜିଲର ଜେଲ୍‌ଗୁଡ଼ିକରେ ୭୨୬,୭୧୨ ବିଚାରାଧୀନ କଏଦୀ ଅଛନ୍ତି, ଯାହାକି ବିଶ୍ୱର ତୃତୀୟ ସର୍ବାଧିକ। କ୍ଷମତାଠାରୁ ଦୁଇଗୁଣା କଏଦୀଙ୍କୁ ସେଠାରେ ରଖାଯାଉଥିବାରୁ ସଂଘର୍ଷ, ଦଙ୍ଗା ଓ ଜେଲ୍‌ରୁ ଫେରାର ହେବା ସାଧାରଣ ହୋଇଯାଇଛି।



ସମ୍ପର୍କୀୟ କଏଦୀଙ୍କୁ ହରାଇ ଆନିସିଓ ଜୋବିମ୍ ପ୍ରିଜନ୍ କମ୍ପ୍ଲେକ୍ସରେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ଜଣେ ମହିଳା।

## ୧୦ ମାସର ଝିଅକୁ ବଳାତ୍କାର

ଜୟପୁର,୨୮।୫(ପି.ଟି.)

ରାଜସ୍ଥାନର କରାଉଲି ଜିଲାରେ ଜଣେ ୧୦ ମାସର ଝିଅକୁ ବଳାତ୍କାର କରାଯାଇଛି। ଅଭିଯୁକ୍ତ ଜଣକ ରବିବାର ସନ୍ଧ୍ୟାରେ ନାବାଳିକା ଶିଶୁକନ୍ୟାକୁ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଏକ କୋର୍ଟରେ ହାଜର କରିଛି। ପୀଡ଼ିତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା କରାଯାଉଛି।

## ନେପାଳୀ ମୁଦ୍ରା ଜବତ, ଓଡ଼ିଆ ଯୁବକ ଗିରଫ

ଶ୍ରୀନଗର,୨୮।୫

ଜମ୍ମୁ-କଶ୍ମୀରର ବାରାମୁଲ୍ଲା ଜିଲା ଉରି ଅଞ୍ଚଳରେ ଜଣେ ଓଡ଼ିଆ ଯୁବକଙ୍କଠାରୁ ନେପାଳୀ ମୁଦ୍ରା ଜବତ ହୋଇଛି। ଗଞ୍ଜାମ ଜିଲାର ଦୁର୍ଯ୍ୟୋଧନ ମହାରାଜା ଉରିର ସେନା ୟୁନିଟ୍‌ସ୍ଥିତ ପିଭିସିପି-୨ରେ ଥିବାବେଳେ ଯବାନମାନେ ତାଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ତାଙ୍କଠାରୁ ୧୨୬ ନେପାଳୀ ମୁଦ୍ରା ଓ ୧ ହଜାର ଟଙ୍କାର ନୋଟ ଜବତ କରାଯାଇଥିବା ଜଣାପଡ଼ିଛି।

## ଶାହଙ୍କୁ ମିଳିପାରେ ଅର୍ଥ ମନ୍ତ୍ରଣାଳୟ

ନୂଆଦିଲ୍ଲୀ,୨୮।୫

ମେ’ ୩୦ରେ ପ୍ରଧାନମନ୍ତ୍ରୀଭାବେ ନରେନ୍ଦ୍ର ମୋଦି ଓ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ ଶପଥଗ୍ରହଣ କରିବେ। ମନ୍ତ୍ରିମଣ୍ଡଳରେ କାହାକୁ ସ୍ଥାନ ମିଳିବ, ସେନେଇ ଅଙ୍କକଷା ଚାଲିଥିବାବେଳେ ପ୍ରଥମ ଥର ଲୋକ ସଭା ନିର୍ବାଚନ ଲଢ଼ି ଗାନ୍ଧିନଗର ଆସନରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ଜିତିଥିବା ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ମିଳିବାର ସମ୍ଭାବନା ରହିଛି। ଅରୁଣ ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ଏଥର ଶାହଙ୍କୁ ଅର୍ଥ ମନ୍ତ୍ରଣାଳୟ ମିଳିପାରେ ବୋଲି କୁହାଯାଉଛି। ଶାହ ମନ୍ତ୍ରୀ ହେଲେ ‘ୱାନ୍ ମ୍ୟାନ୍ ୱାନ୍ ପୋଷ୍ଟ’ ନ୍ୟାୟରେ ତାଙ୍କୁ ଭାଜପା ଅଧ୍ୟକ୍ଷ ପଦ ଛାଡ଼ିବାକୁ ପଡ଼ିବ। ଏନେଇ ଦଳ ପକ୍ଷରୁ ପ୍ରସ୍ତୁତି ସରିଥିବାବେଳେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା କିମ୍ବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହି ପଦ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଏହି ଦୁଇ କେନ୍ଦ୍ରମନ୍ତ୍ରୀ ସାଙ୍ଗଠନିକ କାର୍ଯ୍ୟ ଠିକ୍‌ଭାବେ ତୁଲାଇ ପାରିବେ





**ଭାଜପା ଅଧ୍ୟକ୍ଷ ପଦ ଲାଗି ଚର୍ଚ୍ଚାରେ ଧର୍ମେନ୍ଦ୍ର**

ବୋଲି ଭାଜପା ଆଶା ରଖିଛି। ଦୁହିଁଙ୍କ ମଧ୍ୟରୁ ଜଣେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦରେ ରହିବେ ବୋଲି ଚର୍ଚ୍ଚା ହେଉଛି।

ସରକାରରେ ମୋଦି ଏଜେଣ୍ଡାକୁ ଗୁରୁତ୍ୱ ଦେବା ଲାଗି ସରକାରରେ ଶାହଙ୍କ ଆବଶ୍ୟକତା ରହିଛି। ମୋଦିଙ୍କ ଚାଣକ୍ୟ ବୋଲି କୁହାଯାଉଥିବା ଶାହଙ୍କ ନେତୃତ୍ୱ ଓ ଦଳକୁ ଆଗେଇ ନେବାରେ ସାଙ୍ଗଠନିକ ଇଚ୍ଛାଶକ୍ତି ବିରଳ। ଏଇ ଦୁଇ ନେତା ସରକାରର ରୂପରେଖ ସ୍ଥିର କରିବା ସହ କାହାକୁ କେଉଁ ମନ୍ତ୍ରଣାଳୟ ଦିଆଯିବ ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଯୁବ ଓ ଅଭିଜ୍ଞ ପ୍ରାର୍ଥୀଙ୍କୁ ମନ୍ତ୍ରୀପଦ ମିଳିବାର ସମ୍ଭାବନା ରହିଛି।







# ଚ୍ୟାଲେଞ୍ଜ ସତ୍ତ୍ୱେ ରଥଯାତ୍ରା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା

**ଡିଜିପିଙ୍କ ପ୍ରଥମ ପ୍ରସ୍ତୁତି ବୈଠକ**

- ଭାଙ୍ଗି ଯାଇଥିବା ବାରାକ୍ ଶୀଘ୍ର ନିର୍ମାଣ କରାଯିବ
- କ୍ଷତିଗ୍ରସ୍ତ ସିସିଟିଭିଗୁଡ଼ିକୁ ଅସ୍ଥାୟୀଭାବେ ଲଗାଯିବ
- ମନ୍ଦିର ଆଖପାଖ ଓ ବଡ଼ଦାଣ୍ଡ ନୋ ଫ୍ଲାଇଙ୍ଗ୍ ଜୋନ୍


ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବିଭାଗୀୟ ଅଧିକାରୀମାନେ।

ଭୁବନେଶ୍ୱର,୨୮।୫(ବ୍ୟୁରୋ)

ଆଗକୁ ରହିଛି ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା। ବାତ୍ୟାରେ ପୁରୀ ଜିଲାରେ ସର୍ବାଧିକ କ୍ଷୟକ୍ଷତି ହୋଇଥିବାବେଳେ ସୁରକ୍ଷା ଭିତ୍ତିଭୂମି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ପୋଲିସ ବାରାକ ଓ ସୁରକ୍ଷା ପାଇଁ ଲାଗିଥିବା ସିସିଟିଭି ଭାଙ୍ଗିଯାଇଛି। ଏଭଳି ସ୍ଥିତିରେ କିଭଳି ସୁରୁଖୁରୁରେ ରଥଯାତ୍ରା ସମ୍ପନ୍ନ ହେବ ତାହା ପୋଲିସ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇଛି। ରଥଯାତ୍ରା ପାଖେଇ ଆସୁଥିବାବେଳେ ମଙ୍ଗଳବାର ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ କ୍ୟାମ୍ପ ଅଫିସରରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଶୃଙ୍ଖଳିତ ରଥଯାତ୍ରା ପାଇଁ ସେ ଆହ୍ୱାନ ଦେବା ସହ କଡ଼ା ସୁରକ୍ଷା ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ବାତ୍ୟା ପରଠାରୁ ପୁରୀରେ ଏକାଧିକ ଅଞ୍ଚଳରେ ଏବେବି ବିଦ୍ୟୁତ୍ ଆସିପାରି ନ ଥିବାବେଳେ ବହୁ ଭିତ୍ତିଭୂମି ଭୁଶୁଡ଼ି ପଡ଼ିଛି। ତେଣୁ ଡ୍ୟୁଟି ପାଇଁ ଯାଉଥିବା ପୋଲିସ ଅଧିକାରୀଙ୍କ ରହିବା ଓ ବିଦେଶୀ ଭକ୍ତ ତଥା ପର୍ଯ୍ୟଟକଙ୍କ ଜରୁରୀ ଆବଶ୍ୟକତା ପୂରଣ କରିବା ମଧ୍ୟ କଷ୍ଟକର ହେବ। ଏହାସତ୍ତ୍ୱେ ଦେବସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପୁରୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଡିଜିପି ଶର୍ମା କହିଛନ୍ତି। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଡିଜିପି କହିଛନ୍ତି, ରଥଯାତ୍ରା ପାଇଁ କେନ୍ଦ୍ରୀୟ ପୋଲିସର ୨କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ମଗାଯାଇଛି। ସାମୁଦ୍ରିକ ତଟ ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଛି। ସାମୁଦ୍ରିକ ଥାନା ଓ କୋଷ୍ଟଗାର୍ଡକୁ ସତର୍କ ରହିବାକୁ କୁହାଯାଇଛି। ଆଗକୁ ସିଆର୍‌ପିଏଫ୍, ବିଏସ୍ଏଫ୍ ଓ କୋଷ୍ଟ ଗାର୍ଡ ଅଧିକାରୀଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ ବୋଲି ଡିଜିପି କହିଛନ୍ତି।

ଅନ୍ୟପକ୍ଷରେ ପୁରୀରେ ଆଇନଶୃଙ୍ଖଳା ପରିଚାଳନା, ଟ୍ରାଫିକ୍ ନିୟନ୍ତ୍ରଣ, ସମୁଦ୍ର ତଟ ସୁରକ୍ଷା ପ୍ରମୁଖ ସମସ୍ୟା ହେବ। ବାତ୍ୟାରେ ସିସିଟିଭି କ୍ୟାମେରା କ୍ଷତିଗ୍ରସ୍ତ ହୋଇଥିବାରୁ ଅସ୍ଥାୟୀଭାବେ ଏକାଧିକ ସ୍ଥାନରେ ଏହାକୁ ଲଗାଯିବ। ବରିଷ୍ଠ ପୋଲିସ ଅଧିକାରୀମାନେ କଣ୍ଟ୍ରୋଲ ରୁମ୍‌ରେ ରହି ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବେ। ଗୋଇନ୍ଦା ପୋଲିସ ମଧ୍ୟ ଅଧିକ ସଜାଗ ରହିବାକୁ କୁହାଯାଇଛି। ଭିଡ଼ ନିୟନ୍ତ୍ରଣ, ବାହାର ରାଜ୍ୟରୁ ଆସୁଥିବା ଯାତ୍ରୀଙ୍କ ସୁବିଧା ପାଇଁ ଅଧିକ ଟ୍ରେନ ଚଳାଚଳ ଆଦି ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ତେବେ ଡ୍ରୋନ୍ କ୍ୟାମେରା ବିପଦ ଆଶଙ୍କା ଥିବାରୁ ଏହା ଉପରେ ଆଲୋଚନାରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ତେଣୁ ମନ୍ଦିର ଉପରେ ନୋ ଫ୍ଲାଇଙ୍ଗ୍ ଜୋନ୍ ରହିଥିବାବେଳେ ଏବେ ମନ୍ଦିର ଆଖପାଖ ଓ ବଡ଼ଦାଣ୍ଡ ଉପରେ ମଧ୍ୟ ଏହି କଟକଣା ଲାଗୁ କରାଯାଇଛି। କୌଣସି ବ୍ୟକ୍ତି ଡ୍ରୋନ୍ କ୍ୟାମେରାକୁ ବଡ଼ଦାଣ୍ଡ ଓ ମନ୍ଦିର ଆଖପାଖ ଅଞ୍ଚଳରେ ଉଡାଇ ପାରିବେ ନାହିଁ। ସେହିପରି କେହି ଯେପରି କଟକଣା ଅଞ୍ଚଳର ଭିଡିଓ ରେକର୍ଡିଂ ନ କରନ୍ତି ସେଥିଲାଗି ଲୋକଙ୍କୁ ସଚେତନ କରାଯିବାକୁ ନିଷ୍ପତ୍ତି ହୋଇଛି। ପୋଲିସ ଫୋର୍ସ ରହିବା ପାଇଁ ବାତ୍ୟା କ୍ଷତିଗ୍ରସ୍ତ ବାରାକ, ସ୍କୁଲ୍ ଓ ଅନ୍ୟ ଘରଗୁଡିକୁ ତୁରନ୍ତ ପ୍ରସ୍ତୁତ କରିବାକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ରଥଯାତ୍ରା ସମୟରେ ଯୋଗାଯୋଗର ମୁଖ୍ୟ ମାଧ୍ୟମ ଥିବା ଭିଏଚ୍ଏଫ୍ ରେଡିଓ ଟାୱାର ଭାଙ୍ଗି ଯାଇଥିବାରୁ ଏହାକୁ ଶୀଘ୍ର ନିର୍ମାଣ ପାଇଁ କୁହାଯାଇଛି। ପାର୍କିଂ ପାଇଁ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିବାବେଳେ ଭିଆଇପିଙ୍କ ପାଇଁ ସ୍ୱତନ୍ତ୍ର ଏସ୍କର୍ଟ ବ୍ୟବସ୍ଥା କରାଯାଇଛି। ଏହା ଉପରେ ବୈଠକରେ ଆଲୋଚନା ହୋଇଥିବା ପୋଲିସ ଡିଜି ସୂଚନା ଦେଇଛନ୍ତି।

ଏହି ବୈଠକରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ଏଡିଜିପି ଲ’ ଆଣ୍ଡ୍ ଅର୍ଡର ସଞ୍ଜୀବ ପଣ୍ଡା, କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ, ଏଡିଜି ଅପରେଶନ ଆର.ପି. କୋଚେ, ଏଡିଜି ସିପି ମନୋଜ ଛାବ୍ରା, ଏସ୍‌ପି ପୁରୀ ଉମାଶଙ୍କର ଦାଶ, ଏଡିଜି ଏସ୍ଏପି, ରେଲ୍‌ୱେ ଏଡିଜି, ନିର୍ଦ୍ଦେଶକ ଏସ୍ସିଆର୍‌ବି, ଆଇଜି ଗୋଇନ୍ଦା ପ୍ରମୁଖ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଶ୍ରୀଜୀଉଙ୍କ ଦର୍ଶନ କଲେ ନବୀନ

## ଶପଥ ଗ୍ରହଣ ପୂର୍ବରୁ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କଲେ

ପୁରୀ ଅଫିସ, ୨୮।୫


ବିଜେଡି ସଭାପତି ନବୀନ ପଟ୍ଟନାୟକ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ବୁଧବାର ପୂର୍ବାହ୍ନରେ ଶପଥ ଗ୍ରହଣ ଉତ୍ସବ ହେବାକୁ ଥିବାବେଳେ ମଙ୍ଗଳବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ନବୀନ। ଅପରାହ୍ନ ସାଢେ ୫ଟାରେ ସେ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପାଟ ପ୍ରଦାନପୂର୍ବକ ସ୍ୱାଗତ ଜଣାଇଥିଲେ। ଏହାପରେ କଡ଼ା ସୁରକ୍ଷା ମଧ୍ୟରେ ସେ ଶ୍ରୀମନ୍ଦିରକୁ ଯାଇଥିଲେ। ବାଇଶି ପାହାଚ, ବାଟ ଅଗଣା, କୀର୍ତ୍ତନ ଚକଡ଼ା ଏବଂ ଘଣ୍ଟିଦ୍ୱାର ବାଟ ଦେଇ ସେ ଭିତରକୁ ପ୍ରବେଶ କରିଥିଲେ। ଭିତର କାଠ ନିକଟରୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିସାରିବା ପରେ ପୁନଶ୍ଚ ଘଣ୍ଟିଦ୍ୱାର ଦେଇ ଫେରିଥିଲେ। ପ୍ରାୟ ୧୫ମିନିଟ୍ ପର୍ଯ୍ୟନ୍ତ ସେ ଶ୍ରୀମନ୍ଦିରରେ ରହି ବାହାରକୁ ଆସିଥିଲେ। ସିଂହଦ୍ୱାରରେ ଗଣମାଧ୍ୟମକୁ ନବୀନ କହିଥିଲେ, ଶପଥ ଗ୍ରହଣ କରିବା ପୂର୍ବରୁ ମହାପ୍ରଭୁଙ୍କ ଆଶୀର୍ବାଦ ପାଇଁ ଆସିଥିଲି। ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କରିଛି।

ନବୀନଙ୍କ ଶ୍ରୀମନ୍ଦିର ପରିଦର୍ଶନ ସମୟରେ ପୁରୀ ଜିଲାର ନବ ନିର୍ବାଚିତ ବିଜେଡି ବିଧାୟକ ପ୍ରଦୀପ ମହାରଥୀ, ସମୀର ରଞ୍ଜନ ଦାଶ, ଉମାକାନ୍ତ ସାମନ୍ତରାୟ, ତୁଷାରକାନ୍ତି ବେହେରାଙ୍କ ସମେତ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ପ୍ରଣବ ପ୍ରକାଶ ଦାସ, ଜିଲାପାଳ ବଲୱନ୍ତ ସିଂ, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ପି ଉମାଶଙ୍କର ଦାଶ ଏବଂ ବହୁ ପ୍ରଶାସନିକ ଅଧିକାରୀ, ଶ୍ରୀମନ୍ଦିର ପରିଚାଳନା କମିଟିର ସେବାୟତ ସଦସ୍ୟମାନେ ଉପସ୍ଥିତ ଥିଲେ। ସୂଚନାଥାଉ କି, ଭୋଟ ଗଣତି ପୂର୍ବରୁ ଅର୍ଥାତ୍ ଗତ ୧୮ ତାରିଖରେ ନବୀନ ଶ୍ରୀମନ୍ଦିରକୁ ଆସି ବାତ୍ୟାରେ ହୋଇଥିବା କ୍ଷୟକ୍ଷତିର ଅନୁଧ୍ୟାନ କରିଥିଲେ। ଜୁନ୍ ୧୭ ସୁଦ୍ଧା ଶ୍ରୀମନ୍ଦିର ମରାମତି ଶେଷ କରିବାକୁ ଏଏସ୍ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ସେ ନିର୍ଦ୍ଦେଶ ଦେଇଥିଲେ।

# ଭିଜିଲାନ୍ସ ଜାଲରେ ରାସୋଳ ଥାନାଧିକାରୀ

# ୫୦ ହଜାର ଟଙ୍କା ବଟି ନେଉଥିଲେ

ଢେଙ୍କାନାଳ ଅଫିସ/ରାସୋଳ(ଡି.ଏନ୍.ଏ.), ୨୮।୫

ମାସିକିଆ ବଟି ନେଉଥିବାବେଳେ କଟକ ଭିଜିଲାନ୍ସ ସେଲ୍ ହାତରେ ଧରାପଡ଼ିଛନ୍ତି ଢେଙ୍କାନାଳ ଜିଲା ରାସୋଳ ଥାନାଧିକାରୀ ତଥା ଏସ୍ଆଇ ସନ୍ତୋଷ କୁମାର ପ୍ରଧାନ। ୫୦ହଜାର ଟଙ୍କା ଜବତ ସହ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିବାରେ ସକ୍ଷମ ହୋଇଛନ୍ତି। ସନ୍ତୋଷ ଏପରି ଅନେକ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ତାଙ୍କ କଳାକାରନାମାର ଚିଠା ହାତେଇବାକୁ ଅଧିକାରୀମାନେ ଖୋଳତାଡ଼ ଆରମ୍ଭ କରିଛନ୍ତି। ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଅଞ୍ଚଳର କ୍ରଶର ମାଲିକ ଆଶୁତୋଷ ମହାନ୍ତିଙ୍କଠାରୁ ମାସିକିଆ ବଟି ଆଦାୟ କରୁଥିଲେ ସନ୍ତୋଷ। ନିର୍ବାଚନ ପରେ ସେ ୨ ଲକ୍ଷ ଟଙ୍କା ମାଗିବାରୁ ଏ ନେଇ ଅସହାୟତା ପ୍ରକାଶ କରିଥିଲେ ସମ୍ପୃକ୍ତ କ୍ରଶର ମାଲିକ। ତଥାପି ନିଜ ଜିଦ୍‌ରୁ ହଟି ନ ଥିଲେ ଥାନାଧିକାରୀ। ଏହାପରେ ଆଶୁତୋଷ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ଅନୁଯାୟୀ ମଙ୍ଗଳବାର ଅପରାହ୍ନରେ ଆଶୁତୋଷ ୫୦ହଜାର ଟଙ୍କା ଦେଉଥିବାବେଳେ ପୂର୍ବରୁ ଲୁଚି ରହିଥିବା ଭିଜିଲାନ୍ସ ଟିମ୍ ଥାନାଧିକାରୀଙ୍କୁ କାବୁ କରିଥିଲେ। ଏହାପରେ ଥାନା ପରିସରରେ ଥିବା ଅଭିଯୁକ୍ତଙ୍କ ବାସଭବନରେ ଖୋଳତାଡ଼ କରାଯାଇଥିଲା। ସେଠାରୁ କେତେକ କାଗଜପତ୍ର ଜବତ କରାଯାଇଛି। ଟିମ୍‌ର ଅନ୍ୟ ସଦସ୍ୟମାନେ ସନ୍ତୋଷଙ୍କୁ କଟକସ୍ଥିତ ଭିଜିଲାନ୍ସ ସେଲ କାର୍ଯ୍ୟାଳୟକୁ ନେଇ ପଚରାଉଚୁରା ଚଳାଇଥିବା ଜଣାପଡ଼ିଛି।




# ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ ବହୁ ବିଶିଷ୍ଟ ବ୍ୟକ୍ତି

ଭୁବନେଶ୍ୱର,୨୮।୫(ବ୍ୟୁରୋ)

ବିଜେଡି ସଭାପତି ନବୀନ ପଟ୍ଟନାୟକ ଲଗାତର ୫ମ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ବୁଧବାର ଶପଥ ଗ୍ରହଣ କରିବେ। ରାଜଧାନୀସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ପୂର୍ବାହ୍ନ ୧୦ଟା ୩୦ମିନିଟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ରାଜନୈତିକ ବ୍ୟକ୍ତିବିଶେଷଙ୍କ ସହ ଅନ୍ୟ କେତେଜଣ ପ୍ରମୁଖ ବ୍ୟକ୍ତି ଯୋଗଦେବେ। ଏମାନଙ୍କ ମଧ୍ୟରେ ରହିଛନ୍ତି ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ସଂଗୀତଜ୍ଞ ପଦ୍ମଶ୍ରୀ ପ୍ରଫୁଲ୍ଲ କର, ନୃତ୍ୟାଙ୍ଗନା ପ୍ରିୟମ୍ବଦା ମହାନ୍ତି, ଶିଳ୍ପପତି କୁମାର ମଙ୍ଗଳମ୍ ବିର୍ଲା, ନବୀନ ଜିନ୍ଦଲ, ଆଇଟିସିର ଅଧ୍ୟକ୍ଷ ସଞ୍ଜୀବ ପୁରୀ, ଟାଟା ଷ୍ଟିଲ୍‌ର ପରିଚାଳନା ନିର୍ଦ୍ଦେଶକ ଟି.ଭି. ନରେନ୍ଦ୍ରନ, ଟେକ୍ ମହିନ୍ଦ୍ରା ଏମ୍‌ଡି ସି.ପି. ଗୁରୁନାନୀ, ମାଇଣ୍ଡଟ୍ରିର ଅଧ୍ୟକ୍ଷ କେ.କେ. ନଟରାଜନ, ଓସିଏଲ୍‌ର ପୁନୀତ୍ ଡାଲମିଆ, ଆପୋଲ ଗ୍ରୁପର ସଙ୍ଗୀତା ରେଡ୍ଡି, ରାମ୍‌କୋ ଗ୍ରୁପ୍‌ର ପି. ଭି. ଭେଙ୍କଟ ରାମରାଜା, ହୃଦ୍‌ରୋଗ ବିଶେଷଜ୍ଞ ରମାକାନ୍ତ ପଣ୍ଡା, ଡାକ୍ତର ଟି.ପି. ଦାସ ଓ ଡାକ୍ତର ସୁବ୍ରତ ଆଚାର୍ଯ୍ୟ।

SIHM
JOINTLY DEVELOPED BY
GOVT. OF INDIA & GOVT. OF ODISHA
NCHMCT
STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
Ph. No. 06652 - 230730/31, 9437030720, 9437140772, 6370180040
website - www.sihmbalangir.org, e-mail: principal@sihmbalangir.org
ADMISSIONS OPEN

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. Diploma In Front Office Operation | $1\frac{1}{2}$ Year | 10+2 pass or equivalent | 25 Years as on 1st July 2019 for General/ OBC candidates & 28 Years for SC/ST candidates |
| 2. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 3. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 4. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 5. Craftsmanship Certificate Course In Food & Beverage Service | 06 Months | 10th pass | |
| 6. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

FOR ADMISSIONS INTO 3Yrs DEGREE PROGRAMME (B.Sc In HHA) CONTACT AFTER 5th JULY 2019.

LOVELY PROFESSIONAL UNIVERSITY
Transforming Education Transforming India
ThinkBIG
nirf
LPU Ranked Amongst India's Top Universities in MHRD, Govt. of India, NIRF 2019 Rankings


ACTUAL VIEW OF THE CAMPUS

UNBEATABLE PLACEMENTS
1000's of LPU students placed in top MNCs in USA, UK, Canada, Australia etc. 500+ multinational & national companies including Google, Amazon, Lutron, HP, Bosch have recruited LPU Students. 110+ companies that recruit from IITs, NITs and IIMs also recruit from LPU.

ENCOURAGING ENTREPRENEURSHIP
To instil the spirit of entrepreneurship, LPU has its own Start-Up School, inaugurated by the Hon'ble Finance Minister of India, Mr. Arun Jaitley. At LPU, students are encouraged to innovate and assisted in the development and launch of products & services. 100+ Start-Ups already launched.

STUDY ABROAD OPPORTUNITIES
LPU has tie-ups with 200 top universities across the globe including in USA, UK, Canada, Australia, Singapore, New Zealand, France for student exchange programmes, study abroad and collaborative research opportunities.

B.Tech./ B.Tech. (Hons.)
Integrated B.Tech.-M.Tech.
Integrated B.Tech.-MBA
(ECE, CSE, IT, ME, Mechatronics, Aerospace Engg., Automobile Engg., Civil Engg., Electrical Engg., Electrical & Electronics Engg., Biotechnology+, Food Technology+, Biomedical Engg.+, Chemical Engg., Petroleum Engg.)
M.Tech. [Full Time]
BBA/ MBA
B.Sc./ M.Sc. (Hotel Mgmt.)
B.Arch./ B.Plan./ BCA/ MCA
B.Sc. (Hons.) Agriculture
B.Com./ M.Com./ B.Sc. (Hons.) Eco.
B.Sc./ M.Sc. (Hotel Mgmt.)
B.Sc./M.Sc. (Forensic Sciences)
B.A., LL.B. (Hons.)/ LL.M.
B.A./ BFA/ BPA/ B.Ed./ M.Ed./ B.P.Ed.
B.Sc./ M.Sc. (Biotech/ Microbio.)
B.Design/ M. Design (Fashion)
B.Design/ M.Design (Interior & Furniture)
B.Design/ M.Design (Product & Industrial)
B.Sc./ M.Sc. (Film & TV Prod.)
B.Sc./ M.Sc. (Design - Multimedia)
+Medical students can also apply For stream details, refer website www.lpu.in

Scholarships
SCHOLARSHIP OF UPTO ₹ 4 LAKH PER STUDENT

LAST DATE OF ADMISSION WITH FULL SCHOLARSHIP: 31st May 2019
Meet our Counsellors in Odisha | Time: 10 AM to 7 PM | Toll Free : 1800-102-4052
BHUBANESWAR | The Presidency, 1471/A, Nayapalli | Ph: 09875912783 | 29-31 May
LOVELY PROFESSIONAL UNIVERSITY (LPU), Jalandhar-Delhi G.T. Road, Phagwara, Punjab
admissions@lpu.co.in | SMS LPU to 53030 | Toll Free: 1800-102-4052 SUNDAY OPEN

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାରୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କେନ୍ଦ୍ର ମନ୍ତ୍ରିମଣ୍ଡଳ: ଓଡ଼ିଶାର ନୂଆ ମୁହଁକୁ ମିଳିପାରେ ସୁଯୋଗ

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାପରେ ଓଡ଼ିଶାରୁ କାହାକୁ ଏଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବ ତାକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ୨୧ ଲୋକ ସଭା ଆସନରୁ ଭାଜପା ୮ଟିରେ ସଫଳତା ପାଇଛି। ସେହିପରି ୧୪୬ ବିଧାନସଭା ଆସନରୁ ୨୩ଟିରେ ସଫଳତା ପାଇ ଭାଜପା ଓଡ଼ିଶାରେ ପ୍ରଥମ ଥର ଲାଗି ବିରୋଧୀ ଦଳ ଆସନରେ ବସିବାକୁ ଯାଉଛି। ତେଣୁ ରାଜ୍ୟରେ ଦଳର ଏହି ସଫଳତାକୁ ଆଗକୁ ବଢ଼ାଇବା ସକାଶେ କେନ୍ଦ୍ରୀୟ ନେତୃତ୍ୱ ଓଡ଼ିଶାକୁ ବିଶେଷ ଗୁରୁତ୍ୱ ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ମୁଖ୍ୟତଃ ରାଜ୍ୟର ୪ ଏମପିଙ୍କ ମଧ୍ୟରୁ ଦୁଇଜଣଙ୍କୁ କେନ୍ଦ୍ରମନ୍ତ୍ରୀ ପଦ ମିଳିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏବେ ଓଡ଼ିଶାରୁ ଦୁଇଜଣ ଏମ୍‌ପି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ୨୦୧୪ ନିର୍ବାଚନରେ ଓଡ଼ିଶାରୁ ଭାଜପାରୁ ଜଣେ ମାତ୍ର ଏମ୍‌ପି ଭାବେ ନିର୍ବାଚିତ ହୋଇଥିବା ଜୁଏଲ ଓରାମଙ୍କୁ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ପଦ ମିଳିଥିଲା। ସେହିପରି ଛତିଶଗଡ଼ରୁ ରାଜ୍ୟ ସଭା ସଦସ୍ୟ ଭାବେ ମନୋନୀତ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଥିଲା। ହେଲେ ଏଥର ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ ହେବାର ସମ୍ଭାବନା ଥିବା ଶୁଣିବାକୁ ମିଳୁଛି। ଦେଶରେ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀଭାବେ ନରେନ୍ଦ୍ର ମୋଦି ଆସନ୍ତା ୩୦ ତାରିଖ ଶପଥ ନେବେ। ହେଲେ ଏହା ପୂର୍ବରୁ କେନ୍ଦ୍ର ମନ୍ତ୍ରିମଣ୍ଡଳ ଗଠନ ସମ୍ପର୍କିତ ଆଲୋଚନା ବଢ଼ିଚାଲିଛି।

କେତେକ ଜାତୀୟ ଗଣମାଧ୍ୟମରେ ଆସୁଥିବା ରିପୋର୍ଟ ଅନୁଯାୟୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିମ୍ବା ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ଭାଜପା ରାଷ୍ଟ୍ରୀୟ ସଭାପତି ଦାୟିତ୍ୱ ମିଳିପାରେ। ଭାଜପା ରାଷ୍ଟ୍ରୀୟ ସଭାପତି ଅମିତ ଶାହ କେନ୍ଦ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀପଦ ଦାୟିତ୍ୱ ନେବେ। ତେଣୁ ତାଙ୍କ ପଦରେ ଏହି ଦୁଇ ନେତାଙ୍କ ମଧ୍ୟରୁ ଜଣଙ୍କୁ ଦାୟିତ୍ୱ ଦିଆଯାଇପାରେ ବୋଲି ଶୁଣିବାକୁ ମିଳୁଛି। ଯଦି ଏଭଳି ସମ୍ଭାବନା ଶତ ପ୍ରମାଣିତ ହୁଏ ତେବେ ଓଡ଼ିଶାରୁ ନୂଆକରି ଏମ୍‌ପି ହୋଇଥିବା କେତେଜଣ ନେତାଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବା ନେଇ ରାଜନୈତିକ ପର୍ଯ୍ୟବେକ୍ଷକମାନେ ଆକଳନ କରୁଛନ୍ତି। ସୁନ୍ଦରଗଡ଼ ଲୋକ ସଭା ଆସନରୁ ପୁଣିଥରେ ଜୁଏଲ ଓରାମ ନିର୍ବାଚିତ ହୋଇଛନ୍ତି। ତେଣୁ ତାଙ୍କୁ ଆଦିବାସୀ କଲ୍ୟାଣ ମନ୍ତ୍ରୀ ପଦ ପୁନର୍ବାର ମିଳିପାରେ ବୋଲି କୁହାଯାଉଛି। ଯଦି ତାଙ୍କୁ ଏହି ଦାୟିତ୍ୱ ଦିଆ ନ ଯାଏ ତେବେ ଝାଡ଼ଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଆଦିବାସୀ କଲ୍ୟାଣ ମନ୍ତ୍ରାଳୟର ଦାୟିତ୍ୱ ମିଳିବା ସମ୍ଭାବନା ରହିଛି। ସେହିପରି ଭୁବନେଶ୍ୱରରୁ ପ୍ରଥମ ଥର ଏମ୍‌ପିଭାବେ ବିଜୟୀ ହୋଇଥିବା ଅପରାଜିତା ଷଡଙ୍ଗୀଙ୍କ ନାଁ ମଧ୍ୟ ଚର୍ଚ୍ଚାରେ ରହିଛି। ହେଲେ ଦଳର ଜଣେ ଆଗ ଧାଡିର ନେତାଙ୍କ କହିବାନୁଯାୟୀ, ଅପରାଜିତାଙ୍କୁ ଦଳ ଓଡ଼ିଶାର ସାଙ୍ଗଠନିକ ଦାୟିତ୍ୱ ହସ୍ତାନ୍ତର କରିବା ନେଇ ଆଲୋଚନା ହୋଇଛି। ସେହିପରି ମନ୍ତ୍ରୀ ତାଲିକାରେ ବରଗଡ଼ରୁ ଏମ୍‌ପି ହୋଇଥିବା ସୁରେଶ ପୂଜାରୀ ଏବଂ ବାଲେଶ୍ୱର ଆସନରୁ ଜିତିଥିବା ପ୍ରତାପ ଷଡ଼ଙ୍ଗୀଙ୍କ ନାମ ମଧ୍ୟ ରହିଛି। ଏହି ଦୁଇଜଣ ନେତାଙ୍କ ଭିତରୁ କେନ୍ଦ୍ର ନେତୃତ୍ୱ ଜଣଙ୍କୁ ମନ୍ତ୍ରୀପଦ ଦେବା ନେଇ ବିଚାର କରିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଯଦି ସାମାଜିକ ଓ ଜାତୀୟ ଗଣମାଧ୍ୟମରେ ଘୂରି ବୁଲୁଥିବା ତାଲିକା ଭୁଲ୍ ବାହାରେ ତେବେ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ରହିବା ଏକ ପ୍ରକାର ନିଶ୍ଚିତ ବୋଲି କେତେ ଜଣ ନେତା କହୁଛନ୍ତି। କେନ୍ଦ୍ରରେ ମନ୍ତ୍ରିମଣ୍ଡଳ ବଣ୍ଟାଯିବା ପରେ ରାଜ୍ୟରେ ବିରୋଧୀ ଦଳ ନେତା ଚୟନ କରାଯିବ। କେନ୍ଦ୍ର ମନ୍ତ୍ରିମଣ୍ଡଳ ଗଠନ କିଭଳି ହେଉଛି ତାହା ଦେଖିବାପରେ ବିରୋଧୀ ଦଳ ନେତା କାହାକୁ କରାଯିବ ତା’ ଉପରେ ନିଷ୍ପତ୍ତି ନିଆଯିବ ବୋଲି ରାଜ୍ୟ ନେତାଙ୍କଠାରୁ ଶୁଣିବାକୁ ମିଳିଛି।

# ୧୯ ଜିଲାକୁ କାଳବୈଶାଖୀ ସତର୍କତା

**ଭୁବନେଶ୍ୱର, ୨୮।୫(ବ୍ୟୁରୋ)**

ସାରା ରାଜ୍ୟରେ ଜାରି ରହିଛି ଅସହ୍ୟ ଗ୍ରୀଷ୍ମ ପ୍ରବାହ। ଭୟଙ୍କର ତାତି ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ସକାଳ ୮ଟାରୁ ପ୍ରଚଣ୍ଡ ଖରାର ପ୍ରକୋପ ଆରମ୍ଭ ହୋଇଯାଉଛି। ଉପକୂଳରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ ଓଡ଼ିଶା ସବୁଠି ଗରମ ସହ ଗୁଳୁଗୁଳି ଅନୁଭୂତ ହେଉଛି। ତେବେ ଦ୍ୱିପ୍ରହରରେ ପ୍ରବଳ ତାତିକୁ ବିଦ୍ୟୁତ କାଟ ଲୋକଙ୍କୁ ବ୍ୟତିବ୍ୟସ୍ତ କରିଦେଉଛି। ଗତ କିଛିଦିନ ହେବ ରାଜ୍ୟର ପ୍ରାୟ ସବୁ ସହରରେ ପାରଦ ଅଧିକ ରହୁଥିବାବେଳେ ମଙ୍ଗଳବାର ୧୨ ସହରର ତାପମାତ୍ରା ୪୦ଡିଗ୍ରୀ ଟପିଛି। ତେବେ ସମ୍ବଲପୁର ୪୪.୭ ଡିଗ୍ରୀରେ ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ସୋନପୁର ୪୪.୬, ବଲାଙ୍ଗୀର ୪୪.୫, ଟିଟିଲାଗଡ଼ ୪୪, ହୀରାକୁଦ ୪୩.୭, ଝାରସୁଗୁଡ଼ା ୪୩.୬, ଭବାନୀପାଟଣା ୪୨.୬, ସୁନ୍ଦରଗଡ଼ ଓ ମାଲକାନଗିରି ୪୨, ତାଳଚେର ୪୧.୨, ଅନୁଗୋଳ ୪୧.୭, କେନ୍ଦୁଝରର ସର୍ବାଧିକ ତାପମାତ୍ରା ୪୦ଡିଗ୍ରୀ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ଭୁବନେଶ୍ୱରରେ ତାପମାତ୍ରା ୩୮.୨ ଡିଗ୍ରୀ ଓ କଟକରେ ସର୍ବାଧିକ ୩୭.୮ ଡିଗ୍ରୀ ରହିଥିଲା। ତେବେ କେନ୍ଦୁଝର, ବାଲେଶ୍ୱର, କେନ୍ଦ୍ରାପଡ଼ା, ଭଦ୍ରକ, କୋରାପୁଟ, ରାୟଗଡ଼ା, ମୟୂରଭଞ୍ଜରେ ବର୍ଷା ହୋଇଥିବା ସୂଚନା ମିଳିଛି। ବୁଧବାରଠାରୁ ପାଗରେ ପରିବର୍ତ୍ତନ ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଦକ୍ଷିଣ ଓଡ଼ିଶାର କିଛି ଅଞ୍ଚଳ ଓ ଉତ୍ତର ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ୧୯ ସହରରେ କାଳବୈଶାଖୀ ହେବାର ଆଶଙ୍କା ରହିଛି। ଏସବୁ ଜିଲାରେ ଝଡ଼ ତୋଫାନ ସହ ବଜ୍ରପାତ ହେବ। ପବନର ବେଗ ୩୦ରୁ ୪୦କିଲୋମିଟର ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ପୁଣି ଚର୍ଚ୍ଚାରେ ସୋନା ମହାପାତ୍ର

# ସଲ୍‌ମାନ ‘ବିଷାକ୍ତ ପୌରୁଷତ୍ୱର ପୋଷ୍ଟର ଟାଇଲ୍ଡ’

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

କିଛିଦିନର ବ୍ୟବଧାନ ପରେ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି ଓଡ଼ିଶା ଜନ୍ମିତ କଣ୍ଠଶିଳ୍ପୀ ସୋନା ମହାପାତ୍ର। ସବୁବେଳେ ବିବାଦୀୟ ବୟାନକୁ ନେଇ ଚର୍ଚ୍ଚାରେ ରହିଆସିଥିବା ଏହି ବୋଲ୍ଡ ବଲିଉଡ୍ ପ୍ଲେବ୍ୟାକ୍ ସିଙ୍ଗର୍ ଏଥର ଟାର୍ଗେଟ କରିଛନ୍ତି ଭାଇଜାନ୍ ସଲମାନ୍ ଖାନ୍‌ଙ୍କୁ। ଗୋଟିଏ ପରେ ଗୋଟିଏ ସିରିଜ୍ ଟୁଇଟ୍ ମାଧ୍ୟମରେ ସଲମାନଙ୍କ ଉପରେ ବର୍ଷିଛନ୍ତି ସୋନା। ପ୍ରିୟଙ୍କା ଚୋପ୍ରା ନିଜ ବାହାଘର ପାଇଁ ସଲମାନ୍ ଖାନ୍‌ଙ୍କ ଅଭିନୀତ ଫିଲ୍ମ ‘ଭାରତ’ ଛାଡିବାକୁ ନେଇ ଦେଇଥିବା ମନ୍ତବ୍ୟ ଉପରେ ଏଭଳି ଟୁଇଟ୍ କରିଛନ୍ତି ଏହି କଣ୍ଠଶିଳ୍ପୀ। ଏପରିକି ବିନା କୌଣସି ଭୟରେ ସେ ସଲ୍‌ମାନଙ୍କୁ ‘ବିଷାକ୍ତ ପୌରୁଷତ୍ୱର ପୋଷ୍ଟର ଟାଇଲ୍ଡ’ ବୋଲି କହିବାକୁ ମଧ୍ୟ ପଛାଇ ନାହାନ୍ତି।

ବଲିଉଡ୍‌ର ଦବଙ୍ଗ୍ ବା ଟାଇଗରଭାବେ ଜଣାଶୁଣା ସଲ୍‌ମାନ ଖାନ୍‌ଙ୍କ ରାଜ୍ ସବୁବେଳେ ଇଣ୍ଡଷ୍ଟ୍ରିରେ ରହି ଆସିଛି। ବଡ଼ ବଡ଼ ପ୍ରଯୋଜକଙ୍କଠାରୁ ଆରମ୍ଭକରି ନିର୍ଦ୍ଦେଶକଙ୍କ ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ଡରିଥାନ୍ତି। ସଲ୍‌ମାନଙ୍କ ନାକ ଉପରେ ରହୁଥିବା ରାଗ ପାଇଁ ତାଙ୍କସହ ଲାଗିବାକୁ ସମସ୍ତେ ଭୟ କରନ୍ତି ବୋଲି କୁହାଯାଏ। ହେଲେ ଗାୟିକା ସୋନା ମହାପାତ୍ର ଭାଇଜାନ୍‌ଙ୍କୁ ଖାତିର୍ ନ କରି ଟୁଇଟରରେ ତାଙ୍କ ଉପରେ ଥିବା ସମସ୍ତ ରାଗକୁ ଏକାଥରେ ସୁଝାଇଛନ୍ତି। ସଲମାନ୍ ଖାନଙ୍କ ଫିଲ୍ମ ‘ଭାରତ’କୁ ଅଭିନେତ୍ରୀ ପ୍ରିୟଙ୍କା ନିଜ ବାହାଘର ପାଇଁ ଅଧାରୁ ଛାଡିଥିଲେ। ଏହା ବଲିଉଡ୍ ସୁପରଷ୍ଟାରଙ୍କୁ ପସନ୍ଦ ଆସି ନ ଥିଲା। ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ସଲ୍‌ମାନ ଏହି କଥା



ସୋନା ମହାପାତ୍ର



ସଲମାନ ଖାନ୍

ଦୋହରାଇ କହିଥିଲେ, ଯେତେବେଳେ ଅନ୍ୟମାନେ ‘ଭାରତ’ ଫିଲ୍ମ ପାଇଁ ନିଜର ସର୍ବସ୍ୱ ଏପରିକି ସ୍ୱାମୀଙ୍କୁ ଛାଡିବାକୁ ପ୍ରସ୍ତୁତ ହୋଇଥିଲେ ସେତେବେଳ ପ୍ରିୟଙ୍କା କିନ୍ତୁ ଫିଲ୍ମ ଛାଡିଦେଇଥିଲେ। ସଲ୍‌ମାନଙ୍କ ଏହି ମନ୍ତବ୍ୟ ପରେ ସୋନା ପ୍ରିୟଙ୍କାଙ୍କ ସମର୍ଥନରେ ଟୁଇଟ୍ କରି କହିଛନ୍ତି, ପ୍ରିୟଙ୍କା ଚୋପ୍ରାଙ୍କୁ ନିଜ ଜୀବନରେ ଆହୁରି ବହୁତ ଭଲ କାମ କରିବାର ଅଛି। ଜଣେ ସଚ୍ଚୋଟ ବ୍ୟକ୍ତିଙ୍କ ସହ ଜୀବନ ବିତାଇବା ସହ ନିଜ ସଫଳତାର ଯାତ୍ରା ମାଧ୍ୟମରେ ଅନ୍ୟ ଝିଅମାନଙ୍କୁ ପ୍ରେରଣା ଯୋଗାଉଛନ୍ତି ପ୍ରିୟଙ୍କା। ହେଲେ ଏଭଳି ମନ୍ତବ୍ୟ ମାଧ୍ୟମରେ ସଲ୍‌ମାନ ନିଜ ଭିତରେ ଥିବା ବିଷାକ୍ତ ପୌରୁଷତ୍ୱକୁ ଦେଖାଇଦେଇଛନ୍ତି ବୋଲି ସୋନା କଟାକ୍ଷ କରିଛନ୍ତି। ତେବେ ସୋନାଙ୍କ ଏହି ଟୁଇଟ୍‌କୁ କିନ୍ତୁ ସଲମାନଙ୍କ ଫ୍ୟାନ୍‌ମାନେ ସହଜରେ ଗ୍ରହଣ କରିପାରିନାହାନ୍ତି। ଏହି ବିବାଦ ଏବେ ଟୁଇଟରରେ ଟ୍ରେଣ୍ଡ୍ କରୁଥିବାବେଳେ ସଲ୍‌ମାନ୍ ଏପର୍ଯ୍ୟନ୍ତ ଏହାକୁ ନେଇ ମୁହଁ ଖୋଲିନାହାନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ବାରମ୍ବାର ସମସ୍ୟା ବିଜଡିତ ରହିବା କାରଣରୁ ଆପଣ ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରି ପାରିବେ ନାହିଁ। ଆର୍ଥିକ ଦୁଃସ୍ଥିତି ଚିନ୍ତାଜନକ ରହିବ, ପ୍ରଶାସନିକ ସ୍ତରରେ ଦାୟିତ୍ୱବୋଧ ବଢ଼ିବ। ସାମାଜିକ କ୍ଷେତ୍ରରେ ଅଟକି ରହିଯାଇଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବାର ଆଶା ରହିଛି।

**ବୃଷ**
କର୍ମକ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରଯତ୍ନ କରିବାରେ ସମର୍ଥ ହେବେ। ଅଫିସ୍‌ରେ କାମର ଚାପ ପ୍ରଭାବରୁ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ପରିବାର କ୍ଷେତ୍ରର ସମସ୍ୟା ପ୍ରଭାବରୁ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ମାନସିକ ଅଶାନ୍ତିର କାରଣ ହୋଇପାରେ। ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ମିଥୁନ**
ଆନୁଷ୍ଠାନିକ କାମରେ ଆତ୍ମୀୟସ୍ୱଜନଙ୍କ ସହାନୁଭୂତିର ସୁଯୋଗ ଲାଭ କରିପାରିବେ। ଗୁରୁତ୍ୱପୂର୍ଣ୍ଣ କାମ ଗୁଡ଼ିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ। କଳା, ସାହିତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଲେ ପ୍ରଶଂସିତ ହେବେ। ବନ୍ଧୁମିଳନ ଘଟିପାରେ । ବିବାଦୀୟ ମନ୍ତବ୍ୟ ଦେବାରୁ କ୍ଷାନ୍ତ ରହିବା ଭଲ ହେବ।

**କର୍କଟ**
ହାତକୁ ନେଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇଯିବ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ। ରୋଗୀଣା ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ। ପରିସ୍ଥିତିବଶତଃ ଘରର କଥା ବୁଝିବାକୁ ସମୟ ମଧ୍ୟ ପାଇ ପାରିବେ ନାହିଁ।

**ସିଂହ**
କର୍ମକ୍ଷେତ୍ର କିମ୍ବା ଅସଫଳତାର ସମୀକ୍ଷା ଜନିତ ଆଲୋଚନା ସରଗରମ ହୋଇପାରେ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପ୍ରଶାସନ ପାଇଁ ଦିନଟି ବହୁତ ଭଲ। ଭୁଲ୍ ବୁଝାମଣା ଜନିତ ଉଚ୍ଚପଦାଧିକାରୀଙ୍କ କ୍ରୋଧରୁ କିଛିଟା ହଇରାଣ ହୋଇପାରନ୍ତି। ପରିବାରରେ ଶିକ୍ଷା ସଂକ୍ରାନ୍ତୀୟ ଆଲୋଚନାକୁ ନେଇ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କନ୍ୟା**
ପାରସ୍ପରିକ ମତଭେଦ ଜନିତ ମୀମାଂସା ଅସମାପ୍ତ ରହିପାରେ। ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହୋଇପଡ଼ିବ। ହିତୈଷୀଙ୍କ ସହଯୋଗରେ ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ସାଙ୍ଗସାଥୀଙ୍କ ସହ ଭ୍ରମଣ ସୁଯୋଗ ଜୁଟିବା ସହିତ ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**
ଆପଣଙ୍କ ନିରବଚ୍ଛିନ୍ନ ଉଦ୍ୟମ କାରଣରୁ କାର୍ଯ୍ୟକ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ। ବିଭିନ୍ନ ଦିଗରୁ ରୋଜଗାର କରିବାରେ ସମର୍ଥ ହେବେ କିନ୍ତୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବାର ଆଶା କରାଯାଇପାରେ।

**ବିଛା**
ମାନସିକ ଅସ୍ଥିରତା ଜନିତ ଭୟ, ଆଶଙ୍କା ଓ ଉଦବେଗ ମଧ୍ୟରେ ଦିନଟିକୁ କଟାଇବାକୁ ପଡ଼ିପାରେ। ସ୍ୱାସ୍ଥ୍ୟଗତ କେତେକ ସମସ୍ୟା ମନକୁ ନିରୁତ୍ସାହିତ କରିପାରେ। ପରିବାରରେ ଭୁଲ୍ ବୁଝାମଣାବଶତଃ କଳହର ଆଶଙ୍କା ରହିଛି। ସାମାଜିକ ସ୍ଥିତି, ରାଜନୈତିକ ପରିସ୍ଥିତି, କଚେରି ମାମଲା ଓ ବାଣିଜ୍ୟ, ବ୍ୟବସାୟ ଦିଗ ଭଲ ରହିବ ।

**ଧନୁ**
ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ଅଶାନ୍ତି ଲାଗି ରହିବ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ଆତ୍ମୀୟସ୍ୱମାନଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ଆକସ୍ମିକ ଭାବରେ ବନ୍ଧୁବର୍ଗଙ୍କ ସାହାଯ୍ୟରୁ ମାନସିକ ଅସ୍ଥିରତା ଦୂରେଇଯିବ।

**ମକର**
ପରିସ୍ଥିତିର ଉନ୍ନତି କାମନାରେ ବିଭିନ୍ନ ପ୍ରକାରର ବିକଳ୍ପ ଯୋଜନା କରିପାରନ୍ତି। ପରୋକ୍ଷ ଶତ୍ରୁତା, ଧାର କରଜ, ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। କିନ୍ତୁ ଶ୍ରବଣା ନକ୍ଷତ୍ରର କାର୍ଯ୍ୟସିଦ୍ଧି, ବନ୍ଧୁମିଳନ ଓ ଆର୍ଥିକ ଉନ୍ନତି ଜନିତ ମନ ଖୁସି ରହିବ।

**କୁମ୍ଭ**
ମାଙ୍ଗଳିକ କାର୍ଯ୍ୟ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହୋଇପାରେ। କର୍ମକ୍ଷେତ୍ରରେ ଅଭାବନୀୟ ସ୍ଥିତି କିମ୍ବା ପ୍ରତିରୋଧ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ। ବୃତ୍ତି, ବାଣିଜ୍ୟ, ରାଜନୀତି,ପ୍ରଶାସନ ଓ କଳା,ସାହିତ୍ୟରୁ ପ୍ରଶଂସା ପାଇବେ।

**ମୀନ**
କାର୍ଯ୍ୟବ୍ୟସ୍ତତା କାରଣରୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ଆଜିର ଯାତ୍ରା ଓ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆବଶ୍ୟକ ସାହାଯ୍ୟ, ସହଯୋଗ ଅବଶ୍ୟ ପାଇବେ। ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହୟତାରୁ ଉପକୃତ ହୋଇପାରନ୍ତି।

ଆଜି ଜ୍ୟେଷ୍ଠ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ବୁଧବାର, ମେ ୨୯ ତାରିଖ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଧନୁ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିଦ୍ୟାରମ୍ଭ, ବ୍ରତୋପନୟନ, ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ। ସକାଳ ଘ୬।୫୨ମି. ଗତେ ଘ୮।୨୯ମି. ମଧ୍ୟେ, ଘ୨।୫୬ମି. ଗତେ ଘ୪।୩୩ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୨ମି. ମଧ୍ୟେ, ଘ୧୦।୦୬ମି. ଗତେ ଘ୧୧।୫୭ମି. ମଧ୍ୟେ, ଘ୪।୩୪ମି. ଗତେ ଘ୬।୧୨ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday 0674-2580101, 2549302




## BRIDE WANTED

Business ବ୍ରାହ୍ମଣ B.Com 1987, ପିତା-ରିଟାୟର୍ଡ ଅଫିସର ଭୁବନେଶ୍ୱର ବାସିନ୍ଦା କନ୍ୟା ପାତ୍ରୀ ଆବଶ୍ୟକ: 7377701129 mohapatra@gmail.com. D-12642

Need fair, beautiful, qualified Brahmin bride for BM, Indusind Bank of 35/ 5’71/2” based Bhubaneswar. 9692155737. D-12641

Karan boy, 1989, 5.10, B.Tech, MBA, serving Bank Manager Bombay. Sunasansar: 9937512659. D-66386

Wanted a beautiful educated bride for a handsome khandayat boy, 30 years, Height: 6’, Rasi: Dhanu, Architect Engineer, having own business firm & house at Bangalore. Please contact: 9438677331, 8144614886. D-58087

Brahmin male 1990 B.Tech, MBA (IIM) Software Engineer Pune: 9776562742. D-58088

ଭୁବନେଶ୍ୱରରେ ବ୍ୟବସାୟ କରୁଥିବା ୩୩ବର୍ଷ କରଣ ପୁଅପାଇଁ ଚାକିରି/ ଘରୋଇ କନ୍ୟା ଆବଶ୍ୟକ। 9938448480. D-66471

ପୁଅ ବିଶ୍ୱକର୍ମା, 1993, 5’-9”, B.Tech, SWE, Pune ପାଇଁ ଯେକୌଣସି ମେଧାବୀ/ ଚାକିରିଆ ସୁନ୍ଦର ମଧ୍ୟବିତ୍ତ କନ୍ୟାପାତ୍ରୀ ଆବଶ୍ୟକ। 9237023852. D-65646

## GROOM WANTED

Bhubaneswar settled professor parents seeking matrimonial alliance for 26 yrs daughter BA (Hons) MA, M.Phil English from deserving Khandayat groom. 9970119909. D-66468

Sundhi girl 1991, 5.3 B.Tech serving AAO LIC. Sunasansar: 9937512659. D-66387

Widow bride Lecturer 40, Clerk 42, Business 35 (caste-no-bar): 7873374269. D-66470

48 ବର୍ଷ Central Bank of Indiaରେ Counselor ଭାବରେ ଓଡ଼ିଶା ବାହାରେ କାର୍ଯ୍ୟରତ ନୟାଗଡ଼ରେ ରହୁଥିବା ଖଣ୍ଡାୟତ ଘରର ଝିଅପାଇଁ ବରପାତ୍ର ଆବଶ୍ୟକ। (8763283720). D-63771

42, ବିଧବା, ନିଃସନ୍ତାନ, pvt job ଝିଅପାଇଁ Job/ Business କରୁଥିବା ଘରଜ୍ୱାଇଁ ପ୍ରସ୍ତାବ ଆବଶ୍ୟକ। (Caste No Bar). 8895458810. D-12668

Now Matrimonial ads. only on Wednesday & Sunday Book 1 Get 1 FREE

## automobile SALE

Excellent condition Swift Dzire ZXI Petrol 26000km for sale. Contact: 9182574495. D-66385

Hondacity 2015 Diesel with Sunroof Hyundai Elantra, Lancer, Mercedez GLA & E & M class. 7381091234. D-66390

## real estate SALE

Revenue road gharabari plot for sale Hanspal Bhingarpur. 9937816565, 9937568585. D-12698

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାରଠାରେ electricity 30’ ରାସ୍ତା ଥାଇ plot sqft.- 970/-ରେ ବିକ୍ରିହେବ। 7894216209. D-66378

ଭୁବନେଶ୍ୱର ରେଡଙ୍ଗ ଷ୍ଟେସନ ସାମ୍ନାରେ ସ୍ଥିତିବାନ possession plot ୨୮୦ ଟଙ୍କାରେ କିଣି ଘର କରନ୍ତୁ: 6370924129. D-66382

ଭୁବନେଶ୍ୱର ପିତାପଲ୍ଲି NH-5 ଠାରୁ 20’ ଦୂରତାରେ BDA ପ୍ଲଟ ମିଳୁଅଛି। 8339920771. D-66381

BDA commercial ଜାଗା ପିତାପଲ୍ଲୀ ଛକ NH-16ରେ 550/-ରେ ମିଳୁଛି 7789999921. D-66383

ଚଣ୍ଡିଖୋଲ ଛକର ନିକଟସ୍ଥ NH-16 କଡ଼ରେ ଥିବା ୩ଗୁଣ୍ଠ ଜମି ବିକ୍ରିହେବ। ଆଗ୍ରହୀ କ୍ରେତା ଯୋଗାଯୋଗ କରନ୍ତୁ। 9437494776, 9437022376. D-64061

କଟକ- ଭୁବନେଶ୍ୱର Twincity ମଧ୍ୟଭାଗରେ ନବନିର୍ମିତ Grand bazar ସମ୍ମୁଖରେ NH ଠାରୁ 800 ମିଟର ଦୂରତାରେ ଘରବାରି ପ୍ଲଟ ଶସ୍ତାରେ କିଣନ୍ତୁ: 8144647993. D-66389

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରୁ 3.5 କିଲୋମିଟର ମାର୍କେଟ କମ୍ପ୍ଲେକ୍ସ ପାଖରେ ୧୨୦୦ ସ୍କୋୟାରଫୁଟ ପ୍ଲଟ ୩୫୦୦୦୦ରେ ମିଳୁଛି। ଯୋଗାଯୋଗ 8908492594. D-12707

4BHK duplex with gated community at Balianta (land-1400 construction- 2200 @ 55lakh) and 2600 @ 65lakh). Contact Mplanets: 9938219397, 9861022055. D-12703

ହଂସପାଳ, ବାଲିଅନ୍ତାରେ gharabari boundary wall plot market ଅପେକ୍ଷା କମ୍ ମୂଲ୍ୟରେ କିଣନ୍ତୁ: 7008492511. D-12704

ଫୁଲନଖରା ନିକଟବର୍ତ୍ତି ଅନନ୍ତପୁର ମୌଜାରେ ପିଚୁରାସ୍ତାକୁ ଲାଗି ଘରବାରି boundary plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 8339826767. D-66388

ନଖରା ତ୍ରିନାଥ ବଜାରଠାରେ sc ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପନଗରୀ ଧାକୁଲେଇପିଠ ଠାରେ 1200କୁ 3,00,000/- outrightରେ ବିକ୍ରିହେବ: 9348817649, 8144706560. D-66391

## healthcare

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Summer special mesmerizing offer expert therapeutic refreshing massage appointment. 9668374480. D-66532

Physiotherapy, full body massage by trained ladies/ gents therapy: 7008773793. D-66469

Experience full body massage with us (expert). Call: 7377048581, 0674-2597822. D-66535

Herbal full body massage by smart/expert therapist. Contact: 8338067247. D-66541

Newly opening ayurvedic body massage smart therapist, Shree herbal. 7750020754. D-66542

Full body massage with refreshment, expert therapist. 7381239385, 0674-2540855. D-66534

## AFFIDAVIT

By an affidavit before the Executive Magistrate, Bhawanipatna, I Parikshita Chhuria previously called Parikshita Chhura employed as Secondary School teacher declare that I have changed my surname from Chhura to Chhuria. Henceforth I shall be known as Parikshita Chhuria for all purpose and Parikshita Chhura and Parikshita Chhuria is one and same person. D-12706

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

DSPL - 15

## "ଫୋନି" ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସଚେତନତା



- ପିଇବା ପାଣିରେ ଗୋଟିଏ କ୍ଲୋରିନ୍ ବଟିକା (୭୫ ମି.ଗ୍ରା.)୨୦ -୨୫ ଲିଟର (୧ମାଠିଆ/ବାଲଟି) ମିଶାନ୍ତୁ ଓ ମିଶାଇବାର ୧ଘଣ୍ଟା ପରେ ପିଅନ୍ତୁ ।
- ଖାଇବା ପୂର୍ବରୁ ଓ ଶୌଚହେବା ପରେ ହାତକୁ ସାବୁନରେ ଧୁଅନ୍ତୁ ।
- ରନ୍ଧା ଖାଦ୍ୟକୁ ଘୋଡାଇ ରଖନ୍ତୁ ଓ ମାଛି ବସିବାକୁ ଦିଅନ୍ତୁ ନାହିଁ ।
- ତରଳ ଝାଡା ହେଲେ ଓ.ଆର.ଏସ୍. ଦ୍ରବଣ ପିଅନ୍ତୁ ।
- ସାପ କାମୁଡିଲେ ତୁରନ୍ତ ଡାକ୍ତରଖାନା ନେଇଯାଆନ୍ତୁ ।
- ମ୍ୟାଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ମଶାରୀ ଟାଣି ଶୁଅନ୍ତୁ ।
- ଘର ଆଖପାଖ ସଫା ରଖନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

ଅଧିକ ସୂଚନା ପାଇଁ ଆଶା/ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ କିମ୍ବା ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ନିୟନ୍ତ୍ରଣ କକ୍ଷ ଫୋନ ନମ୍ବର: ୦୬୭୪-୨୩୯୦୪୬୬ରେ ଯୋଗାଯୋଗ କରନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
10003/13/0011/1920

# ଚିନ୍ତାରେ ପକାଉଛି ଭୋଟ ବିଭାଜନ

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନରେ ରାଜ୍ୟର ୨୧ ଲୋକ ସଭା ଏବଂ ୧୪୬ ବିଧାନସଭା ଆସନର ଫଳାଫଳ ଆସିସାରିଛି। ଭାଜପା ଚଳିତ ନିର୍ବାଚନରେ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛି। ୨୩ ବିଧାନସଭା ଓ ୮ ଲୋକ ସଭା ଆସନରେ ଭାଜପାକୁ ସଫଳତା ମିଳିଛି। ଅନ୍ୟପଟେ ଦୀର୍ଘଦିନ ଧରି ମୁଖ୍ୟ ବିରୋଧୀ ଦଳ ଭୂମିକା ତୁଲାଇ ଆସୁଥିବା କଂଗ୍ରେସ ୯ ବିଧାନସଭା ଓ ଗୋଟିଏ ଲୋକ ସଭା ଆସନ ପାଇ ତୃତୀୟ ସ୍ଥାନକୁ ଖସିଛି। ଅପରପକ୍ଷରେ ବିଜେଡି ୧୧୨ ବିଧାନସଭା ଏବଂ ୧୨ ଲୋକ ସଭା ଆସନରେ ବିଜୟୀ ହୋଇଛି। ରାଜ୍ୟରେ ବିଜେଡି ପୂର୍ଣ୍ଣବହୁମତ ପାଇ ଗୁରୁବାର ସରକାର ଗଠନ କରିବ। ତେବେ ୨୦୧୪ ନିର୍ବାଚନରେ ଗୋଟିଏ ଲୋକ ସଭା ଆସନରେ ବିଜୟଲାଭ କରିଥିବା ଭାଜପା ଏଥର ୮ ଆସନରେ ବିଜୟୀ ହୋଇଥିବାରୁ ରାଜ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ବଢିଥିବା କଥାକୁ ଅସ୍ୱୀକାର କରି ହେବନାହିଁ। ସେହିପରି ବିଧାନସଭା ନିର୍ବାଚନରେ ଭାଜପା ବିଧାୟକମାନେ ପାଇଥିବା ଭୋଟ ପ୍ରତିଶତକୁ ଦେଖିଲେ ତୃଣମୂଳସ୍ତରରେ ମଧ୍ୟ ଶାସକ ଦଳକୁ ଅଧିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଆଲୋଚନା ଜୋର ଧରିଛି। ବିଜେଡ଼ି ପୁନର୍ବାର ସରକାରକୁ ଫେରିଥିଲେ ମଧ୍ୟ ରାଜ୍ୟରେ ଭୋଟ ବିଭାଜନକୁ ରୋକିପାରି ନାହିଁ। ଯାହାକି ଦଳ ପାଇଁ ଚିନ୍ତାର କାରଣ ପାଲଟିଛି।

୨୦୧୪ ସାଧାରଣ ନିର୍ବାଚନରେ ବିଜେଡି ରାଜ୍ୟରେ ସରକାର କରିଥିଲା। ସେତେବେଳେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଭାଜପାକୁ ତୃତୀୟ ସ୍ଥାନ ମିଳିଥିଲା। ବିଜେଡି ୪୩.୪ପ୍ରତିଶତ, କଂଗ୍ରେସ ୨୫.୭ଏବଂ ଭାଜପା ୧୮ପ୍ରତିଶତ ଭୋଟ ପାଇଥିଲା। ଏଥର କିନ୍ତୁ ରାଜ୍ୟ ରାଜନୀତିର ଦୃଶ୍ୟପଟ ବଦଳିଯାଇଛି। ପୂର୍ବଥର ଭାଜପାର ମାତ୍ର ୧୦ ବିଧାୟକ ବିଧାନସଭା ଯାଇଥିବାବେଳେ ଏଥର ୨୩ ବିଧାୟକ ନିର୍ବାଚିତ ହୋଇଛନ୍ତି। ବିଶେଷକରି ଭାଜପାର ଭୋଟ ପ୍ରତିଶତ ମଧ୍ୟ ବୃଦ୍ଧି ପାଇଛି। ପୂର୍ବଥର ୧୮ପ୍ରତିଶତ ଭୋଟ ପାଇଥିବାବେଳେ ଏଥର ବଢ଼ି ୩୨.୫ପ୍ରତିଶତ ହୋଇଛି। ସେହିପରି ବିଜେଡିର ପୂର୍ବଥର ଅପେକ୍ଷା ଭୋଟ ପ୍ରତିଶତ ସାମାନ୍ୟ ବୃଦ୍ଧି ପାଇ ୪୪.୭ରେ ପହଞ୍ଚିଛି। ମାତ୍ର କଂଗ୍ରେସକୁ ବଡ଼ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିଛି। ଏଥର ମାତ୍ର ୧୬.୧୨ପ୍ରତିଶତ ଭୋଟ କଂଗ୍ରେସକୁ ମିଳିଛି। ବିଧାନସଭା ନିର୍ବାଚନରେ ବିଜେଡିକୁ ମୋଟ ୧କୋଟି ୪ଲକ୍ଷ ୭୦ହଜାର ୯୪୧ ଖଣ୍ଡ ଭୋଟ ମିଳିଥିବା ବେଳେ, ଭାଜପାକୁ ୭୬ ଲକ୍ଷ ୯ହଜାର ୫୮୧ ଏବଂ କଂଗ୍ରେସକୁ ୩୭ଲକ୍ଷ ୭୫ହଜାର ୩୨୦ଖଣ୍ଡ ଭୋଟ ମିଳିଛି। ୧୪୬ ବିଧାନସଭା କ୍ଷେତ୍ର ମଧ୍ୟରୁ ଭାଜପା ୭୬ଟି ଆସନରେ ଦ୍ୱିତୀୟ ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛି। ସେହିପରି ୨୧ଲୋକ ସଭା ଆସନ ମଧ୍ୟରୁ ଭାଜପା ୧୧ଟିରେ ଦ୍ୱିତୀୟ ସ୍ଥାନରେ ରହିଛି।

ଭୁବନେଶ୍ୱର ଓ ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଅନ୍ତର୍ଗତ ବିଧାନସଭା କ୍ଷେତ୍ରକୁ ଲକ୍ଷ୍ୟ କଲେ ଭିନ୍ନ ସନ୍ଦେଶ ଆସୁଛି। ଭୁବନେଶ୍ୱର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ଜୟଦେବ, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ଏକାମ୍ର, ଜଟଣୀ, ଖୋର୍ଦ୍ଧା ଏବଂ ବେଗୁନିଆ ବିଧାନସଭାମଣ୍ଡଳୀରେ ଭାଜପା ପ୍ରାର୍ଥୀମାନେ ପରାଜିତ ହୋଇଛନ୍ତି। ଏଥିରୁ ୬ଟି ଆସନ ବିଜେଡି ଖାତାକୁ ଯାଇଥିଲା ବେଳେ ଗୋଟିଏ କଂଗ୍ରେସ ଖାତାକୁ ଚାଲିଯାଇଛି। ହେଲେ ଭାଜପା ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଏଠାରୁ ବିଜୟୀ ହୋଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ସମାନଭାବେ ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୭ ବିଧାନସଭାମଣ୍ଡଳୀ ଯଥା, ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା, ଭଟଲି, ବ୍ରଜରାଜନଗର ଏବଂ ଝାରସୁଗୁଡ଼ା ଆସନରେ ବିଜେଡି ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି। ଏଥିରୁ ଗୋଟିଏ ବି ଆସନ ଅନ୍ୟ ଦଳ ହାତକୁ ଯାଇନାହିଁ। ବିଜେପୁର ଆସନରୁ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ଲଢି ବିଜୟୀ ହୋଇଛନ୍ତି। ହେଲେ ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱ ସତ୍ତ୍ୱେ ବରଗଡ଼ ଲୋକ ସଭା ଆସନ ଭାଜପା ନିଜ ଅକ୍ତିଆରକୁ ନେଇପାରିଛି।

ସେହିପରି ବିଜେଡିର ବହୁ ବରିଷ୍ଠ ନେତା ଯେଉଁମାନେ ୨୦୧୪ ନିର୍ବାଚନରେ ପ୍ରାୟ ୭୦ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହେଇଥିଲେ ସେମାନେ ଏଥର ମାତ୍ର ୧୦ରୁ ୧୫ ହଜାର ଭୋଟରେ ଜିତିଛନ୍ତି। କେନ୍ଦ୍ରରେ ପୁନର୍ବାର ପ୍ରଧାନମନ୍ତ୍ରୀ ମୋଦିଙ୍କ ସରକାର ହେବାକୁ ଯାଉଥିବାରୁ ଓଡ଼ିଶାରେ ମଧ୍ୟ ଭାଜପାର ପ୍ରଭାବ ରହିବ। ଆସନ୍ତା ୨ମାସ ମଧ୍ୟରେ ପୌର ନିର୍ବାଚନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପୌର ନିର୍ବାଚନରେ ଏଥର ଭାଜପାକୁ ସମ୍ମୁଖୀନ ହେବା ବିଜେଡି ପାଇଁ କଷ୍ଟସାଧ୍ୟ ହେବ ବୋଲି ଏବେଠୁ ଆଲୋଚନା ଜୋର୍ ଧରିଛି। ଯାହାକୁ ଶାସକ ଦଳର କେତେକ ନେତା ମଧ୍ୟ ସ୍ୱୀକାର କରିଛନ୍ତି। ଏଭଳି ସ୍ଥିତିରେ ଭୁବନେଶ୍ୱର ସଙ୍ଗଠନ ଦାୟିତ୍ୱ ବିଜେଡି ବର୍ତ୍ତମାନ କାହାକୁ ଦେବ ସେନେଇ ବିଚାର ବିମର୍ଶ ଆରମ୍ଭ କରିଲାଣି। ଏପରି କି ଦଳର ସୁପ୍ରିମୋ ପରାଜିତ ନେତାଙ୍କୁ ଡକାଇ ଦଳର ଖରାପ ପ୍ରଦର୍ଶନ କାରଣ ସମ୍ପର୍କରେ ସମୀକ୍ଷା ଆରମ୍ଭ କରିସାରିଲେଣି। ଅପରପକ୍ଷରେ ଏହି ବିଭାଜିତ ଜନମତରୁ ଆଗାମୀ ଦିନରେ ଭାଜପା କେତେଦୂର ଫାଇଦା ନେଉଛି ତାହା ଦେଖିବାକୁ ବାକି ରହିଲା।

## ସଂକ୍ଷେପରେ

ବିଦ୍ୟାଳୟ ଅର୍ଥ ତୋସରପାତ ମାମଲା

### ପୂର୍ବତନ ପ୍ରଧାନଶିକ୍ଷକ, ଟିସିଙ୍କୁ ଜେଲ ଦଣ୍ଡାଦେଶ

**ଫୁଲବାଣୀ ଅଫିସ,୨୮।୫:** ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭଗବାନ ପ୍ରଧାନ ମଙ୍ଗଳବାର ଏକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ଅର୍ଥ ଆତ୍ମସାତ୍ ମାମଲାର ବିଚାର କରି ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜଳେଶ୍ୱର ମଲ୍ଲିକ ଏବଂ ସର୍ବଶିକ୍ଷା ଅଭିଯାନର ପୂର୍ବତନ ଟେକ୍ନିକାଲ କନ୍ସଲଟାଣ୍ଟ(ଟିସି) କାଳୀପ୍ରସାଦ ପାଣିଗ୍ରାହୀଙ୍କୁ ୩ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଏବଂ ପ୍ରତ୍ୟେକଙ୍କୁ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୯ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ୨୦୦୮ ରେ କୋଟଗଡ ବ୍ଲକ ଜୁବାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଟିସି କାଳୀପ୍ରସାଦଙ୍କ ଦ୍ୱାରା ଆକଳନ ପରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ୪ ଲକ୍ଷ ୮୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ୩ଟି କିସ୍ତିରେ ବିଦ୍ୟାଳୟର ବ୍ୟାଙ୍କ ଆକାଉଣ୍ଟରେ ୪ ଲକ୍ଷ ୬୦ ହଜାର ଟଙ୍କା ଜମା ହୋଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜଳେଶ୍ୱର ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଳୀ ପାଟ୍ଟମାଝୀ ଫେବୃୟାରୀ ୧୯ରୁ ଅକ୍ଟୋବର ୩୦ ମଧ୍ୟରେ ୪ ଲକ୍ଷ ୩୮ ହଜାର ଟଙ୍କା ଉଠାଇ ଅତିରିକ୍ତ ଶ୍ରେଣୀ ଗୃହର ଛାତ ପର୍ଯ୍ୟନ୍ତ କାମ କରିଥିଲେ, ଯାହା ଅତ୍ୟନ୍ତ ନିମ୍ନମାନର ହୋଇଥିଲା। କାମ ବାବଦରେ ଟିସି କାଳୀପ୍ରସାଦ ୪ ଲକ୍ଷ ୮୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ରିପୋର୍ଟ ଦେଇଥିଲେ। ନିମ୍ନମାନର କାମ ହେବା ନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ବ୍ଲକ ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ସମେତ ଏକ ଟେକ୍ନିକାଲ କମିଟି ତଦନ୍ତ କରିଥିଲେ। ସେମାନେ କାମରେ ୩ ଲକ୍ଷ ୩୯ ହଜାର ୫୭ ଟଙ୍କା ଖର୍ଚ୍ଚ ହୋଇଥିବା ସହ ୯୯ ହଜାର ୩ ଟଙ୍କା ବଳକା ଥିବା ଏବଂ ଶ୍ରେଣୀ ଗୃହର କାମ ନିମ୍ନ ମାନର ବୋଲି ରିପୋର୍ଟ ଦେଇଥିଲେ। ଭିଜିଲାନ୍ସ ବିଭାଗ ଏହି ଘଟଣାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜଳେଶ୍ୱର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପାଟ୍ଟମାଝୀ ଏବଂ ଟିସି କାଳୀପ୍ରସାଦଙ୍କୁ ଗିରଫ କରିଥିଲା। ପ୍ରମାଣ ଅଭାବରୁ ବିଚାରପତି ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଳୀ ପାଟ୍ଟମାଝୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

# ମଦ ପିଇବାକୁ ବାରଣ କରିବାରୁ ସ୍ତ୍ରୀକୁ ହତ୍ୟା

**ମହାକାଳପଡ଼ା, ୨୮।୫ (ଡି.ଏନ୍.ଏ.)**



- ହତ୍ୟାକାରୀ ସ୍ୱାମୀ ଅଟକ
- ଶର୍ଟ ଷ୍ଟେ ହୋମ୍‌ରେ ୨ ଝିଅ
- ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

ମଦ ପିଇବାକୁ ବାରଣ କରିବାରୁ ସ୍ତ୍ରୀକୁ ପିଟି ପିଟି ହତ୍ୟା କରିଛନ୍ତି ସ୍ୱାମୀ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଞ୍ଚଳରେ। ଗୋପାଳପୁର ଗ୍ରାମର ବାବୁଲି ସୂତାର(୩୦) ତାଙ୍କ ସ୍ତ୍ରୀ ବାସନ୍ତୀ(୨୮)ଙ୍କୁ ସୋମବାର ରାତିରେ ହତ୍ୟା କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସନ୍ଧ୍ୟାରେ ମାର୍ଶାଘାଇ ବ୍ଲକ ଅଞ୍ଚଳରୁ ପୋଲିସ ବାବୁଲିଙ୍କୁ ଧରି ଥାନାରେ ପଚରାଉଚରା ଜାରି ରଖିଛି। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ବାବୁଲିକୁ ଗିରଫ କରିନାହିଁ।

ପୋଲିସ ସୂଚନା ମୁତାବକ, ବାବୁଲି ସବୁବେଳେ ମଦ ପିଇ ଘରକୁ ଆସୁଥିବାରୁ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଯାହାକୁ ନେଇ ଅଧିକାଂଶ ସମୟରେ ବାସନ୍ତୀଙ୍କୁ ବାବୁଲି ମାଡ଼ପିଟ୍ କରୁଥିଲେ। ସ୍ୱାମୀଙ୍କ ମଦ ଅଭ୍ୟାସ ଛଡ଼ାଇବା ପାଇଁ ବାସନ୍ତୀ ଖାଦ୍ୟରେ ଔଷଧ ଗୁଣ୍ଡ କରି ଦେଉଥିଲେ। ସୋମବାର ରାତିରେ ସ୍ୱାମୀଙ୍କ ଖାଦ୍ୟରେ ବାସନ୍ତୀ ଔଷଧ ମିଶାଇଥିଲେ। ହେଲେ ତାହା ଖଣ୍ଡ ଖଣ୍ଡ ହୋଇ ରହିଯାଇଥିବାରୁ ବାବୁଲି ଏହା ଜାଣିପାରି ସ୍ତ୍ରୀ ବାସନ୍ତୀଙ୍କୁ ନିସ୍ତୁକ ପିଟିଥିଲେ। ଫଳରେ ବାସନ୍ତୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ରାତିସାରା ମୃତଦେହ ଘରେ ପଡ଼ି ରହିଥିଲା। ମଙ୍ଗଳବାର ସକାଳେ ଖବରପାଇ ମହାକାଳପଡ଼ା ଥାନା ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ତଦନ୍ତ ସାରି ଫେରିଛନ୍ତି। ଏ ନେଇ ଥାନାରେ ୫୭/୧୯ ନଂ.ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ବସନ୍ତୀଙ୍କର ଦୁଇ ଝିଅ ବସୁଧା (୮) ଓ ଯମୁନା (୬) ଅଛନ୍ତି। ସେମାନଙ୍କୁ ଶର୍ଟ ଷ୍ଟେ ହୋମ୍‌ରେ ରଖିବାକୁ ବ୍ୟବସ୍ଥା କରାଯାଇଥିବା ପୋଲିସ କହିଛି।

ସୂଚନାଯୋଗ୍ୟ, ମଦ ପିଇ ଘରେ କଳି ଝଗଡ଼ା କରିବା କାରଣରୁ ବାବୁଲିଙ୍କ ପ୍ରଥମ ସ୍ତ୍ରୀ ଘର ଛାଡ଼ି ପଳାଇଥିଲେ। ଏହାପରେ ଢେଙ୍କାନାଳ ସଦର ଥାନା ଗହୀର ଖାଲ ଗ୍ରାମର ବାସନ୍ତୀଙ୍କୁ ସେ ଦ୍ୱିତୀୟ ବିବାହ କରିଥିଲେ। ଏଥିସହ ବାବୁଲି ନିଜ ମା' ଓ ଭାଇଙ୍କୁ ମଧ୍ୟ ବାଡେଇ ଘରୁ ବାହାର କରି ଦେଇଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି।

# ବର୍ଷାଋତୁ: ଜୁନ ୧୫ରୁ ବନ୍ଦ ରହିବ ଶିମିଳିପାଳ

**ବାରିପଦା ଅଫିସ,୨୮।୫**

### ବଢିଛି ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା




ଲୁଲୁଙ୍ଗ ନିକଟରେ ଥିବା ଶିମିଳିପାଳ ଅଭୟାରଣ୍ୟର ମୁଖ୍ୟ ଫାଟକ।

ପ୍ରତିବର୍ଷ ଭଳି ଏଥର ବର୍ଷା ଋତୁକୁ ଦୃଷ୍ଟିରେ ରଖି ଆସନ୍ତା ୧୫ରୁ ନଭେମ୍ବର ପହିଲା ପର୍ଯ୍ୟନ୍ତ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି ଏହି ସୂଚନା ଦେଇଛନ୍ତି।

ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ମୁତାବକ ଶିମିଳିପାଳକୁ ପୂର୍ବ ବର୍ଷ ତୁଳନାରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଛି। ୨୦୧୭ ନଭେମ୍ବର ପହିଲାରୁ ୨୦୧୮ ଜୁନ ୧୫ ପର୍ଯ୍ୟନ୍ତ ୩୩ ହଜାର ୪୦୧ ଜଣ ପର୍ଯ୍ୟଟକ ଶିମିଳିପାଳ ଆସିଛନ୍ତି। ସେମାନଙ୍କ ମଧ୍ୟରେ ୧୧ ବିଦେଶୀ ପର୍ଯ୍ୟଟକ ରହିଛନ୍ତି। ସେହିପରି ୨୦୧୮ ନଭେମ୍ବର ପହିଲାରୁ ୨୦୧୯ ଏପ୍ରିଲ ୧୯ ତାରିଖ ମଧ୍ୟରେ ୨୮ ହଜାର ୮୮୨ ଜଣ ପର୍ଯ୍ୟଟକ ଏଠାକୁ ଆସିଛନ୍ତି। ସେମାନଙ୍କ ମଧ୍ୟରେ ୩୦ ବିଦେଶୀ ପର୍ଯ୍ୟଟକ ରହିଛନ୍ତି।

ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟ ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀ, ସରିସୃପ, ବିରଳ ପକ୍ଷୀ ଓ ଜୈବ ବିବିଧତା ପାଇଁ ସାରା ବିଶ୍ୱରେ ବିଖ୍ୟାତ। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ପ୍ରକୃତିର ମନଲୋଭା ଦୃଶ୍ୟ ସାଙ୍ଗକୁ ଅତି ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବାର ସୁଯୋଗ ପାଇଥାନ୍ତି। ଏଥିପାଇଁ ଏହି ଅଭୟାରଣ୍ୟର ସ୍ୱତନ୍ତ୍ର ଆକର୍ଷଣ ରହିଛି। ଶିମିଳିପାଳକୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବା ଖୁସିର କଥା ବୋଲି କହିଛନ୍ତି ଉପକ୍ଷେତ୍ର ନିର୍ଦ୍ଦେଶକ ପତି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କାରିବା ଲାଗି ଶିମିଳିପାଳ ଅଭୟାରଣ୍ୟର ଜାମୁଆଣି, କୁମାରୀ, ଗୁଡୁଗୁଡିଆ ଓ ରାମତୀର୍ଥ ଠାରେ ଟେଣ୍ଟ, ସାନ୍ତାଳି କଟେଜ, ଆଦିବାସୀ କୁଡିଆ, ବାଉଁଶ କୁଡିଆ ଏବଂ ମଞ୍ଚା ନିର୍ମାଣ କରାଯାଇଛି। ଏଥିରେ ରହିବାକୁ ହେଲେ ଅଗ୍ରୀମ ଅନଲାଇନ ବୁକିଂ କରିବାକୁ ପଡିଥାଏ। ଦିନକୁ ୩ ରୁ ୪ ହଜାର ଟଙ୍କା ପର୍ଯ୍ୟନ୍ତ ଭଡା ପଡିଥାଏ। ଏଠାରେ ଥିବା କୁଡିଆଗୁଡିକରେ ଏସି ବ୍ୟବସ୍ଥା ମଧ୍ୟ ରହିଛି। ରାମତୀର୍ଥରେ ବିଜୁଳି ବ୍ୟବସ୍ଥା ଥିବା ବେଳେ ଅନ୍ୟ ସ୍ଥାନରେ ସୋଲାରସିଷ୍ଟମ ସାହାଯ୍ୟରେ କୁଡିଆଗୁଡିକୁ ବିଦ୍ୟୁତୀକରଣ କରାଯାଇଛି। ଅଭୟାରଣ୍ୟର କୁମାରୀ ଓ ମୁକ୍ତାପୁରଠାରେ ପର୍ଯ୍ୟଟକଙ୍କ ପାଇଁ ରେଷ୍ଟୁରାଣ୍ଟ ବ୍ୟବସ୍ଥା ରହିଛି।

# ରାଜ୍ୟ ସଂଗ୍ରହାଳୟରେ ପ୍ରଦର୍ଶିତ ହେଲା କଳ୍ପନାଙ୍କ ସ୍ମୃତି

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

### ୨୦୧୭ରେ ସଂସ୍କୃତି ବିଭାଗକୁ ଏଭରେଷ୍ଟ ଆରୋହଣର ପୋଷାକ, ଜୋତା ଓ ଅନ୍ୟ ସାମଗ୍ରୀ ପ୍ରଦାନ କରିଥିଲେ କଳ୍ପନା



ରାଜ୍ୟ ସଂଗ୍ରହାଳୟରେ ସ୍ଥାନ ପାଇଛି ପର୍ବତାରୋହୀ ତଥା ଏଭରେଷ୍ଟ ବିଜୟିନୀ ସ୍ୱର୍ଗତା କଳ୍ପନା ଦାସଙ୍କ ସ୍ମୃତି। ୨୦୦୮ରେ କଳ୍ପନା ଏଭରେଷ୍ଟ ଚଢିଥିବାବେଳେ ଯେଉଁ ପୋଷାକ ଓ ଉପକରଣ ବ୍ୟବହାର କରିଥିଲେ ତାହାକୁ ରାଜ୍ୟର ଏହି ଶ୍ରେଷ୍ଠ ସଂଗ୍ରହାଳୟରେ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶିତ କରାଯାଇଛି। ରାଜ୍ୟର ପ୍ରଥମ ମହିଳାଭାବେ ସେ ଯେଉଁ ସଫଳତା ହାସଲ କରିଥିଲେ ତାଙ୍କର ଅକାଳ ମୃତ୍ୟୁ ପରେ ଏସବୁ ଏବେ ସ୍ମୃତି ହୋଇଯାଇଛି। କଳ୍ପନାଙ୍କ ଅଦମ୍ୟ ସାହସ ଓ ଦୃଢ ମନୋବଳର ସବୁଠୁ ବଡ଼ ସନ୍ତକ ଭାବେ ଏସବୁ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ସଂଗ୍ରହାଳୟର ଅଧୀକ୍ଷକ ଡ. ଜୟନ୍ତୀ ରଥ କହିଛନ୍ତି।

ରାଜ୍ୟ ସଂଗ୍ରହାଳୟରେ ମଙ୍ଗଳବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କଳ୍ପନାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯିବା ସହ ତାଙ୍କ ବ୍ୟବହୃତ ସାମଗ୍ରୀ ଜନସାଧାରଣଙ୍କ ପାଇଁ ପ୍ରଦର୍ଶିତ ହୋଇଥିଲା। ୨୦୧୭ରେ କଳ୍ପନା ତାଙ୍କ ସଫଳତାର ସନ୍ତକ ଭାବେ ଏଭରେଷ୍ଟ ଆରୋହଣ ସମୟରେ ପିନ୍ଧିଥିବା ପୋଷାକ, ଜୋତା ଓ ଅନ୍ୟାନ୍ୟ ସାମଗ୍ରୀକୁ ସଂସ୍କୃତି ବିଭାଗକୁ ପ୍ରଦାନ କରିଥିଲେ। ଏହି ସାମଗ୍ରୀ ସଂଗୃହୀତ ହୋଇ ପରବର୍ତ୍ତୀ ସମୟରେ ରାଜ୍ୟ ସଂଗ୍ରହାଳୟରେ ରଖାଯାଇଥିଲା। ବର୍ତ୍ତମାନ ଅସ୍ଥାୟୀଭାବେ ପ୍ରଦର୍ଶିତ ହୋଇଥିବାବେଳେ ଆଗାମୀ ଦିନରେ ଏହି ପୋଷାକକୁ ସ୍ଥାୟୀ ଭାବେ ପ୍ରଦର୍ଶିତ କରାଯିବ ବୋଲି ସଂଗ୍ରହାଳୟ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଜଣେ ମହିଳା ହୋଇ ମଧ୍ୟ ବିଶ୍ୱର ଉଚ୍ଚତମ ଶୃଙ୍ଗ ଏଭରେଷ୍ଟ ଶିଖରକୁ ଚଢ଼ି ବିଶ୍ୱର ଜଣେ ଚର୍ଚ୍ଚିତ ଚେହେରା ପାଲଟିଥିଲେ ଢେଙ୍କାନାଳର କଳ୍ପନା ଦାଶ। ରାଜ୍ୟର କ୍ରୀଡାବିତ୍ ଓ ଯୁବପିଢ଼ି ପାଇଁ ରୋଲ୍ ମଡେଲ କଳ୍ପନା ଦ୍ୱିତୀୟଥର ପାଇଁ ଏଭରେଷ୍ଟ ଶୃଙ୍ଗ ଆରୋହଣ କରି ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ ଗତ ଗୁରୁବାର କଳ୍ପନାଙ୍କର ମୃତ୍ୟୁ ଘଟିଥିଲା। ୪୯ବର୍ଷୀୟା କଳ୍ପନା 'ତିନି ମହିଳା ଅଭିଯାତ୍ରୀ' ଦଳର ସଦସ୍ୟ ଭାବରେ ଏହି ଦୁଃସାହସିକ ଅଭିଯାନ କରୁଥିଲେ। ହେଲେ ଅମ୍ଳଜାନ ଅଭାବରୁ ଏଭରେଷ୍ଟର ବାଲ୍‌କୋନୀ ଏରିଆରେ କଳ୍ପନା ଦାଶଙ୍କ ଦେହାନ୍ତ ହୋଇଥିବା ସୂଚନା ମିଳିଛି। ହିମାଳୟ ଶିଖରରେ ପହଞ୍ଚି ପାଦଦେଶକୁ ଓହ୍ଲାଇବାବେଳେ ଏହି ଦୁର୍ଘଟଣା ଘଟିଥିଲା।

**OFFICE OF THE PRINCIPAL, GOVT. COLLEGE, SUNDARGARH**

No.1610 Date: 27.05.19

**ADMISSION NOTICE (2019-20)**

Principal, Govt. College, Sundargarh declares for admission into self-financing NCTE approved B.Ed course (two years) and P.G Courses for the current academic session 2019-20.

Interested deserving graduates are advised to go through the college website www.govtcollegesundargarh.org to download the Application form, Admission Brochure, Fee structure etc. The application form of B.Ed course will be available from **01.06.2019** and last date of submission of application form for B.Ed course in the college counter is **25.06.2019 (5:00 P.M).**

Sd./- Principal
Govt. College, Sundargarh

**ରେଲୱେ ବିଦ୍ୟୁତୀକରଣ**
ଭୁବନେଶ୍ୱର
**ବୈଦ୍ୟୁତିକ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. LJRE-SBP-EL-OT-19-20-G-01, ତା: 18.05.2019

**କାର୍ଯ୍ୟର ନାମ :** Gr.346 ର ରେଲୱେ ବିଦ୍ୟୁତୀକରଣ କାର୍ଯ୍ୟ ସମ୍ବନ୍ଧୀୟ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର ଲାଞ୍ଜିଗଡ଼-କୁନାଗଡ଼ ରୋଡ଼ ସେକ୍ସନ ମଧ୍ୟରେ ଷ୍ଟାଫ କ୍ୱାର୍ଟର, OHE-ସହ-PSI ଡିପୋ ଏବଂ T/W ସେଡ଼୍ ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ୱାୟରିଂ ଏବଂ ବାହ୍ୟ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା, ଭବାନୀପାଟଣା ଠାରେ 11/0.4KV ଡିଷ୍ଟ୍ରିବ୍ୟୁସନ ସବ୍‌ଷ୍ଟେସନର ରୂପାନ୍ତରଣ, ଅଗ୍‌ଜିଲିଆରୀ ଟ୍ରାନ୍ସଫର୍ମର (AT) ଠାରୁ କଲର ଲାଇଟ୍ ସିଗ୍ନାଲ୍(CLS) ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଏବଂ ଟ୍ରାକ୍ସନ ସବ୍‌ଷ୍ଟେସନ(TSS)ର ଆଭ୍ୟନ୍ତରୀଣ ୱାୟରିଙ୍ଗ୍ ଏବଂ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 83,91,613/-, EMD (ଟଙ୍କାରେ) : ₹ 1,67,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.20.06.2019 ରିଖ 1130 ଘଟିକାରେ, ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ: ତା.20.06.2019 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 7 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/
PR-110/K/19-20 ରେଲୱେ ବିଦ୍ୟୁତୀକରଣ/ସମ୍ବଲପୁର

**ଆନ୍ଧ୍ର ବ୍ୟାଙ୍କ** (ଭାରତ ସରକାରଙ୍କ ଏକ ଉପକ୍ରମ)

ଆଞ୍ଚଳିକ କାର୍ଯ୍ୟାଳୟ: ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ, ଭୁବନେଶ୍ୱର-୩, ଫୋନ୍: ୦୬୭୪-୨୫୩୭୯୦୩/୨୩୫୪୮୦୮

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୬)ର ବ୍ୟବସ୍ଥା ଅନୁସାରେ ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ସମୂହଭାବେ ଓ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ବିଶେଷ ଭାବେ ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଛି କି ଆନ୍ଧ୍ର ବ୍ୟାଙ୍କରେ ନିମ୍ନ ଦର୍ଶିତ ସ୍ଥାବର ସମ୍ପତ୍ତି ବନ୍ଧକ ରହିଛି ଯାହାକୁ କି ଆନ୍ଧ୍ର ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ, ଗଠନାତ୍ମକ/ଭୌତିକ ଦଖଲ ନେଇଛନ୍ତି। ଉକ୍ତ ସମ୍ପତ୍ତି **ତା.୨୯.୦୬.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା ମଧ୍ୟରେ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରି କରାଯିବ। ନିମ୍ନରେ ସମ୍ପତ୍ତିର ବିବରଣୀ, ବକେୟା ପରିମାଣ, ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା, ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ପ୍ରଦାନ କରାଗଲା।

| ଲୁଇସ୍ ରୋଡ୍ ଶାଖା ଏବଂ ଫୋନ୍: ୦୬୭୪-୨୫୩୭୯୧୪/ ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ / ବନ୍ଧକଦାତା / ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା ଏବଂ ବକେୟା ଦେୟ | ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଦାଖଲର ଅନ୍ତିମ ତାରିଖ ଏବଂ ସମୟ / ଯାହାଙ୍କ ସପକ୍ଷରେ ଅମାନତ ରାଶି ପୈଠ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ବିଶ୍ୱନାଥ ପ୍ରଧାନ, ପିତା: ସ୍ୱ ନୀଳମଣି ପ୍ରଧାନ, ସା/ପୋ.: ବେରବୋଇ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ, ଓଡିଶା-୭୫୨୦୧୬ / କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀ ସୂର୍ଯ୍ୟ ନାରାୟଣ ପ୍ରଧାନ, ପ୍ଲଟ୍ ନଂ.: ୧୧୯୧, ନୟାପଲ୍ଲୀ, ନୀଳକଣ୍ଠ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୧୦୧୨ / ବକେୟା ଦେୟ: ତା.୨୮.୦୫.୨୦୧୯ରିଖ ସୁଦ୍ଧା ଟ.୨୦,୫୯,୪୯୨/- + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ | ଶ୍ରୀ ବିଶ୍ୱନାଥ ପ୍ରଧାନଙ୍କ ନାମରେ ଥିବା ସହରାଞ୍ଚଳ ଖାଲି ଜମିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୦୬୨ ଡିସିମିଲି, ପ୍ଲଟ୍ ନଂ.: ୨୮୯/୨୯୯୪, ସାବିକ ପ୍ଲଟ୍ ନଂ.: ୨୮୯, ଖାତା ନଂ.: ୭୩୧/୧୧୨୦, ସାବିକ ଖାତା ନଂ.: ୧୮୬, କିସମ: ଘରବାରୀ, ମୌଜା: ଲିଙ୍ଗିପୁର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୮୭, ପଶ୍ଚିମ: ପ୍ଲଟ୍ ନଂ.: ୨୮୯(ଅଂଶ), ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୨୮୪, ଉତ୍ତର: ରାସ୍ତା | ଟ.୩୭,୮୮,୦୦୦/- /ଟ.୩,୭୮,୮୦୦/- /ଟ.୩୭,୮୮୦/- | ୨୮.୦୬.୨୦୧୯ ଅପରାହ୍ନ ୪.୦୦ ଘଟିକା ପୂର୍ବରୁ/ ଯାହାଙ୍କ ସପକ୍ଷରେ ଅମାନତ ରାଶି ପୈଠ: କ୍ଷମତାପ୍ରାପ୍ତ ଅଧିକାରୀ, ଲୁଇସ୍ ରୋଡ୍ ଶାଖା, ଆକାଉଣ୍ଟ ନଂ.: ୦୮୩୮୧୧୦୦୦୦୨୩୬୦, IFSC Code: ANDB0000838 |

ସମ୍ପତ୍ତିକୁ ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୨୧.୦୬.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା

ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ www.andhrabank.co.in, www.tenders.gov.in ଏବଂ ଇ-ନିଲାମ ସେବା ପ୍ରଦାନକାରୀଙ୍କ ୱେବ୍‌ସାଇଟ୍ https://www.tenderwizard.com/ANBରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୯.୦୫.୨୦୧୯
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ ଏବଂ ମୁଖ୍ୟ ପ୍ରବନ୍ଧକ, ଆନ୍ଧ୍ର ବ୍ୟାଙ୍କ

> ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଉର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ- ତେବେ ମୁଁ ନିଶ୍ଚୟ ଉର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। -ଶ୍ରୀଅରବିନ୍ଦ



# ଭିତରକୁ ଦେଖ

ସାଧାରଣ ନିର୍ବାଚନରେ କଂଗ୍ରେସ ଶୋଚନୀୟ ପରାଜୟ ବରଣକରିବା ପରେ ଏବେ ଏହାର ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପଦ ଛାଡ଼ିବାକୁ ଅଡ଼ି ବସିଛନ୍ତି। ୨୫ ମେ'ରେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ସେ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଥିଲେ ମଧ୍ୟ ତାହାକୁ ଗ୍ରହଣ କରାଯାଇ ନାହିଁ। ବରଂ ସେ ଏହି ବୈଠକରେ କଂଗ୍ରେସର ବରିଷ୍ଠ ନେତାମାନଙ୍କୁ ପରାଜୟ ପାଇଁ ଦାୟୀ କରିଛନ୍ତି। 'ପୁତ୍ର ଉଦୟ' ମୋହରେ ପଡ଼ି କେତେକ ନେତା ପାର୍ଟିର ସ୍ୱାର୍ଥକୁ ନ୍ୟୂନ କରି ଦେଇଥିବା ସେ ଅଭିଯୋଗ କରିଛନ୍ତି। ଅବଶ୍ୟ ପରିବାରବାଦ ରାଜନୀତିର ରାହୁଲ ନିଜେ ଜଣେ ପ୍ରଥମ ହିତାଧିକାରୀ ଭାବେ ଜଣାଶୁଣା। ଅନ୍ୟପଟେ ଯେଉଁମାନଙ୍କୁ ରାହୁଲ ଦୋଷ ଦେବାକୁ ଉଚିତ ମନେକରିଛନ୍ତି, ସେମାନେ ସମସ୍ତେ ବ୍ୟକ୍ତିଗତ ଭାବେ ତାଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି। ଅବଶ୍ୟ ଶୁଣିବାକୁ ମିଳୁଛି ଯେ ତାଙ୍କ ମାତା ସୋନିଆ ଗାନ୍ଧୀ ଓ ଅନ୍ୟ କେତେ ଜଣ ବୟସ୍କ ନେତାଙ୍କ ଚାପରେ ଏହି ମୁଖ୍ୟମନ୍ତ୍ରୀମାନେ ପଦବୀ ପାଇଥିଲେ।

ଆଜିର ଭୋଟ ଢାଞ୍ଚାକୁ ଦେଖିଲେ ଗାନ୍ଧୀ-ନେହେରୁ ପରିବାର ନାମରେ କଂଗ୍ରେସ ଭୋଟ ରହିଆସିଛି ବୋଲି ଦୀର୍ଘଦିନରୁ ଯେଉଁ ଧାରଣା ଗଡ଼ି ଆସିଥିଲା ତାହା ଲୋପପାଇବାକୁ ବସିଲାଣି। ରାହୁଲ ଓ ତାଙ୍କ ନେତାମାନେ ଏହା ବୁଝିବାରେ ଅକ୍ଷମ ହେବାରୁ ଏଭଳି ଦଳୀୟ ବିପର୍ଯ୍ୟୟ ଦେଖାଗଲା ବୋଲି ବିଶ୍ଳେଷକମାନେ ମତ ଦେଲେଣି। ବରିଷ୍ଠ ନେତା ପି. ଚିଦାମ୍ବରମ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ ସେମାନଙ୍କ ପୁଅମାନଙ୍କ ରାଜନୈତିକ କ୍ୟାରିୟର ପାଇଁ ବ୍ୟସ୍ତ ରହିବାରୁ ପାର୍ଟି ଖରାପ ପ୍ରଦର୍ଶନ କଲା ବୋଲି ଯେଉଁ ଦୋଷ ଦିଆଯାଉଛି, ତା' ଛଡ଼ା ଅନେକ କାରଣ ଏଥିପାଇଁ ଦାୟୀ। ୬ ମାସ ତଳେ ଯେତେବେଳେ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ନିର୍ବାଚନରେ କଂଗ୍ରେସ ବିପୁଳ ବିଜୟ ହାସଲ କଲା, ସେତେବେଳେ ମୁଖ୍ୟମନ୍ତ୍ରୀ ଭାବେ ନୂଆ ଚେହେରା ବିଶେଷକରି ଯୁବ ନେତୃତ୍ୱକୁ ଗୁରୁତ୍ୱ ଦିଆଯିବା ନେଇ ଆଲୋଚନା ହୋଇଥିଲା। ରାଜସ୍ଥାନରେ ସଚିନ ପାଇଲଟ ଓ ମଧ୍ୟପ୍ରଦେଶରେ ଜ୍ୟୋତିରାଦିତ୍ୟ ସିନ୍ଧିଆ ମୁଖ୍ୟମନ୍ତ୍ରୀ ପଦ ଲାଗି ଦାବିଦାର ଥିବା ବେଳେ ଦଳ ଯଥାକ୍ରମେ ଅଶୋକ ଗେହଲଟ ଓ କମଲନାଥଙ୍କ ଉପରେ ବିଶ୍ୱାସ ରଖିଥିଲା। ଦଳର ଏଭଳି ନିଷ୍ପତ୍ତିରେ ପାର୍ଟି କର୍ମୀ ବିମୁଖ ହେବା ସହ ବିଭିନ୍ନ ସ୍ଥାନରେ ବିକ୍ଷୋଭ ମଧ୍ୟ ପ୍ରଦର୍ଶନ କରିଥିଲେ।

ନିର୍ବାଚନରେ ବିଫଳତା ଲାଗି ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଓଡ଼ିଶା, ଝାଡ଼ଖଣ୍ଡ, ଆସାମ, ପଞ୍ଜାବ ଏବଂ କର୍ନାଟକ କଂଗ୍ରେସ ମୁଖ୍ୟମାନେ ଇସ୍ତଫା ଦେଇଦେଲେଣି। ତେବେ ପାର୍ଟିର ଅଧ୍ୟକ୍ଷ ଭାବେ ରାହୁଲଙ୍କ ଇସ୍ତଫା ଓ ତାଙ୍କ ସ୍ଥାନରେ ଅନ୍ୟ କାହାରିକୁ ବସାଇବା ଲାଗି ସେ ଯେଭଳି ନିଷ୍ପତ୍ତି ନେଇଛନ୍ତି, ତାହା କଂଗ୍ରେସକୁ ପୁନର୍ଜନ୍ମ ଦେଇପାରେ। ଶେଷ ହୋଇଥିବା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା)ର ସାଙ୍ଗଠନିକ ନେତୃତ୍ୱ ତାହାକୁ ବିଜୟ ମୁକୁଟ ପିନ୍ଧାଇଛି। ଏଥିସହିତ ଦେଶର ବୃହତ୍ ରାଜ୍ୟ ଉତ୍ତରପ୍ରଦେଶରେ ଜାତି, ସଂଖ୍ୟାଲଘୁ ତୁଷ୍ଟୀକରଣ ନେଇ ଯେଉଁ ରାଜନୀତି ଖେଳାଯାଇ ଆସୁଥିଲା ସମାଜବାଦୀ ପାର୍ଟି (ଏସ୍‌ପି) ଓ ବହୁଜନ ସମାଜପାର୍ଟି (ବିଏସ୍‌ପି)ର ଯୋଜନାକୁ ପଣ୍ଡ କରି ଭାଜପା ଭୋଟ ଧ୍ରୁବୀକରଣ କରିବାରେ ସଫଳ ହେଲା। ଏଠାରେ କେବଳ ସାଙ୍ଗଠନିକ କାର୍ଯ୍ୟ ମାଧ୍ୟମରେ ହାର୍‌ଜିତ୍ ହୋଇଛି ବୋଲି କହିହେବ ନାହିଁ। ମୋଦିଙ୍କ ସ୍ୱଷ୍ଟ ମତ ଏବଂ ଶକ୍ତିଶାଳୀ ଜାତୀୟତାବାଦ ସହିତ ଆହୁରି ଅନେକ କାରଣ ଯୋଗୁ ଭାଜପାକୁ ବିପୁଳ ସଫଳତା ଦେଖିବାକୁ ମିଳିଛି। ମନେହେଲା ଯେପରି ଭାଜପାକୁ ବିରୋଧ କରୁଥିବା ଦଳଗୁଡ଼ିକ କେବଳ ମୋଦିଙ୍କୁ ଆକ୍ରମଣ କରିବାରେ ସୀମିତ ରହିଗଲେ। 'ନ୍ୟାୟ' ଭଳି ଅଯଥା ଯୋଜନା ସମ୍ପର୍କରେ ଆଲୋଚନା କରିବା ବ୍ୟତୀତ କଂଗ୍ରେସ ମଧ୍ୟ ସଫଳତାର ସହିତ ବେକାର ଓ ଚାଷ ସମସ୍ୟା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଭଲ ଭାବେ ଉପସ୍ଥାପନ କରିପାରିଲା ନାହିଁ। ସମ୍ଭବତଃ ଭାରତର ସାଧାରଣ ଭୋଟର ଏବେ ଦୁଇଥର ସରକାର ଗଢ଼ିବାର ସୁଯୋଗ ଦେବାକୁ ଚାହିଁଛନ୍ତି। ତେବେ ୨୦୨୪ ମସିହାରେ ମୋଦିଙ୍କ ଭାବମୂର୍ତ୍ତିକୁ ପ୍ରତିହତ କଲା ଭଳି କାର୍ଯ୍ୟ କଂଗ୍ରେସ ଓ ଅନ୍ୟ ଦଳଗୁଡ଼ିକୁ ଏବେଠାରୁ ନେବାକୁ ପଡ଼ିବ।

ଭାଜପା ଭିତରେ ମୋଦି ଜଣେ ଏକଚ୍ଛତ୍ରବାଦୀ ନେତା ହୋଇପାରିଛନ୍ତି। କିନ୍ତୁ ସେହି ଦଳରେ ଅନେକ ନିୟମକାନୁନ ମାଧ୍ୟମରେ ଦଳୀୟ କର୍ମୀମାନଙ୍କୁ ସନ୍ତୁଷ୍ଟ ରଖାଯାଇପାରୁଛି। ଯଥା ୭୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପୁନଶ୍ଚ ଟିକେଟ ଦିଆଯାଇ ନାହିଁ। ଦଳର କର୍ମକର୍ତ୍ତାମାନଙ୍କୁ ବିଭିନ୍ନ ସ୍ଥାନରେ ଗୁରୁତ୍ୱ ଦିଆଯାଇଥାଏ। ହିନ୍ଦୁତ୍ୱ ଆଦର୍ଶ ସେମାନଙ୍କ ରାଜନୈତିକ ଖେଳକୁ ଏକତ୍ରିତ କରି ରଖିଛି। ଅନ୍ୟପଟେ କଂଗ୍ରେସର କୌଣସି ଚିନ୍ତାଧାରାରେ ବାନ୍ଧି ହୋଇ ରହିବାର ଲକ୍ଷଣ ଦେଖାଯାଉ ନାହିଁ। କେବଳ ଗାନ୍ଧୀ ପରିବାର ପାଇଁ ଆନୁଗତ୍ୟ ସେହି ଦଳରେ ନେତା ସୃଷ୍ଟି କରିଥାଏ। କଂଗ୍ରେସ ଭଳି ଅନ୍ୟ ସବୁ ଅଣ-ଭାଜପା ଦଳଗୁଡ଼ିକ ମଧ୍ୟ ନିଜର ଅସ୍ତିତ୍ୱ ହରାଇବାକୁ ବସିଲେଣି। ଆଞ୍ଚଳିକ ଦଳଗୁଡ଼ିକରେ କଂଗ୍ରେସ ଭଳି ଆଭିମୁଖ୍ୟ ଥିବାରୁ ତାମିଲନାଡୁର ଡିଏମ୍‌କେ ବ୍ୟତୀତ ଅନ୍ୟ ସମସ୍ତଙ୍କ କ୍ଷତି ଘଟିଛି। ଏଭଳି ପ୍ରଚ୍ଛଦପଟରେ ଏବେ ସବୁ ରାଜନୈତିକ ଦଳକୁ ଆଭ୍ୟନ୍ତରୀଣ ପରିବେଶ ପ୍ରତି ସଜାଗ ରହିବା ଆବଶ୍ୟକ ହୋଇପଡ଼ିଲାଣି।

# ମରିଯାଉଛି ମଣିଷପଣ



ସୁଧୀର କୁମାର ନାୟକ

ସକାଳୁ ସକାଳୁ ମହାପାତ୍ର ବାବୁଙ୍କ ମୁଣ୍ଡଟା ବିଗିଡ଼ିଯାଇଛି। ନିଜ ଝିଅପୁଅଙ୍କ ଚାଲିଚଳନ ଦିନକୁଦିନ ବେଢଙ୍ଗିଆ ହୋଇଯାଉଛି। ପିଲାମାନଙ୍କର ବେଶଭୂଷା, ଆଚାର ବ୍ୟବହାରରେ ଅଶିଷ୍ଟତା ତାଙ୍କ ହୃଦୟକୁ କଷ୍ଟ ଦେଉଛି। ନା କିଛି ଟାଣ କରି କହିହେଉଛି ନା ଚୁପ ରହିହେଉଛି। ପୁଅ ୨ ହଜାର ଟଙ୍କାର ପ୍ୟାଣ୍ଟିଏ କିଣିଛି, ଯାହାକୁ ଦେଖିବାକୁ ଘୃଣା ଲାଗୁଛି। ପ୍ୟାଣ୍ଟର ଆଗପଛ ଚିରାଫଟା କଙ୍କଡ଼ାଗାତ ପରି ତାଳି ପକା ହୋଇଛି। ଫଟା ସ୍ଥାନରେ ସୂତାଗୁଡ଼ିକ ବରଓହଳ ପରି ଝୁଲୁଛି। ଏ କି ପ୍ରକାର ପୋଷାକ। ଏହାର ପୁଣି କି ସୌନ୍ଦର୍ଯ୍ୟ ପିଲାମାନଙ୍କୁ କିପରି ଆକୃଷ୍ଟ କରୁଛି? ସତେ ଯେମିତି ପ୍ୟାଣ୍ଟିକୁ ଚକଡ଼ା ରୋଗ ଧରିଛି। କି କଥା! ସମାଜରେ ଲୋକେ କ'ଣ କହିବେ? ମହାପାତ୍ର ଘର ପୁଅଟା ବାତରା ହୋଇଗଲାଣି। ସାଧାରଣତଃ ଘରେ ଶ୍ରାଦ୍ଧପିଣ୍ଡ କାମରେ ପିଲାମାନେ ସ୍ଥିର ହୋଇ ୫-୧୦ମିନିଟ୍ ପିଣ୍ଡଦାନ ପାଖରେ ବସିପାରୁ ନାହାନ୍ତି। ହାତରେ ମୋବାଇଲ୍‌ଟିକୁ ଧରି ଅଙ୍ଗୁଳି ଘଷିବାରେ ବ୍ୟସ୍ତ। ଯାହା ପାଠଶାଠ ଥାଉ, ଚାକିରି କର କି ଅନ୍ୟ କିଛି, ଆପାତତଃ ବେଶଭୂଷା ଟିକେ ମାର୍ଜିତ ହେଉ। ଏତେ ଅପସଂସ୍କାରକୁ ଚାଲିଯିବାଟା ଭବିଷ୍ୟତ ପାଇଁ ଆଦୌ ଭଲ ନୁହଁ। ଚା କପ୍ ଧରି ଶ୍ରୀମତୀ ପହଞ୍ଚିଗଲେ। ପୁଅ କଥା କ'ଣ କହୁଛ, ଝିଅ କାଲି ଗୋଟାଏ ଡ୍ରେସ୍ କିଣିଛି। ଦେଖିଲେ ତୁମର ରକ୍ତଚାପ ବଢ଼ିଯିବ। ଉପରପାଖ ଜାମାଟା ମାଛଧରା ଜାଲ ପରି ହୋଇଛି। ତଳପଟ ଡ୍ରେସ୍‌ଟା ମୁଁ କହିପାରିବି ନାହିଁ। ହାତର ରୁମାଲଟା ବରଂ ତା' ଡ୍ରେସ୍‌ଠାରୁ ଓଜନ ଲାଗିବ। ପିଣ୍ଡାରେ ବସି ଜେଜେ ସବୁ କଥାକୁ କାନ ଦେଇଥିଲେ। ସମ୍ଭାଳି ନ ପାରି ତୁଣ୍ଡ ଖୋଲି ଦୁଇପଦ କହିଲେ, ଆମ ଅମଳରେ କମ୍ ପାଠ, କମ୍ ଧନ ଥିଲେ ବି ଲଜ୍ଜା, ସରମ, ମୁରବି ଜ୍ଞାନ ଟିକକ ଥିଲା। ସମୟ ବଦଳି ଯାଉଛି। ପିଲାଙ୍କୁ ଦୁଇପଦ କହିଲେ ସେମାନେ ଚାରିପଦ ମୁହଁରେ ଜବାବ ଦେଉଛନ୍ତି। ମନ୍ଦକୁ ଆଦରି ଭଲ ପାଖରୁ ଆଡ଼େଇ ଯାଉଛନ୍ତି।

ମୁରବି ଶ୍ରେଣୀୟ ମିଶ୍ର ମଉସା ଆସି ପହଞ୍ଚିଲେ। ଜେଜେ, ଆପଣ ଜାଣନ୍ତି, ଗତ କିଛି ଦିନ ଧରି ଟିଭି, ମୋବାଇଲ, ଖବରକାଗଜଗୁଡ଼ିକରେ କେତୋଟି ଫଟୋକୁ ନେଇ ବେଶ୍ ଚର୍ଚ୍ଚା ହେଉଥିଲା। ଭାଲେଣ୍ଟାଇନ ଡେ ଅବସରରେ ମାଲାୟାଲମ ଫିଲ୍ମ ଅଭିନେତ୍ରୀ ପ୍ରିୟାଙ୍କ ଅଭିନୀତ ଏକ ଚଳଚ୍ଚିତ୍ରରେ ଏମିତି ଆଖିପତା ଦୋହଲାଇ ଡୋଳା ବୁଲାଇ ବୁଲାଇ ବାମ ଆଖିଟାକୁ ବୁଜିଦେବାର ଦୃଶ୍ୟଟା ଆମ ପିଲାମାନଙ୍କ ମନକୁ ପୂରା ପାଇଯାଇଛି। ସ୍କୁଲ, କଲେଜ, ଛକ, ବଜାର, ପାର୍କ ସବୁଠି ସେଇ ଗୋଟେ ଆଖିବୁଜା କଥା। ଏପରି ଦୃଶ୍ୟ ଏକ ମାମଲା ହୋଇ ସୁପ୍ରିମ୍‌କୋର୍ଟକୁ ବିଚାର ପାଇଁ ମଧ୍ୟ ଯାଇଥିଲା। ହେଲେ ସେହି ସମୟରେ ଜଣେ ଯୁବ ମିଲିଟାରୀ କମାଣ୍ଡାଣ୍ଟ ଦେଶ ପାଇଁ ଶହୀଦ ହୋଇଥିଲେ। ତାଙ୍କ ବିଷୟରେ ସେଭଳି କେଉଁଠି ବିଶେଷ ଆଲୋଚନା ହେଉ ନ ଥାଏ। ଜେଜେ କହିଲେ, ଆଖିମରା ହିରୋଇନ୍‌ଙ୍କ ନାମଟା ମନେ ରହିଯିବ। ଶହୀଦମାନଙ୍କ ନାମ କେତେଜଣ ମନେ ରଖିବେ? ସ୍ୱାଧୀନତା, ଗଣତନ୍ତ୍ର ଦିବସ ଉପରେ ସ୍କୁଲ କଲେଜପଢୁଆ ପିଲାମାନଙ୍କୁ ଦୁଇପଦ କହିବାକୁ କହିଲେ ମୁହଁ ମୋଡ଼ିବେ। ଗାନ୍ଧୀ, ଗୋପବନ୍ଧୁ, ନେତାଜୀଙ୍କ ଜନ୍ମ ତାରିଖ ଜାଣି ନ ଥିବେ। ନିଜ ବାପାଙ୍କର ବାପା ନାମଟି ଭାବିକି କହୁ କହୁ ବି ଭୁଲ୍ ହେଉଥିବ, କିନ୍ତୁ ପିଲାମାନଙ୍କର କେତେକ ଅନାବଶ୍ୟକ ତଥ୍ୟ ଠିକ୍ ମନେ ରହୁଥିବ। ଆଗ ସମୟରେ ଗାଁ ସାହିବସ୍ତିମାନଙ୍କରେ ଯେଉଁ ଲୋକଟା ନିଶାପାଣି ସେବନ, ଚୋରି କରୁଥିଲା ସେ ସମାଜ ଆଗରେ ଘୃଣ୍ୟ ହେଉଥିଲା। ତା' ସହିତ ଗାଁ ଲୋକମାନେ ବିଶେଷ ମିଳାମିଶା କରୁ ନ ଥିଲେ। ହେଲେ ସମୟ ବଦଳିଯାଇଛି। ଆଜିକାଲି ଏ ସବୁଠାରୁ ଯିଏ ଦୂରେଇ ରହୁଛି, ସେ ଏକ ପ୍ରକାର ସମାଜରେ ବାଛନ୍ଦ ଭଳିଆ ଚଳୁଛି।

ଅସାମାଜିକତାକୁ ପ୍ରତିରୋଧ କରାଯାଉ ନାହିଁ, ଯିଏ ପ୍ରତିରୋଧ କରୁଛି ତାକୁ ସହଯୋଗ ବି ନାହିଁ, ବରଂ କେତେକ କ୍ଷେତ୍ରରେ ପ୍ରୋତ୍ସାହିତ କରାଯାଉଛି। ଦେଖୁନାହାନ୍ତି ଆଳୁ, ପିଆଜ, ଡାଲି, ଚାଉଳ, ପେଟ୍ରୋଲ, ଡିଜେଲ ଆଦି ଦରବୃଦ୍ଧି ଘଟିଲେ ପ୍ରତିବାଦ, ଆନ୍ଦୋଳନ ରାସ୍ତାରୋକୋ ହୁଏ। ଦିନେ ଦିନେ ସହର ବଜାର ବି ବନ୍ଦ କରାଯାଏ, ହେଲେ ମଦ, ଗଞ୍ଜେଇ, ବ୍ରାଉନସୁଗାର, ତାଡ଼ି ପରି ନିଶାଦ୍ରବ୍ୟଗୁଡ଼ିକର ଯେତେ ଗୁଣ ଦାମ୍ ବଢ଼ିଲେ ବି ସମାଜରେ ଚାହିଦା ଅଛି ଏବଂ ସେଥିପାଇଁ ପ୍ରତିବାଦ ନାହିଁ।

ଦିନକର ଘଟଣା। ଶିକ୍ଷକ ମଦ ଦୋକାନକୁ ଯାଇ କହିଲେ, ଯେଉଁ ନୂଆ ବ୍ରାଣ୍ଡଟା କହିଥିଲି ରଖିଛ? ଦୋକାନୀ କହିଲା, ଆପଣ ଯାହାଙ୍କୁ ପଠାଇଥିଲେ ତାଙ୍କ ହାତରେ ଦେଇଦେଇଛି। ମୁଁ ତ କାହାକୁ ପଠେଇ ନ ଥିଲି। ଆପଣ ଯେଉଁ ଛାତ୍ର ଦୁଇଜଣଙ୍କୁ ପଠାନ୍ତି ସେମାନେ ତ ଆସି ଆପଣଙ୍କ କଥା କହି ନେଇଗଲେ। ଶିକ୍ଷକ ନିଜ ମୋବାଇଲରୁ ଫୋନ୍ କଲେ ସେହି ହାତବାରିଶି ଦୁଇ ଗୁରୁଭକ୍ତ ଛାତ୍ରଙ୍କ ପାଖକୁ। ଛାତ୍ରମାନେ ଉତ୍ତର ଦେଲେ- ସାର୍, ଆଜିକା ଜିନିଷଟା ନିୟୁ ବ୍ରାଣ୍ଡ୍ ହୋଇଥିବାରୁ ଲୋଭ ସମ୍ଭାଳି ପାରିଲୁ ନାହିଁ। ଆମେ ପିଇଦେଇଛୁ। କିଛି ମାଇଣ୍ଡ୍ କରିବେ ନାହିଁ। ଶିକ୍ଷକ ବାଉଳିଚାଉଳି ହୋଇ କହିଲେ, ପିଲାଗୁଡ଼ାକ ଆଉ ବାଟରେ ନାହାନ୍ତି। ଏତେ ବାଲୁଙ୍ଗା ହୋଇଗଲେ!

ଗାଁ ଛକ ପାନଦୋକାନୀ ବାବୁଲି ଦାଣ୍ଡରେ ଯାଉ ଯାଉ ଅଟକିଗଲା। ସାରା ଦୁନିଆର ବ୍ରେକିଂ, ହେଡ୍‌ଂ, ସ୍କ୍ରୋଲିଂ ଖବର ତା' ମୁହଁରୁ ଅନର୍ଗଳ ବାହାରିଥାଏ। କେମିତି ନ ବାହାରିବ! ତା' ଦୋକାନ ଆଗରେ ଯେଉଁ ବେଞ୍ଚ ଖଣ୍ଡକ ପଡ଼ିଛି ସେଇଠି ତ ସବୁ ପ୍ରକାର ଲୋକ ବସନ୍ତି। ଦେଶଦୁନିଆର ସବୁ ଖବର ସେଠି ଆଲୋଚନା ହୁଏ। ବାବୁଲି କହିଲା- ମିଶ୍ର ମଉସା, ମୋ ବାପା ଚାଷ ଋଣ ଶୁଝି ପାରିଲେ ନାହିଁ। ଗ୍ରାମସଭାରେ ଡେଙ୍ଗୁରା ପିଟି ବାପାଙ୍କୁ ବ୍ୟାଙ୍କବାଲା ଅପମାନିତ କଲେ। ଘର ଜମିବାଡ଼ି କୋରକ ପାଇଁ ଡେଙ୍ଗୁରା ପିଟା ହେଲା। ନୋଟିସ୍ ଘର ଆଗରେ ଝୁଲେଇ ଦେଲେ। ବାପାଙ୍କୁ ବହୁତ ବାଧିଲା। ସେ ସମୟରେ ଲଗାତର ମରୁଡ଼ି ଯୋଗୁ ଚାଷ ଉଜୁଡ଼ି ଯାଉଥାଏ। ପେଟ ପାଇଁ ଖାଦ୍ୟ ନ ଥାଏ ଋଣ ଶୁଝାହେବ କିପରି? ବଳଦ ହଳେ, ଗାଈ ବିକି ବାପା ଋଣ ଶୁଝିଲେ। ସେହି ବର୍ଷ ଚାଷ ବି ବନ୍ଦ ହୋଇଗଲା। ହେଲେ ଆଜିକାର ବିଜୟ ମାଲ୍ୟା, ନୀରବ ମୋଦି, ବିକ୍ରମ କୋଠାରୀଙ୍କ ପରି ବଡ଼ ବଡ଼ ଲୋକ ଋଣ ଆଳରେ ହଜାର ହଜାର କୋଟି ଟଙ୍କା ଦେଶରୁ ଲୁଟିଲେ। ଭାଗଚାଷୀଟିଏ ଋଣ ନେବା ପାଇଁ ଆଇନ ଗଡ଼ା ହୋଇପାରୁନାହିଁ। ବେକାରି ପିଲାଟା ଛୋଟମୋଟ ଧନ୍ଦା ପାଇଁ ବ୍ୟାଙ୍କକୁ ଗଲେ ଘର ଚୁଲିରୁ ଚାଳ, ବାପ ସାତପୁରୁଷଙ୍କ ରେକର୍ଡ ଯାଞ୍ଚ ହେଉଛି। ହେଲେ ଏହି ବଡ଼ ବଡ଼ ଠକମାନେ ଦେଶର ହଜାର ହଜାର କୋଟି ଟଙ୍କା ଠକି ଚାଲିଯାଉଛନ୍ତି କିପରି? ସରକାରୀ ବାବୁମାନେ କେମିତି ଜାଣିପାରୁନାହାନ୍ତି? ଶହ ଶହ ଚୋର ଗଲେ ବି ବୁଦ୍ଧି ପଶୁନି। କେତେଥର ଆଉ ନେଡ଼ିଗୁଡ଼ କହୁଣିକି ବୋହିବ? କି ପ୍ରକାର ମଧୁଚନ୍ଦ୍ରିକାରେ ଲୁଟ୍ ଚାଲିଛି। ସ୍ୱାଧୀନତା ପୂର୍ବରୁ ମୋଗଲ୍, ଇଂରେଜ ବାହ୍ୟ ଶତ୍ରୁରାଷ୍ଟ୍ର ଖଣ୍ଡା ବନ୍ଧୁକ ଦେଖାଇ ଆକ୍ରମଣ କରି ଦେଶରୁ ଅଜସ୍ର ଲୁଟିଥିଲେ। ସ୍ୱାଧୀନତା ପରେ ବି କିଛି ବିଶ୍ୱାସଘାତକ, ଦେଶଦ୍ରୋହୀ, ଭ୍ରଷ୍ଟାଚାରୀ ନେତା, ଅଫିସର, ଛଦ୍ମବେଶୀ ବେପାରୀ ଜାଲିଆତି କରି କଲମମୁନରେ ଦେଶର ସମ୍ପଦ ଲୁଟି ଚାଲିଛନ୍ତି।

ଏହି ସମୟରେ ଗାଁ ଦାଣ୍ଡରେ ମହିଳାମାନଙ୍କ ଶୋଭାଯାତ୍ରା ଆସୁଥିଲା। ନାରୀ ନେତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ମହିଳାମାନେ ସ୍ଲୋଗାନ ଦେଇ କହୁଥାନ୍ତି ପାଗଳୀକୁ ନ୍ୟାୟ ମିଳୁ। ଅର୍ଥାତ୍ କିଛି ଦିନ ଧରି ପାଖ ବଜାରରେ ଜଣେ ପାଗଳୀ ବୁଲାବୁଲି କରୁଥିଲା। କ'ଣ ଖାଏ, କେଉଁଠି ଶୁଏ, କେହି ତା' କଥା ବୁଝନ୍ତି ନାହିଁ। କାଲି ରାତିରେ ସେ ଗଣବଳାତ୍କାରର ଶିକାର ହୋଇଛି। ଜେଜେ କପାଳରେ ହାତମାରି କହିଲେ ହାୟରେ! କ'ଣ ବେଳକାଳ ହେଲା, ଶେଷରେ ପାଗଳୀଟା ବି ବାଦ୍ ପଡ଼ିଲା ନାହିଁ। ମଣିଷ ଭିତରୁ କେମିତି ମଣିଷପଣିଆଟା ମରିଯାଉଛି!

ଧାମନଗର, ଭଦ୍ରକ, ମୋ-୯୯୩୮୦୮୦୨୯୪

# ଜଙ୍ଗଲ ନିଆଁ: କାରଣ ଓ ନିରାକରଣ



ଅଲେଖ ଚନ୍ଦ୍ର ସାମଲ

ସର୍ବଭାରତୀୟ ସ୍ତରରେ ଜଙ୍ଗଲ ନିଆଁରେ ଛତିଶଗଡ଼ର ସ୍ଥାନ ପ୍ରଥମ ହୋଇଥିବାବେଳେ ଦ୍ୱିତୀୟ ସ୍ଥାନରେ ରହିଛି ଓଡ଼ିଶା। ସର୍ବଭାରତୀୟ ଫରେଷ୍ଟ ଷ୍ଟାଟିଷ୍ଟିକ୍ସ ବ୍ୟୁରୋ ଏପ୍ରିଲ ୨୪ ତାରିଖ ସୁଦ୍ଧା ପ୍ରଦତ୍ତ ତଥ୍ୟ ଅନୁଯାୟୀ ଓଡ଼ିଶାର ସ୍ଥାନ ଦ୍ୱିତୀୟ ରହିବା ସହ ୨୩୪୯ଟି ଜଙ୍ଗଲରେ ନିଆଁ ଲାଗିବା ମାମଲା ରହିଛି। ୨୨୩୮ଟି ମାମଲା ଥିବା ମଧ୍ୟପ୍ରଦେଶର ସ୍ଥାନ ତୃତୀୟ। ସମ୍ପ୍ରତି ଲୋକ ସଭାରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ୨୦୧୩ରୁ ୨୦୧୬, ୨୪ ଏପ୍ରିଲ ସୁଦ୍ଧା ଦେଶରେ ୭୪୧୦୯ଟି ଜଙ୍ଗଲରେ ନିଆଁ ଲାଗିବା ଘଟଣା ପଞ୍ଜୀକୃତ ହୋଇଛି।

ବାତ୍ୟା ଫନୀ ପରେ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳର ଅନେକ ସ୍ଥାନରେ ଅସଂଖ୍ୟ ଛୋଟବଡ଼ ଗଛ ଭୂମିସାତ୍ ହୋଇଯାଇଛି। ପ୍ରଖର ଖରାରେ ସେଗୁଡ଼ିକ ଭୂମିରେ ପଡ଼ି ଶୁଖିଯିବାରୁ କେହି କେହି ଜାଳେଣି ଭାବେ ଏହାକୁ ବ୍ୟବହାର ନ କରି ବରଂ ନିଆଁ ଲଗାଇ ଦେଉଛନ୍ତି, ଯାହାକି ଭୟାନକ ତାତି ସୃଷ୍ଟି କରିବା ସହ ପରିବେଶକୁ ଉତ୍ତପ୍ତ କରିଦେଉଛି। ଜଙ୍ଗଲ ନିଆଁରେ ସାରା ରାଜ୍ୟ ଅଂଶୁଘାତ ତାତି ସହ ଭୟାନକ ଦାବାନଳର ଲେଲିହାନ ଆଁ ଭିତରେ। ୪୦ଡିଗ୍ରୀ ଉପରେ ପ୍ରାୟତଃ ରହୁଥିବା ଗ୍ରୀଷ୍ମର ଅସହ୍ୟ ତାତି ସହ ଜଙ୍ଗଲ ନିଆଁ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ପ୍ରତିବର୍ଷ ଏହି ଗ୍ରୀଷ୍ମ ସମୟରେ ରାଜ୍ୟର ବିଭିନ୍ନ ପ୍ରମୁଖ ଜଙ୍ଗଲରେ ନିଆଁ ଲାଗେ। ଜଙ୍ଗଲ ବିଭାଗ, ସ୍ଥାନୀୟ ପ୍ରଶାସନ ଉଦ୍ୟମ କରି କିଛିଟା ପ୍ରଶମିତ କରିଥାନ୍ତି। କିନ୍ତୁ ଗତ ବର୍ଷ ଓଡ଼ିଶା ଜଙ୍ଗଲ ନିଆଁରେ ଭାରତରେ ଦ୍ୱିତୀୟ ସ୍ଥାନର କୁଖ୍ୟାତି ଅର୍ଜିଛି। ଓଡ଼ିଶାର ଜଙ୍ଗଲରେ ହଜାର ହଜାର ହେକ୍ଟର ପରିମିତ ସ୍ଥାନରେ ଔଷଧୀୟ ବୃକ୍ଷ ରହିଛି। ଏଥିସହିତ ମୟୂରଭଞ୍ଜ, କନ୍ଧମାଳ, ବଲାଙ୍ଗୀର, ଢେଙ୍କାନାଳରେ ଜଙ୍ଗଲ ନିଆଁ ଗ୍ରାମବସତିକୁ ମାଡ଼ି ଆସି କିଛି ଘର ମଧ୍ୟ ତା'ପେଟ ଭିତରେ ସ୍ୱାହା କରିସାରିଲାଣି।

ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗର ପ୍ରଦତ୍ତ ତଥ୍ୟ ଅନୁଯାୟୀ ରାଜ୍ୟର ୬୦ଟି ବନ ଡିଭିଜନ ଭିତରୁ ଦଶଟି ଅଧିକ ସମ୍ବେଦନଶୀଳ ରହିଛି। ପ୍ରତିବର୍ଷ ନୟାଗଡ଼, କନ୍ଧମାଳ, ଢେଙ୍କାନାଳ, ଦେବଗଡ଼, ସମ୍ବଲପୁର, ମୟୂରଭଞ୍ଜ ପରି ଦଶଟି ବନଖଣ୍ଡରେ ନିଆଁ ଲାଗିଥାଏ ଏବଂ ଏହାକୁ ନେଇ ଜଙ୍ଗଲ ବିଭାଗ ମଧ୍ୟ ସେହି ଅନୁରୂପରେ ପ୍ରସ୍ତୁତି ରଖିଥାଏ। ତେବେ ପ୍ରତିବର୍ଷ ଏହାର ଆୟତନ ଓ କ୍ଷେତ୍ରଫଳ ବଢ଼ୁଛି, ଯାହାକି ସବୁ ମହଲରେ ଉଦ୍‌ବେଗକୁ ବଢ଼ାଉଛି। ପରିବେଶ ବିଜ୍ଞାନୀଙ୍କଠାରୁ ଉଦ୍ଭିଦବିଜ୍ଞାନୀ ଆଉ ପଶୁପ୍ରେମୀଙ୍କ ଭିତରେ ଏ ନେଇ ଉଦ୍‌ବେଗ ବଢ଼ୁଥିଲେ ବି ପ୍ରଶାସନିକ କ୍ଷେତ୍ରରେ ନିଦାବିଷ୍ଟୁ ଚିନ୍ତନ ସେମାନଙ୍କର ଅସହାୟତାକୁ ପ୍ରକାଶ କରୁଛି। ଗତ ଏକମାସ ଭିତରେ ରାଜ୍ୟର ବିଭିନ୍ନ ଜଙ୍ଗଲର ପ୍ରାୟ ୨୫୦ଟି ସ୍ଥାନରେ ନିଆଁ ଲାଗିଛି। ମୂଲ୍ୟବାନ ବୃକ୍ଷରାଜି ସହ ଔଷଧୀୟ ଓ ଦୁଷ୍ପ୍ରାପ୍ୟ ଗଛ ଏବଂ ଛୋଟବଡ଼ ବିଭିନ୍ନ ପ୍ରଜାତିର ସରୀସୃପ ପୋଡ଼ି ନଷ୍ଟବିନଷ୍ଟ ହେଉଛନ୍ତି। ସ୍ୱାଭାବିକ ଭାବେ ହାତୀ, ଜଙ୍ଗଲୀ ବାର୍‌ହା, ଭାଲୁ, ହେଟାବାଘ ଓ କେତେକ କ୍ଷେତ୍ରରେ ବାଘ ମଧ୍ୟ ଏହି ତାପକୁ ସହି ନ ପାରି ଜନବସତିମୁହାଁ ହେଉଛନ୍ତି, ଯାହା ପାଇଁ ସାଧାରଣରେ ଭୟାନକ ପରିସ୍ଥିତି ସୃଷ୍ଟି ହେଉଛି। ସରକାରୀ ତଥ୍ୟ ଅନୁଯାୟୀ ସାରା ରାଜ୍ୟରେ ନିଆଁ ଲିଭାଇବା ପାଇଁ ୨୧୬ଟି ଫାୟାର ସ୍କ୍ୱାଡ୍ ନିୟୋଜିତ ହେବା ସହ ୧୨,୫୬୨ ବନ ସୁରକ୍ଷା ସମିତି ସହାୟତାରେ ବ୍ୟାପକ କାର୍ଯ୍ୟକ୍ରମ ନିଆଯାଉଛି।

ପରିବେଶବିତ୍‌ଙ୍କ ମହଲରୁ ସଂଗୃହୀତ ତଥ୍ୟ ଅନୁଯାୟୀ ଗତବର୍ଷ ଏଲ୍‌ନିନୋ ପ୍ରଭାବ ଯୋଗୁ ଚଳିତବର୍ଷ ତାପମାତ୍ରା ବଢ଼ିଛି, ଯାହାର ପ୍ରଭାବରେ ଜଙ୍ଗଲରେ ନିଆଁ ଲାଗୁଛି। କେତେକ କ୍ଷେତ୍ରରେ ଗଛରେ ଗଛ ଘଷିହେବା ସହ ପତ୍ରରେ ନିଆଁ ଲାଗି ଜଙ୍ଗଲକୁ ବ୍ୟାପୁଛି, ଆଉ କେତେକ କ୍ଷେତ୍ରରେ ସ୍ଥାନୀୟ ଆଦିବାସୀମାନେ ସେମାନଙ୍କର ଲୋକବିଶ୍ୱାସକୁ ନେଇ ପୋଡୁଚାଷ ପାଇଁ ଜଙ୍ଗଲରେ ନିଆଁ ଲଗାଇଥାନ୍ତି। ସେହିପରି ଆଉ କେତେକ କ୍ଷେତ୍ରରେ କିଛି ଅସାମାଜିକ ଲୋକ ଜଙ୍ଗଲରେ ମଉଜମଜ୍‌ଲିସ୍ କରି ନିଆଁ ପକାଉଥିବାରୁ ଏହା ବ୍ୟାପିଥାଏ। ଶିକାରୀମାନେ ମଧ୍ୟ ଜଙ୍ଗଲରେ ନିଆଁ ଲଗାଇ ଜନ୍ତୁ ଶିକାର କରୁଥିବାର ନଜିର ରହିଛି। କେତେକ କ୍ଷେତ୍ରରେ ବନ କର୍ମଚାରୀ ଓ ଶିକାରୀଙ୍କ ଭିତରେ ସଲାସୁତରା ନେଇ ଜଙ୍ଗଲ ନିଆଁ ବଢ଼ୁଥିବାର ଅଭିଯୋଗ ହେଉଛି। ଜଙ୍ଗଲରେ ପ୍ରତିବର୍ଷ ନିଆଁ ଲାଗି ବ୍ୟାପକ ଜଙ୍ଗଲ ସମ୍ପତ୍ତି ନଷ୍ଟ ହେବା ସହ ପ୍ରାକୃତିକ ପରିବେଶ ଯେପରି ପ୍ରଦୂଷଣକୁ ସାମ୍ନା କରୁଛି ତାହା ଅଚିନ୍ତନୀୟ। ନିଆଁ କବଳରୁ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ପୃଥିବୀର ବିଭିନ୍ନ ରାଷ୍ଟ୍ର ଯଥା ମ୍ୟାନ୍‌ମାର, ଚାଇନା, ରୁଷ, ଆମେରିକା ଓ ଜାପାନରେ ଯେପରି ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ସେ ସବୁ ଆପଣାଇବାର ସମୟ ଆସିଛି। ସେହିପରି ନିଆଁ ଲିଭାଇବାର କୌଶଳ ମଧ୍ୟ ସ୍ଥାନୀୟ ଆଦିବାସୀଙ୍କ ସହ ଜଙ୍ଗଲ ସନ୍ନିକଟ ଅଧିବାସୀଙ୍କୁ ଶିଖାଇବା ଜରୁରୀ। ଯେଉଁମାତ୍ରାରେ ଦିନକୁ ଦିନ ଗଛ କଟାଯାଇ ବଡ଼ ବଡ଼ ସୁରମ୍ୟ ଅଟ୍ଟାଳିକା ତିଆରି ହେଉଛି ସେ କ୍ଷେତ୍ରରେ କେତେ ପରିମାଣର ବୃକ୍ଷରୋପଣ ହେଉଛି?

ଜଙ୍ଗଲ କ୍ଷେତ୍ର ଛାଡ଼ନ୍ତୁ ସହରାଞ୍ଚଳରେ ଛୋଟବଡ଼ ଗଛ ରହିଥିବା ସ୍ଥାନରେ ଆମର ଅଳିଆ ଆବର୍ଜନାକୁ ସଫା କରିବା ନାମରେ ଯେଉଁ ନିଆଁ ଲଗାଯାଉଛି, ତାହାଦ୍ୱାରା ସହରାଞ୍ଚଳର ଛୋଟ ଛୋଟ ଗଛ ପୋଡ଼ି ନଷ୍ଟ ହେଉଛି। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ଏହାର ଅନୁଭୂତି କିଛି କମ୍ ନୁହେଁ। ତେଣୁ ସମୟ ଆସିଛି ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱକୁ ଦୃଢ଼ୀଭୂତ କରିବା। ନଚେତ୍ ଜଙ୍ଗଲ ନିଆଁ ସହରାଞ୍ଚଳକୁ ମାଡ଼ି ଆସିବାର ସମୟ ଆଉ ବେଶି ଦୂର ନୁହେଁ?

ସହକାରୀ ବନ ସଂରକ୍ଷକ,
ରାୟଗଡ଼ା, ବନଖଣ୍ଡ, ରାୟଗଡ଼ା,
ମୋ-୯୪୩୭୨୫୬୧୨୩

## ଏଇ ଭାରତରେ

ପଇସାପତ୍ର ଅଭାବରୁ ଏକ ବୃଦ୍ଧ ଦମ୍ପତି ପରିଣତ ବୟସରେ ବାହା ହୋଇଛନ୍ତି। ତାହା ପୁଣି ବୟସ୍କ ଝିଅପୁଅ ଏବଂ ନାତୁଣୀନାତିଙ୍କ ମେଳରେ। ସେମାନେ ଏକତ୍ର ୫୦ ବର୍ଷ ହେଲା ରହିଆସୁଛନ୍ତି। ଏପରି ଏକ ଘଟଣା ଘଟିଛି ଗୁଜରାଟର ଉଦୟପୁରରେ। ଉଦୟପୁର ଅନ୍ତର୍ଗତ ଲାମ୍ବାଡିଆସ୍ଥିତ ମାଲବାସରେ ସମ୍ପନ୍ନ ହୋଇଛି ଏହି ବୟସ୍କ ବିବାହ। ୭୫ବର୍ଷ ବୟସ୍କ ଗମନା ସୋଲାଙ୍କି ୬୮ବର୍ଷ ବୟସ୍କା ବଞ୍ଜାରୀ ଦେବୀଙ୍କୁ ଧୁମ୍‌ଧାମରେ ବିବାହ କରିଛନ୍ତି। ଗମନାଙ୍କୁ ୨୫ବର୍ଷ ହୋଇଥିବାବେଳେ ସେ ବଞ୍ଜାରୀଙ୍କ ସହିତ ଲିଭ୍‌ଇନ୍‌ରେ ରହିବା ଆରମ୍ଭ କରିଥିଲେ। ସେତେବେଳେ ବଞ୍ଜାରୀଙ୍କୁ ୧୮ ବର୍ଷ ହୋଇଥିଲା। ଅର୍ଥାଭାବରୁ ସେମାନେ ବିବାହ କରିପାରି ନ ଥିଲେ। ଇତିମଧ୍ୟରେ ସେମାନଙ୍କ ୫ ପୁଅ ବାହା ହୋଇ ଘରକୁ ବୋହୂ ଆଣିଛନ୍ତି। ୨ ଝିଅଙ୍କ ବିବାହ ମଧ୍ୟ ହୋଇଯାଇଛି। ବୟସ୍କା ଦମ୍ପତି ନାତୁଣୀନାତି ମଧ୍ୟ ଦେଖିଲେଣି। ଏତେ ଦିନ ପରେ ବୃଦ୍ଧ ଦମ୍ପତିଙ୍କ ବିବାହ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହେବା ସହିତ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ମେ ୧୯୯୪

- ବିକ୍ରିକର ଓ ଏକକ ବିକ୍ରିକର ପରିବର୍ତ୍ତେ ସମଗ୍ର ଦେଶରେ ମୂଲ୍ୟଭିତ୍ତିକ ଟିକସ (ଭାଟ୍) ପ୍ରଚଳନ ପାଇଁ ଗତକାଲି ଅନୁଷ୍ଠିତ ଅର୍ଥମନ୍ତ୍ରୀ ସମ୍ମିଳନୀରେ ସହମତି ପ୍ରକାଶ ପାଇବା ପରେ ଏଥିପାଇଁ ୧୦ଟି ରାଜ୍ୟର ଅର୍ଥମନ୍ତ୍ରୀଙ୍କୁ ନେଇ ଏକ କମିଟି ଗଢାଯାଇଛି।
- ବିଶ୍ୱବ୍ୟାଙ୍କର ଋଣ ଓ ଆର୍ଥିକ ସହାୟତାରେ କାର୍ଯ୍ୟକାରୀ ହେବାକୁ ଥିବା ରାଜ୍ୟ ସହରାଞ୍ଚଳ ବିକାଶ ପ୍ରକଳ୍ପରେ ଓଡ଼ିଶାର ୧୧ଟି ସହର ଅନ୍ତର୍ଭୁକ୍ତ କରାଯାଇଛି।

## ଚିରନ୍ତନୀ

ପ୍ରାସାଦ-କୁଟୀର ଭେଦ ମମତାର ବନ୍ଧନରେ ବାନ୍ଧି
ସକଳ ସଂଘର୍ଷ ପରେ ଶାନ୍ତି ଢାଳି ଜାଗ ଜାଗ ଗାନ୍ଧି!
ଜାଗ ଜାଗ ଯୁଗେ ଯୁଗେ କହି ତବ କଲ୍ୟାଣ ବାରତା-
ଲଭିପାରେ ଶାନ୍ତି ଧରା ନ ଗଢାଇ ପୁଞ୍ଜିପତି ମଥା।
(ଜାଗ ଜାଗ ଗାନ୍ଧି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 4 | | 8 | | | | | | 6 | | | |
| | | 5 | | D | E | | 9 | | | 8 | 2 | | | A |
| B | 4 | | | | | 6 | 8 | | C | | | | E | 0 |
| C | | 0 | | 3 | 7 | 4 | A | | | | | | | |
| 9 | 8 | | 5 | | | | B | E | | | 0 | 7 | | |
| | | C | 9 | A | | 2 | | | | | | | | |
| | | | | C | | | 5 | | | | | 6 | | |
| | | | 7 | | | | | 1 | | | | 9 | | 4 |
| | | 1 | | | D | | C | 9 | 8 | | | | | B |
| | 3 | | | | | 0 | | | 5 | | E | 2 | C | |
| 4 | | | | | | D | 0 | | | B | | | A | |
| 1 | | 6 | 2 | | | 8 | | | | 5 | | | | |
| | B | | | 6 | | E | | | 4 | | | | | |
| 3 | 2 | | A | 5 | 0 | | 6 | | | E | | | | |
| | 7 | A | | | | B | | | | 1 | | | D | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | D | 9 | B | A | 6 | 4 | 7 | 3 | E | 5 | 8 | 2 | 0 | 1 |
| 2 | 3 | 4 | 5 | C | 1 | D | 0 | 6 | A | 9 | B | 7 | 8 | E |
| 8 | E | 7 | 0 | 4 | 9 | C | B | 5 | 2 | 1 | D | 3 | A | 6 |
| 5 | 0 | 1 | 2 | D | 3 | A | 8 | E | 4 | 6 | 7 | C | B | 9 |
| A | 6 | B | 7 | E | 8 | 9 | 1 | 2 | 0 | 3 | C | D | 4 | 5 |
| 6 | 8 | A | 1 | B | C | 5 | 9 | 4 | 7 | D | 0 | E | 2 | 3 |
| 4 | 2 | 0 | 6 | 9 | 7 | 3 | D | A | 8 | C | E | 1 | 5 | B |
| E | 7 | 5 | 3 | 0 | 2 | 8 | 6 | B | 1 | 4 | 9 | A | D | C |
| 3 | 1 | C | D | 8 | A | 0 | E | 7 | 5 | B | 2 | 9 | 6 | 4 |
| 9 | B | D | E | 5 | 4 | 1 | 2 | C | 3 | A | 6 | 8 | 7 | 0 |
| 0 | C | 2 | 9 | 6 | E | 7 | 5 | 1 | D | 8 | 4 | B | 3 | A |
| D | 4 | 6 | A | 1 | 5 | E | C | 8 | B | 2 | 3 | 0 | 9 | 7 |
| 7 | A | E | C | 2 | B | 6 | 3 | D | 9 | 0 | 5 | 4 | 1 | 8 |
| 1 | 9 | 3 | 8 | 7 | D | B | 4 | 0 | 6 | E | A | 5 | C | 2 |
| B | 5 | 8 | 4 | 3 | 0 | 2 | A | 9 | C | 7 | 1 | 6 | E | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଘାସମରା ବିଷ ବଳୟରେ ମଣିଷ

ମହାଶୟ,

ଅଧୁନା ଚାଷ ସମୟରେ ଜମିରେ ବଢୁଥିବା ଘାସ ମାରିବା ପାଇଁ ଚାଷୀ 'ଗ୍ଲାଇଫସେଟ୍' ନାମକ ଔଷଧ ପ୍ରୟୋଗ କରି ନିଜ ଜୀବନ ତଥା ଜନସାଧାରଣଙ୍କ ପାଇଁ ଅଶେଷ କ୍ଷତି ପହଞ୍ଚାଉଛି। ଏହି ବିଷ ପ୍ରଭାବରେ ମାରାତ୍ମକ କ୍ୟାନ୍‌ସର ହେବା ପ୍ରମାଣିତ। ଆହାର କଲା ସଂହାର। ଏଥିଯୋଗୁ ଜୈବବିବିଧତା ଆଜି ବିପନ୍ନ। ଆଧୁନିକ ଜ୍ଞାନକୌଶଳ ଜୈବିକ ପଦ୍ଧତିର ପଥରୋଧ କରୁଛି। ଶ୍ରମ ଉପଯୋଗ କରି ଜମିରୁ ଘାସ ଉପୁଡ଼ାଇବା ହିଁ ଠିକ୍। ଚାଷୀକୁଳର ମାନସିକତାରେ ପରିବର୍ତ୍ତନ ଆସୁ। ଦେଶ ତଥା ରାଜ୍ୟର କୃଷି ମନ୍ତ୍ରଣାଳୟ ଏ ଦିଗରେ ସମୁଚିତ ଧ୍ୟାନ ଦେଉ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଲାଞ୍ଚୁଆ ଅଫିସରଙ୍କୁ ବହିଷ୍କାର କରାଯାଉ

ଯେଉଁମାନେ ଏ ରାଜ୍ୟର ରକ୍ଷକ, ସେହିମାନଙ୍କର ଦୁର୍ଗୁଣ ବେଶ୍ ପରିଲକ୍ଷିତ ହେଉଛି। ସରକାରଙ୍କଠାରୁ ସେମାନେ କ୍ଷମତା ପାଇଛନ୍ତି ସୁଶାସନ କରିବା ପାଇଁ। ଅଥଚ ସେମାନଙ୍କର କୁଶାସନ ଜନସମାଜକୁ ଉଚ୍ଛନ୍ନ କରିପକାଉଛି। ପୋଲିସ ସମାଜରେ ଶୃଙ୍ଖଳା ରଖିବା କଥା। ସେମାନଙ୍କର ନାଲିଆଖି ଲୋକଙ୍କୁ ଭୟଭୀତ କରୁଛି। ଲୋକଙ୍କୁ ନ୍ୟାୟ ମିଳୁନାହିଁ। ଅନେକ ସମୟରେ ସେମାନେ ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଧରାପଡ଼ି ନିଲମ୍ବିତ ହେଉଛନ୍ତି। ପୁଣି ପୁନର୍ନିଯୁକ୍ତି ପାଇ ସେହି ଚୌକିରେ ବସି ରାଜ୍ କରୁଛନ୍ତି। ନା ସେମାନଙ୍କର ଡରଭୟ ଅଛି ନା ପଶ୍ଚାତ୍ତାପ। ଯଦି ସେମାନଙ୍କୁ ବହିଷ୍କାର କରାଯାନ୍ତା ତେବେ ସେମାନେ ଏପରି କାମ କରିବାକୁ ମନ ବଳାନ୍ତେ ନାହିଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ସଂସ୍କାର ଅଣାଯାଉ

ଆଜିକାଲି ସିନେମା ଜଗତ ଦ୍ୱାରା ଅଧିକ ସଂଖ୍ୟାରେ ପ୍ରେମଜନିତ ନଗ୍ନ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଉଛି, ଯାହାକୁ ଦେଖି ବିଶେଷକରି ଆମର ଯୁବସମାଜ ବିଭ୍ରାନ୍ତ ଓ ବିପଥଗାମୀ ହେଉଛନ୍ତି ଏବଂ ଅନେକ ପ୍ରକାର ଅସାମାଜିକ ଓ ପାପ କାର୍ଯ୍ୟ କରୁଛନ୍ତି, ଯାହା ପୂର୍ବକାଳ ବା ସମୟ ଅପେକ୍ଷା ଯଥେଷ୍ଟ ଅଧିକ। ତେଣୁ ଚଳଚ୍ଚିତ୍ର ନିର୍ମାତାମାନେ ସମାଜ ଏବଂ ଦେଶର ମଙ୍ଗଳ ପାଇଁ ଅଧିକ ସଂଖ୍ୟାରେ ସାମାଜିକ, ପୌରାଣିକ ଓ ବାସ୍ତବବାଦୀ ବା ବାସ୍ତବଧର୍ମୀ ଚଳଚ୍ଚିତ୍ର ନିର୍ମାଣ କରନ୍ତୁ, ଯାହାକୁ ଦେଖି ଲୋକେ ପ୍ରକୃତ ଉପକୃତ ହେବେ ଏବଂ ଅସାମାଜିକ କାର୍ଯ୍ୟକଳାପରୁ ଦୂରେଇ ରହି ରାଜ୍ୟ ତଥା ଦେଶର ହିତ ସାଧନରେ ଅଧିକ ମନୋଯୋଗ ଦେବେ।

ଡା. ଅଜିତ୍ ବେଉରା, ତାଳପଡ଼ା, ରାହାମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କୋଟିଏ ଟଙ୍କାର ଗଞ୍ଜେଇ ଜବତ




**ମାଲକାନଗିରି, ୨୮।୫(ଡି.ଏନ.ଏ):** ମାଲକାନଗିରି ସୀମାନ୍ତ ସୁକୁମା ପୋଲିସ ମଙ୍ଗଳବାର ଏକ ଗଞ୍ଜେଇ ଟ୍ରକ ଜବତ କରିଛି। ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧କୋଟି ଟଙ୍କା ବୋଲି ପୋଲିସ ସୂଚନା ଦେଇଛି। ଏଥିସହ ଉକ୍ତ ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ପୋଲିସ ଗିରଫ କରାଯାଇଛି। ମାଲକାନଗିରି ଚିତ୍ରକୋଣ୍ଡାରୁ ଜଗଦଲପୁର ଅଭିମୁଖେ ଏକ ଗଞ୍ଜେଇ ଭର୍ତ୍ତି ଟ୍ରକ ଯାଉଥିବା ସୁକୁମା ପୋଲିସ ଖବର ପାଇ ସୁକୁମା ପୋଲିସ ବିଭିନ୍ନ ଗାଡି ଯାଞ୍ଚ କରୁଥିଲା। ଏହି ସମୟରେ ପୋଲିସ ଏକ ଟ୍ରକରୁ ପ୍ରାୟ ୧୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧କୋଟି ବୋଲି ପୋଲିସ କହିଛି। ସୂଚନାଯୋଗ୍ୟଯେ, ୨ ଦିନ ପୂର୍ବେ ତେଲେଙ୍ଗାନା ରାଜ୍ୟ ଭଦ୍ରାଚାଲାମ୍ ପୋଲିସ ମାଲକାନଗିରିରୁ ଯାଉଥିବା ଏକ ଗଞ୍ଜେଇ ବୋଝେଇ ଟ୍ରକ ଜବତ କରିଥିଲା। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଥାନା ଛାତରୁ ଡେଇଁ ଅଭିଯୁକ୍ତ ମୃତ

**ବୀରମହାରାଜପୁର, ୨୮।୫(ଡି.ଏନ୍.ଏ.):** ପୋଲିସ ହେପାଜତରେ ଥିବା ଜଣେ ଯୁବକ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଛାତ ଉପରୁ ଡେଇଁ ପ୍ରାଣ ହରାଇଛନ୍ତି। ସେ ହେଲେ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ଟିଠିପାଲି ଗ୍ରାମର ଲିଙ୍ଗରାଜ ଅମାତ(୩୫)। ମଙ୍ଗଳବାର ଦ୍ୱିପ୍ରହରରେ ଘଟିଯାଇଥିବା ଏହି ଘଟଣା ସମସ୍ତଙ୍କୁ ଚକିତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଲିଙ୍ଗରାଜ ସ୍ଥାନୀୟ ତହସିଲ କାର୍ଯ୍ୟାଳୟକୁ ନିଶାସକ୍ତ ଅବସ୍ଥାରେ ଯାଇ ଗଣ୍ଡଗୋଳ କରୁଥିବା ଅଭିଯୋଗ ହୋଇଥିଲା। ଅତିରିକ୍ତ ତହସିଲଦାର ଗଙ୍ଗାରାମ ବୁଡେକଙ୍କ ଲିଖିତ ଏତଲାକ୍ରମେ ତାଙ୍କ ବିରୋଧରେ ଏକ ମାମଲା (ନଂ ୧୦୬/୧୯) ରୁଜୁ କରାଯାଇଥିଲା। ପୋଲିସ ତାଙ୍କୁ ଆଣି ଥାନାରେ ଅଟକ ରଖିଥିଲା। ତେବେ ପଚରାଉଚରା ଚାଲିଥିବା ବେଳେ ଲିଙ୍ଗରାଜ ଶୌଚାଳୟ ଯିବା ବାହାନାରେ ପାହାଚ ଦେଇ ଥାନା କୋଠାର ଛାତ ଉପରକୁ ଚାଲି ଯାଇଥିଲେ। ଡ୍ୟୁଟିରେ ଥିବା ସେଣ୍ଟ୍ରି ଧନେଶ୍ୱର ମୁଣ୍ଡା ତାଙ୍କ ପିଛା କରିଥିଲେ ହେଁ ଲିଙ୍ଗରାଜ ହଠାତ୍ ଛାତ ଉପରୁ ତଳକୁ ଡେଇଁ ପଡିଥିବା ଆଇଆଇସି ପ୍ରଭା ଧନ କହିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଭିମ୍ସାରକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ସୁବର୍ଣ୍ଣପୁର ଏସ୍‌ପି ଦେବୀ ପ୍ରସାଦ ଦାଶ ଓ ସ୍ଥାନୀୟ ଏସ୍‌ଡିପିଓ ଧିରଜ ଚୋପଦାରଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀଙ୍କ ଏହି ଘଟଣାର ଛାନଭିନ୍ ଚଳାଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ବୁର୍ଲା ବଡ ଡାକ୍ତରଖାନାରେ ରଖାଯାଇଛି। ଖବର ପାଇଁ ଲିଙ୍ଗରାଜଙ୍କ ପରିବାର ଲୋକେ ସେଠାରେ ପହଞ୍ଚିଛନ୍ତି।

### ଖାଇବାକୁ ଦେବାରେ ବିଳମ୍ବ ହେବାରୁ ରଶି ଲଗାଇଲେ

### ଶ୍ୱଶୁର ମୃତ, ଶାଶୁ ଗୁରୁତର

**ବିଞ୍ଝାରପୁର,୨୮।୫(ଡି.ଏନ୍.ଏ.):** ଯାଜପୁର ଜିଲା ବିଞ୍ଝାରପୁର ଥାନା ଅର୍ନ୍ତଗତ ବରପଦା ପଞ୍ଚାୟତ ତଳବନ୍ଧ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଶାଶୁଶ୍ୱଶରଙ୍କୁ ବୋହୂ ଖାଇବାକୁ ଦେବାରେ ବିଳମ୍ବ କରିବାରୁ ଉଭୟ ରଶି ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଏଥିରେ ଶ୍ୱଶୁରଙ୍କ ମୃତ୍ୟୁ ହୋଇଥିବାବେଳେ ଶାଶୁ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ଶାଶୁଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାରେ କେନ୍ଦ୍ରବିନ୍ଦୁ ପାଲଟିଛି। ସୂଚନା ଅନୁସାରେ, ତଳବନ୍ଧ ଗ୍ରାମର ଶିବ ଚରଣ ମଲିକ(୬୭) ଓ ସ୍ତ୍ରୀ ସତ୍ୟଭାମା ମଲିକ (୬୪) ଖାଇବାକୁ ଦେବା ପାଇଁ ବୋହୂଙ୍କୁ କହିଥିଲେ। ତେବେ ଏଥିରେ ବିଳମ୍ବ ହେବାରୁ ଉଭୟ ଘରେ ରଶି ଦେଇଥିଲେ ବୋଲି ଚର୍ଚ୍ଚା ହେଉଛି।

# ଆଦିବାସୀ ପିଲାଙ୍କୁ ମିଳୁନି ଜାତିଗତ ପ୍ରମାଣପତ୍ର

**ମାଲକାନଗିରି, ୨୮।୫(ଡି.ଏନ୍.ଏ.)**

ହାଇସ୍କୁଲରେ ପାଠ ପଢିବା ପାଇଁ ଜାତିଗତ ପ୍ରମାଣପତ୍ର ଆବଶ୍ୟକ। କିନ୍ତୁ ବାରମ୍ବାର ଆବେଦନ କଲେ ମଧ୍ୟ ପ୍ରମାଣପତ୍ର ମିଳୁନି। ଫଳରେ ପିଲାମାନଙ୍କ ଭବିଷ୍ୟତ ଏବେ ଅନ୍ଧାରରେ। ଏହାର ବିକଳ୍ପ ବ୍ୟବସ୍ଥା କରିବାକୁ ମାଲକାନଗିରି ଜିଲା ସଦର ବ୍ଲକ ସିନ୍ଧ୍ରିମାଳ ପଞ୍ଚାୟତ ଦୋରାଗୁଡ଼ା ଗ୍ରାମବାସୀ ଓ ପାଠପଢୁଆ ପିଲା ଦାବି କରିଛନ୍ତି। ଏଭଳି ନ ହେଲେ ଉପାୟଶୂନ୍ୟ ହୋଇ ମାଓବାଦୀ ସଙ୍ଗଠନରେ ସାମିଲ ହେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଗାଁରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କୋୟା, ଭୂମିଆ, ହାଲବା, ପରଜା ସମ୍ପ୍ରଦାୟର ଆଦିବାସୀ ପରିବାର ବସବାସ କରୁଛନ୍ତି। ସେମାନଙ୍କୁ ଜଙ୍ଗଲ ଜମି ପଟ୍ଟା ମିଳିଛି। କିନ୍ତୁ ଜାତିଗତ ପ୍ରମାଣପତ୍ର ମିଳୁ ନ ଥିବାରୁ ପିଲାମାନେ ହାଇସ୍କୁଲରେ ପଢିବା ପାଇଁ ବିଭିନ୍ନ ଅସୁବିଧା ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁ ର କେତେକ ଛାତ୍ରୀ ଦୋରାଗୁଡା ସ୍କୁଲରୁ ପଞ୍ଚମ ପାସ୍ କଲାପରେ ସିନ୍ଧ୍ରିମାଳ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିଲେ। ଏହି ସମୟରେ ଆଦିବାସୀଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ସେମାନଙ୍କୁ ମିଳିଥିଲା। ପରେ ହାଇସ୍କୁଲରେ ପଢିବା ପାଇଁ ଅନ୍ୟ ସ୍କୁଲରେ ନାମ ଲେଖାଇ ଥିଲେ ମଧ୍ୟ ସେହି ସବୁ ବିଦ୍ୟାଳୟରେ ପ୍ରଧାନଶିକ୍ଷକମାନେ ଜାତିଗତ ପ୍ରମାଣ ପତ୍ର ଦାଖଲ କରିବା ପାଇଁ ବାରମ୍ବାର କହୁଛନ୍ତି। ଗତ ଶିକ୍ଷା ବର୍ଷରେ ଗ୍ରାମର ନଅଜଣ ଛାତ୍ରୀଛାତ୍ର ପଡିଆ ବ୍ଲକର ଇରାଲ ଗୁଣ୍ଡି ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ନାମ ଲେଖାଇଥିଲେ ମଧ୍ୟ ଜାତିଗତ ପ୍ରମାଣ ପତ୍ର ନ ପାଇବାରୁ ପାଠ ଛାଡି ଘରେ ରହି କୁଲି ମଜୁରି କାମ କରୁଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଚଳିତ ଶିକ୍ଷାବର୍ଷରେ ଦୋରାଗୁଡା ଗ୍ରାମର ଛାତ୍ରୀ ଯମୁନା ଖିଲ ପେଡାକୋଣ୍ଡା ଉଚ୍ଚ ବିଦ୍ୟାଳୟରେ ପଢୁଥିବାବେଳେ ଜାତିଗତ ପ୍ରମାଣ ପତ୍ର ପାଇଁ ମାଲକାନଗିରିରେ ଅନ୍‌ଲାଇନରେ ଆବେଦନ କରିଥିବା ରସିଦ ଦେଖାଇ ପାଠ ପଢୁଛନ୍ତି। ଗାଁର ସବିତା ହନ୍ତାଳ ଚିତ୍ରକୋଣ୍ଡା ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସେ ମଧ୍ୟ ଅନୁରୂପ ଜାତିଗତ ପ୍ରମାଣ ପତ୍ର ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିଥିବା ରସିଦ ଦେଖାଇ ପାଠ ପଢୁଛନ୍ତି। କିନ୍ତୁ ଜାତିଗତ ପ୍ରମାଣପତ୍ର ପାଇଁ ଗତ ଦୁଇମାସ ଧରି ସିନ୍ଧ୍ରିମାଳ ରାଜସ୍ୱ ନିରୀକ୍ଷକ ଏବଂ ମାଲକାନଗିରି ତହସିଲ କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଥିଲେ ମଧ୍ୟ କୌଣସି ଲାଭ ହେଉନି। ଜାତିଗତ ପ୍ରମାଣପତ୍ର ମିଳୁ ନ ଥିବାରୁ ମାଓବାଦୀ ସଙ୍ଗଠନରେ ମିଶିବୁ ବୋଲି ଗ୍ରାମର ପଦଲାମ ଭୂମିଆ, ଯମୁନା ଖିଲ ଓ ସବିତା ହନ୍ତାଳ ଗଣମାଧ୍ୟମ ଆଗରେ କହିଛନ୍ତି। ଏ ନେଇ ମାଲକାନଗିରି ତହସିଲଦାର ଡା. ଗୁଣନିଧି ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, କେଉଁ କାରଣରୁ ସେମାନଙ୍କୁ ଜାତିଗତ ପ୍ରମାଣପତ୍ର ମିଳିବାରେ ବିଳମ୍ବ ହେଉଛି ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। କୌଣସି ଛାତ୍ରୀଛାତ୍ରଙ୍କୁ ଜାତିଗତ ପ୍ରମାଣପତ୍ର ପାଇଁ ପାଠପଢାରୁ ବଞ୍ଚିତ କରାଯିବନି।



ଗ୍ରାମବାସୀ ଗଣମାଧ୍ୟମ ଆଗରେ ଜାତିଗତ ପ୍ରମାଣପତ୍ର ମିଳି ନଥିବା ନେଇ ଅଭିଯୋଗ କରୁଛନ୍ତି।

**ପାଠ ପଢ଼ି ନ ପାରିଲେ ଲାଲବାହିନୀରେ ମିଶିବା ପାଇଁ ଚେତାବନୀ**

## ମନୋଜ ହତ୍ୟା ମାମଲା

### ୨ ବ୍ୟାଙ୍କ ଆକାଉଣ୍ଟ ସିଲ୍ କଲା ପୋଲିସ

**ବ୍ରହ୍ମପୁର ଅଫିସ,୨୮।୫**

ଆସିକା ବିଧାନସଭା କଂଗ୍ରେସ ପ୍ରାର୍ଥୀ ମନୋଜ ଜେନାଙ୍କୁ ଗୁଳିକରି ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ପୋଲିସ ଚିହ୍ନଟ କରିଛି। ହେଲେ ସେମାନଙ୍କର ଟେର ପାଇବାରେ ସଫଳ ହୋଇନାହିଁ। ଘଟଣାରେ ସମ୍ପୃକ୍ତ ୭ ଜଣ ସାମିଲ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତମାନେ ଏବେ ଫେରାର ଥିବା ବେଳେ ପୋଲିସ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଅଚଳ କରିବା ପାଇଁ ୨ ଦିନ ତଳେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇ ସାରିଥିଲା। ଆସିକାରେ ୨ ଅଭିଯୁକ୍ତଙ୍କ ଆକାଉଣ୍ଟ ଥିବା ବେଳେ ବ୍ରହ୍ମପୁର ପୋଲିସ ତାହାକୁ ମଙ୍ଗଳବାର ଅଚଳ (ସିଲ୍) କରିଦେଇଛି ବୋଲି ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଯେପରି ଅନ୍ୟ ରାଜ୍ୟକୁ ଯାଇ ନ ପାରିବେ, ସେନେଇ ୭ ଅଭିଯୁକ୍ତଙ୍କ ନାଁରେ ଲୁକ୍-ଆଉଟ୍ ସର୍କୁଲାର ଜାରି କରାଯାଇଛି ବୋଲି ଅତିରିକ୍ତ ଏସପି ପ୍ରଭାତ ରାଉତରାୟ ସୂଚନା ଦେଇଛନ୍ତି।

# କ୍ୟାବିନେଟ୍‌ରୁ ଶଶିଭୂଷଣ, ବଦ୍ରି, ଉଷା, ପ୍ରଫୁଲ୍ଲ ସାମଲ ବାଦ୍

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

- ତାଲିକାରେ ନାହାନ୍ତି ଚନ୍ଦ୍ରସାରଥି, ଅନନ୍ତ, ସ୍ନେହାଙ୍ଗିନୀ, ନୃସିଂହ
- ବହୁଚର୍ଚ୍ଚିତ ଚେହେରା ନିରାଶ

ବିଜେଡି ବିଧାୟକ ଦଳ ନେତା ନବୀନ ପଟ୍ଟନାୟକ ବୁଧବାର ୫ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ତାଙ୍କ ସହ ୧୧ କ୍ୟାବିନେଟ୍ ଏବଂ ୯ ରାଷ୍ଟ୍ରମନ୍ତ୍ରୀ ମଧ୍ୟ ଶପଥ ନେବାର କାର୍ଯ୍ୟକ୍ରମ ରହିଛି। ବରିଷ୍ଠ ଏବଂ ଅଭିଜ୍ଞଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ମନ୍ତ୍ରିମଣ୍ଡଳ ତାଲିକା ପ୍ରସ୍ତୁତ କରାଯାଇଥିବା କୁହାଯାଇଛି। ଆଶାୟୀ ଥିବା ଏକାଧିକ ପ୍ରଭାବଶାଳୀ ନେତାଙ୍କୁ ପୂର୍ବପରି ସଂଗଠନ ଦାୟିତ୍ୱରେ ରଖାଯାଇଛି। ପୂର୍ବଥର ମନ୍ତ୍ରୀ ଥିବା କେତେକଙ୍କୁ ଚଳିତ ଥର ବାଦ୍ ଦିଆଯାଇଛି।

ଚଳିତ ଥର ବିଜୟଶ୍ରୀ ରାଉତରାୟ, ଶଶିଭୂଷଣ ବେହେରା, ବଦ୍ରିନାରାୟଣ ପାତ୍ର, ସୂର୍ଯ୍ୟ ପାତ୍ର, ପ୍ରଫୁଲ୍ଲ ସାମଲ, ଉଷା ଦେବୀ, ମହେଶ୍ୱର ମହାନ୍ତି (ପରାଜିତ), ରମେଶ ମାଝିଙ୍କୁ କ୍ୟାବିନେଟ୍‌ରେ ଦେଖିବାକୁ ମିଳିବ ନାହିଁ। ବିଜୟଶ୍ରୀ ନିର୍ବାଚନ ଲଢି ନ ଥିଲେ। ରମେଶ ମାଝି ନବରଙ୍ଗପୁର ଲୋକ ସଭା ଆସନରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ସୂର୍ଯ୍ୟଙ୍କୁ ମନ୍ତ୍ରୀପଦ ବଦଳରେ ଚଳିତଥର ବାଚସ୍ପତି କରାଯିବା ନେଇ ନିଷ୍ପତ୍ତି ହୋଇଛି। ବଦ୍ରି ନାରାୟଣ ପାତ୍ରଙ୍କୁ ମନ୍ତ୍ରୀ କରାଯାଇନାହିଁ। ସେହିପରି ଗତଥର ରାଷ୍ଟ୍ରମନ୍ତ୍ରୀ ଥିବା ନୃସିଂହ ସାହୁ, ସ୍ନେହାଙ୍ଗିନୀ ଛୁରିଆ, ଚନ୍ଦ୍ରସାରଥି ବେହେରା ଓ ଅନନ୍ତ ଦାସଙ୍କୁ ପୁନର୍ବାର ସୁଯୋଗ ଦିଆଯାଇନାହିଁ। ସେହିଭଳି ଆଲୋଚିତ ବହୁ ପ୍ରମୁଖ ନେତାଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିନାହିଁ। ଯାହାକୁ ନେଇ ରାଜ୍ୟ ରାଜନୀତି ଜୋର ଧରିଛି। ଏମାନେ ହେଉଛନ୍ତି- କେନ୍ଦ୍ରାପଡା ଜିଲାରୁ ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ, ଶଶିଭୂଷଣ ବେହେରା, ଯାଜପୁରରୁ ପ୍ରଣବ ପ୍ରକାଶ ଦାସ, ସମ୍ବଲପୁରରୁ ରୋହିତ ପୂଜାରୀ, କଟକରୁ ଦେବୀ ପ୍ରସାଦ ମିଶ୍ର, ଗଞ୍ଜାମ ଜିଲାରୁ ଉଷା ଦେବୀ ଓ ପ୍ରଦୀପ ପାଣିଗ୍ରାହୀ, କଳାହାଣ୍ଡିରୁ ଭୂପିନ୍ଦର ସିଂ, ବୌଦ୍ଧରୁ ପ୍ରଦୀପ ଅମାତ ଏବଂ ନୟାଗଡରୁ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ।



ଫନୀ ବାତ୍ୟା ସମୟରେ ପାରାଦୀପ ବନ୍ଦର ପୋତାଶ୍ରୟରେ ବୁଡ଼ି ଯାଇଥିବା ଏକ ବୋଟ୍‌କୁ ମଙ୍ଗଳବାର ପାଣିରୁ ଉଦ୍ଧାର କରାଯାଇଛି।

# କଂଗ୍ରେସ ବିପର୍ଯ୍ୟୟର କାରଣ ଖୋଜା କମିଟି ନେଇ ବଢ଼ିପାରେ ଅସନ୍ତୋଷ

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

ଓଡ଼ିଶାରେ କଂଗ୍ରେସ ବିପର୍ଯ୍ୟୟର ମୁଖ୍ୟ କାରଣ କ'ଣ ସେନେଇ ଆରମ୍ଭ ହେବ ତର୍ଜମା। ଏଥିପାଇଁ ପିସିସି(ପ୍ରଦେଶ କଂଗ୍ରେସ କମିଟି) ପକ୍ଷରୁ ଏକ ୨୧ଜଣିଆ କମିଟି ଗଠନ ହୋଇଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ। ହେଲେ ଏହି କମିଟିରେ ଥିବା ନେତାଙ୍କ ମଧ୍ୟରୁ ୨ ଜଣ ବରିଷ୍ଠ ନେତା ଏ ସମ୍ପର୍କରେ ଜାଣି ନ ଥିବା ମତ ରଖିଛନ୍ତି। ସେହିପରି କମିଟିରେ ଥିବା ନେତାମାନଙ୍କ ମଧ୍ୟରେ ବର୍ତ୍ତମାନଠାରୁ ମତଭେଦ ଆରମ୍ଭ ହୋଇଯାଇଛି। ଏକଥା ଆସନ୍ତା ୩୦ରେ ଦଳୀୟ କାର୍ଯ୍ୟାଳୟରେ ହେବାକୁ ଥିବା ବୈଠକରେ ଉଠାଇବେ ବୋଲି କେତେଜଣ ନେତା କହିବା ଆରମ୍ଭ କଲେଣି। ପିସିସି ସଭାପତି ଏବଂ ଦଳୀୟ କାର୍ଯ୍ୟାଳୟରୁ ଆସିଥିବା କମିଟିର ତାଲିକା ଅନୁଯାୟୀ ବରିଷ୍ଠ ନେତା ନରସିଂହ ମିଶ୍ର, ତାରା ପ୍ରସାଦ ବାହିନୀପତି, ସୁରେଶ ରାଉତରାୟ, ପ୍ରଦୀପ ମାଝୀ, ଚିରଞ୍ଜୀବ ବିଶ୍ୱାଳ, ମହମ୍ମଦ ମୋକିମଙ୍କ ନାମ ରହିଛି। ହେଲେ ଏମାନଙ୍କ ମଧ୍ୟରୁ ୨ ଜଣ ନେତା ଏଭଳି କିଛି ଚିଠି ପାଇ ନ ଥିବା ମତ ରଖିଛନ୍ତି। ନରସିଂହ ମିଶ୍ର ଏବଂ ତାରା ବାହିନୀପତି ଚଳିତ ନିର୍ବାଚନରେ ଦଳର ବିପର୍ଯ୍ୟୟ କାରଣ ଖୋଜିବା ପାଇଁ ସେମାନଙ୍କ ନିକଟରେ କୌଣସି ଚିଠି ପହଞ୍ଚି ନ ଥିବା କହିଛନ୍ତି। ଏହାସହ ପ୍ରଦୀପ ମାଝୀ ଏବଂ ଚିରଞ୍ଜୀବ ବିଶ୍ୱାଳଙ୍କୁ ମଧ୍ୟ କମିଟିରେ ରଖାଯିବା ନେଇ ଆଉ କିଛି ନେତା ଆପତ୍ତି ଉଠାଇବା ଆରମ୍ଭ କରିଛନ୍ତି। ଆସନ୍ତା ଗୁରୁବାର କେନ୍ଦ୍ରୀୟ ନେତାଙ୍କ ଉପସ୍ଥିତିରେ ହେବାକୁ ଥିବା ବୈଠକରେ ଏ ସମ୍ପର୍କରେ କହିବାକୁ କେତେଜଣ ନେତା କହିଛନ୍ତି।

ଅପରପକ୍ଷରେ ଗୋଟିଏ ପରିବାରରୁ ୨ଟି ଲେଖାଏ ଟିକେଟ ଦିଆଯିବା ପ୍ରସଙ୍ଗରେ ତାରା ବାହିନୀପତି ମୁହଁ ଖୋଲିଛନ୍ତି। ତାରା କହିଛନ୍ତି, କଂଗ୍ରେସର ଗୋଟିଏ ପରିବାରକୁ ଗୋଟିଏ ଟିକେଟ ଫର୍ମୁଲା ଯେହେତୁ ପାଳନ କରାଗଲା ନାହିଁ ସେଥିପାଇଁ ଉଭୟ ଲୋକ ସଭା ଏବଂ ବିଧାନସଭା ନିର୍ବାଚନରେ ଖରାପ ଫଳ ଆସିଲା। କଂଗ୍ରେସର ମାନବସମ୍ବଳ ଏବଂ ଅର୍ଥ ବଳ କମ୍‌ରେ ନିର୍ବାଚନ ଲଢିଲା। ଏହାସହ ଦଳ ପୂରା ଏକତ୍ରିତ ହୋଇ କାମ କଲାନାହିଁ। ଯୋଉଁଥିଲାଗି ଦଳର ବହୁତ କ୍ଷତି ହେଲା। ବିଜେଡି ବହୁ କଂଗ୍ରେସ ନେତାଙ୍କୁ ନିଜ ଦଳରେ ସାମିଲ କରିବା ଦ୍ୱାରା ମଧ୍ୟ ବହୁତ କ୍ଷତି ହେଲା। ନବ ଦାସଙ୍କ ଭଳି ବହୁ ନେତା ଦଳ ଛାଡ଼ିବା ଯୋଗୁ ମଧ୍ୟ କ୍ଷତି ହେଲା। ଭାଜପା ଏଥର ୨୩ଟି ଆସନ ପାଇ ମୁଖ୍ୟ ବିରୋଧୀ ଦଳ ଆସନରେ ବସିବ। ହେଲେ କଂଗ୍ରେସ ମୁଖ୍ୟ ଭୂମିକା ତୁଲାଇବ। ଦଳର ୯ ବିଧାୟକ ବିଜେଡି ଉପରେ ଭାରି ପଡିବୁ ବୋଲି ତାରା କହିଛନ୍ତି।

ଅପରପକ୍ଷରେ କେତେଜଣ ବରିଷ୍ଠ ନେତା ଆସନ୍ତା ଗୁରୁବାର ପିସିସି ସଭାପତିଙ୍କୁ ଘେରିବାକୁ ଯୋଜନା ରଖିଛନ୍ତି। ଏହା ଭିତରେ ନିରଞ୍ଜନ ଗଠନ କରିଥିବା ୨୧ ଜଣିଆ କମିଟିକୁ ନେଇ ଦ୍ୱନ୍ଦ୍ୱ ଆରମ୍ଭ ହୋଇଯାଇଛି। ଚଳିତ ନିର୍ବାଚନରେ ସଙ୍ଗଠନ ଦାୟିତ୍ୱ ପାଇଥିବା କେତେଜଣ ନେତା କମିଟିରେ ରହିବା ନେଇ ଅନେକ ନେତା ପ୍ରଶ୍ନ ଉଠାଇଛନ୍ତି। ଗୁରୁବାର ହେବାକୁ ଥିବା ବୈଠକରେ ପ୍ରଥମେ ସେହି ବିଷୟରେ ଆଲୋଚନା ହେବ ବୋଲି ଶୁଣିବାକୁ ମିଳୁଛି।



ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ଚିହ୍ନଟ କରାଯାଇଥିବା କୁମ୍ଭୀର ବସା।

# ଟ୍ରକ୍‌କୁ ପିଟିଲା ଆମ୍ବୁଲାନ୍ସ

## ରୋଗୀଙ୍କ ସମେତ ୪ ଗୁରୁତର

**ସୋର, ୨୮।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥ ବରଫକଳ ଛକଠାରେ ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଆମ୍ବୁଲାନ୍ସ ମଧ୍ୟରେ ଥିବା ରୋଗୀଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି।

ସୋମବାର ରାତି ପ୍ରାୟ ୨ଟା ବେଳେ ଏକ ଆମ୍ବୁଲାନ୍ସ (ନଂ.ଡବ୍ଲ୍ୟୁବି୩୧ଏ-୦୨୧୭) ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରୁ ରୋଗୀ ଡିସ୍‌ଚାର୍ଜ ନେଇ ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଫେରୁଥିଲା। ସୋର ବରଫକଳ ଛକଠାରେ ଏକ ପଥର ବୋଝେଇ ଟ୍ରକ୍ (ନଂ. ଓଆର୍୦୯ଇ-୦୭୪୪)ର ପଛପଟକୁ ଧକ୍କା ଦେଇଥିଲା।



ଘଟଣାସ୍ଥଳରେ ସୋର ପୋଲିସ ପହଞ୍ଚି ଉଦ୍ଧାର କରି ଆମ୍ବୁଲାନ୍ସ ଓ ଦମକଳବାହିନୀ ଗାଡ଼ି ଦ୍ୱାରା ଆହତମାନଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ପରେ ସେମାନଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଆହତମାନେ ହେଲେ ରୋଗୀ ବାସୁ ମଣ୍ଡଳ, ସାଥିରେ ଥିବା ନିମାଇଁ ମୁନିଆ, ଚନ୍ଦନ ମଣ୍ଡଳ, ଶ୍ରୀମନ୍ତ ଦାସମହାପାତ୍ର। ସୋର ପୋଲିସ ଆମ୍ବୁଲାନ୍ସ ଓ ଟ୍ରକ୍‌କୁ ଜବତ କରିଛି।

## ସ୍ୱାମୀଙ୍କ ବିରୋଧରେ ଥାନାରେ ଅଭିଯୋଗ ଆଣିଲେ ମହିଳା

# 'ହାଇଦ୍ରାବାଦରେ ଲକ୍ଷେ ଟଙ୍କାରେ ବିକି ଦେଲେ'

**ବସ୍ତା, ୨୮।୫(ସ୍ୱ.ପ୍ର)**

- ଦୁଇ ମାସ ତଳେ ସ୍ୱାମୀ ଦେଇଥିଲେ ଥାନାରେ ସ୍ତ୍ରୀଙ୍କ ନିଖୋଜ ଏତଲା
- ହାଇଦ୍ରାବାଦ ଥାନା ସହ ଯୋଗାଯୋଗ କରି ତଦନ୍ତ କରୁଛି ବସ୍ତା ପୋଲିସ

ସୁଦୂର ହାଇଦ୍ରାବାଦକୁ ସ୍ୱାମୀଙ୍କ ସହ ଚାକିରି କରିବାକୁ ଯାଇଥିବା ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ଜଣେ ମହିଳା ଏକୁଟିଆ ନିଜ ବାପଘରକୁ ଫେରି ଆସିଛନ୍ତି। ସୋମବାର ସେ ଥାନାକୁ ଯାଇ ତାଙ୍କୁ ହାଇଦ୍ରାବାଦରେ ୧ ଲକ୍ଷ ଟଙ୍କାରେ ଏକ କମ୍ପାନୀର କର୍ମଚାରୀଙ୍କୁ ବିକ୍ରି କରି ଦିଆଯାଇଥିବା ନେଇ ତାଙ୍କ ସ୍ୱାମୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଏହି ମହିଳା ଦୁଇ ମାସ ତଳେ ନିଖୋଜ ଥିବା ନେଇ ତାଙ୍କ ସ୍ୱାମୀ ହାଇଦ୍ରାବାଦର ଏକ ଥାନାରେ ଅଭିଯୋଗ କରିଥିଲେ। ଏହାର ଏତଲା କପି ବସ୍ତା ଥାନାକୁ ପଠାଇଥିବାରୁ ପୋଲିସ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ହାଇଦ୍ରାବାଦ୍ ପୋଲିସ ସହ ଯୋଗାଯୋଗ କରୁଥିବା ବସ୍ତା ଥାନା ଆଇଆଇସି ଧନେଶ୍ୱର ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ମହିଳାଜଣକ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୨୦୧୮ ସେପ୍ଟେମ୍ବର ୧୪ ତାରିଖରେ ସ୍ଥାନୀୟ ମଛଡ଼ିହା ଅଞ୍ଚଳର ଜଣେ ଯୁବକଙ୍କ ସହିତ ତାଙ୍କର ବୈଦିକ ରୀତିରେ ବିବାହ ହୋଇଥିଲା। ସେତେବେଳେ ଯୌତୁକ ଦାବି ୫୦ହଜାର ଟଙ୍କାରୁ ତାଙ୍କ ବାପା ୩୦ହଜାର ଟଙ୍କା ଦେଇଥିଲେ। ଅଭାବ ଅସୁବିଧା ଯୋଗୁ ବାକି ଟଙ୍କା ପରେ ଦେଇପାରି ନ ଥିଲେ। ଏଥିଲାଗି ତାଙ୍କୁ ଶାଶୁ ଘରେ ନିର୍ଯାତନାର ଶିକାର ହେବାକୁ ପଡିଥିଲା। ତାଙ୍କ ସ୍ୱାମୀ ହାଇଦ୍ରାବାଦରେ ଚାକିରି କରୁଥିବାରୁ ସେଠାରେ ଚାକିରି କରି ଅଧିକ ରୋଜଗାର କରିବା କଥା କହି ତାଙ୍କୁ ସେଠାକୁ ନେଇଯାଇଥିଲେ। ସେଠାରେ ସେ ଏକ ଗ୍ୟାସ ସିଲିଣ୍ଡର କମ୍ପାନୀରେ କାମ ପାଇଥିଲେ। ଦିନେ ସେ କାମସାରି ଘରକୁ ଫେରୁଥିବାବେଳେ ସମ୍ପୃକ୍ତ କମ୍ପାନୀର ଜଣେ ସୁପରଭାଇଜର ତାଙ୍କୁ ଘରେ ଛାଡ଼ିଦେବ କହି ମଧ୍ୟପ୍ରଦେଶର କୌଣସି ଏକ ଅଞ୍ଚଳକୁ ନେଇଯାଇଥିଲେ। ତାଙ୍କୁ ୧ ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିବା ସେଠାରେ କୁହାଯାଇ ବଳପୂର୍ବକ ବିବାହ କରିବାକୁ ଉଦ୍ୟମ କରାଯାଇଥିଲା। ଏପରିକି ତାଙ୍କୁ ସେଠାରେ ଦେହ ବ୍ୟବସାୟରେ ଲଗାଇବା ପାଇଁ ଯୋଜନା କରାଯାଇଥିବା ସେ ଜାଣିପାରି ସେଠାରୁ କୌଶଳ କ୍ରମେ ଖସି ଆସିଥିଲେ। ପରେ ଟ୍ରେନ ଧରି ବାଲେଶ୍ୱର ଆସି ସୋମବାର ଘରେ ପହଞ୍ଚିଥିଲେ। ସେ ପରିବାର ଲୋକଙ୍କୁ ସବୁ କଥା ଜଣାଇ ପରେ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ହାଇଦ୍ରାବାଦର ପୋଲିସଠାରୁ ସୂଚନା ମିଳିବା ପରେ ଏହାର ତଦନ୍ତ କରି ଆଇନ ଅନୁଯାୟୀ ମାମଲା ରୁଜୁ କରି ପଦକ୍ଷେପ ନିଆଯିବ ବୋଲି ଥାନା ଆଇଆଇସି ଧନେଶ୍ୱର କହିଛନ୍ତି।



୩୦ରେ ଦ୍ୱିତୀୟ ଥର ଲାଗି ପ୍ରଧାନମନ୍ତ୍ରୀଭାବେ ନରେନ୍ଦ୍ର ମୋଦି ଶପଥ ଗ୍ରହଣ କରିବେ। ଏଥିରେ ଟିଏମ୍‌ସି ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଯୋଗଦେବେ ବୋଲି ମଙ୍ଗଳବାର ପ୍ରକାଶ କରିଛନ୍ତି। ମୋଦିଙ୍କ ସହ ତିକ୍ତ ସମ୍ପର୍କ ରହିଥିବା ସତ୍ତ୍ୱେ ସେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ମମତା ମିଡ଼ିଆକୁ କହିଛନ୍ତି। ସାଧାରଣ ନିର୍ବାଚନ ପ୍ରଚାର ବେଳେ ଦୁଇ ନେତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଲାଗିରହିଥିଲା।

■ସୁପ୍ରିମକୋର୍ଟରେ ଜାମିନ ଆବେଦନ କଲେ ଅଭିଯୁକ୍ତ

# ମା' କୋଳରେ ମରଣ ଚାହାନ୍ତି କର୍କଟ ପୀଡ଼ିତ

ନୂଆଦିଲ୍ଲୀ,୨୮।୫(ପି.ଟି.)

କର୍କଟରୋଗରେ ପୀଡ଼ିତ ଜଣେ କର୍କଟ ପୀଡ଼ିତ ଅଭିଯୁକ୍ତ ଜେଲ୍‌ରେ ନୁହେଁ, ବରଂ ନିଜ ମା'ଙ୍କ କୋଳରେ ମରିବାକୁ ଚାହାନ୍ତି। ଏଥିଲାଗି ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସର୍ବୋଚ୍ଚ ଅଦାଲତ ଏନେଇ ମଙ୍ଗଳବାର ରାଜସ୍ଥାନ ପୋଲିସକୁ ଜବାବ ମାଗିଛନ୍ତି।



ଗତବର୍ଷ ରାଜସ୍ଥାନର ଜଣେ ବ୍ୟକ୍ତିଙ୍କଠାରୁ ଜାଲ୍ ନୋଟ୍ ଜବତ ହେବା ପରେ ପୋଲିସ ଜୟପୁରସ୍ଥିତ ଏକ ଥାନାରେ ତାଙ୍କ ନାମରେ ମାମଲା ରୁଜୁ କରିଥିଲା। ସେବେଠୁ ସେ ଜୟପୁର ଜେଲ୍‌ରେ ଅଛନ୍ତି। ଅଭିଯୁକ୍ତ ଜଣକ ଅନ୍ତରୀଣ ଜାମିନ ପାଇଁ ରାଜସ୍ଥାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ହାଇକୋର୍ଟ ଗତ ଏପ୍ରିଲ ୨୪ରେ ତାଙ୍କୁ ଜାମିନ ଦେବାକୁ ମନାକରିଦେଇଥିଲେ। ହାଇକୋର୍ଟଙ୍କ ରାୟକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ନିଜ ପିଟିଶନରେ ଅଭିଯୁକ୍ତ ଦର୍ଶାଇଛନ୍ତି ଯେ, ଜୟପୁର ଜେଲ୍‌ରେ ଥିବାବେଳେ ସେ ମୁଖ କର୍କଟ ରୋଗରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଏଥିପାଇଁ ୮ ମାସ ହେଲା ନିୟମିତ ଭାବେ ତାଙ୍କର ରେଡିଓ ଥେରାପି ଚିକିତ୍ସା ଚାଲିଛି। ସେ ସ୍ଥାନୀୟ ସୱାଇ ମାନ୍ ସିଂ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ବୋଲି ତାଙ୍କର ଜାମିନ ଆବେଦନ ଏକାଧିକ ଥର ଖାରଜ ହୋଇଯାଇଛି। ଜେଲରେ କରାଯାଉଥିବା ଚିକିତ୍ସା ଉପଯୁକ୍ତ ହୋଇ ନ ଥିବାରୁ ମାମଲାର ବିଚାର ଶେଷ ହେବା ଯାଏ ତାଙ୍କର ମୃତ୍ୟୁ ହୋଇସାରିଥିବ। ଏବେ ସେ ବଞ୍ଚିବାର ଆଶା ମଧ୍ୟ ଛାଡ଼ିଦେଇଛନ୍ତି। ତେଣୁ ମା'ଙ୍କ କୋଳରେ ସେ ଆଖିବୁଜିବାକୁ ଚାହୁଁଥିବାରୁ ଜାମିନ ପ୍ରଦାନ କରାଯାଉ ବୋଲି ଅଭିଯୁକ୍ତ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଓ ଜଷ୍ଟିସ୍ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଜୁନ୍ ୫ ସୁଦ୍ଧା ଜବାବ ଦାଖଲ କରିବାକୁ ରାଜସ୍ଥାନ ପୋଲିସକୁ ନୋଟିସ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶୋଇବାର ସୁଖ ଖଟ ବିଛଣା ଲୋ**
**ରହିବାର ସୁଖ କୋଠା**
**କରିବାର ସୁଖ ହରିଭଜନ ଲୋ**
**ଖାଇବାର ସୁଖ ମିଠା ।**

ଖଟ ବିଛଣାରେ ଶୋଇବା ସୁଖକର। କୋଠାଘର ନିରାପଦ। ଏଥିରେ ସମସ୍ତ ପ୍ରକାର ଆନୁଷଙ୍ଗିକ ସୁଖ ସୁବିଧା ମିଳିଥାଏ। ହରିଭଜନ କରିବା ଦ୍ୱାରା ଆତ୍ମତୃପ୍ତି ମିଳିଥାଏ। ସେହିପରି ମିଠା ଖାଇଲେ ଖାଇବାର ମଜା ଦ୍ୱିଗୁଣିତ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଶୁଖିଲା ପାନକୁ ଶୁଖିଲା ଚୂନ**
**ମୋଡ଼ି ମାଡ଼ି ହୋଇ ରହରେ ମନ ।**

ପାନପତ୍ର ଶୁଖିଗଲେ ତା'ର ପ୍ରକୃତ ସ୍ୱାଦ ମିଳି ନ ଥାଏ। ଚୂନ ଶୁଖିଗଲେ ତାହା ବ୍ୟବହାର ଉପଯୋଗୀ ହୋଇପାରି ନ ଥାଏ। ଫଳସ୍ୱରୂପ ଏହାକୁ ଖାଇଲେ ଖାଇବାର ମଜା ମିଳି ନ ଥାଏ। ପରୋକ୍ଷରେ କୌଣସି ବାଟ ବା ଉପାୟ ନ ପାଇ ଅସହ୍ୟ ଅବସ୍ଥାକୁ ସହି ପଡ଼ିରହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ମୋଦିଙ୍କ ଶପଥ ଗ୍ରହଣ ଉତ୍ସବକୁ ଡକା ନ ଯିବା ପ୍ରସଙ୍ଗ

# ନିଷ୍ପତ୍ତିକୁ ପାକିସ୍ତାନର ସମାଲୋଚନା

ନୂଆଦିଲ୍ଲୀ,୨୮।୫ (ପି.ଟି.):

ପ୍ରଧାନମନ୍ତ୍ରୀ ଭାବେ ଗୁରୁବାର ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ଲାଗି ଶପଥ ଗ୍ରହଣ କରିବାକୁ ଯାଉଛନ୍ତି। ଏହି ଉତ୍ସବରେ ବିଶ୍ୱ ନେତାଙ୍କ ସହ ବିଶିଷ୍ଟ ବିରୋଧୀ ଦଳର ନେତା, ବିଭିନ୍ନ ରାଜ୍ୟର ରାଜ୍ୟପାଳମାନଙ୍କୁ ଡକାଯାଇଛି। ବିଶ୍ୱନେତାଭାବେ ଶ୍ରୀଲଙ୍କା ରାଷ୍ଟ୍ରପତି, ନେପାଳ ପ୍ରଧାନମନ୍ତ୍ରୀ, ବାଂଲାଦେଶ ରାଷ୍ଟ୍ରପତି, ମିଆଁମାର ରାଷ୍ଟ୍ରପତି, ମରିସସ୍ ପ୍ରଧାନମନ୍ତ୍ରୀ, ନେପାଳ ଓ ଭୁଟାନର ପ୍ରଧାନମନ୍ତ୍ରୀ ପ୍ରମୁଖ ଯୋଗଦେବେ। ଏଥିରେ ପଡୋଶୀ ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଯୋଗଦେବା ଲାଗି ଆମନ୍ତ୍ରଣ କରାଯାଇ ନ ଥିବାରୁ ଏହାକୁ ନେଇ ପାକିସ୍ତାନ ପକ୍ଷରୁ ସମାଲୋଚନା କରାଯାଇଛି। ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀ କହିଛନ୍ତି ଯେ, ଦୁଇଦେଶର ନେତା ଏକାଠି ହେବା ଉଚିତ୍ ଥିଲା। କଶ୍ମୀର ସମସ୍ୟା, ସିଆଚେନ୍ ଓ ସାର୍‌କ୍ରିକ୍ ବିବାଦର ସମାଧାନ ଲାଗି ଉତ୍ତମ ସମ୍ପର୍କ ଜରୁରୀ। ନିର୍ବାଚନ ବେଳେ ପାକିସ୍ତାନ ବିରୋଧୀ ଆଭିମୁଖ୍ୟ ରଖି ମୋଦି ଭୋଟ ହାତେଇବାରେ ସଫଳ ହୋଇଥିଲେ। ଭାରତର ଆଭ୍ୟନ୍ତରୀଣ ରାଜନୀତି ଇମ୍ରାନ୍‌ଙ୍କୁ ଆମନ୍ତ୍ରଣ କରିବାର ସୁଯୋଗ ଦେବନାହିଁ ବୋଲି କୁରେସୀ ସମାଲୋଚନା କରି କହିଛନ୍ତି।



ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀଙ୍କ ସହ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ।

ପ୍ରକାଶ ଯେ, ଇମ୍ରାନ୍ ବିଜୟୀ ହେବା ପରେ ମୋଦି ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ୨୦୧୪ରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ନୱାଜ ସରିଫ୍ ଆମନ୍ତ୍ରଣ ପାଇ ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲେ।

## ମନେ ପଡ଼ନ୍ତି

Condolance message of
**Late Promotha Nath Ghosh**



In ever lasting memory of late Promotha Nath Ghosh, on his 15th death anniversary, on 28th may, we the wife, son, & daughter, daughter-in-law & son-in-law & grand sons and the staff of Sea View Hotel, Sea beach road, Puri, pray to the almighty that he rest in eternal peace in his heavenly abode and with tearful and heavy heart we grieve for you and you will remain in our heart forever by grieving family and staff of Sea view Hotel, Puri
D-64062

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ଅନ୍ନପୂର୍ଣ୍ଣା ମହାନ୍ତି**
ସ୍ୱା : ୰ ହରେକୃଷ୍ଣ ମହାନ୍ତି
ପାନପଲ୍ଲି, ପୋ-ବାଲିଆ, କୁଜଙ୍ଗ, ଜଗତସିଂହପୁର
ତିରୋଧାନ : ୦୯.୦୬.୨୦୧୮
ନିଜେ କଷ୍ଟ ସହି ପିଲା ମୁହେଁ ହସ
ଦେଇଛି ସେ ସିନା ମାଆ
ତା'ଠାରୁ ଅଧିକ କରି ଦେଖାଇଛୁ
ସଂସାରେ ଆମକୁ ଠିଆ ।
ସବୁ ଶୁଝିହେବ ଶୁଝି ହେବନାହିଁ
ମାଆ ଋଣ କାଣିଚିଏ ।
ଆତ୍ମା ଶାନ୍ତି ପାଇଁ ପ୍ରଭୁଙ୍କୁ ଡ଼ାକିବୁ
ଆମେ ବଞ୍ଚିଥିବା ଯାଏ ।
ଆଲୋକ, କୁନି, ଟୁକୁନି, ରେଣୁ
ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୨୭୦୫

**ଅଭୁଲା ସ୍ମୃତି**



**ସ୍ୱର୍ଗତା ଏମିନା ଉପାସନା**
ଆବିର୍ଭାବ: ୨୯।୦୮।୧୯୮୮
ତିରୋଧାନ: ୨୯।୦୫।୨୦୦୭
ମା ଇମୁନି, କାଲିପରି ଲାଗୁଛି... ଦେଖୁ ଦେଖୁ ବାର ବର୍ଷ ବିତିଗଲା। ତୋ ବିନା ସତେ ସବୁକିଛି ଅଧୁରା। ଗୋଟିଏ ବି ଦିନ ବିତିନାହିଁ ଯେଉଁଦିନ ତୋ କଥା ମନେପଡ଼ି ନାହିଁ। ତୋର ଅବର୍ତ୍ତମାନର ଜୀବନ ଆମମାନଙ୍କ ପାଇଁ ଆଜିବି ଅସହ୍ୟ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ପବିତ୍ର ଆତ୍ମାକୁ ଚିର ଶାନ୍ତି ପ୍ରଦାନ କରନ୍ତୁ।
**ଶୋକସନ୍ତପ୍ତ: ତୋର ହତଭାଗା ପାପା, ମମୀ ଆଉ ଭାଇ ସୋନୁ**
ଧ-୬୫୯୦୫

■ କୋଇଲା ଅନ୍‌ଲୋଡ୍ ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ଗୁରୁତର

# ଟ୍ରେନ୍ ଚଳାଚଳ ଦେଢଘଣ୍ଟା ବନ୍ଦ

ବାହାନଗା, ୨୮।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ା ରେଳ ଷ୍ଟେଶନରେ ଏକ କୋଇଲା ବୋଝେଇ ଟ୍ରେନ୍‌ରୁ କୋଇଲା ଅନ୍‌ଲୋଡ଼ କରୁଥିବା ବେଳେ ମଙ୍ଗଳବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଶ୍ରମିକ ଗୁରୁତର ହୋଇପଡ଼ିଛନ୍ତି। ଆହତ ଶ୍ରମିକଙ୍କୁ କ୍ଷତିପୂରଣ ଓ ସୁରକ୍ଷା ଦାବି କରି ଅନ୍ୟ ଶ୍ରମିକମାନେ ଦେଢ଼ଘଣ୍ଟା ଧରି ଆନ୍ଦୋଳନ କରିଥିଲେ। ଫଳରେ ବିଭିନ୍ନ ଦିଗରୁ ଆସୁଥିବା ଯାତ୍ରୀବାହୀ ଟ୍ରେନଗୁଡିକ ଚଳାଚଳ କରି ନ ପାରି ବନ୍ଦ ରହିଥିଲା। ରେଲୱେ ଇନ୍ସପେକ୍ଟର ଜଗନ୍ନାଥ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଶ୍ରମିକମାନଙ୍କୁ ବୁଝାଶୁଝା କରିବା ସହ ମାଲ ଅନଲୋଡ଼ ବେଳେ କାହିଁକି ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯାଇ ନ ଥିଲା ସେ ବାବଦରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆହତ ଶ୍ରମିକଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସହ ଆବଶ୍ୟକ ଅନୁଯାୟୀ କ୍ଷତିପୂରଣ ଦେବା ପାଇଁ ସମ୍ପୃକ୍ତ ଠିକାଦାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ସମସ୍ତ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।



ଖନ୍ତାପଡ଼ା ରେଳଷ୍ଟେଶନରେ ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି।

ପାରାଦୀପରୁ କୋଇଲା ନେଇ ଆସିଥିବା ମାଲବୋଝେଇ ଟ୍ରେନ୍ ଖନ୍ତାପଡା ରେଳଷ୍ଟେଶନର ଲୋପ୍ ଲାଇନ୍ (ଯେଉଁ ଲାଇନ୍‌ରେ ମାଲ୍ ବୋଝେଇ ଟ୍ରେନ୍ ଛିଡ଼ା ହୁଏ)ରେ କୋଇଲା ଅନଲୋଡ଼ ପାଇଁ ଛିଡ଼ା ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ଖନ୍ତାପଡ଼ାସ୍ଥିତ ନଈଛଣପୁର ଗ୍ରାମର ଉମେଶ ମଲ୍ଲିକ (୩୨) ଟ୍ରେନ୍ ଉପରେ ଚଢ଼ି ବେଲଚାରେ ତଳକୁ କୋଇଲା କାଢୁଥିବା ବେଳେ ମୁଣ୍ଡ ଉପରେ ଥିବା ୨୫ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ସେ ତଳକୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଅନ୍ୟ ଶ୍ରମିକମାନେ ତାଙ୍କୁ ସଙ୍ଗେ ସଙ୍ଗେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର-(୨)କୁ ଚିକିତ୍ସା ପାଇଁ ନେଇଯାଇଥିଲେ। ମାଲ୍ ଅନ୍‌ଲୋଡ଼ ବେଳେ ଟ୍ରେନଲାଇନ୍‌ର ବିଦ୍ୟୁତ୍ ବିଚ୍ଛିନ୍ନ କରାଯିବାର ନିୟମ ଥିଲେ ମଧ୍ୟ କେଉଁ ପରିସ୍ଥିତିରେ ତାହା ବିଚ୍ଛିନ୍ନ କରାଯାଇ ନ ଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ଶ୍ରମିକଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡିଛି।

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

WISE INVESTMENT
Value Your Money Safely
A Bhubaneswar Based company is looking forward for good investors (MORE THAN ONE CRORE) to invest on land properties within the territory of Odisha.
SSP PVT. LTD.
A/88, Sahid Nagar, Bhubaneswar
6372858860
Email : landbank.19@gmail.com

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

DHARITRI Career appointment Every Wednesday and Saturday

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

FINANCE
ସ୍ୱୀକୃତୀପ୍ରାପ୍ତ ରାମ ଫାଇନାସ ଦ୍ୱାରା ମାର୍କସିଟ, କୃଷି, ଶିକ୍ଷା, ଆଧାରକାର୍ଡ, ସମ୍ପତି, BPL, ଗୃହ ଓ ବ୍ୟକ୍ତିଗତ ଋଣ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ
ଏବଂ 50% ଛାଡ
2th floor, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7088207357
9758645827

ଖର୍ଚ୍ଚ ଋଣରୁ କଟିବ
Mudra Finance
(Govt. Regd)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ସମସ୍ତ ଋଣ
2% ସୁଧ, 40% ରିହାତି।
8278511947
8901142354
JAIN MARKET SOUTH, PART-2, VIGYAN NAGAR, DELHI - 110049
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଫୋନ୍ କରନ୍ତୁ

ହିନ୍ଦୁସ୍ତାନ ଫାଇନାନ୍ସ
(ପଞ୍ଜୀକୃତ କମ୍ପାନୀ)
ଥରେ ସେବାର ସୁଯୋଗ ଦିଅନ୍ତୁ
୫୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ମାର୍କଶିଟ୍ - ବ୍ୟବସାୟ - ପର୍ସନାଲ
ଆଧାରକାର୍ଡ - ପ୍ରପର୍ଟି - ଏଗ୍ରିକଲ୍ଚର
ସମସ୍ତ ଋଣ ମାତ୍ର 12-24 ଘଣ୍ଟାରେ
ବିଶ୍ୱାସ ଆପଣଙ୍କର - କାମ ଆମର
କମ୍ ସମୟ ଓ ସହଜ କିସ୍ତି
2% ସୁଧ - 40% ରିହାତି
ମହିଳା/ଚାଷୀଙ୍କୁ ବିଶେଷ ରିହାତି
9548438832, 7055960410
908, Ward Backside Anand market, Dhiman Line, Yamuna Nagar, Haryana

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

FINANCE
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph. No 6390091675 8527858125
9454715754

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ
(ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
8676907143, 9348274623

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

## COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୯ ମେ, ୨୦୧୯



ସତ୍ୟବାଦୀ ମନୁଷ୍ୟ ମା' ଭଳି ବିଶ୍ୱସନୀୟ, ଜନତାଙ୍କ ଗୁରୁ ଭଳି ପୂଜ୍ୟ ଏବଂ ସଜ୍ଜନ ବ୍ୟକ୍ତି ଭଳି ସମସ୍ତଙ୍କ ପ୍ରିୟ ହୋଇଥାନ୍ତି।
- ଗୌତମ ବୁଦ୍ଧ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସୁରଭି ଅନୁଷ୍ଠାନ ପକ୍ଷରୁ ୧୭ତମ ଏକାମ୍ର ନୃତ୍ୟ ମହୋତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ଓଡ଼ିଶା ଡ୍ୟାନ୍ସ ଏକାଡେମୀର ୩୫ତମ ବାର୍ଷିକ ଉତ୍ସବରେ ନୃତ୍ୟମ୍ବଦା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ଭାଷା ପ୍ରତିଷ୍ଠାନ ପକ୍ଷରୁ ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମ, ସଂସ୍କୃତି ଭବନ, ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**
- ବୋଖାରୀ ବାବା(ସତ୍ୟପୀର)ଙ୍କ ବାର୍ଷିକ ଉର୍ସ ଉତ୍ସବର ଅୟାରମ୍ଭ, କାଇପଦର, ଅପରାହ୍ନ ୪ଟା।
- ବୋଖାରୀ ବାବା(ସତ୍ୟପୀର)ଙ୍କ ବାର୍ଷିକ ଉର୍ସ ଉତ୍ସବରେ ବାବାଙ୍କ ସ୍ନାନ, ଚାନ୍ଦୁଆ ଚଢ଼ା, ଧୂପ ଓ ପୂଜାର୍ଚ୍ଚନା, କାଇପଦର, ରାତି ୨ଟା ୪୫।

**ବାଲିଅନ୍ତା**
- ଚନ୍ଦନ ଯାତ୍ରା ଉପଲକ୍ଷେ ମାଗଣା ଯାତ୍ରା ପରିବେଷଣ, ହରିଦାସପୁର ସପ୍ତେଶ୍ୱର ମନ୍ଦିର ନିକଟ, ରାତି ୧୧ଟା।

## ପୃଥକ୍ ଦୁର୍ଘଟଣାରେ ଜଣେ ମୃତ, ଜଣେ ଆହତ

**ଯାଁଳା,୨୮।୫(ଡି.ଏନ.ଏ.):** ଯାଁଳା ଫାଣ୍ଡି ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥରେ ୨ଟି ପୃଥକ୍ ଦୁର୍ଘଟଣା ଘଟି ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ସକାଳ ପ୍ରାୟ ୫ଟାରେ ରାଜପଥର ଗଙ୍ଗପଡ଼ା ନିକଟରେ ଏକ କାର୍ ଧକ୍କାରେ ସଞ୍ଜୟ କୁମାର ସୁନ୍ଦରରାୟ ନାମକ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ବେଗୁନିଆ ଥାନା ଅନ୍ତର୍ଗତ ବାଲିବେରଣା ଗ୍ରାମରେ ତାଙ୍କ ଘର। ସଞ୍ଜୟ ବାଇକ୍‌ରେ ଘରକୁ ଫେରୁଥିବାବେଳେ ପଛରୁ ଏକ କାର୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଏକ ଘଟଣାରେ ଏହି ଫାଣ୍ଡି ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମ ନିକଟରେ ଗଛରେ ପିଟି ହୋଇ ଅଭିନବ ପାଣ୍ଡେ ନାମକ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସୋମବାର ରାତି ପ୍ରାୟ ୧୧ଟାରେ ଖୋର୍ଦ୍ଧାରୋଡ ଷ୍ଟେଶନରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଛାଡି ବାଇକ୍‌ରେ ରାଜପଥ ଦେଇ ଭୁବନେଶ୍ୱର ଫେରୁଥିବା ବେଳେ ଗୋବିନ୍ଦପୁର ଛକ ପାର୍ଶ୍ୱରେ ଥିବା ଏକ ଗଛରେ ସେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ସେ ଚିକିତ୍ସାଧୀନ ଅଛନ୍ତି। ଉଭୟ ଘଟଣାରେ ଯାଁଳା ଫାଣ୍ଡି ପୋଲିସ ତଦନ୍ତ କରୁଛି।

## ବୋମା ପ୍ରସ୍ତୁତି ବେଳେ ଚଢ଼ାଉ ଘଟଣା: ୨ ଗିରଫ

**ବ୍ରହ୍ମଗିରି, ୨୮।୫(ଡି.ଏନ୍.ଏ.):** ସଦରଥାନା ଅନ୍ତର୍ଗତ କଡାଜିତ କଉଗଡିଆ ନିକଟରେ ସୋମବାର ରାତିରେ ବୋମା ପ୍ରସ୍ତୁତ କରାଯାଉଥିବା ସମୟରେ ପୋଲିସ ଚଢ଼ାଉ କରି ଦୁଇ ଜଣଙ୍କୁ ଅଟକ ରଖିଥିଲା। ମଙ୍ଗଳବାର ଏହି ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କଡାଜିତ କଉଗାଡିଆ ନିକଟରେ କଡାଜିତ ଗ୍ରାମର କାଳୁ ବାରିକ ଓ ବସନ୍ତ ପ୍ରଧାନ ବୋମା ପ୍ରସ୍ତୁତ କରୁଥିଲେ। ଖବର ପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ଚଢ଼ାଉକରି ଉକ୍ତ ଦୁଇ ଯୁବକଙ୍କୁ ଗିରଫ କରିଥିଲେ। ସେମାନଙ୍କ ଠାରୁ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ବୋମା ଜବତ କରିଥିଲେ। ପରେ ବୋମା ନିଷ୍କ୍ରିୟ କାରୀ ଦଳଙ୍କ ଦ୍ୱାରା ଏହି ବୋମା ନିଷ୍କ୍ରିୟ କରାଯାଇଥିଲା। ବ୍ରହ୍ମଗିରି ପୋଲିସ ଉକ୍ତ ଯୁବକ ଦ୍ୱୟଙ୍କୁ ସଦରଥାନାକୁ ହସ୍ତାନ୍ତର କରିଥିଲା। ଏନେଇ ପୁରୀ ସଦରଥାନାରେ ୧୦୩/୧୯ରେ ଏକ ମାମଲା ରୁଜ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଥାଉକି, ଦୁଇ ଦିନ ତଳେ ରାଜନୈତିକ ବିବାଦକୁ ନେଇ ଏହି ଗ୍ରାମ ନିକଟ ଭାଟପଡା ଗ୍ରାମରେ ବୋମାମାଡରେ ୬ ଆହାତ ହୋଇଥିଲେ। ଏକ ବଡଧରଣର ହିଂସା ପାଇଁ ବୋମା ପ୍ରସ୍ତୁତ ହେଉଥିବା ପୋଲିସ ଅନୁମାନ କରୁଛି।

### ଦୁର୍ଘଟଣାରେ ଜୀବନ ଯିବାପରେ ଚେତିଲା ପୋଲିସ

# ରାଜଧାନୀ ରାଜପଥରେ ୫ ବ୍ଲାକ୍ ସ୍ପଟ୍

- ସକାଳ ୭ରୁ ରାତି ୯ ରହିବ ବ୍ୟାରିକେଡ୍
- ବେଗ ନିୟନ୍ତ୍ରଣ କରିବ ଇଣ୍ଟରସେପ୍ଟର
- ସଚେତନ ହେବେ ଯାତ୍ରୀ, ଜଗିବ ସିସି କ୍ୟାମେରା

**ଭୁବନେଶ୍ୱର, ୨୮।୫(ବ୍ୟୁରୋ)**

ଭୁବନେଶ୍ୱର-କଟକ ମଧ୍ୟଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ପାଲଟିଛି ଡେଥ୍ ଜୋନ୍। ପ୍ରତିଦିନ ଦୁର୍ଘଟଣା ଘଟୁଥିବାବେଳେ ବହୁ ଜୀବନ ଯାଉଛି। ତେବେ ରାଜଧାନୀ ରାଜପଥ ଓଭରବ୍ରିଜ୍ ସତେ ଯେମିତି ମୃତ୍ୟୁର ଆଁ ମେଲିଛି। ଗତ ସପ୍ତାହରେ ଲଗାତାର ୫ଜଣଙ୍କର ମୃତ୍ୟୁ ଘଟିବା ପରେ ପୋଲିସର ଚେତା ପଶିଛି। ଦୁର୍ଘଟଣା ଓ ମୃତ୍ୟୁହାର ରୋକିବାକୁ କମିଶନରେଟ ପୋଲିସ ଏବେ ପଦକ୍ଷେପ ଆରମ୍ଭ କରିଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଟ୍ରାଫିକ୍ ପୋଲିସ ଜାତୀୟ ରାଜପଥରେ ୫ ବ୍ଲାକ୍ ସ୍ପଟ୍ ଚିହ୍ନଟ କରିଛି। ସେଗୁଡିକ ହେଲା ଜାତୀୟ ରାଜପଥର ଭୁବନେଶ୍ୱର ଖୋର୍ଦ୍ଧା ମଧ୍ୟବର୍ତ୍ତୀ ବାଟଭୁଆସୁଣି, ଖଣ୍ଡଗିରି ନିକଟ ଆଇଗିଣିଆ, ଆଚାର୍ଯ୍ୟ ବିହାର ଓଭରବ୍ରିଜ୍, କ୍ରାଉନ୍ ହୋଟେଲ ସମ୍ମୁଖ ଓ ପାହାଳ। ଏହିସବୁ ସ୍ଥାନରେ ଗାଡିର ବେଗ କମାଇବା ପାଇଁ ପ୍ରାଥମିକ ପଦକ୍ଷେପ ସ୍ୱରୂପ ବ୍ୟାରିକେଡ୍ ଓ ଇଣ୍ଟରସେପ୍ଟର ରଖାଯିବ। ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ରହିବ ଏହି ବ୍ୟାରିକେଡ୍। ରାତି ୯ଟା ପରେ ସ୍ଥାନୀୟ ଥାନା ପୋଲିସ ଏହି ବ୍ୟାରିକେଡ୍‌କୁ କାଢ଼ିଦେବେ। ବ୍ଲାକ୍ ସ୍ପଟ୍ ସ୍ଥାନରେ ଲୋକଙ୍କ ଅବଗତ ନିମନ୍ତେ ସୂଚନା ଫଳକ ଲଗାଯିବ। ଉକ୍ତ ସୂଚନା ଫଳକରେ 'ଏହା ଦୁର୍ଘଟଣା ପ୍ରବଣ ଅଞ୍ଚଳ, ଗାଡ଼ି ଧିରେ ଚଲାନ୍ତୁ' ବୋଲି ଲେଖାଯିବ। ଏହାସହ କମିଶନରେଟ ପୋଲିସ ଲୋକଙ୍କୁ ମଧ ସଚେତନ କରିବ। ଏସଂକ୍ରାନ୍ତରେ ଭୁବନେଶ୍ୱର ଟ୍ରାଫିକ ଏସିପି ଏକ ରିପୋର୍ଟ ପ୍ରସ୍ତୁତ କରି ପୋଲିସ କମିଶନରଙ୍କୁ ପ୍ରଦାନ କରିଛନ୍ତି। ଏହସହ ବ୍ଲାକ୍ ସ୍ପଟ୍‌କୁ ନେଇ କମିଶନରେଟ ପୋଲିସ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍ଏଆଇ) ଅଧିକାରୀଙ୍କ ସହ ଆଲୋଚନା କରିବେ। ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ସାଇନ୍‌ବୋର୍ଡ ଲଗାଯିବା ସହ ଖୁବ୍‌ଶୀଘ୍ର ସ୍ପିଡ୍ ମିଟର ଇଣ୍ଟରସେପ୍ଟର ଲଗାଯିବ। ସେହିଭଳି ସିସିଟିଭି ଲଗାଯିବା ସହ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯିବ।

ଏଠାରେ ପ୍ରଶ୍ନ ଉଠୁଛି ପୋଲିସର ଏହି ବ୍ଲାକ୍ ସ୍ପଟ୍ ଚିହ୍ନଟ ପରେ କ'ଣ ଦୁର୍ଘଟଣା କମିଯିବ? ଏସବୁ ସ୍ଥାନକୁ ଛାଡିଦେଲେ ଜାତୀୟ ରାଜପଥର ଆହୁରି ଅନେକ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ଯାଇଥିବା ମଧ ନଜିର ରହିଛି। ପଳାଶୁଣି ଛକ, ସିଆର୍‌ପି ଛକ ଓଭରବ୍ରିଜ, ବରମୁଣ୍ଡା, ଖଣ୍ଡଗିରି ଓ ତମାଣ୍ଡୋ ଛକରେ ବାରମ୍ବାର ଦୁର୍ଘଟଣା ଘଟି ଏକାଧିକ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ହେଲେ ଏସବୁ ସ୍ଥାନକୁ ବାଦ୍ ଦିଆଯିବା ଘଟଣା କମିଶନରେଟ ପୋଲିସର ବ୍ଲାକ୍ ସ୍ପଟ୍ ଚିହ୍ନଟ ଏକ ପ୍ରକାର ପ୍ରହସନ ବୋଲି ବାରି ହୋଇପଡୁଛି।

ଏନେଇ ଟ୍ରାଫିକ୍ ଡିସିପି ବିଜୟ କୁମାର ସାହୁ କହିଛନ୍ତି, ପୋଲିସ କମିଶନରଙ୍କୁ ବ୍ଲାକ୍ ସ୍ପଟ୍ ସଂକ୍ରାନ୍ତରେ ରିପୋର୍ଟ ଦିଆଯାଇଛି। ଉକ୍ତ ରିପୋର୍ଟ ଦେଖିବା ପରେ ସେ ଯଦି ଆଉକିଛି ପଦକ୍ଷେପ ନେବାକୁ କହିବେ ତାହା ନିଆଯିବ। ଆଶା କରାଯାଉଛି ଏହାଦ୍ୱାରା ଦୁର୍ଘଟଣା କିଛି ମାତ୍ରାରେ କମିଯିବ ବୋଲି ସେ କହିଛନ୍ତି।



### ବ୍ଲାକ୍ ସ୍ପଟ୍ ଚିହ୍ନଟ କାହିଁକି ?

ଅତି ଦୁର୍ଘଟଣା ପ୍ରବଣ ସ୍ଥାନକୁ ବ୍ଲାକ୍ ସ୍ପଟ୍ କୁହାଯାଏ। ଯେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥାଏ ଓ ବର୍ଷକ ଭିତରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଜୀବନ ଯାଇଥାଏ ସେହିସ୍ଥାନକୁ ବ୍ଲାକ୍ ସ୍ପଟ୍‌ଭାବେ ଚିହ୍ନଟ କରାଯାଇଥାଏ। ତେବେ ଚିହ୍ନଟ କରାଯିବା ପରେ ଏନ୍‌ଏଚ୍ କର୍ତ୍ତୃପକ୍ଷ ଓ ପୋଲିସ ମିଳିତ ଭାବେ ଦୁର୍ଘଟଣା ରୋକିବା ପାଇଁ ଏକ ନକ୍ସା ପ୍ରସ୍ତୁତ କରିଥାନ୍ତି। ଏହି ଅନୁସାରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଇଥାଏ। ଏପରିକି ରାସ୍ତା ନିର୍ମାଣ ସମୟରେ ଯଦି କିଛି ଇଞ୍ଜିନିୟରିଂ ତ୍ରୁଟି ରହିଥାଏ ତାହାର କିଛି ବିକଳ୍ପ ବାହାର କରାଯାଇଥାଏ। ଏପରିକି ଆବଶ୍ୟକ ପଡ଼ିଲେ ରାସ୍ତାର ନିର୍ମାଣ ଶୈଳୀରେ ମଧ ପରିବର୍ତ୍ତନ କରିବାକୁ ପଡିଥାଏ ବୋଲି ବିଶେଷଜ୍ଞମାନେ କହିଛନ୍ତି।

### ବ୍ରହ୍ମଗିରିରେ ରାଜନୈତିକ ହିଂସା

## ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ, ୬ ଆହତ



**ବ୍ରହ୍ମଗିରି, ୨୮।୫(ଡି.ଏନ୍.ଏ.)**

ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପରବର୍ତ୍ତି ହିଂସା ଦିନକୁ ଦିନ ବଢିବାରେ ଲାଗିଛି। ଏନେଇ ମଙ୍ଗଳବାର ବ୍ରହ୍ମଗିରି ଥାନା ଅନ୍ତର୍ଗତ ସିପକୁଦା ଗ୍ରାମରେ ରାଜନୈତିକ ହିଂସା ଦେଖାଦେଇଥିଲା। ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ସଂଘର୍ଷ ଓ ଟେକାପଥର ମାଡରେ ୬ରୁ ଊର୍ଦ୍ଧ୍ୱ ଆହାତ ହୋଇଥିବାର ସୂଚନା ମିଳିଛି। ଖବର ପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତ ନିୟନ୍ତ୍ରଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ସାଧାରଣ ନିର୍ବାଚନ ପରେ ବ୍ରହ୍ମଗିରର କେତକ ସ୍ଥାନରେ ଅଶାନ୍ତି ଲାଗିରହିଛି। ଭାଜପା ଦଳ ବିଜୟରେ କେତେକ ସ୍ଥାନରେ ବିଜେଡି କର୍ମୀମାନେ ଅସହିଷ୍ଣୁ ହୋଇପଡିଛନ୍ତି। ମଙ୍ଗଳବାର ସିପକୁଦା ଗାଁରେ ଭାଜପା ବିଜୟୀ ପ୍ରାର୍ଥୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରେ ଦୁଇ ଗୋଷ୍ଠୀ ମଧ୍ୟରେ କମେଣ୍ଟ ମରାକୁ କେନ୍ଦ୍ର କରି ସଂଘର୍ଷ ହୋଇଥିଲା। ସଂଘର୍ଷରେ ଘରଦ୍ୱାର ଭଙ୍ଗାରୁଜା ଏବଂ ଡଙ୍ଗାଲୁଟ ହୋଇଥିବା ନେଇ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିବା ସହ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଆହତମାନଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ରିପୋର୍ଟ ଲେଖାଯିବା ସମୟରେ ଉଭୟ ପକ୍ଷରୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ କୁମାର ଶତପଥି କହିଛନ୍ତି।

## କୋଚିଂସେଣ୍ଟର ଶିକ୍ଷକଙ୍କୁ ଉଠାଇନେଲା ପୋଲିସ

**ଛାତ୍ରୀଙ୍କୁ ଅସଦାଚରଣ**

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅଧୀନ ଧୀରିକୁଟୀ ସାହିରେ ଥିବା ଏକ ଘରୋଇ କୋଚିଂ ସେଣ୍ଟର ଶିକ୍ଷକଙ୍କ ନାଁରେ ଅସଦାଚରଣ ଅଭିଯୋଗ ଆସିଛି। ପୋଲିସ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୧୧ଟାରେ ତାଙ୍କୁ ଉଠାଇନେଇ ଥାନାରେ ପଚରାଉଚରା କରୁଛି। ସୂଚନାଯୋଗ୍ୟ ଯେ, ଉକ୍ତ କୋଚିଂ ସେଣ୍ଟରରେ ପଢୁଥିବା ଜଣେ ଛାତ୍ରୀଙ୍କୁ ଅଭିଯୁକ୍ତ ଶିକ୍ଷକ ଏକ୍ସଟ୍ରା କ୍ଲାସ କରିବା ବାହାନାରେ ଡାକି ଅସଦାଚରଣ କରିବା ସହ ଜୀବନରୁ ମାରିଦେବା ନେଇ ଧମକ ଦେଇଥିଲେ। ଛାତ୍ରୀଜଣକ ଭୟଭୀତ ନ ହୋଇ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ।

### ଏସ୍‌ସିବି ବୁଲିଲେ ଡବ୍ଲ୍ୟୁଏଚ୍‌ଓ ଟିମ୍

## ଫନୀ କ୍ଷୟକ୍ଷତିର ଅନୁଧ୍ୟାନ, ଉଚ୍ଚସ୍ତରୀୟ ବୈଠକ



**କଟକ ଅଫିସ, ୨୮।୫**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଦୁଇଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ଏସ୍‌ସିବି ମେଡିକାଲ ପରିଦର୍ଶନ କରିଛନ୍ତି। ସଂଗଠନର ନ୍ୟାଶନାଲ ପ୍ରଫେସନାଲ ଅଫିସର ଡକ୍ଟର ପଭନା ମୂର୍ତ୍ତି ଓ ସଂଗଠନର ରିଜିଓନାଲ ଟିମ୍ ଲିଡର ଡକ୍ଟର ନୀହାର ରଞ୍ଜନ ରାୟଙ୍କୁ ନେଇ ଗଠିତ ଏହି ଟିମ୍ ମେଡିକାଲରେ ଫନୀ ପ୍ରସ୍ତୁତି, ମୁକାବିଲା ଓ କ୍ଷୟକ୍ଷତିର ଅନୁଧ୍ୟାନ କରିଥିଲେ। ଫନୀ ପୂର୍ବରୁ ରୋଗୀମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ମେଡିକାଲ ପକ୍ଷରୁ କିଭଳିବ୍ୟବସ୍ଥା କରାଯାଇଥିଲା ସେ ସବୁର ଚିକିନିଖି ତର୍ଜମା ଏହି ଦୁଇ ଜଣ ପ୍ରତିନିଧି କରିଥିଲେ। ଏହା ପରେ ମେଡିକାଲ କଲେଜ ପ୍ରିନ୍ସିପାଲ ପ୍ରଫେସର ଡା.ଜୟଶ୍ରୀ ମହାନ୍ତି ଓ ଅଧୀକ୍ଷକ ପ୍ରଫେସର ଡା. ସି.ବି.କେ. ମହାନ୍ତିଙ୍କ ସହିତ ଏହି ଦୁଇ ଜଣ ପ୍ରତିନିଧି ବିସ୍ତୃତ ଆଲୋଚନା କରିଥିଲେ।

ଗତ ୩ ତାରିଖରେ ହୋଇଥିବା ଫନୀ ବାତ୍ୟାରେ ମେଡିକାଲର ପଲ୍‌ମନାରି ମେଡିସିନ ବିଭାଗର ଭ୍ୟାକ୍ୟୁମ ରିସିଭର ଟ୍ୟାଙ୍କ ଓ ଅକ୍ସିଜେନ ପ୍ଲାଣ୍ଟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ଇଟିଜି ମେଶିନ, ଅଟୋକ୍ଲେଭ ଆଦି କ୍ଷତିଗ୍ରସ୍ତ ହୋଇଥିଲା। ପ୍ଲାଷ୍ଟିକ୍ ସର୍ଜରି ବିଭାଗର ଏସି, ଫ୍ୟାନ ଓ ଗ୍ୟାସ ପାଇପଲାଇନ ଆଦି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏସ୍‌ଏନ୍‌ସିୟୁର ୧୦ଟି ୱାରମର, ୧୬ଟି ସିରିଞ୍ଜି ପମ୍ପ, ୫ଟି ସକ୍‌ସନ ମେଶିନ, ୫ଟି ଫଟୋଥେରାପି, ୮ଟି ଅକ୍ସିଜେନ କନ୍‌ସନଟ୍ରେଟର, ୬ଟି ଅକ୍ସିମେଟର, ୩ଟି ଓଜନ ମେଶିନ ଓ ୧୦ଟି ୱାରମର ବେଡ୍ କ୍ଷତିଗ୍ରସ୍ତ ହୋଇଥିଲା। ସେହିପରି ହୃଦବକ୍ଷଶଲ୍ୟ ବିଭାଗର ଆଇସିୟୁ କ୍ଷତିଗ୍ରସ୍ତ ହୋଇଥିବା ମେଡିକାଲ ପକ୍ଷରୁ ଅନୁଧ୍ୟାନ କରି ଦଳକୁ ଅବଗତ କରାଯାଇଥିଲା। ଅନ୍ୟପକ୍ଷରେ ଫନୀ ବାତ୍ୟା ପାଇଁ ମେଡିକାଲ ପକ୍ଷରୁ ବ୍ୟାପକ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଉଥିବା ଦର୍ଶାଯାଇଥିଲା। ବିଦ୍ୟୁତ୍ ବିଭ୍ରାଟ ନ ହେବା ପାଇଁ ଜେନେରେଟରଗୁଡ଼ିକୁ ଆଗୁଆ ପ୍ରସ୍ତୁତ ରଖାଯାଇଥିବା ବେଳେ ପାନୀୟଜଳ ଯୋଗାଣ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ଅନୁଧ୍ୟାନକାରୀ ଟିମ୍‌କୁ ମେଡିକାଲ ପକ୍ଷରୁ ଦର୍ଶାଯାଇଛି।

## ସରିଳା ନୃତ୍ୟାଞ୍ଜଳି



ମଧୁସ୍ମିତା ମହାନ୍ତି

## ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁଙ୍କୁ ନୃତ୍ୟାଞ୍ଜଳି ସମ୍ମାନ

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

ଦୁଇଦିନ ବ୍ୟାପୀ ରବିନ୍ଦ୍ର ମଣ୍ଡପରେ ଚାଲିଥିବା ଦେବଦାସୀ ନୃତ୍ୟାନୁଷ୍ଠାନର ୧୫ତମ ବାର୍ଷିକ ନୃତ୍ୟ ଉତ୍ସବ 'ନୃତ୍ୟାଞ୍ଜଳି' ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ କାର୍ଯ୍ୟକ୍ରମ ପ୍ରମୁଖ ଆକର୍ଷଣ ସାଜିଥିଲା। ପ୍ରାରମ୍ଭରେ ଦେବଦାସୀ ଅନୁଷ୍ଠାନ ପକ୍ଷରୁ ଦଳଗତ ଭାବେ ଓଡ଼ିଶୀ ନୃତ୍ୟରେ 'ଲାଜରେ ସରିଗଲି ଆଜ' ମଞ୍ଚସ୍ଥ ହୋଇଥିଲା। ଏହା ତାଳ ତରଙ୍ଗ ଉପରେ ପର୍ଯ୍ୟବେଷିତ ଥିଲା। ଏହାର ପରବର୍ତ୍ତୀ ପ୍ରସ୍ତୁତି ନେଇ ମଞ୍ଚକୁ ଆସିଥିଲେ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ମଧୁସ୍ମିତା ମହାନ୍ତି। ସେ 'ହରଗୌରୀ ଅଷ୍ଟକମ୍' ପରିବେଷଣ କରିଥିଲେ। ପରେ ପରେ ସୃଜନର ପ୍ରତୀଶା ମହାପାତ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଶେଷରେ ନୃତ୍ୟ ଦର୍ଶନ ଏକାଡେମୀ ପକ୍ଷରୁ ମଞ୍ଚସ୍ଥ ହୋଇଥିବା ଓଡ଼ିଶୀ ନୃତ୍ୟାଭିନୟ କାର୍ଯ୍ୟକ୍ରମର ଅନ୍ୟତମ ପ୍ରମୁଖ ଆକର୍ଷଣ ରହିଥିଲା। ସନ୍ଧ୍ୟାରେ ଅତିଥି ଭାବେ ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି, ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ମିନତୀ ବେହେରା, ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍ ଓ ସମ୍ପାଦିକା ରୋଜାଲିନ୍ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁଙ୍କୁ 'ନୃତ୍ୟାଞ୍ଜଳି ସମ୍ମାନ-୨୦୧୯'ରେ ସମ୍ମାନିତ କରାଯାଇଥିଲା। ଇଂ. ଶ୍ରୀନିବାସ ଘଟୁଆରୀ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

### ବିଏମ୍‌ସି ଅଳିଆ ଜଟଣୀରେ ପକାଇବାକୁ ଉଦ୍ୟମ

# ଲୋକେ ଫେରାଇ ଦେଲେ ୨୦ ଟ୍ରକ୍



**ଜଟଣୀ,୨୮।୫(ଡି.ଏନ.ଏ.)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରୁ ୨୦ରୁ ଊର୍ଦ୍ଧ୍ୱ ଟ୍ରକ୍‌ରେ ଭର୍ତ୍ତି ଅଳିଆ ଜଟଣୀରେ ପକାଇବାକୁ ଆସିବା ଘଟଣାକୁ ନେଇ ମଙ୍ଗଳବାର ଏଠାରେ ଘୋର ବିରୋଧ ହୋଇଥିଲା। ଜଟଣୀ ମ୍ୟୁନିସିପାଲିଟିର ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ ରାଉତରାୟ ଓ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଏହି ଅଳିଆ ପକାଇବାକୁ ବିରୋଧ କରିଥିଲେ। ଅଳିଆ ନେଇ ଆସିଥିବା ପ୍ରତି ଟ୍ରକ୍ ସମ୍ମୁଖରେ ପିଡବ୍ଲ୍ୟୁଡି ଲେଖାଥିବା ଷ୍ଟିକର ମରାଯାଇଥିଲା। ଅଳିଆ ପକାଇବାକୁ ପ୍ରଥମେ ଟ୍ରକ୍‌ଗୁଡ଼ିକ ଏଠାରେ ଥିବା ଜଟଣୀ ମ୍ୟୁନିସିପାଲିଟିର ଡମ୍ପିଂୟାର୍ଡକୁ ଯାଇଥିଲା। ତେବେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଏହାକୁ ଅନୁମତି ଦେଇ ନ ଥିଲେ। ପରେ ଏହାର ନିକଟବର୍ତ୍ତୀ ଛଣଘର ମୌଜାର ଏକ ଘରୋଇ ବିଶ୍ୱବିଦ୍ୟାଳୟର କିଛି ଦୂରରେ ଅଳିଆ ପକାଇବାକୁ ଉଦ୍ୟମ କରାଯାଇଥିଲା। ହେଲେ ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ ଓ ଅନ୍ୟମାନେ ଏହାକୁ ତୀବ୍ର ବିରୋଧ କରିଥିଲେ। ଫଳରେ ଅଳିଆ ଭର୍ତ୍ତି ଟ୍ରକ୍‌ଗୁଡ଼ିକ ଫେରି ଯାଇଥିଲା। ସୂଚନାଯୋଗ୍ୟ ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଦାରୁଠେଙ୍ଗରେ ବିଏମ୍‌ସି ପକ୍ଷରୁ ଡମ୍ପିଂୟାର୍ଡ କରିବା ଉଦ୍ୟମକୁ ନେଇ ସମ୍ପୃକ୍ତ ଗ୍ରାମବାସୀ ଦୀର୍ଘଦିନ ହେବ ଘୋର ବିରୋଧ କରି ଆସୁଛନ୍ତି। ଏ ନେଇ ଅନେକ ଥର ସେଠାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରାମ ନିକଟରେ ବିଏମ୍‌ସିର ଡମ୍ପିଂୟାର୍ଡ ହେଲେ ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ପ୍ରଦୂଷଣ ହେବା ସହ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବେ ବୋଲି ଗ୍ରାମବାସୀ ଏହାକୁ ବିରୋଧ କରି ଆସୁଛନ୍ତି। ଯାହାଦ୍ୱାରା ବିଏମ୍‌ସି ଏଠାରେ ଡମ୍ପିଂୟାର୍ଡ କରିବାରେ ଏ ଯାବତ୍ ସଫଳ ହୋଇନାହିଁ। ଏଣୁ ଭୁବନେଶ୍ୱର ଅଞ୍ଚଳରୁ ଅଳିଆ ଆସି ଜଟଣୀରେ ପକାଯାଉଥିବା ଖବର ପ୍ରଚାର ହେବା ପରେ ବିଏମ୍‌ସି ଏଠାରେ ଡମ୍ପିଂୟାର୍ଡ କରିବା ଯୋଜନା କରୁଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଧାରଣା ସୃଷ୍ଟି ହୋଇଥିଲା। ଏହି ଖବର ଚାରିଆଡ଼େ ପ୍ରଚାର ହେବା ପରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସ୍ଥାନୀୟ କେହି ଅଧିକାରୀ ଏ ନେଇ ନିର୍ଦ୍ଦିଷ୍ଟ ଭାବେ କିଛି କହି ପାରୁ ନ ଥିଲେ ମଧ ବାତ୍ୟା ଫନୀ ଯୋଗୁ ବିଏମ୍‌ସି ଅଞ୍ଚଳରେ ଭାଙ୍ଗି ପଡ଼ିଥିବା ଗଛ, ଏହାର ଡାଳ ଓ ଆବର୍ଜନାକୁ ପିଡବ୍ଲ୍ୟୁଡି ପକ୍ଷରୁ ଅଣାଯାଇ ଏଠାରେ ପକାଯାଉଥିବା ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି। ଏ ନେଇ ଜଟଣୀ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର କୁହନ୍ତି, ତାଙ୍କ ସହ ଏ ନେଇ କେହି ଯୋଗାଯୋଗ କରିନାହାନ୍ତି। ତେବେ ମ୍ୟୁନିସିପାଲିଟି ଡମ୍ପିଂୟାର୍ଡରେ ଅଳିଆ ପକାଯିବା ଉଦ୍ୟମ କରାଯାଉଥିବା ଖବର ପାଇଁ ସେ ଘଟଣାସ୍ଥଳକୁ ଯାଇଥିଲେ। ତାଙ୍କ ୟାର୍ଡରେ ନ ପକାଇବାକୁ କହିଥିଲେ। ଏଣୁ ଆସିଥିବା ଟ୍ରକ୍‌ଗୁଡିକ ନିକଟବର୍ତ୍ତୀ ଏକ ଘରୋଇ କଲେଜ ନିକଟରେ ଅଳିଆ ପକେଇବାକୁ ଯାଇଥିବା ତାଙ୍କ ନିକଟରେ ଖବର ଥିବା ସେ କହିଛନ୍ତି।

## ରଥଖଳାରୁ...



ପୁରୀ ଦୋଳବେଦୀର କମାରଶାଳରେ ରଥ ପାଇଁ ବଳା ପ୍ରସ୍ତୁତ କରାଯାଉଛି।



ରଥ ଚକ ତିଆରି ସରିବା ପରେ ଭୋଇ ସେବକମାନେ ନିର୍ଦ୍ଧାରିତ ସ୍ଥାନରେ ରଖିବାକୁ ନେଉଛନ୍ତି।



ପୁରୀ ରଥଖଳାରେ ରୂପକାର ସେବକ କୋଣଗୁଜ ପ୍ରସ୍ତୁତିରେ ନିମଗ୍ନ।

ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ।
- ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ଚିଲିକା ନିକଟବର୍ତ୍ତୀ ଅଞ୍ଚଳରେ ସୋଲାର ଲ୍ୟାମ୍ପ୍ ବାଣ୍ଟିଲା ସ୍ମାଇଲ୍

**ଭୁବନେଶ୍ୱର,୨୮।୫(ବ୍ୟୁରୋ):** ବାତ୍ୟା ଫନୀ ପ୍ରଭାବରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ଚିଲିକା ହ୍ରଦର ୩ଟି ଦ୍ୱୀପ ଗ୍ରାମରେ ସ୍ମାଇଲ ଫାଉଣ୍ଡେସନ୍ ପକ୍ଷରୁ ୭୦୦ରୁ ଅଧିକ ପରିବାରଙ୍କୁ ସୋଲାର ଲ୍ୟାମ୍ପ ପ୍ରଦାନ କରାଯାଇଛି। ଏହି ଅଞ୍ଚଳରେ ବିଜୁଳି ଆଲୁଅ ଆସିବା ପାଇଁ ଆହୁରି ୧ ମାସରୁ ଅଧିକ ସମୟ ଲାଗିବ ବୋଲି କୁହାଯାଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଫାଉଣ୍ଡେଶନ ସାହାଯ୍ୟର ହାତ ବଢ଼ାଇଛି। ବିଶେଷକରି ମହିଳାମାନଙ୍କ ସୁରକ୍ଷାକୁ ନଜରରେ ରଖି ବରହମପୁର, ମହିଶା ଏବଂ ଖଟିସାହି ଗ୍ରାମରେ ଏହି ଲ୍ୟାମ୍ପ୍ ବଣ୍ଟନ କରାଯାଇଛି। ସ୍ମାଇଲ ଫାଉଣ୍ଡେଶନ ସହ ପ୍ରତିଷ୍ଠାତା ସାନ୍ତନୁ ମିଶ୍ର କହିଛନ୍ତି, ବାତ୍ୟା ପ୍ରଭାବିତ ଲୋକଙ୍କ ପାଇଁ ଏବେ ଭଙ୍ଗା ଘର, ଜୀବନ ଜୀବିକା, ରାସ୍ତାଘାଟର ଅବସ୍ଥା ଇତ୍ୟାଦି ପ୍ରମୁଖ ଆହ୍ୱାନ ହୋଇଛି। ଏଭଳିସ୍ଥିତିରେ ବିଜୁଳି ଆଲୋକ ନ ରହିବା ଏକ ବଡ଼ ପ୍ରତିବନ୍ଧକ ସାଜିଛି। ବାତ୍ୟା ପରେ ରାତି ହେଲେ ଲୋକେ ଏପର୍ଯ୍ୟନ୍ତ ମଧ ଅନ୍ଧାରରେ ରହୁଛନ୍ତି। ଏଥିପାଇଁ ସ୍ମାଇଲ ଫାଉଣ୍ଡେଶନ ଚିଲିକା ହ୍ରଦ ନିକଟବର୍ତ୍ତୀ ଅଞ୍ଚଳରେ ସୋଲାର ଲ୍ୟାମ୍ପ ବାଣ୍ଟିବା ଆରମ୍ଭ କରିଛି ବୋଲି ସେ କହିଥିଲେ।

### 'ଫାଇନ୍ ହାର୍ଟ' ଉଦ୍ଯାପିତ

**ଭୁବନେଶ୍ୱର,୨୮।୫(ବ୍ୟୁରୋ):** ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀ ଆନୁକୂଲ୍ୟରେ ଆୟୋଜିତ ଗ୍ରୀଷ୍ମକାଳୀନ ଚିତ୍ରକଳା ଓ ହସ୍ତକଳା ଶିବିର 'ଫାଇନ୍ ହାର୍ଟ-୨୦୧୯' ଉଦ୍ଯାପିତ ହୋଇଯାଇଛି। ଫରେଷ୍ଟ ପାର୍କସ୍ଥିତ ଗ୍ୟାଲେରୀ ପରିସରରେ ମଙ୍ଗଳବାର ଏହାର ଉଦ୍ଯାପନୀ ସମାରୋହ ଆୟୋଜିତ ହୋଇଥିଲା। ଶିଶୁ ଓ କିଶୋରସ୍ତରୀୟ ଏହି ଶିବିରରେ ୩୦ରୁ ଉର୍ଦ୍ଧ୍ୱ ପିଲା ଭାଗ ନେଇଥିଲେ। ଏହି ଅବସରରେ ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କ ଦ୍ୱାରା ଚିତ୍ରକଳା ଓ ହସ୍ତକଳାର ବିଭିନ୍ନ କୌଶଳ ସମ୍ପର୍କରେ ପ୍ରାୟ ୧୫ଦିନ ବ୍ୟାପୀ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍ଯାପନୀ ସମାରୋହରେ ପ୍ରଶିକ୍ଷାର୍ଥୀମାନଙ୍କ ନିଜସ୍ୱ ସୃଷ୍ଟିକୁ ନେଇ ଏକ ପ୍ରଦର୍ଶନୀ ଆୟୋଜନ ହୋଇଥିଲା। ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀର ପ୍ରତିଷ୍ଠାତା ତାରାକାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମ୍ମାନିତ ଅତିଥି ଭାବେ ସିନେ ସମୀକ୍ଷକ ଦିଲୀପ ହାଲି, ଫଟୋଗ୍ରାଫର୍ ସିଦ୍ଧାର୍ଥ କୁମାର ଦେ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ଶିକ୍ଷୀଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିରକୁ ସୁବ୍ରତ କୁମାର ମହାନ୍ତି, ସୌମ୍ୟ ରଞ୍ଜନ ନାୟକ, ମୌସୁମୀ ମିଶ୍ର, ସରୋଜ କୁମାର ରାଉତ ପ୍ରମୁଖ ପରିଚାଳନା କରିଥିଲେ।

### ଷ୍ଟାର କଲଚରାଲ ଫେଷ୍ଟିଭାଲ ୧ରୁ

**କଟକ ଅଫିସ୍, ୨୮।୫:** ଆସନ୍ତା ୧ରୁ ଆରମ୍ଭ ହେବ ଷ୍ଟାର କଲଚରାଲ ଫେଷ୍ଟିଭାଲ। ଏନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବକ୍ସିବଜାରସ୍ଥିତ ନିଖିଳ ଉତ୍କଳ କଳାନିକେତନ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନ୍ନପୂର୍ଣ୍ଣା ଥିଏଟର 'ବି' ପରିସରରେ ହେବାକୁ ଥିବା ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ରାଜ୍ୟ ତଥା ଦେଶର ବହୁ ନାମୀ ଦାମୀ ନୃତ୍ୟ, ସଙ୍ଗୀତ ଶିଳ୍ପୀମାନେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି। ଏହି ବୈଠକରେ ଅନୁଷ୍ଠାନର ସଭାପତି କିଶୋର ଚନ୍ଦ୍ର ଦାସ, ନୃତ୍ୟାଙ୍ଗନା ପ୍ରମିଳା ଦୋସୀ, ନୃତ୍ୟାଙ୍ଗନା ସାଇଲକ୍ଷ୍ମୀ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ସମ୍ପାଦକ ବିଶ୍ୱମ୍ଭର ସାହୁ ଧନ୍ୟବାଦ ଦେଇଥିଲେ।

# ଅଣ୍ଟା ସଳଖୁଛି ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ

## 'ମ୍ୟୁଜିୟମ୍ ୱିକ୍ ଅଫ୍ ୭ ହାସ୍‌ଟ୍ୟାଗ୍‌ସ ଆଣ୍ଡ୍ ୭ ଥିମ୍‌ସ'ରେ ଆଗୁଆ 'କଳାଭୂମି'

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

ସ୍ୱାଭାବିକ ହେଉଛି ଦେଶର ପ୍ରଥମ ତଥା ଏକମାତ୍ର ହସ୍ତଶିଳ୍ପ ଓ ହସ୍ତତନ୍ତ ସଂଗ୍ରହାଳୟ 'କଳାଭୂମି'ର ସ୍ଥିତି। ଭୁବନେଶ୍ୱର ଗଣ୍ଡମୁଣ୍ଡାରେ ଥିବା ଏହି ସଂଗ୍ରହାଳୟ ବାତ୍ୟା ଦ୍ୱାରା ବ୍ୟାପକଭାବେ କ୍ଷତିଗସ୍ତ ହୋଇଥିବାବେଳେ ଧୀରେ ଧୀରେ ଅଣ୍ଟା ସଳଖୁଛି। ବର୍ଷତମାମ୍ ବିଦେଶୀ ଓ ଦେଶୀୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା କଳାଭୂମିରେ ଏବେ ୱାର୍କଶପ୍, ସମର୍ କ୍ୟାମ୍ପ୍ ଆଦି ବିଭିନ୍ନ ଇଭେଣ୍ଟ ଆୟୋଜନ ପାଇଁ ପ୍ରଚେଷ୍ଟା ଆରମ୍ଭ ହୋଇଛି।

'ଫନୀ'ରେ ଭୁବନେଶ୍ୱରରେ ଥିବା ସମସ୍ତ ସଂଗ୍ରହାଳୟ ବ୍ୟାପକଭାବେ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ଗଣ୍ଡମୁଣ୍ଡାଠାରେ ନୂତନଭାବେ ନିର୍ମାଣ ହୋଇଥିବା 'କଳାଭୂମି' ବାତ୍ୟା ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ୧୨ ଏକର ପରିମିତ ଅଞ୍ଚଳରେ ଅବସ୍ଥିତ ଏହି ସଂଗ୍ରହାଳୟର ୱାର୍କଶପ୍ ହଲ୍, ହସ୍ତଶିଳ୍ପ ଏବଂ ହସ୍ତତନ୍ତ ବ୍ଲକ୍, ଟିକେଟ୍ କାଉଣ୍ଟର, ପମ୍ପ ହାଉସ୍ ଆଦି ଭାଙ୍ଗିରୁଜି ଯାଇଥିଲା। ପରିସରରେ ଥିବା ଶତାଧିକ ଛୋଟ ଗଛ ନଷ୍ଟ ହେବା ସହ ବଡ଼ବଡ଼ ପୁରୁଣା ଗଛଗୁଡ଼ିକ ଉପୁଡ଼ି ପଡ଼ିଥିଲା। ସେହିଭଳି ବିଜୁଳି ଖୁଣ୍ଟ, ଲ୍ୟାମ୍ପ ଲାଇଟ୍, ବାହାରେ ଥିବା ଆଲୋକୀକରଣ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଥିଲା। ଝରକା, କବାଟ ସହ ମ୍ୟୁଜିୟମ୍‌ର ସୌନ୍ଦର୍ଯ୍ୟକରଣ ପାଇଁ ସଂଗ୍ରହାଳୟ ପରିସରରେ ରଖାଯାଇଥିବା ହସ୍ତଶିଳ୍ପ କଳାକୃତି ଏବଂ ଜଳଉସଗୁଡ଼ିକ ମଧ ନଷ୍ଟ ହୋଇଥିଲା। ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ସହିଥିବା ଏହି ସଂଗ୍ରହାଳୟ କିନ୍ତୁ ଇତିମଧରେ ନିଜକୁ ସଜାଡ଼ି ନେଇଛି। ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେବାପରେ ୧୩ ତାରିଖରୁ ଏହି ସଂଗ୍ରହାଳୟକୁ ଜନସାଧାରଣଙ୍କ ପାଇଁ ଖୋଲାଯାଇଥିଲା। ଆଉ ଏବେ ମରାମତି କାର୍ଯ୍ୟ ଜୋରସୋର୍‌ରେ ଆଗେଇ ଚାଲିଛି। ଇତିମଧରେ ପୂର୍ବସୂଚିତ ସାପ୍ତାହିକ କାର୍ଯ୍ୟସୂଚୀ ଅନୁଯାୟୀ ସଂଗ୍ରହାଳୟ ମଧରେ କର୍ମଶାଳା ଅନୁଷ୍ଠିତ ହେଉଛି। ସେହିଭଳି ପର୍ଯ୍ୟଟକଙ୍କ ପାଇଁ ମ୍ୟୁଜିୟମ୍ ୱାକ୍ ଓ ମ୍ୟୁଜିୟମ୍ ଟ୍ରେଲ୍ ଭଳି ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ପ୍ରତ୍ୟେକ ଗୁରୁବାର, ଶନିବାର ଓ ରବିବାର ପୂର୍ବାହ୍ନ ୧୧ଟା ୩୦ରେ ହ୍ୟାଣ୍ଡଲୁମ୍ ଟ୍ରେଲ୍ ଆୟୋଜିତ ହେଉଛି। ପ୍ରତ୍ୟେକଦିନ ପୂର୍ବାହ୍ନ ୧୧ଟା, ଅପରାହ୍ନ ୧୨ଟା ୩୦ ଓ ୩ଟାରେ ଗାଇଡେଡ୍ ଟୁର୍ ହେଉଛି। କ୍ରାଫ୍ଟ ଅଫ୍ ଦି ମନ୍ଥ ସିରିଜ୍ ଓ ମ୍ୟୁଜିୟମ୍ ୱାକ୍ ସମ୍ପର୍କରେ ମ୍ୟୁଜିୟମ୍‌ର ସୋସିଆଲ ମିଡ଼ିଆ ହ୍ୟାଣ୍ଡେଲରେ ସମସ୍ତ ପ୍ରକାର ସୂଚନା ଦିଆଯାଉଛି। ଗତବର୍ଷ ଭଳି ଏବର୍ଷ ମଧ ଏଠାରେ କୁନି କୁନି ପିଲାଙ୍କ ପାଇଁ ବିଭିନ୍ନ ପ୍ରକାର ସମର୍ ୱାର୍କଶପ୍‌ର ଆୟୋଜନ କରାଯାଉଛି। ଏହି ୱାର୍କଶପ୍ ମାଧମରେ ପିଲାମାନଙ୍କୁ ବିଭିନ୍ନ କଳାକୌଶଳ ଶିଖାଯିବାର ବ୍ୟବସ୍ଥା ହୋଇଛି। 'ମ୍ୟୁଜିୟମ୍ ୱିକ୍ ଅଫ୍ ୭ ହାସ୍‌ଟ୍ୟାଗ୍‌ସ ଆଣ୍ଡ୍ ୭ ଥିମ୍‌ସ' ଶୀର୍ଷକ ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ମାଧମରେ ଆମ ସମାଜ ଓ ସଂସ୍କୃତିରେ ମହିଳାମାନଙ୍କ ଅବଦାନ ଓ ଗୁରୁତ୍ୱକୁ ଦର୍ଶାଇବାର ପ୍ରୟାସ କରାଯାଇଛି। ଏଥିରେ ସମଗ୍ର ବିଶ୍ୱର ପ୍ରମୁଖ ସଂଗ୍ରହାଳୟମାନେ ଅଂଶଗ୍ରହଣ କରିଥିବାବେଳେ କଳାଭୂମି ନିଆରାସ୍ୱାଦର କାର୍ଯ୍ୟକ୍ରମ କରି ଏକ୍ଷେତ୍ରରେ ଆଗୁଆ ରହିଛି।


କଳାଭୂମିରେ ଚାଲିଥିବା କର୍ମଶାଳାରେ ପିଲାମାନେ କଳାକୌଶଳ ଶିଖୁଛନ୍ତି।

## ଭାରତରୁ ପ୍ରତିନିଧିତ୍ୱ କରିବେ ଓଡ଼ିଶାର ସୋନାକ୍ଷୀ

ଅନ୍ତର୍ଜାତୀୟ 'ମହିଳା ସୁରକ୍ଷା ସମ୍ମିଳନୀ'



**ଭୁବନେଶ୍ୱର, ୨୮।୫(ବ୍ୟୁରୋ)**

ଆମେରିକାର କାନାଡ଼ାସ୍ଥିତ ଭାଙ୍କୋଭରଠାରେ ହେବାକୁ ଥିବା 'ମହିଳା ସୁରକ୍ଷା ସମ୍ମିଳନୀ'ରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ସୋନାକ୍ଷୀ ମଲ୍ଲ ମନୋନୀତ ହୋଇଛନ୍ତି। ଆସନ୍ତା ୩୧ରୁ ଜୁନ୍ ୬ତାରିଖ ପର୍ଯ୍ୟନ୍ତ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ସୋନାକ୍ଷୀ ଭାରତରୁ ଏକମାତ୍ର ସଦସ୍ୟା ଭାବେ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି। କଟକ ରେଭେନ୍ସା ଜୁନିୟର ମହାବିଦ୍ୟାଳୟରେ ଅଧ୍ୟୟନରତ ସୋନାକ୍ଷୀ ହେଉଛନ୍ତି ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଙ୍ଗଠନର ରେଞ୍ଜର (ସିନିୟର ଗାଇଡ୍)। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରାଜ୍ୟ ମୁଖ୍ୟାଳୟଠାରେ ସୋନାକ୍ଷୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ପରେ ସଚିବାଳୟରେ ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କୁ ସେ ଭେଟିଥିଲେ। ସେଠାରେ ମଧ ତାଙ୍କୁ ବିଭାଗ ତରଫରୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ଆସନ୍ତା ୨୯ତାରିଖରେ ସୋନାକ୍ଷୀ ଆମେରିକା ଯାତ୍ରା କରିବେ।

## ଆରମ୍ଭ ହେଲା ଭିତର ଚନ୍ଦନଯାତ୍ରା

**ପୁରୀ ଅଫିସ,୨୮।୫**



ସୋମବାର ଶେଷ ହୋଇଛି ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା। ୨୧ଦିନ ଧରି ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିଛନ୍ତି ଠାକୁର। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ରାମ, କୃଷ୍ଣ, ମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀଙ୍କ ସହିତ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ ଜଳକ୍ରୀଡ଼ା କରିଛନ୍ତି। ତେବେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରା। ବାହାର ଚନ୍ଦନ ଭଳି ଶ୍ରୀମନ୍ଦିର ଭିତରେ ମଧ ୨୧ଦିନ ଭିତର ଚନ୍ଦନ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଅକ୍ଷୟ ତୃତୀୟାଠାରୁ ୪୨ଦିନ ଧରି ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଚନ୍ଦନ ଯାତ୍ରା ମଧ୍ୟରୁ ପ୍ରଥମ ୨୧ ଦିନକୁ ବାହାର ଚନ୍ଦନ ଯାତ୍ରା ଏବଂ ଏହା ପରବର୍ତ୍ତୀ ୨୧ ଦିନକୁ ଭିତର ଚନ୍ଦନ ଯାତ୍ରା କୁହାଯାଏ। ସୋମବାର ବାହାର ଚନ୍ଦନ ଯାତ୍ରା ଶେଷ ହୋଇଛି। ମଙ୍ଗଳବାରଠାରୁ ଭିତର ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି । ଭିତର ଚନ୍ଦନ ଯାତ୍ରା ସମୟରେ ଶ୍ରୀମନ୍ଦିରରେ ପ୍ରତ୍ୟହ ଦୁଇଥର ଆଲଟଲାଗି ହୋଇଥାଏ। ଭୋଗମଣ୍ଡପ ପରେ ଥରେ ଏବଂ ସନ୍ଧ୍ୟା ଧୂପ ପରେ ଆଉଥରେ ଆଲଟ ଲାଗି କରାଯାଇଥାଏ। ଏଥିସହିତ ରାତ୍ରରେ ଠାକୁରଙ୍କ ପାଖରେ ପଣାଭୋଗ ହୋଇଥାଏ। ଭିତର ଚନ୍ଦନ ସମୟରେ ୪ଦିନ ଅର୍ଥାତ୍ ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳଷଷ୍ଠୀ ଏବଂ ରୁକ୍ମଣୀ ହରଣ ଏକାଦଶୀରେ ମହାପ୍ରଭୁଙ୍କର ଜଳକ୍ରୀଡ଼ ଉତ୍ସବ ଅନୁଷ୍ଠିତ ହୁଏ। ଏହି ୪ଦିନ ଠାକୁର ଜଳକ୍ରୀଡ଼ା ମଣ୍ଡପକୁ ଯାଇଥାନ୍ତି। ସେଠାରେ ପାରମ୍ପରିକ ରୀତିରେ ଜଳକ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥାଏ ବୋଲି ଡ. ଦାଶ ପ୍ରକାଶ କରିଛନ୍ତି।

## ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ ଆଜି

**ପୁରୀ ଅଫିସ,୨୮।୫:** ଆସନ୍ତା ଜୁଲାଇ ୪ତାରିଖରେ ରଥଯାତ୍ରା। ଏଥିପାଇଁ ରଥ ନିର୍ମାଣ କାମ ଦ୍ରୁତଗତିରେ ଆଗେଇ ଚାଲିଛି। ଅନ୍ୟପକ୍ଷରେ ପ୍ରଶାସନିକ ପ୍ରସ୍ତୁତି ମଧ ଜୋର୍ ଧରିଲାଣି। ବୁଧବାର ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ। ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସ ପରିସରରେ ହେବାକୁ ଥିବା ଏହି ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅଧ୍ୟକ୍ଷତା କରିବେ। ତେବେ ବାତ୍ୟାରେ ପୁରୀ ସହରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଦ୍ୟୁତ୍, ଜଳ ଯୋଗାଣ, ପରିମଳ, ଟେଲିଫୋନ ଆଦି ସେବା ବ୍ୟାହତ ହୋଇଥିବାବେଳେ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କାମ ଚାଲିଛି। ରଥଯାତ୍ରା ପୂର୍ବରୁ ଏହାକୁ କିପରି ସ୍ୱାଭାବିକ କରାଯିବ ତାହା ଉପରେ ମୁଖ୍ୟତଃ ଫୋକସ ରହିବ। ରଥଯାତ୍ରାକୁ ଆଉ ମାତ୍ର ୧ ମାସ ସମୟ ରହିଛି। ଏତେ କମ୍ ସମୟ ମଧରେ ସବୁ କିଭଳି ସୁବ୍ୟବସ୍ଥିତ କରାଯାଇ ରଥଯାତ୍ରାକୁ ଶୃଙ୍ଖଳିତ କରାଯିବ ତାହା ଉପରେ ଜିଲା ପ୍ରଶାସନ ଗୁରୁତ୍ୱାରୋପ କରିଛି। ନୂତନ ଜିଲାପାଳ ବଲୱନ୍ତ ସିଂ ମଧ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ରଥଯାତ୍ରା ପ୍ରସ୍ତୁତିକୁ ନେଇ ଏକ ସମୀକ୍ଷା ବୈଠକ କରିସାରିଛନ୍ତି । ଦ୍ୱିତୀୟ ସମନ୍ୱୟ ବୈଠକ ପରେ ପ୍ରଶାସନ ପୁନରୁଦ୍ଧାର କାମ ସହ ରଥଯାତ୍ରା ଉପରେ ଫୋକସ ରଖିବ ବୋଲି ଜଣାପଡ଼ିଛି ।

## ଓୟୁଏଟିରେ ଦକ୍ଷତା ବିକାଶ ତାଲିମ ଉଦ୍‌ଘାଟିତ




**ଭୁବନେଶ୍ୱର, ୨୮।୫(ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଦକ୍ଷତା ପରିଷଦ (ଆସ୍କି) ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳପତି ଡ. ପଵନ କୁମାର ଅଗ୍ରୱାଲ ଉଦ୍‌ଘାଟନ କରି ସାମ୍ପ୍ରତିକ ସମୟରେ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଆସ୍କିର ଆଞ୍ଚଳିକ ସଂଯୋଜକ ସନ୍ତୋଷ କୁମାର ପଣ୍ଡା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ଯୋଜନା, ତଦାରଖ ଓ ମୂଲ୍ୟାୟନ ନିର୍ଦ୍ଦେଶକ ଡ. ହୃଷୀକେଷ ପାତ୍ର ସ୍ୱାଗତଭାଷଣ ପ୍ରଦାନ କରିଥିବାବେଳେ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ଅଧକ୍ଷ ଡ. ସଞ୍ଜୟ କୁମାର ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ସନତ ମିଶ୍ର ପରିଚାଳନା କରିଥିଲେ। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ୧୮ଜଣ ଅଧାପକ ଓ ବୈଜ୍ଞାନିକମାନଙ୍କୁ ତାଲିମ ପ୍ରଦାନ କରାଯିବ।

## ଅଗ୍ନିକାଣ୍ଡ: ୪ ବଖରା ଭସ୍ମୀଭୂତ

**କଟକ ଅଫିସ,୨୮।୫**

ଶିଖରପୁର କୋରପୋଖରୀ ଅଞ୍ଚଳରେ ମଙ୍ଗଳବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ କୋରପୋଖରୀ ଅଞ୍ଚଳର ଲକ୍ଷ୍ମୀଧର ଜେନାଙ୍କ ୪ବଖରା ଚାଳଘର ଜଳି ଭସ୍ମୀଭୂତ ହୋଇଯାଇଛି। ସୂଚନା ଅନୁଯାୟୀ, ରାତିପ୍ରାୟ ୧୧ଟା ରେ ଘର ପାଖରେ ଥିବା ଏକ ଟ୍ରାନ୍ସଫର୍ମରରୁ ସର୍ଟ ସର୍କିଟ ହେବା ଫଳରେ ହଠାତ୍ ନିଆଁ ବ୍ୟାପି ଯାଇଥିଲା। ଖବରପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ମାତ୍ର ନିଆଁକୁ ଆୟତ କରିବା ପୂର୍ବରୁ ଘରର ସମସ୍ତ ଆସବାବପତ୍ର,ଟଙ୍କା ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସମ୍ପୂର୍ଣ୍ଣ ଜଳଯାଇଛି।



## ସେଲ୍‌ଫି କର୍ନର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ । ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com


ଚିନ୍ମୟୀ


ହରପ୍ରିୟା


ହାପି


ପଦ୍ମା


ମୁନୁ


ସୋମକାନ୍ତ


ଦେବରାଜ



ସତ୍ୟ ହିଁ ବ୍ରହ୍ମ, ସତ୍ୟ ହିଁ ତପସ୍ୟା, ସତ୍ୟ ହିଁ ପ୍ରାଣୀମାନଙ୍କୁ ସୃଜନ କରେ, ସତ୍ୟ ଦ୍ୱାରା ହିଁ ସମସ୍ତ ଲୋକ ଧୃତ ହୋଇଥାଏ ଏବଂ ସତ୍ୟ ଦ୍ୱାରା ହିଁ ଶେଷରେ ମନୁଷ୍ୟ ସ୍ୱର୍ଗ ଲୋକ ପାଇଥାଏ। -ସ୍ୱାମୀ ଶିବାନନ୍ଦ



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଗୋପ,୨୮।୫(ଡି.ଏନ୍.ଏ.)- ଗୋପସ୍ଥିତ ଗଣେଶ୍ୱରପୁର ପଞ୍ଚାୟତ ଅଧୀନ ଶଙ୍ଖରିଆ ଗ୍ରାମ ପୋଖରୀରୁ ମଙ୍ଗଳବାର ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଉଦ୍ଧାର ହୋଇଛି। ସେ ହେଲେ ଏହି ଗ୍ରାମର ଦୀନବନ୍ଧୁ ରାଉତ(୮୫)। ଉଦ୍ଧାର ପରେ ଥାନାରେ ନଂ୧୩/୧୯ରେ ଏକ ଅପମୃତ୍ୟୁ ମାମଲା ପୋଲିସ ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଯାଇଛି। ପ୍ରକାଶ ଯେ, ପ୍ରାତଃରୁ ଦୀନବନ୍ଧୁ ଝାଡା ପାଇଁ ଗ୍ରାମ ପୋଖରୀକୁ ଯାଇଥିଲେ। କିନ୍ତୁ ଫେରିବାରେ ବିଳମ୍ୱ ହେବାରୁ ପରିବାରଲୋକେ ଖୋଜାଖୋଜି କରିଥିଲେ ସୁଦ୍ଧା ପାଇ ନ ଥିଲେ। ପରେ ବୃଦ୍ଧଙ୍କ ମୃତଦେହ ପୋଖରୀରେ ଭାସୁଥିବାର ଖବର ମିଳିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା।

### ଗଛରେ ପିଟିହେଲା ଅଟୋ, ୭ ଗୁରୁତର

ନିମାପଡ଼ା,୨୮।୫(ଡି.ଏନ୍.ଏ.): ନିମାପଡ଼ା-କୋଣାର୍କ ରାସ୍ତାର ସର୍ବାପଡ଼ା ପ୍ରଧାନସାହି ଛକ ନିକଟରେ ମଙ୍ଗଳବାର ଏକ ଯାତ୍ରୀବାହୀ ଅଟୋ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ନଡ଼ିଆ ଗଛରେ ପିଟି ହୋଇଯାଇଥିଲା। ଫଳରେ ଅଟୋ ଡ୍ରାଇଭରଙ୍କ ସହ ୬ଯାତ୍ରୀ ଗୁରୁତର ହୋଇଥିଲେ। ଗୁରୁତରମାନେ ହେଲେ କୋଣାର୍କ ଥାନା ଧନିତ୍ରୀ ଅଞ୍ଚଳର ବାସୁଦେବ ସାହୁ, ବିମଳା ସାହୁ, ଦେବ ଜେନା, ସୁରେନ୍ଦ୍ର ବେହେରା, ମିଲି ବେହେରା, ପ୍ରଭୁଦତ୍ତ ସାହୁ ଓ ଅଟୋ ଡ୍ରାଇଭର ବିଜୟ ବେହେରା। ଗୁରୁତରଙ୍କୁ ସ୍ଥାନୀୟଲୋକେ ଚିକିତ୍ସା ପାଇଁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ଗୁରୁତରଙ୍କ ମଧ୍ୟରୁ ୫ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଅଟୋ ଯାତ୍ରୀଙ୍କୁ ନେଇ କୋଣାର୍କ ଅଞ୍ଚଳରୁ ନିମାପଡ଼ା ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

### ଜମି ଦେବା ନାଁରେ ୨ଲକ୍ଷ ଟଙ୍କା ଠକେଇ ଅଭିଯୋଗ

ନିମାପଡ଼ା,୨୮।୫(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ବଦଳାଶାସନ ଗ୍ରାମର ଦେବେନ୍ଦ୍ର ଦାଶଙ୍କୁ ଜମି ଦେବା ନାଁରେ ସଞ୍ଜୟ ଓରଫ ଟୁଟୁ ବେହେରା ୨ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଦେବେନ୍ଦ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୧୩୩/୧୯)ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ନୟାଗଡ ଜିଲା ରଣପୁର ଥାନା ଅନ୍ତର୍ଗତ ଝିଙ୍କିଝରୀ ଗ୍ରାମରେ ସଞ୍ଜୟଙ୍କ ଘର ହୋଇଥିବା ବେଳେ ସେ ନିମାପଡ଼ା ଥାନା ଗୁହାଳପଡ଼ା ଗ୍ରାମରେ ଘରଭଡ଼ା ନେଇ ରହୁଥିଲେ। ଦେବେନ୍ଦ୍ରଙ୍କ ସହ ସଞ୍ଜୟଙ୍କର ଦୀର୍ଘ ଦିନ ହେବ ସମ୍ପର୍କ ରହିଥିଲା। ସଞ୍ଜୟଙ୍କର କୋଣାର୍କ ଅଞ୍ଚଳରେ ଏକ ଗ୍ୟାସ ଏଜେନ୍ସି ଥିବା ଜଣାପଡିଛି। ସଞ୍ଜୟ ୨୦୦୯ରେ ଦେବେନ୍ଦ୍ରଙ୍କୁ ଏକ ଜମି ଦେବେ ବୋଲି ୨ଲକ୍ଷ ଟଙ୍କା ନେଇଥିଲେ। ଅଦ୍ୟାବଧି ଦେବେନ୍ଦ୍ରଙ୍କୁ ଜମି ନ ଦେଇ ନ ଥିବା ସହ ଉକ୍ତ ଟଙ୍କାକୁ ସଞ୍ଜୟ ଫେରାଉ ନାହାଁ। ଏନେଇ ଶେଷରେ ଦେବେନ୍ଦ୍ର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ଶ୍ରୀମନ୍ଦିର, ଗୁଣ୍ଡିଚା ମନ୍ଦିରରେ ଚାଲିଛି ମରାମତି

ପୁରୀ ଅଫିସ,୨୮।୫:

ବାତ୍ୟା 'ଫନୀ' ଯେ କେବଳ ମଣିଷଙ୍କୁ ବିପନ୍ନ କରିଦେଇଛି ତାହା ନୁହେଁ ବହୁ ଐତିହ୍ୟ, ଧାର୍ମିକ ଏବଂ ଦର୍ଶନୀୟସ୍ଥଳରେ ମଧ୍ୟ ତାଣ୍ଡବ ରଚିଛି। ଏଥିରୁ ବାଦ୍ ପଡ଼ିନି ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର। ଗୁଣ୍ଡିଚା ମନ୍ଦିରରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଶ୍ରୀମନ୍ଦିରରେ ମଧ୍ୟ ଅନେକ କୀର୍ତ୍ତିରାଜି ଉପରେ ବାତ୍ୟାର ପ୍ରଭାବ ପଡ଼ିଛି। ସିଂହଦ୍ୱାର ପ୍ରବେଶ ପଥରେ ଥିବା ଜୟ ମୂର୍ତ୍ତି, ମୁଖ୍ୟ ମନ୍ଦିରର ଦୁଇଟି ସିଂହ, ଭୋଗମଣ୍ଡପ ଉପର କଳସ, ବଟ ବୃକ୍ଷ ପ୍ରଭୃତି କ୍ଷତି ହୋଇଛି। ସେହିପରି ଆନନ୍ଦବଜାର ସମେତ ବେଢା ପରିସର ବିଭିନ୍ନ ମନ୍ଦିରରେ ବି ଆଂଶିକ କ୍ଷୟକ୍ଷତି ହୋଇଛି। ଗୁଣ୍ଡିଚା ମନ୍ଦିର ପରିସରରେ ବ୍ୟାପକ ଗଛ ଧରାଶାୟୀ ହୋଇପଡ଼ିଥିବା ବେଳେ ମନ୍ଦିରରେ ମଧ୍ୟ କ୍ଷତି ପହଞ୍ଚାଇଛି । ଆଗକୁ ରଥଯାତ୍ରା ଆସୁଥିବାରୁ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଏଏସ୍ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମରାମତି କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି । ଅପରପକ୍ଷେ ଗତ ୧୮ ତାରିଖରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଶ୍ରୀମନ୍ଦିର ପରିଦର୍ଶନରେ ଆସି କ୍ଷୟକ୍ଷତି ଅନୁଧ୍ୟାନ କରିବା ସହ ସ୍ନାନଯାତ୍ରା ପୂର୍ବରୁ ମରାମତି କାମ ଶେଷ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏଏସ୍ଆଇର ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ ବାତ୍ୟା ଶ୍ରୀମନ୍ଦିର ସମେତ ବେଢା ପରିସର ଏକାଧିକ ମନ୍ଦିରରେ କ୍ଷତି ପହଞ୍ଚାଇଛି। କେଉଁଠି ପ୍ଲାଷ୍ଟର ଖସିପଡ଼ିଛି ତ ଆଉ କେଉଁଠି କୀର୍ତ୍ତିରାଜି ନଷ୍ଟ ହୋଇଛି। ତେବେ ଏ ସବୁର ମରାମତି କାମ ଦ୍ରୁତଗତିରେ ଚାଲିଛି। ସ୍ନାନ ପୂର୍ଣ୍ଣିମା ପୂର୍ବରୁ ମରାମତି ସାରିବାକୁ ନିର୍ଦ୍ଦେଶ ରହିଥିବାରୁ ଏହାକୁ ନଜରରେ ରଖି କାମ ଚାଲିଥିବା ସମ୍ପୃକ୍ତ ଅଧିକାରୀ କହିଛନ୍ତି । ବର୍ଷା ଓ ପବନ ମାଡ଼ରେ ଜଗମୋହନ, ସାକ୍ଷୀଗୋପାଳ ମନ୍ଦିର ସମେତ ଏକାଧିକ ମନ୍ଦିରରୁ ପ୍ଲାଷ୍ଟର ଛାଡ଼ି ଯାଇଥିଲା। ଏ ସବୁର ମରାମତି କରାଯାଇଛି। ଭୋଗ ମଣ୍ଡପ ଉପରେ ଥିବା କଳସରୁ ଆବରଣ ଛାଡ଼ିଯାଇଥିଲା। ବର୍ତ୍ତମାନ ଭାରା ବନ୍ଧାଯାଇ ଏହାର କାମ ଜାରି ରହିଛି। ସେହିପରି ଲୁହାଭାରା ମାଡ଼ରେ ମୁଖ୍ୟ ମନ୍ଦିରରୁ ସିଂହମୂର୍ତ୍ତି ଦୁଇଟି ତଳକୁ ଖସିପଡ଼ିଥିଲା। ସେହି ମୂର୍ତ୍ତି ଦୁଇଟିକୁ ଯଥା ସ୍ଥାନରେ ଲଗାଯାଇଛି। ଆନନ୍ଦ ବଜାରରେ ଗଛ ଉପୁଡ଼ିଯିବାରୁ କେତେକ ଫ୍ଲୋରିଂ ନଷ୍ଟ ହୋଇଯାଇଥିଲା। ତାହାକୁ ମରାମତି କରାଯାଇଛି। ବାତ୍ୟାରେ ସିଂହଦ୍ୱାର ପ୍ରବେଶ ପଥରେ ରହିଥିବା ଜୟ ମୂର୍ତ୍ତି ଭାଙ୍ଗି ତଳେ ପଡ଼ିଥିଲା । ଏହି ମୂର୍ତ୍ତି ପୂର୍ବରୁ ସିମେଣ୍ଟ ଏବଂ ରଡ୍‌ରେ ତିଆରି ହୋଇଥିଲା। ଏବେ ମୂର୍ତ୍ତିକୁ ଖଣ୍ଡୋଲାଇଟ୍ ପଥରରେ ତିଆରି କରାଯାଉଛି। ଭୁବନେଶ୍ୱରର ଜଣେ ଶିଳ୍ପୀ ଏହାକୁ ତିଆରି କରୁଛନ୍ତି। ତେବେ ଏହି କାମ ବିଳମ୍ୱ ହୋଇପାରେ। କିନ୍ତୁ ସ୍ନାନ ଯାତ୍ରା ପୂର୍ବରୁ ଅନ୍ୟାନ୍ୟ ମରାମତି କାମ ଶେଷ ହୋଇଯିବ ବୋଲି ସମ୍ପୃକ୍ତ ଅଧିକାରୀ କହିଛନ୍ତି। ସେପଟେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁଣ୍ଡିଚା ମନ୍ଦିରରେ ମଧ୍ୟ ଜୋର୍‌ଦାର କାମ ଚାଲିଛି। ରଥଯାତ୍ରା ସମୟରେ ମହାପ୍ରଭୁ ଏଠାରେ ଅବସ୍ଥାନ କରିବେ। ଏହି ନବଦିନାତ୍ମକ ଯାତ୍ରାରେ ଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ଗହଳି ହେବ । ତେଣୁ ସ୍ନାନଯାତ୍ରା ପୂର୍ବରୁ ଗୁଣ୍ଡିଚା ମନ୍ଦିର ଏବଂ ଶ୍ରୀମନ୍ଦିରକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଛି।



■ ଦିବ୍ୟାଙ୍ଗଙ୍କ କ୍ଷୟକ୍ଷତି ଆକଳନ ସମୀକ୍ଷା ବୈଠକ

# ସପ୍ତାହକ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ପୁରୀ ଅଫିସ,୨୮।୫:

ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକମାନଙ୍କ ଥଇଥାନ ନିମନ୍ତେ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସର୍କିଟ ହାଉସ୍ ପରିସରରେ ଆୟୋଜିତ ଏହି ବୈଠକରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ନୀତିନ ଚନ୍ଦ୍ର ଅଧ୍ୟକ୍ଷତା କରିଥିଲେ। ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା ଦିବ୍ୟାଙ୍ଗ, ସେମାନଙ୍କ ଟ୍ରାଇସାଇକେଲ, ବାଇସାଇକେଲ ଏବଂ ଅନ୍ୟାନ୍ୟ ସାମଗ୍ରୀର କ୍ଷୟକ୍ଷତି ଆକଳନ, ସ୍ୱତନ୍ତ୍ର ବିଦ୍ୟାଳୟ କ୍ଷତିଗ୍ରସ୍ତ ସମ୍ପର୍କିତ ରିପୋର୍ଟ ଆସନ୍ତା ସପ୍ତାହକ ମଧ୍ୟରେ ପ୍ରଦାନ କରିବାକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର ବିଭିନ୍ନ ସ୍କୁଲରେ ଅଧ୍ୟୟନରତ ୪,୦୫୩ ପିଲାଙ୍କ ସମ୍ପର୍କରେ ମଧ୍ୟ ତଥ୍ୟ ଦେବାକୁ କୁହାଯାଇଛି। ବିଭିନ୍ନ ବ୍ଲକରେ ୫୨ଟି ଟ୍ରାଇସାଇକେଲ, ୧୦୬ଟି ହ୍ୱିଲ୍ ଚେୟାର ଓ ୧୦୩ଟି ଛୋଟ ହ୍ୱିଲଚେୟାର, ୧୨୪ଟି ଦୃଷ୍ଟିବାଧିତ ଯନ୍ତ୍ର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ସମେତ ମୋଟ ୧,୧୧୦ଟି ଯନ୍ତ୍ରପାତି ବର୍ତ୍ତମାନ ଆବଶ୍ୟକ ଥିବା ପ୍ରାଥମିକ ଭାବେ ଆକଳନ କରାଯାଇଛି। ସେହିଭଳି ବରିଷ୍ଠ ନାଗରିକଙ୍କ ପାଇଁ ଆଗୁଆ ୧ ମାସର ପେନ୍‌ସନ ପ୍ରଦାନ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯାଇଛି। ଏହି ବୈଠକରେ ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ନିର୍ଦ୍ଦେଶିକା ସୌନ୍ଦର୍ଯ୍ୟମଞ୍ଜରୀ ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶୈଳବାଳା ଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର ଧ୍ୱସ୍ତବିଧ୍ୱସ୍ତ





ବାତ୍ୟାରେ ଛାରଖାର ହୋଇଯାଇଥିବା ଶୈଳବାଳା ସ୍ମୃତି ଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର।

ନିମାପଡ଼ା,୨୮।୫(ଡି.ଏନ୍.ଏ.):

■ବାତ୍ୟାରେ ୫୦ଲକ୍ଷ ଟଙ୍କାର କ୍ଷତି

■ପ୍ରଶିକ୍ଷଣ ପାଇଁ ଛାତ୍ରୀଛାତ୍ର ହଟହଟା

ବାତ୍ୟା 'ଫନୀ'ରେ ନିମାପଡ଼ାସ୍ଥିତ ଶୈଳବାଳା ସ୍ମୃତିଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର ଧ୍ୱସ୍ତବିଧ୍ୱସ୍ତ ହୋଇପଡିଛି। କେନ୍ଦ୍ର ସରକାରଙ୍କ ଏନ୍‌ସିଭିଟି ଦ୍ୱାରା ଅନୁମୋଦିତ ନିତ୍ୟ ଧାମ ଗୁରୁକୁଳ ଦ୍ୱାରା ପରିଚାଳିତ ଏହି ପ୍ରଶିକ୍ଷଣ କେନ୍ଦ୍ରରେ ୧୦ଟି ଶ୍ରେଣୀଗୃହ, ୪ କର୍ମଶାଳା ଗୃହ, କମ୍ପ୍ୟୁଟର ଲାବ, ବିଦ୍ୟୁତ୍ ସବ୍‌ଷ୍ଟେଶନ, ୧୮ଟି କମ୍ପ୍ୟୁଟର ସମେତ ବହୁ ମେଶିନ ଭାଙ୍ଗିଯାଇଛି। ଗ୍ରାମାଞ୍ଚଳର ଶତାଧିକ ଛାତ୍ରୀଛାତ୍ରଙ୍କ ସାମାଜିକ, ମାନସିକ, ନୈତିକ, ଭୌତିକ, ଆଧ୍ୟାତ୍ମିକ ଶକ୍ତି ଓ ଶିକ୍ଷାର ବିକାଶ ପାଇଁ ସ୍ଥାପିତ ଏହି କେନ୍ଦ୍ର ଏବେ ଧରାଶାୟୀ ହୋଇପଡିଛି। ୬,୫୦୦ ବର୍ଗଫୁଟ ବିଶିଷ୍ଟ ୪ଟି କର୍ମଶାଳା ଚୁରମାର ହୋଇଯାଇଛି। ବାତ୍ୟାରେ ଏହି ପ୍ରଶିକ୍ଷଣ କେନ୍ଦ୍ରର ପ୍ରାୟ ୫୦ଲକ୍ଷ ଟଙ୍କାର କ୍ଷତି ହୋଇଥିବା ଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ଇଂ. ପ୍ରଦୀପ୍ତ କୁମାର ନନ୍ଦ କହିଛନ୍ତି। ଏହି ପ୍ରଶିକ୍ଷଣ କେନ୍ଦ୍ରରେ ଇଲେକ୍ଟ୍ରିସିଆନ, ଫିଟର, ଓ୍ୱେୟାରମ୍ୟାନ, ସିଲେଇ ଆଦି ବିଭିନ୍ନ ଟ୍ରେଡରେ ୧୫୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ହୋଇପଡିଥିବା ଏହି କେନ୍ଦ୍ରର ଶୋଚନୀୟ ଅବସ୍ଥା ଯୋଗୁ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ଓ ଶିକ୍ଷାଦାନରେ ସମସ୍ୟା ଦେଖାଦେଇଛି। ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ଥିବା ଶତାଧିକ ଗଛ ଭାଙ୍ଗିପଡିଛି। ଏହି ପ୍ରଶିକ୍ଷଣ କେନ୍ଦ୍ରର ପୁନରୁଦ୍ଧାର ପାଇଁ ସରକାର ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ସହଯୋଗର ହାତ ବଢାଇବାକୁ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ଓ ଛାତ୍ରୀଛାତ୍ର ନିବେଦନ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଏହି ପ୍ରଶିକ୍ଷଣ କେନ୍ଦ୍ରର ପୁନରୁଦ୍ଧାର କରା ନ ଗଲେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ହୋଇଯିବ ବୋଲି ଆଶଙ୍କା ଦେଖାଦେଇଛି।

# ବିପନ୍ନଙ୍କୁ ସହାୟତା ପାଇଁ ସ୍ମାରକପତ୍ର

ପୁରୀ ଅଫିସ,୨୮।୫:

ବାତ୍ୟାର ୨୫ଦିନ ପରେ ବି ଲୋକଙ୍କ ଜୀବନ ଜୀବିକା ସ୍ୱାଭାବିକ ହୋଇପାରିନାହିଁ। ବିପନ୍ନମାନେ ଅଭାବ ଅସୁବିଧାରେ ବାରଦୁଆର ହେଉଛନ୍ତି। ଏ ପର୍ଯ୍ୟନ୍ତ ସବୁ ପରିବାରକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଅନ୍ୟପକ୍ଷରେ ମନ୍ତ୍ରୀମଣ୍ଡଳ ଦାୟିତ୍ୱ ନେଇ ନ ଥିବାରୁ ସରକାରୀ ସହାୟତା କଚ୍ଛପ ଗତିରେ ଚାଲିଛି। ତେଣୁ ଏହି ସମୟରେ ବିପନ୍ନଙ୍କୁ ସାହାରା ହେବା ପାଇଁ ଗଜପତି ମହାରାଜା କିଛି ଉପାୟ ବାହାର କରନ୍ତୁ ବୋଲି ଆଜାଦୀ ଠେଙ୍ଗା ବାହିନୀ ନିବେଦନ କରିଛି। ଏହି ମର୍ମରେ ମଙ୍ଗଳବାର ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ବାହିନୀ ପକ୍ଷରୁ ଶ୍ରୀନଅରରେ ସ୍ମାରକପତ୍ର ଦିଆଯାଇଛି। ବାହିନୀର ମେଜର ଜେନେରାଲ ମାୟାଧର ନାୟକ, ଚିଫ୍ କମାଣ୍ଡର କୃଷକ ଲକ୍ଷ୍ମଣ ଦାସ, ପୁରୀ ଜିଲା କମାଣ୍ଡର ଲଲାଟେନ୍ଦୁ ମିଶ୍ର ପ୍ରମୁଖ ଏହି ସ୍ମାରକପତ୍ର ଦେଇଛନ୍ତି।

# ଭଡ଼ାଘରୁ ମହିଳାଙ୍କ ମୃତଦେହ ଉଦ୍ଧାର

## ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ

ପୁରୀ ଅଫିସ, ୨୮।୫:

କୁମ୍ଭାରପଡ଼ା ଥାନା ଅଧୀନ ଦଉତୋଟା ଅଞ୍ଚଳସ୍ଥ ଏକ ଭଡ଼ାଘରୁ ମଙ୍ଗଳବାର ଅପରାହ୍ନରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତକ ହେଲେ ପୂଜା ବେହେରା। ପୂଜାଙ୍କୁ ତାଙ୍କ ସ୍ୱାମୀ ରମେଶ ବେହେରା ହତ୍ୟା କରିଥିବା ପୂଜାଙ୍କ ସାନ ଭଉଣୀ ସିଲି ଦାସ ଅଭିଯୋଗ ଆଣିଛନ୍ତି। ଏ ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦାୟର କରାଯାଇଛି। ୩୦୨ ଦଫାରେ କେସ୍ ନଂ. ୧୦୬/୧୯ ରୁଜୁ କରି ତଦନ୍ତ ଜାରି ରଖିଛି ପୋଲିସ। ଅଭିଯୁକ୍ତ ରମେଶ ଫେରାର ଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଖୋର୍ଦ୍ଧା ଜିଲା ରାଜସୁନାଖଳା ଅଞ୍ଚଳର ପୂଜା କିଛିବର୍ଷ ତଳେ ରମେଶଙ୍କୁ ବିବାହ କରିଥିଲେ। ରମେଶ ଦିନମଜୁରିଆ ଭାବେ କାର୍ଯ୍ୟ କରନ୍ତି। କିଛିମାସ ହେଲା ସ୍ୱାମୀ, ସ୍ତ୍ରୀ ଦୁହେଁ ଦଉତୋଟା ଅଞ୍ଚଳରେ ଏକ ଘର ଭଡ଼ା ନେଇ ରହୁଥିଲେ। ରବିବାର ବିଳମ୍ବିତ ରାତିରେ ପୂଜାଙ୍କ ତଣ୍ଟି ଚିପି ହତ୍ୟା କରି ମୃତଦେହକୁ କପଡ଼ାରେ ଗୁଡ଼ାଇ ଘରେ ରଖିଥିବା ରମେଶ ମଙ୍ଗଳବାର ଫୋନ୍ ଯୋଗେ ସିଲିଙ୍କ ପରିବାରକୁ ଜଣାଇଥିଲେ। ତାଙ୍କ ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚିବା ସହ ପୋଲିସ ନିକଟରେ ଏ ନେଇ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଅନ୍ୟପକ୍ଷରେ ହତ୍ୟାର କାରଣ ସମ୍ପର୍କରେ ସ୍ପଷ୍ଟ ହୋଇ ନ ଥିବାବେଳେ ପାରିବାରିକ ଗଣ୍ଡଗୋଳକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

# ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ହସ୍ତାନ୍ତରରେ ବିଳମ୍ବ

କୋଣାର୍କ, ୨୮।୫(ଡି.ଏନ୍.ଏ.)

କୋଣାର୍କ ନିକଟସ୍ଥ ମହଲପଡା ପଞ୍ଚାୟତର ଜାଗେଶ୍ୱରୀ ବିଦ୍ୟାପୀଠ ପ୍ରଧାନ ଶିକ୍ଷକଙ୍କ ଅବସର ପରେ ଏହି ପଦବୀଟି ଖାଲି ପଡ଼ିଛି। ବରିଷ୍ଠତା ଭିତ୍ତିରେ ସେହି ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ହସ୍ତାନ୍ତରରେ ବିଳମ୍ବ ଘଟୁଥିବାରୁ ସେଠାରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏହି ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ ଅବସର ନେବା ପରେ ସେହି ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସଞ୍ଜୁଲା ପଣ୍ଡା ସରକାରୀ ନିୟମ ଅନୁଯାୟୀ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ନେବା କଥା। ମାତ୍ର ଜିଲା ଶିକ୍ଷା ବିଭାଗ ଭୁଲବଶତଃ ତାଙ୍କ ଠାରୁ କନିଷ୍ଠ କ୍ୟାଡରର ଜୟଶ୍ରୀ ଜେନାଙ୍କୁ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ଦେଇଥିଲେ। ସଞ୍ଜୁଲା ସରକାରୀ ନିୟମ ଓ ଯୋଗ୍ୟତା ଭିତରେ ଏହି ଦାୟିତ୍ୱ ପାଇବାକୁ ହକଦାର ଥିବା ନେଇ ପୁରୀଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୪୮୮, ତା ୧୦।୦୫।୨୦୧୯ ପୂର୍ବରୁ ଦାୟିତ୍ୱ ନେଇଥିବା କନିଷ୍ଠ କ୍ୟାଡରର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ଜେନାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। କିନ୍ତୁ ସଂପୃକ୍ତ ବିଦ୍ୟାଳୟର କେତେକ ନ୍ୟସ୍ତ ସ୍ୱାର୍ଥ କର୍ମଚାରୀ ସଂପୃକ୍ତ ଶିକ୍ଷୟିତ୍ରୀଙ୍କୁ ଏହି ପଦବୀରେ ଅବସ୍ଥାପିତ କରେଇ ନ ଦେବାକୁ ପ୍ରୟାସ ଜାରି ରଖିଛନ୍ତି। ଫଳରେ ସଂପୃକ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ପାଇବାରେ ଅହେତୁକ ବିଳମ୍ବ ହେବା ସହ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ଆଶଙ୍କା କରାଯାଇଛି। ଏ ସମ୍ବନ୍ଧରେ ମହଲପଡା ଗ୍ରାମପଞ୍ଚାୟତ ଶିକ୍ଷା ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ତଥା ସରପଞ୍ଚ ରାଜଶ୍ରୀ ପରିଡାଙ୍କୁ ପଚାରିବାରେ ସେ କୁହନ୍ତି, ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା କନିଷ୍ଠ କ୍ୟାଡରର ଜୟଶ୍ରୀଙ୍କଠାରୁ ବରିଷ୍ଠତା ଭିତ୍ତିରେ ସେହି ବିଦ୍ୟାଳୟର ଶିକ୍ଷୟିତ୍ରୀ ସଞ୍ଜୁଲା ପଣ୍ଡାଙ୍କୁ ଦାୟିତ୍ୱ ଦେବା କଥା । ମାତ୍ର ଶିକ୍ଷା ବିଭାଗର ଟାଳଟୁଳ ନୀତି ଯୋଗୁ ସଂପୃକ୍ତ ଶିକ୍ଷୟିତ୍ରୀଙ୍କୁ ଦାୟିତ୍ୱ ହସ୍ତାନ୍ତରରେ ବିଳମ୍ବ ନେଇ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଜିଲା ଶିକ୍ଷାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଏ ସମ୍ବନ୍ଧରେ ଜିଲା ଶିକ୍ଷାଧିକାରୀ ହୃଷୀକେଶ କାଣ୍ଡିଙ୍କୁ ପଚାରିବାରେ ସରକାରୀ ନିୟମ ଅନୁଯାୟୀ ବରିଷ୍ଠତା ଭିତ୍ତିରେ ସଂପୃକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଞ୍ଜୁଲା ପଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରିବାପାଇଁ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଦିନେ ଦୁଇଦିନ ମଧ୍ୟରେ ସଂପୃକ୍ତ ଶିକ୍ଷୟିତ୍ରୀଙ୍କୁ ସମସ୍ତ ଦାୟିତ୍ୱ ପ୍ରଦାନ କରିବେ ବୋଲି କହିଥିଲେ।

# ଘରଭଙ୍ଗା ତଦନ୍ତ ଦାବିରେ ସରପଞ୍ଚ, ବିପନ୍ନଙ୍କ ଅନଶନ



ବ୍ଲକ ସମ୍ମୁଖରେ ସରପଞ୍ଚ ଏବଂ ବିପନ୍ନମାନେ ଅନଶନରେ ବସିଛନ୍ତି।

ଗୋପ,୨୮।୫(ଡି.ଏନ୍.ଏ.)

ବଉଲାଙ୍ଗ ପଞ୍ଚାୟତର ୩ନଂ ଓ୍ୱାର୍ଡ ଦଳେଇ ସାହି ଗ୍ରାମରେ ଘରଭଙ୍ଗା ନ ହେବା ସହ ଅନ୍ୟ ଗ୍ରାମରେ ଏହାର ତଦନ୍ତରେ ଅନିୟମିତତା ହେବା ନେଇ ମଙ୍ଗଳବାର ଗ୍ରାମର ସରପଞ୍ଚଙ୍କ ସହ ୨୦ରୁ ଊର୍ଦ୍ଧ୍ୱ ମହିଳା ଗୋପ ବ୍ଲକ ସମ୍ମୁଖରେ ଅନଶନରେ ବସିଥିଲେ। ଆହୁରି ମଧ୍ୟ ଏହି ପଞ୍ଚାୟତରେ ଥିବା ଅଙ୍ଗନୱାଡି କର୍ମୀ ଘରଭଙ୍ଗା ତାଲିକାରେ ନିଜ ପରିବାରସହ ଆଉ କେତେକ ଧନୀ ଶ୍ରେଣୀର ବ୍ୟକ୍ତିଙ୍କୁ ଯୋଡିତ କରିଥିଲେ। ଏହାସହ ପୂର୍ବରୁ ରାଶନ କାର୍ଡ ଥିବା ପରିବାରଙ୍କୁ ପୁଣି ନାମ ଲେଖାଇବା ଭଳି ଆଦି ଅଭିଯୋଗ ସହ ଏହାର ତଦନ୍ତ ଦାବି ନେଇ ସରପଞ୍ଚ କମଳାକାନ୍ତ କୁଅଁରଙ୍କ ସହ ଗ୍ରାମବାସୀ ବ୍ଲକ ସମ୍ମୁଖରେ ଅନଶନରେ ବସିଥିଲେ। ପ୍ରାୟ ୧ଘଣ୍ଟା ପରେ ବ୍ଲକ ଆକାଉଣ୍ଟାଣ୍ଟ ଅଫିସର ରାମଚନ୍ଦ୍ର ସ୍ୱାଇଁ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବାସହ ଠିକ ତଦନ୍ତ ଏବଂ ଉକ୍ତ ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବାର ପ୍ରତିଶ୍ରୁତି ଦେବାପରେ ଅନଶନରୁ ହଟିଥିଲା। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ଏହି ପଞ୍ଚାୟତରେ ରାଶନ କାର୍ଡ ନ ଥିବା ବିପନ୍ନଙ୍କୁ ଟଙ୍କା ସହ ଚାଉଳ ଦିଆଯାଇଛି। ସରପଞ୍ଚଙ୍କ ଅଭିଯୋଗକୁ ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି।

# ଓଜସ୍ୱୀ ପକ୍ଷରୁ ରିଲିଫ ବଣ୍ଟନ

ସାକ୍ଷୀଗୋପାଳ, ୨୮।୫(ଡି.ଏନ୍.ଏ.)

ପ୍ରଳୟଙ୍କରୀ ବାତ୍ୟା ଫନୀରେ ସର୍ବାଧିକ କ୍ଷତିଗ୍ରସ୍ତ ପୁରୀ ଜିଲାର ସତ୍ୟବାଦୀ ବ୍ଲକରେ ଭୁବନେଶ୍ୱରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଜସ୍ୱୀ ପକ୍ଷରୁ ରିଲିଫ ବଣ୍ଟନ କରାଯାଇଛି। ବାତ୍ୟା ପରେ ଓଜସ୍ୱୀ ଫାଉଣ୍ଡେଶନ ୫ଟି ଗ୍ରାମର ଦାୟିତ୍ୱ ବହନ କରିଥିଲା। ସତ୍ୟବାଦୀ ବ୍ଲକର ସାକ୍ଷୀଗୋପାଳ ନିକଟସ୍ଥ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ସର୍ବେକ୍ଷଣ କରିବା ସହ ବିପନ୍ନଙ୍କ ପାଖରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇଥିଲା। ଶ୍ରୀରାମଚନ୍ଦ୍ରପୁରର ୪୦୦ରୁ ଊର୍ଦ୍ଧ୍ୱ ପରିବାରଙ୍କୁ ଫାଉଣ୍ଡେଶନ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଫାଉଣ୍ଡେଶନର ଅଧ୍ୟକ୍ଷା ଅର୍ପିତା ଅପରାଜିତା ବଡ଼ଜେନା, ସାଧାରଣ ସମ୍ପାଦିକା ପ୍ରତୀକ୍ଷାରାଣୀ ଆଚାର୍ଯ୍ୟ, ଉପାଧ୍ୟକ୍ଷା ଶିବାନୀ ମାଝି, କୋଷାଧ୍ୟକ୍ଷ ସୁଜିତ୍ ସାହୁ, ବିଶ୍ୱଜିତ ଚମ୍ପତି, ସତ୍ୟଭାମା ସାମଲ, ସୋମନାଥ ସାହୁ, ଗୀତାଞ୍ଜଳି ଦାସଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



ସଙ୍ଗଠନର କର୍ମକର୍ତ୍ତାମାନେ ବିପନ୍ନଙ୍କୁ ରିଲିଫ ସାମଗ୍ରୀ ପ୍ରଦାନ କରୁଛନ୍ତି।

■ ସ୍ୱାଭାବିକ ହୋଇନି ପୁରୀ ସହରର ବିଦ୍ୟୁତ୍ ବ୍ୟବସ୍ଥା

# ଏବେ ବି ଅର୍ଦ୍ଧାଧିକ ଅଞ୍ଚଳ ଅନ୍ଧାରରେ

ପୁରୀ ଅଫିସ,୨୮।୫ :

## ବାତ୍ୟାକୁ ବିତିଲା ୨୫ଦିନ

ବାତ୍ୟାରେ ପୁରୀ ସହରରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଶତାଧିକ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଥିଲା। ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ ସଜାଡ଼ିବା ଆରମ୍ଭ ହୋଇଥିଲା। ଇତିମଧ୍ୟରେ ବାତ୍ୟାକୁ ୨୫ଦିନ ବିତିଗଲାଣି। ୨୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଅଗ୍ନିଶମ ବିଭାଗ ପକ୍ଷରୁ ଆସ୍କା ଲାଇଟ ଲଗାଯାଇଛି। ଏହାସତ୍ତ୍ୱେ ସନ୍ଧ୍ୟା ହେଲେ ସହରର ଅଧିକାଂଶ ଅଞ୍ଚଳରେ ଘନ ଅନ୍ଧକାର ରାଜୁତି କରୁଛି। ଏହାର ସୁଯୋଗରେ ଲୁଟେରାମାନେ ସକ୍ରୀୟ ହୋଇ ଉଠିଛନ୍ତି। ବେଳାଭୂମି, ସ୍ୱର୍ଗଦ୍ୱାର ପ୍ରଭୃତି ଜନଗହଳି ସ୍ଥାନରେ ଲୁଟତରାଜ ଘଟୁଥିବା ଜଣାପଡ଼ିଛି। ପୁରୀ ଏକ ପର୍ଯ୍ୟଟନ ସହର। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହ ସ୍ୱର୍ଣ୍ଣାଭ ବେଳାଭୂମିର ମଜା ନେବା ଲାଗି ଦୈନିକ ଶତାଧିକ ପର୍ଯ୍ୟଟକ ଆସିଥାନ୍ତି। ତେବେ ବାତ୍ୟା ପରେ କିଛି ଦିନ ପର୍ଯ୍ୟଟକଙ୍କ ଆଗମନ ବନ୍ଦ ରହିଥିଲା। ଏବେ ପୁଣି ପର୍ଯ୍ୟଟକଙ୍କ ଆଗମନ ହେଲାଣି। ସନ୍ଧ୍ୟା ପରେ ଅନ୍ଧକାର ଯୋଗୁ ପର୍ଯ୍ୟଟକ ହଇରାଣ ହେଉଛନ୍ତି। ଦିନରେ ପ୍ରବଳ ଗରମ ରାତିରେ ଅସହ୍ୟ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ବହୁ ସ୍ଥାନରେ ରାସ୍ତାରେ ପଡ଼ିଥିବା ବିଦ୍ୟୁତଖୁଣ୍ଟ ବର୍ତ୍ତମାନ ସୁଦ୍ଧା ଉଠାଯାଇନାହିଁ। ବିଦ୍ୟୁତ ସଂଯୋଗକୁ ନେଇ ଜନ ଅସନ୍ତୋଷ ବଢିବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଲୋକେ ଆନ୍ଦୋଳନକୁ ଓହ୍ଲାଉଛନ୍ତି। ଗତ ୩ଦିନ ମଧ୍ୟରେ ୧୨ରୁ ଊର୍ଦ୍ଧ୍ୱ ସ୍ଥାନରେ ରାସ୍ତାରୋକୋ ହୋଇଛି। ଅନ୍ୟପଟେ ପୁରୀ ସଦର ଅଞ୍ଚଳରେ ବିଦ୍ୟୁତ ସଂଯୋଗ ନେଇ ଅନିଶ୍ଚିତତା ଦେଖାଦେଇଛି। କେତେକ ପଞ୍ଚାୟତରେ ପଡ଼ିଥିବା ଖୁଣ୍ଟ ହଟାଯାଇନାହିଁ। ସେହିପରି ତାର ସବୁ ଗୁଡ଼ାଇ ତୁଡ଼ାଇ ଏଣତେଣେ ପଡ଼ିରହିଛି। ଗୋପୀନାଥପୁର ବାସିନ୍ଦା ରବିନ୍ଦ୍ର ସ୍ୱାଇଁ କହିଛନ୍ତି, ବାତ୍ୟାକୁ ତିନି ସପ୍ତାହ ବିତିଲାଣି। ତଥାପି ବିଦ୍ୟୁତ ସ୍ୱାଭାବିକ ହୋଇପାରିଲା ନାହିଁ। ପୁରୀର ବହୁ ବସ୍ତି, ସାହି, ଗଳି, ସହର ତଳି ଅଞ୍ଚଳ ଅନ୍ଧାର ରହୁଛି। ରଥଯାତ୍ରା ପୂର୍ବରୁ ସଂଯୋଗ ସମ୍ଭବ ନୁହେଁ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଅନ୍ୟପଟେ ବର୍ତ୍ତମାନ ସୁଦ୍ଧା ୪୬ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇଛି ବୋଲି ସେସୁ ନିର୍ବାହୀ ଯନ୍ତ୍ରୀ ଶିବ ପ୍ରସାଦ ସ୍ୱାଇଁ କହିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଜାରି ରହିଛି। ଯଥାଶୀଘ୍ର ସଂଯୋଗ ଦିଆଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୯ ମେ, ୨୦୧୯



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ, ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
-ମିଲ୍‌ଟନ୍‌



## ସଂକ୍ଷେପରେ

### ଜଗନ୍ନାଥ ପ୍ରସାଦ ଦାସଙ୍କୁ ଉତ୍କଳ ସାହିତ୍ୟ ସମାଜର ବରେଣ୍ୟ ସଦସ୍ୟ ପଦ

**କଟକ ଅଫିସ,୨୮।୫:** ଉତ୍କଳ ସାହିତ୍ୟ ସମାଜର ସମ୍ମାନଜନକ ବରେଣ୍ୟ ସଦସ୍ୟ ପଦ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା ଜଗନ୍ନାଥ ପ୍ରସାଦ ଦାସଙ୍କୁ ପ୍ରଦାନ କରାଯାଇଛି। ସୋମବାର ଦାସଙ୍କ ଭୁବନେଶ୍ୱର ସୂର୍ଯ୍ୟନଗରସ୍ଥିତ ବାସଭବନ ଶୁଭମ ଏଲିଗେନ୍ସିଠାରେ ତାଙ୍କୁ ଏହି ସଦସ୍ୟ ପଦ ପ୍ରଦାନ କରାଯାଇଥିଲା। ପୂର୍ବରୁ ଏହି ସମ୍ମାନଜନକ ପଦ ମହାପାତ୍ର ନୀଳମଣି ସାହୁ, ଚନ୍ଦ୍ରଶେଖର ରଥ, ପଠାଣି ପଟ୍ଟନାୟକ, ବୀଣାପାଣି ମହାନ୍ତି ଓ ମନୋଜ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂ ସମ୍ମାନଜନକ ପଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରଦୀପ୍ତ ପଣ୍ଡା, ସୁଶାନ୍ତ ନାୟକ, ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ବ୍ରହ୍ମାନନ୍ଦ ବିଶ୍ୱାଳ ଉପସ୍ଥିତ ଥିଲେ।

### ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର

**ଚୌଦ୍ୱାର,୨୮।୫(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅନ୍ତର୍ଗତ ପଦାଗାଁର ବିଶ୍ୱରଞ୍ଜନ ବାରିକଙ୍କୁ ସୋମବାର କେତେଜଣ ଯୁବକ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ମଙ୍ଗୁଳି ଛକସ୍ଥିତ ତୃପ୍ତି ମୋଟର୍ସରେ କାମ କରୁଥିବା ବିଶ୍ୱରଞ୍ଜନ ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ମଙ୍ଗୁଳି ଛକସ୍ଥିତ ଫ୍ଲାଏ ଓଭର ତଳେ କେତେଜଣ ଯୁବକ ହଠାତ୍ ଖଣ୍ଡା ଓ ଭୁଜାଲିରେ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ କାନ୍ଧରେ ଗଭୀର ଆଘାତ ଲାଗିବା ସହ ଗୁରୁତର ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ବିଶ୍ୱରଞ୍ଜନଙ୍କୁ ଉଦ୍ଧାର କରି ପ୍ରଥମେ ଟାଙ୍ଗୀ ହସ୍ପିଟାଲ ପରେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ପୋଲିସ ଘଟଣାସ୍ଥଳରୁ ଆକ୍ରମଣରେ ବ୍ୟବହୃତ ଏକ ଖଣ୍ଡା ଜବତ କରିଛି। ଆକ୍ରମଣର କାରଣ ଜଣାପଡ଼ି ନ ଥିବା ବେଳେ ବିଶ୍ୱରଞ୍ଜନ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୬୪/୧୯)ରୁଜୁ କରି ତଦନ୍ତ ଚଳାଇଛି।

### ଘରଭଙ୍ଗା ତାଲିକା ପ୍ରସ୍ତୁତିରେ ପକ୍ଷପାତିତା ଅଭିଯୋଗ

**କଣ୍ଟାପଡ଼ା,୨୮।୫(ଡି.ଏନ୍.ଏ.):** ବାତ୍ୟା 'ଫନୀ'ରେ କଣ୍ଟାପଡା ବ୍ଲକ ଅଞ୍ଚଳରେ ବହୁ ପରିବାରର ଘର ଭାଙ୍ଗିଯାଇଛି। କ୍ଷତିଗ୍ରସ୍ତ ପରିବାରଗୁଡିକର ଘରଭଙ୍ଗା ତାଲିକା ପ୍ରସ୍ତୁତିରେ ପକ୍ଷପାତିତା ହେଉଛି ବୋଲି ଅଭିଯୋଗ ବଢ଼ିବାରେ ଲାଗିଛି। ପ୍ରକୃତ ହିତାଧିକାରୀଙ୍କ ବଦଳରେ ଘର ଭାଙ୍ଗି ନ ଥିବା ପରିବାରକୁ ଜିଓଟ୍ୟାଗ କରିବାକୁ ଯାଉଥିବା ଅଧିକାରୀମାନେ ବିରୋଧର ସମ୍ମୁଖୀନ ହେଉଥିବା ଜଣାପଡିଛି। ମଙ୍ଗଳବାର ସ୍ଥାନୀୟ ଭାଜପା ନେତା ଛବି ମଲିକ ଶତାଧିକ କର୍ମୀଙ୍କ ସହ କଣ୍ଟାପଡା ତହସିଲରେ ଏଭଳି ଅଭିଯୋଗ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବାକୁ ଆସିଥିବାବେଳେ ତହସିଲଦାରଙ୍କୁ ନ ପାଇ କଣ୍ଟାପଡା ବ୍ଲକ ବିଡିଓଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଏ ନେଇ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗାମୀ ଦିନରେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ। ଏ ସମ୍ପର୍କରେ ବିଡିଓ କେ ଅଶୋକ କୁମାର ଓ ତହସିଲଦାର ଆର୍ତ୍ତତ୍ରାଣ ମଲିକଙ୍କ ଠାରୁ ପ୍ରତିକ୍ରିୟା ନେବାପାଇଁ ଫୋନ କରାଯାଇଥିଲେ ମଧ ସେମାନେ ଫୋନ ଉଠାଇ ନ ଥିଲେ।

# ସିଏମ୍‌ସି: ଅକାମୀ ହୋଇପଡ଼ିଛି ଜିପିଆରଏସ ସିଷ୍ଟମ

**ଖର୍ଚ୍ଚକୁ ନେଇ କାହା ପାଖରେ ଖବର ନାହିଁ**

କଟକ ଅଫିସ, ୨୮।୫

କଟକ ମହାନଗର ନିଗମ ପକ୍ଷରୁ ପରିମଳ ବ୍ୟବସ୍ଥାକୁ ସ୍ୱଚ୍ଛ କରିବାକୁ ନିଗମ ପକ୍ଷରୁ ଜେନେରାଲ ପକେଟ ରେଡିଓ ସର୍ଭିସ (ଜିପିଆରଏସ୍) ବ୍ୟବସ୍ଥା ଲାଗୁ କରାଯାଇଥିଲା। ଏହି ବ୍ୟବସ୍ଥା ଦୁଇବର୍ଷ ହେବ ବନ୍ଦ ହୋଇ ପଡିରହିଛି। ଏହାର ସୁବିଧା ନେଇ ଆବର୍ଜନା ସଫେଇ କରୁଥିବା ସଂସ୍ଥା ମନମୁଖି ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଜିପିଆରଏସ୍ ବ୍ୟବସ୍ଥା ଲାଗୁ ହେବାର ମୂଳ ଲକ୍ଷ୍ୟ ଥିଲା ସିଏମ୍‌ସିରେ ଥିବା ଗାଡି କେତେବେଳେ କାର୍ଯ୍ୟ ଆରମ୍ଭ କଲା, ୱାର୍ଡ ସବୁରୁ କେତେ ଟ୍ରିପ ଆବର୍ଜନା ଉଠାଇଲା, ଗାଡି କେଉଁ ୱାର୍ଡ ବୁଲି ଆବର୍ଜନା ସଂଗ୍ରହ କଲା। ଆବର୍ଜନା ଉଠାଇବା ପରେ ଗାଡି କେଉଁଠିକି ଯାଉଛି, କେତେ କିମି ଗାଡି ବୁଲିଛି ଏବଂ ପ୍ରକୃତ ସ୍ଥାନରେ ଆବର୍ଜନା ପକାଉଛି କି ନାହିଁ ତାହାର ଠିକ୍ ତଥ୍ୟ ସିଏମ୍‌ସି ରଖିପାରିବ। ସହରର ବିଭିନ୍ନ ସ୍ଥାନରୁ ଆବର୍ଜନା ସଫେଇ ନିମନ୍ତେ ଦାୟିତ୍ୱ ନେଇଥିବା ସଂସ୍ଥା ସକାଳୁ ଟ୍ରାକ୍ଟରଗୁଡିକ ବିଭିନ୍ନ ସ୍ଥାନରୁ ଆବର୍ଜନା ଉଠାଇଥାନ୍ତି। କିନ୍ତୁ ସହରରୁ ଆର୍ବଜନା ଉଠୁ ନ ଥିବା ନେଇ ବାରମ୍ବାର ଅଭିଯୋଗ ପରେ ସିଏମ୍‌ସି ପକ୍ଷରୁ ଜିପିଆରଏସ୍ ବ୍ୟବସ୍ଥା ଲାଗୁ କରାଯାଇଥିଲା। ୨୦୧୬ ସ୍ୱଚ୍ଛ ସର୍ବେକ୍ଷଣରେ ଜିପିଆରଏସ୍ ବ୍ୟବସ୍ଥାକୁ ଲାଗୁ କରିବା ପାଇଁ ଗାଇଡଲାଇନରେ ସ୍ପଷ୍ଟ ନିର୍ଦ୍ଦେଶ ରହିଥିଲା। ଫଳରେ ୨୦୧୭ ଜାନୁୟାରୀରେ ସିଏମ୍‌ସିରେ ଏହି ବ୍ୟବସ୍ଥା ଲାଗୁ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ସିଏମ୍‌ସିର ୬୦ଟି ଗାଡି ମଧ୍ୟରୁ ୨୭ଟି ଗାଡିରେ ଏହି ବ୍ୟବସ୍ଥା କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଜିପିଆରଏସ୍ ସେବା ବାବଦରେ ୧୧ ଲକ୍ଷ ଅନୁଦାନ ଆସିଥିଲା। ୧୭ଟି ଆବର୍ଜନା ଉଠାଇବା ଗାଡିରେ ଜିପିଆରଏସ୍ ବ୍ୟବସ୍ଥା ଲାଗୁ କରାଯାଇଥିଲା। ଏହି ବ୍ୟବସ୍ଥା ଲାଗୁହେବା ପରେ ସହରରେ ପ୍ରତି ଗାଡି କେତେ ଟ୍ରିପ ଆବର୍ଜନା ଉଠାଉଛି, କେଉଁ ଜାଗାରୁ ଆବର୍ଜନା ଉଠାଉଛି, କେତେକିମି ଗାଡି ଚାଳନା ହୋଇଛି ଏହିସବୁର ଟିକିନିଖି ବିବରଣୀ ସହଜରେ ମିଳି ଯାଉଥିଲା। ଏଥିପାଇଁ ବିକାଶ ଭବନରେ ଗୋଟିଏ କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିଲା। ବିଏସ୍‌ଏନ୍‌ଏଲ ସହଯୋଗରେ ଟ୍ରାକିଂ ନିମନ୍ତେ ଆବଶ୍ୟକ ଯନ୍ତ୍ରାଂଶ ଲଗାଯାଇଥିଲା। ଏ ବାବଦରେ ଦୂରସଞ୍ଚାର ବିଭାଗକୁ ପ୍ରତିମାସରେ ସିଏମ୍‌ସି ୧୫୦୦ ଟଙ୍କା ଦେଉଥିଲା। ଏହାର ତଦାରଖ ପାଇଁ ପରିମଳ ନିରୀକ୍ଷକ ନିୟୋଜିତ ହୋଇଥିଲେ। ଖାଲି ସେତିକି ନୁହଁ ଯେଉଁ ଗାଡି ଅବହେଳା କରିବାର ନଜରକୁ ଆସୁଥିଲା ସେହି ଗାଡି ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା।

ସିଏମ୍‌ସିର ଖାମଖିଆଲ ମନୋଭାବ ଯୋଗୁ ଏହି ବ୍ୟବସ୍ଥା ଏବେ ରୁଗ୍ଣ ହୋଇ ପଡିରହିଛି। ଫଳରେ ବାତ୍ୟାରେ ସହରରୁ କେତେ ଟ୍ରିପ ଆବର୍ଜନା ଉଠାଗଲା, କେଉଁ ସମୟରେ ଉଠାଗଲା, କେତେ ଟ୍ରିପ ଉଠାଗଲା ତାହାର ଠିକ ବିବରଣୀ ପ୍ରଦାନ କରିବାରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ଜିପିଆରଏସ୍ କେତେଦୂର କାର୍ଯ୍ୟକାରୀ ହୋଇଛି ଏବେ ତାହାର ସ୍ଥିତ କ'ଣ ରହିଛି, ଏ ବାବଦରେ କେତେ ଟଙ୍କା ଅର୍ଥ ବିନିଯୋଗ ହୋଇଛି। ଏ ନେଇ ଅତିରିକ୍ତ କମିଶନର ଜୟନ୍ତ ନାରାୟଣ ଷଡଙ୍ଗୀ, ଡେପୁଟି କମିଶନର ଦେବାଶିଷ ମହାନ୍ତି, ସିଏମ୍‌ସି ଇଂ. ବିଭାଗ ଅଧ୍ୟକ୍ଷ ଦିବ୍ୟରଞ୍ଜନ ତ୍ରିପାଠୀଙ୍କ ସହ ଯୋଗାଯୋଗ କରିବାରୁ ଏ ବିଷୟରେ କିଛି ଖବର ନ ଥିବା କହିଛନ୍ତି।

## ଶ୍ରୀଲକ୍ଷେଶ୍ୱରଙ୍କ ଚନ୍ଦନଯାତ୍ରା ଉଦ୍‌ଯାପିତ



ଠାକୁରଙ୍କୁ ବିମାନରେ ଗ୍ରାମ ପରିକ୍ରମା କରାଯାଉଛି।

ଫୁଲନଖରା,୨୮।୫(ଡି.ଏନ୍.ଏ.)

କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରା ପୁରୁଣା କାଚରାମାଳ ଗ୍ରାମର ଶ୍ରୀଲକ୍ଷେଶ୍ୱର ମହାଦେବଙ୍କ ଚନ୍ଦନଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେକଦିନ ଲକ୍ଷେଶ୍ୱରଙ୍କ ଚଳନ୍ତି ପ୍ରତିମାକୁ ମନ୍ଦିରରୁ ବିମାନରେ ଅଣାଯାଇ କୁଆଖାଇ ଚନ୍ଦନ ଘାଟରେ ଚାପ ଖେଳ ଅନୁଷ୍ଠିତ ହୋଇଥିଲା। ଚାପ ଖେଳିସାରିବା ପରେ ଲକ୍ଷେଶ୍ୱରଙ୍କ ବିମାନକୁ ପୁରୁଣା କାଚରାମାଳ, ବନ୍ତକୁଦ, ନୂଆକାଚରାମା ଗ୍ରାମ ପରିକ୍ରମା କରିବା ସହ ଭୋଗ ଲାଗି କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଲକ୍ଷେଶ୍ୱର ମହାଦେବଙ୍କ ବିମାନକୁ ଶୋଭାଯାତ୍ରାରେ କୁଆଖାଇ ନଦୀ ଘାଟରୁ ଚନ୍ଦନ ଯାତ୍ରା ପଡ଼ିଆକୁ ପାଛୋଟି ଆଣିଥିଲେ। ବିମାନ ପହଞ୍ଚିବା ପୂର୍ବରୁ ଆତସବାଜି କରାଯାଇଥିଲା। ୫ଦିନ ଧରି ଚନ୍ଦନ ଯାତ୍ରା ପଡ଼ିଆରେ ଚନ୍ଦନ ମଣ୍ଡପରେ ଲକ୍ଷେଶ୍ୱରଙ୍କ ଚଳନ୍ତି ପ୍ରତିମା ବିମାନ ବସି ରାତ୍ର ଉଜାଗର ହୋଇ ଅପେରା ସରିବା ପର୍ଯ୍ୟନ୍ତ ବସି ରହିଥିଲେ। ଏହାକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ଗ୍ରାମବାସୀ ଓ ଯୁବକସଂଘର ସଦସ୍ୟମାନେ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

■ ୧୪ତମ ମହାନଦୀ ଫେଷ୍ଟିଭାଲ

## ଦର୍ଶକଙ୍କୁ ମତୁଆଲା କଲା ଭାରତନାଟ୍ୟମ୍



ଭାରତ ନାଟ୍ୟମ ନୃତ୍ୟାଙ୍ଗନା ନନ୍ଦିତା ଦେବଙ୍କୁ ନୃତ୍ୟ ଜ୍ୟୋତି ସମ୍ମାନ ପ୍ରଦାନ କରାଯାଉଛି।

କଟକ ଅଫିସ, ୨୮।୫

କଟକ ନୂଆବଜାରର ପୋତାପୋଖରୀସ୍ଥିତ ନେତାଜୀ ଖେଳ ପଡ଼ିଆରେ ଜାତୀୟସ୍ତରୀୟ ସାଂସ୍କୃତିକ ମହାସମାବେଶ ୧୪ତମ ମହାନଦୀ ଫେଷ୍ଟିଭାଲର ତୃତୀୟ ସନ୍ଧ୍ୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ତଥା ଭରତିଆ ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. କିଷନ ଲାଲ ଭରତିଆ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ମତବ୍ୟକ୍ତ କରିଥିଲେ। ମହାନଦୀ ଫେଷ୍ଟିଭାଲ ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ଆଇଚଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତୃତୀୟ ସନ୍ଧ୍ୟାରେ ଅତିଥିଭାବେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ସାମାଜିକ କର୍ମୀ ସୋହାସିନୀ ବେହେରା, ରାମ ଦାସ, ରାମଚନ୍ଦ୍ର ବସ୍ତିଆ, ମନୋଜ ମହାରଣା, ଶ୍ୟାମସୁନ୍ଦର ଶାସ୍ତ୍ରୀ ଓ ମହାନଦୀ ଫେଷ୍ଟିଭାଲର ସାଂସ୍କୃତିକ ସମ୍ପାଦିକା ମଞ୍ଜୁଶ୍ରୀ ଶାସ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମହାନଦୀ ଫେଷ୍ଟିଭାଲକୁ ସମ୍ପାଦକ ଚୌଧୁରୀ ସତ୍ୟ ଦାସ ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସଙ୍ଗଠନ ସମ୍ପାଦକ ଅଶୋକ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ। ତୃତୀୟ ସନ୍ଧ୍ୟାରେ ଫେଷ୍ଟିଭାଲରେ ଲୋକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଫେଷ୍ଟିଭାଲରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ବ୍ୟବସାୟୀ ଆସିଥିବାରୁ ବିଭିନ୍ନ ଷ୍ଟଲରେ ଜିନିଷ କିଣିବାକୁ ରାତି ପର୍ଯ୍ୟନ୍ତ ପ୍ରବଳ ଭିଡ ଲାଗିଥିଲା। ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲ୍ ପ୍ରାୟୋଜିତ, କାଇଣ୍ଡ ଇଣ୍ଡିଆ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ତୃତୀୟ ସନ୍ଧ୍ୟାରେ ଦର୍ଶକମାନେ କଲିକତାର ନବରଙ୍ଗ ଅନୁଷ୍ଠାନ କଳାକାରଙ୍କ ଭାରତ ନାଟ୍ୟମ୍ ନୃତ୍ୟ ଦର୍ଶକଙ୍କୁ ବେଶ୍ ବିମୋହିତ କରିଥିଲା। ଏହି ଅବସରରେ ଭାରତନାଟ୍ୟମ ନୃତ୍ୟାଙ୍ଗନା ନନ୍ଦିତା ଦେବଙ୍କୁ ନୃତ୍ୟ ଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ୱାର୍ଡ କଲ୍ୟାଣ ସମିତି ବୈଠକ

କଟକ ଅଫିସ, ୨୮।୫

ଓଡ଼ିଶା ଜଳଯୋଗାଣ ଓ ସ୍ୱେରେଜ ବୋର୍ଡ ଏବଂ ସାମାଜିକ ସଙ୍ଗଠନ ଉତ୍କଳ ସେବକ ସମାଜର ସହଯୋଗରେ କଟକ ସହରର ୨୭ନଂ. ୱାର୍ଡର ଝାଞ୍ଜିରିମଙ୍ଗଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ୱାର୍ଡ କଲ୍ୟାଣ ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉକ୍ତ ୱାର୍ଡର ଏଏନ୍‌ଏମ୍, ଅଙ୍ଗନୱାଡି ଓ ଆଶା କର୍ମୀମାନେ ଯୋଗଦେଇଥିଲେ। ଏହା ସହ ୨୫ଜଣ ମହିଳା ଆରୋଗ୍ୟ ସମିତି ଓ ମହିଳା ପ୍ରତିନିଧି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କମ୍ୟୁନିଟି କ୍ୟାମ୍ପର ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ ଜଣାଇ ସେମାନଙ୍କୁ ଓଡ଼ିଶା ସମନ୍ୱିତ ପରିମଳ ଉନ୍ନତୀକରଣ ପ୍ରକଳ୍ପ ବିଷୟରେ ଅବଗତ କରାଇଥିଲେ। ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଇଂ. ଅନ୍ୱୟ ଅଭିନବ ଯୋଗଦେଇ ସ୍ୱେରେଜ ସଂଯୋଗର ବହୁବିଧ ଲାଭ ବିଷୟରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡ. ସ୍ମୃତିରଞ୍ଜନ ରଥ ଓ ବିଦ୍ୟାଳୟ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମର ମହାନଦୀ କ୍ଲଷ୍ଟରର ପ୍ୟାକେଜ କୋଅର୍ଡିନେଟର(ଗୋଷ୍ଠୀ) ପ୍ରମୋଦ କୁମାର ଓଝା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶୁଭ୍ରା ମୁଖାର୍ଜୀ ଧନ୍ୟବାଦ ଦେଇଥିବା ବେଳେ ଲୋପାମୁଦ୍ରା ସିଂ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଲାଞ୍ଚ ମାମଲା: ପୂର୍ବତନ ଜିଲା ସଂଯୋଜକ ଦଣ୍ଡିତ

କଟକ ଅଫିସ, ୨୮।୫

ମୟୂରଭଞ୍ଜ ଜିଲାର ପୂର୍ବତନ ଏଚ୍‌ଆର୍‌ଏମ୍‌ଏସ୍ (ହ୍ୟୁମାନ ରିସୋର୍ସ ମ୍ୟାନେଜମେଣ୍ଟ ସିଷ୍ଟମ)ର ସଂଯୋଜକ ନିର୍ମଳ କୁମାର ଲେଙ୍କା ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ଅଭିଯୁକ୍ତ ଲେଙ୍କାଙ୍କୁ ଦୁର୍ନୀତି ନିବାରଣ ଆଇନର ପୃଥକ୍ ଦଫାରେ ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଦଣ୍ଡିତ କରାଯାଇଛି। ପ୍ରଥମ ଦଫାରେ ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଓ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦାୟ ହେଲେ ଅଭିଯୁକ୍ତଙ୍କୁ ଅଧିକ ୩ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଦେଇଛନ୍ତି। ସେହିପରି ଅନ୍ୟ କେତୋଟି ଦଫାରେ ଅଭିଯୁକ୍ତଙ୍କୁ ୧ବର୍ଷ ସଶ୍ରମ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଆଦାୟ ହୋଇ ନ ପାରିଲେ ଅଭିଯୁକ୍ତଙ୍କୁ ଅଧିକ ୩ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ରାୟରେ କୁହାଯାଇଛି। ସୂଚନାଥାଉକି, ଏଚ୍‌ଆର୍‌ଏମ୍‌ଏସ୍ ସଂଯୋଜକ ଭାବେ କାର୍ଯ୍ୟ କରୁଥିବାବେଳେ ଲେଙ୍କା ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ସ୍କୁଲର ପ୍ରଧାନ ଶିକ୍ଷକ ରାଜେଶ ପ୍ରଧାନଙ୍କଠାରୁ ୫୦୦ ଟଙ୍କା ଲାଞ୍ଚ ଗ୍ରହଣ କରି ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ପ୍ରଧାନ ଶିକ୍ଷକ ପ୍ରଧାନଙ୍କୁ ଏଚ୍‌ଆର୍‌ଏମ୍‌ଏସ୍‌ର ୟୁଜର ଆଇଡି ଓ ପାସ୍‌ୱାର୍ଡ ଦେବା ପାଇଁ ଲେଙ୍କା ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ଏନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ୨୧/୧୪ରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଲେଙ୍କା ଏବେ ଭୁବନେଶ୍ୱରଠାରେ ଥିବା ସେଣ୍ଟର ଅଫ ମଡର୍ନ ନାଇଜିଂ ଇନିସିଏଟିଭ୍ (ସିଏମ୍‌ଜିଆଇ)ର ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି।

## ଷ୍ଟେଟ ବ୍ୟାଙ୍କର ମହାଗ୍ରାହକ ସମାବେଶ



ମହାଗ୍ରାହକ ସମାବେଶରେ ଯୋଗ ଦେଇଥିବା ବ୍ୟକ୍ତିବୃନ୍ଦ।

କଟକ ଅଫିସ, ୨୮।୫

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମହାଗ୍ରାହକ ସମାବେଶ ଯୋବ୍ରାସ୍ଥିତ ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ନିବେନ୍ଦୁ ଦାସ ଅଧ୍ୟକ୍ଷତା କରିଥିଲେ। କଟକ ସହରର ମୁଖ୍ୟ ବ୍ୟବସାୟୀ, ଗ୍ରାହକମାନଙ୍କୁ ଦାସ ଉଦ୍‌ବୋଧନ ଦେଇ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଆଭିମୁଖ୍ୟ ଓ ବିଭିନ୍ନ ସେବା ବିଷୟରେ ଆଲୋକପାତ କରିଥିଲେ। କଟକ ଆଞ୍ଚଳିକ କାର୍ଯ୍ୟାଳୟର ଯୋଗେଶ୍ୱର ସେଠୀ କଟକର ଉତ୍ତମ ଗ୍ରାହକ ସେବା ଉପରେ ଗୁରୁତ୍ୱ ଦେଇଥିଲେ। ବ୍ୟାଙ୍କର ବିଭିନ୍ନ ଯୋଜନାର ଆବଶ୍ୟକତା, ଉପଯୋଗିତା ତଥା ବ୍ୟବହାରିତା ଉପରେ ଡିଜିଟାଲ ମାଧ୍ୟମରେ ମଳୟ ଶେଖର ଶତପଥୀ ଓ ଉପାଲୀ ପରିଡା ଗ୍ରାହକଙ୍କୁ ବୁଝାଇଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କଟକ ଶାଖାର ସହ ମହାପ୍ରବନ୍ଧକ ବୈକୁଣ୍ଠ ଚରଣ ଷଡଙ୍ଗୀ, ରାସମେକର ସହ ମହାପ୍ରବନ୍ଧକ ବିଭୁ ପ୍ରସାଦ ଲେଙ୍କା ଏହି ସଭାରେ ଉପସ୍ଥିତ ଥିଲେ। ଆୟୋଜିତ ଗ୍ରାହକ ସମାବେଶକୁ ଆଞ୍ଚଳିକ କାର୍ଯ୍ୟାଳୟ କଟକ ପକ୍ଷରୁ ଯୋଗେଶ୍ୱର ସେଠ୍, ଶୁଭେନ୍ଦୁ ତରାଇ, ପ୍ରଦୀପ ବେହେରା ଓ ମୋହନ ବେହେରା ଆୟୋଜନ କରିଥିଲେ।

**ଅର୍ଥ ହେରଫେର ମାମଲା**

## ଦୁଇ ସରକାରୀ କର୍ମଚାରୀ ଦଣ୍ଡିତ

କଟକ ଅଫିସ, ୨୮।୫

ଆଗତ ଏକ ଲାଞ୍ଚ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ କାଳି ପ୍ରସାଦ ପାଣିଗ୍ରାହୀ ଓ ଜଳେଶ୍ୱର ମଲିକଙ୍କୁ ଦଣ୍ଡିତ କରିଛନ୍ତି। କାଳୀପ୍ରସାଦ ହେଉଛନ୍ତି କନ୍ଧମାଳ ଜିଲା ସର୍ବଶିକ୍ଷା ଅଭିଯାନର ପୂର୍ବତନ ବୈଷୟିକ ପରାମର୍ଶଦାତା ଓ ଜଳେଶ୍ୱର ହେଉଛନ୍ତି କନ୍ଧମାଳ ଜିଲା କୋଟଗଡ଼ ବ୍ଲକର ଝୁବୁଗୁଡ଼ା ୟୁପି ସ୍କୁଲର ପୂର୍ବତନ ସହକାରୀ ଶିକ୍ଷକ। ଅଭିଯୁକ୍ତ କାଳୀପ୍ରସାଦଙ୍କୁ ୨୦୧୬ ରେ ଚାକିରିରୁ ବରଖାସ୍ତ କରାଯାଇଥିବା ବେଳେ ଅନ୍ୟତମ ଅଭିଯୁକ୍ତ ଜଳେଶ୍ୱର ଏବେ କନ୍ଧମାଳ ଜିଲା ବାତଡ଼ି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି।

ଉଭୟଙ୍କ ବିରୋଧରେ ସରକାରୀ ଅର୍ଥ ହେରଫେର ଅଭିଯୋଗ ହୋଇଥିଲା। ଝୁବୁଗୁଡ଼ା ସ୍କୁଲ ଗୃହ ନିର୍ମାଣରେ ଉଭୟ ସରକାରୀ ଅର୍ଥ ହେରଫେର କରିଥିବା ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ. ୮/୧୧ରେ ମାମଲା ରୁଜୁ ହୋଇଥିଲା। ମାମଲାର ଚାର୍ଜଶିଟ ପରେ ତାହା କୋର୍ଟଙ୍କ ବିଚାରାଧୀନ ଥିଲା। ପୂର୍ଣ୍ଣାଙ୍ଗ ଶୁଣାଣି ପରେ ଅଭିଯୁକ୍ତ କାଳୀପ୍ରସାଦ ପାଣିଗ୍ରାହୀଙ୍କୁ ୩ ବର୍ଷ ସଶ୍ରମ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅର୍ଥ ଅନାଦୟ ହେଲେ ଅଭିଯୁକ୍ତଙ୍କୁ ଅଧିକ ୯ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡିବ ବୋଲି ରାୟରେ କୁହାଯାଇଛି। ସେହିପରି ଅନ୍ୟ ଏକ ଦଫାରେ ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଆଦାୟ ହୋଇ ନ ପାରିଲେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଦେଇଛନ୍ତି। ଅନ୍ୟ ଏକ ଦଫାରେ ଅଭିଯୁକ୍ତଙ୍କୁ ୧ ବର୍ଷ ସଶ୍ରମ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅର୍ଥ ଆଦାୟ ହୋଇ ନ ପାରିଲେ ଅଧିକ ୩ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକ ସମୟରେ ଚାଲିବ ବୋଲି ରାୟରେ ସ୍ପଷ୍ଟ କରାଯାଇଛି। ସେହିପରି ଅନ୍ୟତମ ଅଭିଯୁକ୍ତ ଜଳେଶ୍ୱରଙ୍କୁ ୩ ବର୍ଷ ସଶ୍ରମ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନା ଦଣ୍ଡ ମିଳିଛି। ଜରିମାନା ଆଦାୟ ହୋଇ ନ ପାରିଲେ ଅଭିଯୁକ୍ତଙ୍କୁ ୯ ମାସ ଜେଲ୍ ଦଣ୍ଡ ଦିଆଯାଇଛି। ସେହିପରି ଅନ୍ୟ ଏକ ଦଫାରେ ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଓ ୨୦ହଜାର ଟଙ୍କା ଜରିମାନା ଦଣ୍ଡ ଦିଆଯାଇଛି। ଜରିମାନା ଆଦାୟ ହୋଇ ନ ପାରିଲେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଳେଶ୍ୱରଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକକାଳୀନ ଚାଲିବ ବୋଲି ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି।



କଟକ ରାଣୀହାଟ କେନାଲ ରୋଡ ପାର୍ଶ୍ୱରେ ବିକ୍ରୟ ହେଉଥିବା ବାଉଁଶଯାତ ଘରକରଣା ସାମଗ୍ରୀରୁ ଜଣେ ମହିଳା ହାତ ବିଞ୍ଚଣା କିଣୁଛନ୍ତି।

## ନିଜ ଆଡୁ ମାମଲା ରୁଜୁ କଲା ଓଏସ୍‌ସିପିସିଆର୍

**ଶିଶୁକନ୍ୟା ବଳାତ୍କାର ଘଟଣା**

■ଏସ୍‌ସିବି ୱାନ୍ ଷ୍ଟପ୍ ସେଣ୍ଟରରେ ପୀଡ଼ିତା

■ମା' ଦେଲେ ଏତଲା, ଅଭିଯୁକ୍ତ ଗିରଫ

କଟକ ଅଫିସ, ୨୮।୫

ଚାଉଳିଆଗଞ୍ଜ ଥାନା ଅଧୀନରେ ଜଣେ ୫ ବର୍ଷ ବୟସର ଶିଶୁ କନ୍ୟାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଏନ୍. ଆପ୍ପା ରାଓଙ୍କୁ ମଙ୍ଗଳବାର ଗିରଫ କରିଛି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ଚର୍ମରୋଗ ବିଭାଗରୁ ମେଡିକାଲ ପରିସରରେ ଥିବା ୱାନ ଷ୍ଟପ ସେଣ୍ଟରକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ଚାଇଲ୍ଡ ଲାଇନ କର୍ମକର୍ତ୍ତା ଓ ଜିଲା ଶିଶୁ ମଙ୍ଗଳ କମିଟିର ସଦସ୍ୟମାନେ ମେଡିକାଲରେ ଭେଟି ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଏତଲା ଦେବାକୁ ଡରୁଥିବା ପୀଡ଼ିତାଙ୍କ ମା'ଙ୍କୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ଚାଇଲ୍ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଳ ସାହସ ଦେବା ପରେ ସେ ଚାଉଳିଆଗଞ୍ଜ ଥାନାରେ ଏତଲା ଦେଇଥିଲେ। ଉକ୍ତ ଘଟଣାକୁ ନେଇ ଧରିତ୍ରୀର ମଙ୍ଗଳବାର ସଂସ୍କରଣରେ ଏକ ଖବର ପ୍ରକାଶ ପାଇବା ପରେ ଓଡ଼ିଶା ଷ୍ଟେଟ୍ କମିଶନ ଫର୍ ପ୍ରୋଟେକ୍ସନ ଅଫ ଚାଇଲ୍ଡ ରାଇଟ୍ସ (ଓଏସ୍‌ସିପିସିଆର୍) ନିଜଆଡୁ ଏକ ମାମଲା (୧୪୬/୨୦୧୯) ରୁଜୁ କରିଛି। ଘଟଣା ସମ୍ପର୍କରେ ଓଏସ୍‌ସିପିସିଆର୍‌ର ସଦସ୍ୟ ହରିହର ନାୟକ ଚାଉଳିଆଗଞ୍ଜ ଥାନା ଆଇଆଇସି, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଚାଇଲ୍ଡ ଲାଇନ ଓ ଏସ୍‌ସିବି ଅଧୀକ୍ଷକଙ୍କଠାରୁ ରିପୋର୍ଟ ତଲବ କରିଛି। କିଭଳି ପରିସ୍ଥିତିରେ ଏହି ଘଟଣା ଘଟିଲା ଓ ଅଭିଯୁକ୍ତଙ୍କ ବିରୋଧରେ ପୀଡ଼ିତାଙ୍କ ପରିବାର ଥାନାକୁ ଯିବାକୁ କାହିଁକି ଭୟ କରୁଥିଲେ ସେ ସମ୍ପର୍କିତ ରିପୋର୍ଟ ଥାନା ଆଇଆଇସିଙ୍କଠାରୁ ମଗାଯାଇଥିବା ବେଳେ ପୀଡ଼ିତାଙ୍କ ଚିକିତ୍ସା ସମ୍ପର୍କିତ ତଥ୍ୟ ଏସ୍‌ସିବି ଅଧୀକ୍ଷକ ଓ ପୀଡ଼ିତାଙ୍କୁ ପରବର୍ତ୍ତୀ ସୁରକ୍ଷା ନିମନ୍ତେ ଶିଶୁ ସୁରକ୍ଷା ଅଧିକାରୀ କ'ଣ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କିତ ତଥ୍ୟ ମଗାଯାଇଛି। ଚାଇଲ୍ଡ ଲାଇନ ସଂଯୋଜକ ଶୁକ୍ଳଙ୍କ ସୂଚନା ଅନୁଯାୟୀ ପୀଡ଼ିତାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକେ। ପୀଡ଼ିତାଙ୍କ ବାପା ମୋଚି ବୃତ୍ତି କରି ପରିବାର ପ୍ରତିପୋଷଣ କରନ୍ତି। ପୀଡ଼ିତାଙ୍କୁ ମିଶାଇ ତାଙ୍କର ମୋଟ ୪ଟି ଝିଅ ଅଛନ୍ତି। ପୀଡ଼ିତା ହେଉଛନ୍ତି ୨ ନମ୍ବର ସନ୍ତାନ। ଅଭିଯୁକ୍ତ ଜଣକ ପୀଡ଼ିତାଙ୍କୁ ବାରମ୍ବାର ବଳାତ୍କାର କରିବା ପରେ ତାଙ୍କ ଯୌନାଙ୍ଗରେ ସଂକ୍ରମଣ ସୃଷ୍ଟି ହୋଇଥିଲା। ଗତ ୨୧ ତାରିଖ ମଙ୍ଗଳବାର ପରିବାର ଲୋକେ ପୀଡ଼ିତାଙ୍କୁ ଏସ୍‌ସିବି ମେଡିକାଲକୁ ନେଇଥିଲେ। ଘଟଣା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳ ଲୋକେ ଭଲ ଭାବେ ଅବଗତ ଥିଲେ ମଧ ଅଭିଯୁକ୍ତଙ୍କ ବିରୋଧରେ ମୁହଁ ଖୋଲିବାକୁ ସାହସ କରୁ ନ ଥିଲେ। କାରଣ ଅଭିଯୁକ୍ତ ଜଣକ ହେଉଛନ୍ତି ଜଣେ ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି। ପୀଡ଼ିତାଙ୍କ ସମ୍ପର୍କରେ ଚାଇଲ୍ଡ ଲାଇନ ପାଖରେ ଖବର ପହଞ୍ଚିଥିଲା। ଗତ ସୋମବାର ରାତିରେ ଚାଇଲ୍ଡ ଲାଇନ ସଂଯୋଜକ ଶୁକ୍ଳ ଏସ୍‌ସିବିରେ ପହଞ୍ଚି ପୀଡ଼ିତା ଓ ତାଙ୍କ ମା'ଙ୍କୁ ଭେଟି ଆଇନର ଆଶ୍ରୟ ନେବାକୁ କହିଥିଲେ। ଚାଉଳିଆଗଞ୍ଜ ଥାନା ଆଇଆଇସି ଦୀପକ ମିଶ୍ର କୁହନ୍ତି, ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ମାମଲାର ତଦନ୍ତ ଜାରି ରହିଛି।



ସନ୍ତୋଷ ହେଉଛି ପ୍ରକୃତିଦତ୍ତ ସମ୍ପଦ, ଆଉ ବିଳାସର ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ।
-ସକ୍ରେଟିସ୍



## ସଂକ୍ଷେପରେ

### ସୌରଚାଳିତ ଯନ୍ତ୍ରାଂଶ ବିତରଣ

ବାରଙ୍ଗ,୨୮।୫(ଡି.ଏନ୍.ଏ.): ଫନୀରେ ବିପର୍ଯ୍ୟସ୍ତ ହୋଇଥିବା ଆମ୍ବତୋଟା ବସ୍ତିବାସିନ୍ଦାଙ୍କୁ ମଙ୍ଗଳବାର ଜେକେ ପେପର କମ୍ପାନୀ ପକ୍ଷରୁ ସୌରଚାଳିତ ଯନ୍ତ୍ରାଂଶ ବିତରଣ କରାଯାଇଛି। ପରିବେଶବିତ ପ୍ରଫୁଲ୍ଲ କୁମାର ଧଳଙ୍କ ତତ୍ତ୍ୱାବଧାନରେ ୪୦ଗୋଟି ପରିବାରକୁ ବଲବ, ଫ୍ୟାନ, ବେଟେରି, ଲଣ୍ଠନ ଇତ୍ୟାଦି ସାମଗ୍ରୀ ପ୍ରଦାନ କରାଯାଇଛି। ଜେକେ ପେପରର ମୁଖ୍ୟ ପବନ କୁମାର ସୁରୀ, ମିସେଶ ବେଲା ଉପସ୍ଥିତ ରହି ଏହାକୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁରେନ୍ଦ୍ର କୁମାର ସ୍ୱାଇଁ, କମଳାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

### ଏକାମ୍ର ନୃତ୍ୟ ଉତ୍ସବ ଆରମ୍ଭ

ଭୁବନେଶ୍ୱର,୨୮।୫(ବ୍ୟୁରୋ): ରାଜ୍ୟର ଅଗ୍ରଣୀ ଅନୁଷ୍ଠାନ ସୁରଭି ପକ୍ଷରୁ ୧୭ତମ ଏକାମ୍ର ନୃତ୍ୟ ଉତ୍ସବ ମଙ୍ଗଳବାର ସୂଚନା ଭବନରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଜ୍ୟୋତି ରାଉତଙ୍କୁ ସୁରଭି ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଶୀ ନୃତ୍ୟଶିଳ୍ପୀ ଜ୍ୟୋତି ରାଉତ, ଲିନା ମହାନ୍ତି ଏକକ ଓଡ଼ିଶୀ ନୃତ୍ୟ ଓ ସରୋଜ ବୈଦ୍ୟନାଥନ୍ ଭାରତ ନାଟ୍ୟମ୍ ନୃତ୍ୟରେ ଦଳଗତ ଭାବେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଉତ୍ସବରେ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ପ୍ରଫେସର ମୋହିନୀ ମୋହନ ପଟ୍ଟନାୟକ, ସ୍ନେହପ୍ରଭା ସାମନ୍ତରାୟ ଓ ଖୋର୍ଦ୍ଧା ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ ଅତିଥି ଭାବେ ଯୋଗଦେଇ ଓଡ଼ିଶୀ ନୃତ୍ୟ ଉପରେ ନିଜର ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ଯାଏଁ ଚାଲିବ।

### ଅନ୍ତର୍ଭୁକ୍ତୀକରଣ ଶିକ୍ଷା ଲାଗି ସ୍ୱତନ୍ତ୍ର ନୀତି ଦାବି

ଭୁବନେଶ୍ୱର,୨୮।୫(ବ୍ୟୁରୋ): ସ୍ୱେଚ୍ଛାସେବୀ ସଙ୍ଗଠନ ସସ୍‌ଟେନ୍‌ବିଲିଟି ଫାଉଣ୍ଡେଶନ ଓ କୋଏଲିସନ୍ ଫର ଏଜୁକେଶନର ମିଳିତ ସହଯୋଗରେ 'ଗ୍ଲୋବାଲ ଆକ୍ସନ ୱିକ୍-୨୦୧୯' ପାଳିତ ହୋଇଛି। ଏହି ଅବସରରେ ଅନ୍ତର୍ଭୁକ୍ତୀକରଣ ଶିକ୍ଷା ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି, ଶିକ୍ଷକ ସଙ୍ଗଠନ ଏବଂ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ରହି 'ମୋ ଶିକ୍ଷା-ମୋ ଅଧିକାର'କୁ ସୁନିଶ୍ଚିତ କରିବାକୁ ହେଲେ ଅନ୍ତର୍ଭୁକ୍ତୀକରଣ ଶିକ୍ଷା ଲାଗି ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ କରିବାକୁ ଦାବି କରିଛନ୍ତି। ସସ୍‌ଟେନବିଲିଟି ଫାଉଣ୍ଡେଶନର ପ୍ରତିଷ୍ଠାତା ନବକିଶୋର ପୂଜାରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସଂସ୍ଥାର ଟ୍ରଷ୍ଟି ସଦସ୍ୟ ପ୍ରଫେସର ପ୍ରଶାନ୍ତ ଆଚାର୍ଯ୍ୟ, ବିଜେଇଏମ ସ୍କୁଲର ସନ୍ଧ୍ୟା ଜେନା ପ୍ରମୁଖ ଯୋଗଦେଇ ଏହି ଶିକ୍ଷା ଉପରେ ଆଲୋକପାତ କରିଥିଲେ।

### ଲୋକ ସଭା ଆସନରେ ଭାଜପାର ୧୧୯୮ ଭୋଟ

ଖୋର୍ଦ୍ଧା ଅଫିସ,୨୮।୫: ଭୁବନେଶ୍ୱର ଲୋକ ସଭା ଆସନରେ ପୋଷ୍ଟାଲ ଭୋଟରେ ଭାଜପା ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ସରକାରୀ କର୍ମଚାରୀଙ୍କର ଅଧିକ ପସନ୍ଦଯୋଗ୍ୟ ହୋଇଛନ୍ତି। ମୋଟ ୧୫୦୩ ଭୋଟ ମଧ୍ୟରୁ ଅପରାଜିତା ୧୧୯୮ ଭୋଟ ପାଇଥିବାବେଳେ ବିଜେଡି ପ୍ରାର୍ଥୀ ଅରୂପ ମୋହନ ପଟ୍ଟନାୟକ ମାତ୍ର ୨୪୧ ଭୋଟ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ସମର୍ଥିତ ସିପିଆଇ(ଏମ) ପ୍ରାର୍ଥୀ ୩୩, ଅଲ ଇଣ୍ଡିଆ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଶୁଭ୍ରାଂଶୁ ଶେଖର ପାଢ଼ୀ ୧୪, ବହୁଜନ ସମାଜପାର୍ଟି ପ୍ରାର୍ଥୀ ଲଳିତ କୁମାର ନାୟକ ୬, କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ ପ୍ରାର୍ଥୀ ପ୍ରମିଳା ବେହେରା ୮, କୃପା ପାର୍ଟି ପ୍ରାର୍ଥୀ ବିଶ୍ୱନାଥ ରାଉତ ୨, କଳିଙ୍ଗ ସେନାର ପ୍ରାର୍ଥୀ ଭକ୍ତ ଶେଖର ରାୟ ୧ ଭୋଟ ପାଇଛନ୍ତି। ମାତ୍ର ୮ଟି ଭୋଟ ନୋଟାରେ ପଡିଛି।

## ଶ୍ରୀଲିଙ୍ଗରାଜଙ୍କ ଜମିକୁ ଘରୋଇ ସଂସ୍ଥାକୁ ୯୯ବର୍ଷ ଲିଜ୍ ଘଟଣା

# ଅର୍ଥନୈତିକ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ

ପୁରୁଣା ଭୁବନେଶ୍ୱର, ୨୮।୫ (ଡି.ଏନ.ଏ.)

ଭୀମପୁର ମୌଜାରେ ଥିବା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ୨.୩୫୬ ଏକର ଜମିକୁ ଦେବୋତ୍ତର ଆୟୁକ୍ତ ଏକ ଘରୋଇ ସଂସ୍ଥାକୁ ୯୯ ବର୍ଷ ପାଇଁ ଲିଜ୍ ସୂତ୍ରରେ ଟେକି ଦେବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ନିକଟରେ ଆଇନ ପ୍ରମୁଖ ସଚିବଙ୍କୁ ଅଭିଯୋଗ କରାଯାଇଥିଲା। ୧୭ ଦିନ ପରେ ମଙ୍ଗଳବାର ମଞ୍ଚ ପୁନର୍ବାର ଅର୍ଥନୈତିକ ଅପରାଧ ଶାଖା ଅଧୀକ୍ଷକଙ୍କ ନିକଟକୁ ଏହି ଘଟଣାର ତଥ୍ୟ ଅନୁସନ୍ଧାନ ପାଇଁ ତ୍ୱରାନ୍ୱିତ ପଦକ୍ଷେପ ନେବାକୁ ଦାବି କରିଛି। ଏଥିରେ ସମ୍ପୃକ୍ତ ଦେବୋତ୍ତରର ଆୟୁକ୍ତଙ୍କ କ୍ଷମତାର ଅପବ୍ୟବହାର ପାଇଁ କିଭଳି ରାଜ୍ୟ ରାଜକୋଷ ତଥା ମନ୍ଦିର କୋଷାଗାରକୁ ୬ ଶହ କୋଟି ଟଙ୍କାର କ୍ଷତି ପହଞ୍ଚାଇଛନ୍ତି ତାହା ଯାଞ୍ଚ ପାଇଁ ଅନୁରୋଧ କରାଯାଇଛି। ସୂଚନାଥାଉ କି ଶ୍ରୀଲିଙ୍ଗରାଜଙ୍କ ଏହି ସମ୍ପତ୍ତିକୁ ଦେବୋତ୍ତର ଆୟୁକ୍ତ ୯୯ ବର୍ଷ ପାଇଁ ମାତ୍ର ୧୦ କୋଟିରୁ କମ୍ ଟଙ୍କାରେ ଲିଜ୍ ପ୍ରଦାନ ଲାଗି ଆଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଆୟୁକ୍ତଙ୍କ କାର୍ଯ୍ୟକଳାପ ନିକଟରେ ସରୁଛି। ତେଣୁ ଏହି ଘଟଣାର ତଦନ୍ତ କରାଯାଇ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆଣିବାକୁ ମଞ୍ଚର ମୁଖ୍ୟ ସଂଯୋଜକ ହିମାଂଶୁ ଶେଖର ହୋତା ପତ୍ର ମାଧ୍ୟମରେ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ଦେବୋତ୍ତର ବିଭାଗର ଆୟୁକ୍ତ ବିରାଜ ପ୍ରସାଦ ଦତ୍ତଙ୍କୁ ପଚାରିବାରେ ଜମି ଉପରେ ସମ୍ପୃକ୍ତ କମ୍ପାନୀ, ସୁପ୍ରିମକୋର୍ଟରେ ରିଟ ପିଟିସନ ପାଇଁ ଯାଇଥିଲେ। ପରବର୍ତ୍ତୀ ସମୟରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ, କମ୍ପାନୀ ମଧ୍ୟରେ ମାମଲାକୁ ଦୃଷ୍ଟିରେ ରଖି ମାଲିକନା ପରିବର୍ତ୍ତନ ନ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଯାହାଦ୍ୱାରା ଚୁକ୍ତି ମୁତାବକ ପ୍ରତିବର୍ଷ ଜମିର ମୂଲ୍ୟ ଅଭିବୃଦ୍ଧି ସଙ୍ଗେ ସଙ୍ଗେ କମ୍ପାନୀ ଟଙ୍କା ପ୍ରଦାନ କରିବ। ଫଳରେ ରାଜ୍ୟର ରାଜସ୍ୱ ଅଭିବୃଦ୍ଧି ଘଟିବ ବୋଲି ସେ କହିଥିଲେ।




ଭୁବନେଶ୍ୱର ସୂଚନା ଭବନରେ ନୃତ୍ୟ ଅନୁଷ୍ଠାନ ସୁରଭୀ ପକ୍ଷରୁ ଆୟୋଜିତ ଏକାମ୍ର ନୃତ୍ୟ ଉତ୍ସବରେ ଅତିଥିମାନେ ଓଡିଶୀ ନୃତ୍ୟ ଶିଳ୍ପୀ ଜ୍ୟୋତି ରାଉତଙ୍କୁ ସମ୍ମାନିତ କରୁଛନ୍ତି।

## ନୂଆଗାଁରେ ଶ୍ରୀଗୋପାଳଜୀଉଙ୍କ ଚନ୍ଦନଯାତ୍ରା



ଚନ୍ଦନ ପୋଖରୀକୁ ଜଳକ୍ରୀଡା ପାଇଁ ଠାକୁର ଡଙ୍ଗାରେ ଯାଉଛନ୍ତି।।

ପୁରୁଣା ଭୁବନେଶ୍ୱର, ୨୮।୫ (ଡି.ଏନ.ଏ.)

ସ୍ଥାନୀୟ ନୂଆଗାଁ ଚନ୍ଦନ ପୋଖରୀରେ ପ୍ରଭୁ ଶ୍ରୀଶ୍ରୀ ଗୋପାଳଜୀଉଙ୍କ ଚନ୍ଦନ ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କ ଏହି ପାରମ୍ପରିକ ଚନ୍ଦନ ଯାତ୍ରା ୫୦ ବର୍ଷ ହେଲା ହୋଇ ଆସୁଛି। ଚଳିତବର୍ଷ ଚାପ ଡଙ୍ଗା ପୁରୁଣା ହୋଇଯାଇଥିବାରୁ କଟକରୁ ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନୂତନ ଡଙ୍ଗା ତିଆରି ହୋଇଆସିଥିଲା। ୫ ଦିନ ଧରି ଜଳ କ୍ରୀଡା ପାଇଁ ଠାକୁର ନିକଟସ୍ଥ ମନ୍ଦିରରୁ ବିମାନ ଯୋଗେ ଚନ୍ଦନ ପୋଖରୀକୁ ଯାତ୍ରା କରିଥିଲେ। ଜେନାସାହି, ଖରଡାସାହି, କୁକୁଡା ଘାଇ ପାଟଣା ଓ ଉପରସାହି ଏହି ଚାରି ସାହି ପକ୍ଷରୁ ୪ ଦିନ ଧରି ଜଳ କ୍ରୀଡା ବ୍ୟବସ୍ଥା କରାଯାଇଥିଲା। ଶେଷଦିନ କୋଠପାଳିରେ ଏହା ଶେଷ ହୋଇଥାଏ। ପୂଜକ ଗୋବିନ୍ଦ ଦାଶ, ଗ୍ରାମ ସଭାପତି ବସନ୍ତ ବରାଳ ଏବଂ ମିଟୁ ପ୍ରହରାଜଙ୍କ ସମେତ ଗାଁର ସମସ୍ତ ଲୋକଙ୍କ ସହଯୋଗରେ ଠାକୁରଙ୍କ ଏହି ଯାତ୍ରା ପରିଚାଳନା କରାଯାଇଥିଲା।

## ଘଣ୍ଟାଏ କାଳ ଜୀବନ ସହ ଯୁଝିଲେ ଯାତ୍ରୀ

କଟକ ରୋଡ,୨୮।୫(ବ୍ୟୁରୋ)

ଭୁବନେଶ୍ୱର ରେଲୱେ ଷ୍ଟେଶନରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ବହୁ ବନ୍ଦୋବସ୍ତ ହୋଇଛି । ବାସ୍ତବ କ୍ଷେତ୍ରରେ ରେଲୱେ କର୍ତ୍ତୃପକ୍ଷ ଯାତ୍ରୀଙ୍କ ସୁରକ୍ଷା ପାଇଁ କେତେ ସଚେତନ ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ମଙ୍ଗଳବାର ରେଲୱେ ଷ୍ଟେଶନରେ। ମିଳିଥିବା ସୂଚନା ଅନୁଯାୟୀ, ରାତି ପ୍ରାୟ ୯ଟା ୩୦ରେ ଦୁଇ ବନ୍ଧୁ ଏକ ଟ୍ରେନ ଯୋଗେ ଭୁବନେଶ୍ୱରରେ ପହଞ୍ଚିଥିଲେ। ୧ନଂ ପ୍ଲାଟଫର୍ମରେ ଓହ୍ଲାଇବା ପରେ ଶିଡିରେ ଆସୁଥିବାବେଳେ ସେଥିମଧ୍ୟରୁ ଜଣେ ଅସୁସ୍ଥ ହୋଇପଡିଥିଲେ। ତାଙ୍କ ଅସୁସ୍ଥତା ଦେଖି ଅନ୍ୟବନ୍ଧୁ ଚିକିତ୍ସା ପାଇଁ ରେଲୱେ କର୍ତ୍ତୃପକ୍ଷଙ୍କ ନିକଟରେ କାକୁତିମିନତି ହୋଇଥିଲେ। ପରବର୍ତ୍ତୀ ସମୟରେ ଅନ୍ୟଜଣେ ମହିଳା ଜିଆରପି ଓ ରେଲୱେ ମ୍ୟାନେଜରଙ୍କୁ ଉକ୍ତ ଅସୁସ୍ଥ ଯାତ୍ରୀଙ୍କ ଚିକିତ୍ସା ପାଇଁ ଅବଗତ କରାଇଥିଲେ ମଧ୍ୟ ସେଭଳି କିଛି ଫଳ ମିଳି ନଥିଲା ବୋଲି ସମ୍ପୃକ୍ତା ମହିଳା କହିଛନ୍ତି। ଅନ୍ୟପକ୍ଷରେ ପ୍ରାୟ ଘଟଣାର ଅଧଘଣ୍ଟା ପରେ ୧ନଂ ପ୍ଲାଟଫର୍ମରୁ କିଛି ଦୂରରେ ଥିବା ଜଣେ କନଷ୍ଟେବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରବର୍ତ୍ତୀ ସମୟରେ ଅସୁସ୍ଥ ଯାତ୍ରୀଙ୍କୁ ପ୍ରାୟ ଘଣ୍ଟାଏ ପରେ ଏକ ଆମ୍ବୁଲାନ୍ସ ଯୋଗେ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ରିପୋର୍ଟ ପ୍ରସ୍ତୁତବେଳକୁ ଯାତ୍ରୀଙ୍କ ପରିଚୟ ମିଳି ପାରି ନ ଥିବାବେଳେ ତାଙ୍କ ଅବସ୍ଥାରେ ପରିବର୍ତ୍ତନ ହୋଇଛି କି ନାହିଁ ତାହା ଜଣାପଡି ନ ଥିବା ଜିଆରପି ଥାନାର ଜଣେ ଅଧିକାରୀ କହିଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ଚନ୍ଦନଯାତ୍ରା ଶେଷ

ପୁରୁଣା ଭୁବନେଶ୍ୱର, ୨୮।୫ (ଡି.ଏନ.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଅକ୍ଷୟ ତୃତୀୟାଠାରୁ ଚାଲୁଥିବା ୨୨ ଦିନିଆ ଚନ୍ଦନଯାତ୍ରା ମଙ୍ଗଳବାର ଶେଷ ହୋଇଛି। ଦୈନନ୍ଦିନ ନୀତି ଭୋଗ ମଣ୍ଡପ ସରିବା ପରେ ପାଳିଆ ପୂଜାପଣ୍ଡା ଚନ୍ଦନ ବେଢା କରିଥିଲେ। ପରେ ପାଳିଆ ବଡୁ ଦିଅଁଙ୍କୁ ସ୍ନାନ କରିବା ପରେ ପୂଜାପଣ୍ଡା ଉକ୍ତ ଚନ୍ଦନକୁ ସଂସ୍କାର କରି ଶ୍ରୀଜୀଉଙ୍କ ଉପରେ ଲାଗି କରିଥିଲେ। ପରେ ଯାତ୍ରା ପୂଜା ହୋଇଥିଲା। ବୀରକିଶୋରୀ ବଲ୍ଲଭ ଶେଷ ପରେ ଠାକୁର ବିମାନ ଓ ପାଲିଙ୍କିରେ ବିଜେ କରିଥିଲେ। ଏହାପରେ ଠାକୁରାଣୀଙ୍କ ଦ୍ୱିପ୍ରହର ଧୂପ କରାଯାଇ ପହଡ ପଡିଥିଲା। ଦିଅଁ ବିନ୍ଦୁସାଗରକୁ ବିଜେ କରିଥିଲେ। ଚାପ ଡଙ୍ଗାରେ ମଠ ଘାଟରେ ପୂଜାର୍ଚ୍ଚନା ପରେ ଅଷ୍ଟଶମ୍ଭୁଙ୍କ ନାମରେ ଭଉଁରି ଖେଳି ଜଗତିକୁ ଯାଇଥିଲେ। ସେଠାରେ ସିଂହାସନରେ ବିଜେ କରିଥିଲେ। ଦ୍ୱିପ୍ରହର ଧୂପ ସରିବା ପରେ ଦିଅଁ ଚନ୍ଦନ କୁଣ୍ଡରେ ବୁଡିଥିଲେ। ପରେ ବେଶ କରାଯାଇ ସନ୍ଧ୍ୟା ଧୂପରେ ପିଠା, କାକରା ଧୂପ କରାଯାଇଥିଲା। ପରେ ଅଷ୍ଟଚଣ୍ଡୀଙ୍କ ନାମରେ ଭଉଁରି ଖେଳିଥିଲେ, ମହନି ଆଖଡା ଚଣ୍ଡୀଙ୍କ ନିକଟରେ ପୂଜା ସରିବା ପରେ ଠାକୁର ବିଶ୍ରାମ ଘାଟକୁ ଆସିଥିଲେ। ବ୍ରାହ୍ମଣ ନିଯୋଗ ପକ୍ଷରୁ ପ୍ରସ୍ତୁତ ଭୋଗ ଏବଂ କୋଠଭୋଗ ସେଠାରେ ଲାଗି କରାଯିବା ପରେ ଆଳତି କରାଯାଇଥିଲା। ପରେ ଠାକୁର ବିମାନ ଓ ପାଲିଙ୍କିରେ ବିଜେ କରିଥିଲେ। ପରେ ଡୋରି ଲାଗି କରାଯାଇ ମୁଆଁ ଭୋଗ ହୋଇଥିଲା। ଏହି ଅବସରରେ ଠାକୁରଙ୍କୁ ହଳଦୀ ପାଣି ସିଞ୍ଚନ କରାଯାଇଥିଲା। ଆଜିଠୁଁ ଦିଅଁଙ୍କର ୨୨ ଦିନ ଭିତରେ ଚନ୍ଦନ ଓ ବାହାର ଚନ୍ଦନ ଶେଷ ହୋଇଥିଲା ବୋଲି ସେବାୟତ ମଣ୍ଟୁ ପୂଜାପଣ୍ଡା କହିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା ଘଟଣା: ପ୍ରେମିକା ଗିରଫ

ପୁରୁଣା ଭୁବନେଶ୍ୱର, ୨୮।୫ (ଡି.ଏନ.ଏ.)

ଶ୍ରୀଲିଙ୍ଗରାଜ ଥାନା ଅଧୀନ ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟରେ ରହୁଥିବା ଆଶିଷ ମିଶ୍ର ନିଜ ପ୍ରେମିକା ସମ୍ମୁଖରେ ୩ଦିନ ତଳେ ଆତ୍ମହତ୍ୟା କରିଥିଲେ। ତାଙ୍କର ମୃତ୍ୟୁ ପାଇ ପରିବାର ଲୋକେ ପ୍ରେମିକାଙ୍କୁ ଦାୟୀ କରିଥିଲେ। ଅଭିଯୋଗ ପରେ ପୋଲିସ ଘଟଣାକୁ ଅନୁସନ୍ଧାନ ଚଳାଇଥିଲା। ପ୍ରେମିକା ଜଣକ ହେଉଛନ୍ତି ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ପ୍ରତାପପୁର ଅଞ୍ଚଳର ସୁଜାତା ଦାସ(୨୩)। ସୁଜାତା ଆଶିଷଙ୍କୁ ଭଲ ପାଉଥିଲେ ମଧ୍ୟ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ତେଣୁ ଆଶିଷଙ୍କ ମୃତ୍ୟୁ ପାଇଁ ସୁଜାତା ଦାୟୀ ବୋଲି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

## ଲାୟନ୍ସ କ୍ଲବ ଭୁବନେଶ୍ୱରର କର୍ମକର୍ତ୍ତା ପ୍ରସ୍ତୁତି ବୈଠକ




ଭୁବନେଶ୍ୱର,୨୮।୫(ବ୍ୟୁରୋ)

ଲାୟନ୍ସ କ୍ଲବ୍ ଓଡ଼ିଶାର ୨୦୧୯-୨୦ ଲାୟନିଷ୍ଟିକ୍ ବର୍ଷ ଲାଗି ନିର୍ବାଚିତ ହୋଇଥିବା କାର୍ଯ୍ୟକାରୀ କମିଟିର ଏକ ବିଶେଷ ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଛି। ଏଥିରେ ନବନିର୍ବାଚିତ ସଭାପତି ଲାୟନ ରାମପ୍ରସାଦ ପାତ୍ର, ସମ୍ପାଦକ ଲାୟନ ସିଦ୍ଧାର୍ଥ ମହାନ୍ତି, କୋଷାଧ୍ୟକ୍ଷ ଲାୟନ ତପନ ହରିଚନ୍ଦନ, କାର୍ଯ୍ୟକାରୀ କମିଟି ସଭ୍ୟଙ୍କ ସମେତ ବିଭିନ୍ନ କମିଟି ଅଧ୍ୟକ୍ଷ ଓ ଚଳିତବର୍ଷର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ନବନିର୍ବାଚିତ ସଭାପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବହୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଫନୀ ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କୁ ଆନ୍ତର୍ଜାତିକ ଲାୟନ୍ସ ସଂସ୍ଥା ପକ୍ଷରୁ ସହାୟତା ପ୍ରଦାନ କରିବା, ବୃକ୍ଷରୋପଣ କରିବା, ବିଭିନ୍ନ ସାମାଜିକ କାର୍ଯ୍ୟ ଯେପରି ରକ୍ତଦାନ, ପାନୀୟ ଜଳ ଯୋଗାଣ, ହେଲ୍‌ଥ କ୍ୟାମ୍ପ, ଟ୍ରାଫିକ୍ ସଚେତନତା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିବା, ସ୍କୁଲ, କଲେଜ୍‌ଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଆଦି କରିବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଉପସ୍ଥିତ ସମସ୍ତ ସଭ୍ୟାସଭ୍ୟଙ୍କ ମତାମତ ନେବା ପରେ ଉପରୋକ୍ତ ଉଦ୍ୟମମାନ କରାଯିବ ବୋଲି ଲାୟନ୍ସ କ୍ଲବର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗବନ୍ଧୁ ଷଡଙ୍ଗୀ କହିଛନ୍ତି। ଲାୟନ ମହେନ୍ଦ୍ର ସିଂ ଶେଷରେ ଧନ୍ୟବାଦ ଦେଇଥିଲେ।

# ଋତୁସ୍ରାବ ସଚେତନତାରେ ସାମିଲ ହେଲେ ଯୁବପିଢ଼ି

ଭୁବନେଶ୍ୱର,୨୮।୫(ବ୍ୟୁରୋ)



ସ୍ତ୍ରୀ ରୋଗ ଓ ମାସିକ ଋତୁସ୍ରାବ ପ୍ରତି ଅଧିକରୁ ଅଧିକ ସଚେତନତା କରାଇବା ଲକ୍ଷ୍ୟ ନେଇ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ(ବିଏସ୍‌ସିଏଲ) ପକ୍ଷରୁ 'ସୋସିଆଲି ସ୍ମାର୍ଟ' ଅଭିଯାନ ଆରମ୍ଭ କରାଯାଇଛି। ଏ ପରିପ୍ରେକ୍ଷୀରେ ବିଏସ୍‌ସିଏଲ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ 'ମେନଷ୍ଟ୍ରୁଆଲ ହାଇଜିଏନ୍ ଦିବସ' ପାଳିତ ହୋଇଯାଇଛି। ସିଆର୍‌ପିସ୍ଥିତ ଆଦିବାସୀ ସଂଗ୍ରହାଳୟ ପରିସରରେ ବିଏସସିଏଲ ଓ 'ୟୁନାଇଟେଡ ନେଶନସ୍ ପପୁଲେଶନ ଫଣ୍ଡ(ୟୁଏନଏଫପିଏ)'ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟତଃ ବସ୍ତିଲୋକଙ୍କୁ ଅଧିକ ସଚେତନତା ଯୋଗାଇବା ଲକ୍ଷ୍ୟରେ ବିଏସ୍‌ସିଏଲ-ୟୁଏନଏଫପିଏ ସହ ହମାରା ବଚପନ୍ ସାମାଜିକ ସଙ୍ଗଠନ ଦ୍ୱାରା ଭୁବନେଶ୍ୱରର ୧୦୦ଟି ବସ୍ତିରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବ। ମଙ୍ଗଳବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ ୧୨୦ ଯୁବତୀଯୁବକ ଉପସ୍ଥିତ ଥିଲେ। ପୂର୍ବରୁ ଏହି କାର୍ଯ୍ୟକ୍ରମ ହେଉଥିଲେ ମଧ୍ୟ ଚଳିତବର୍ଷ ପ୍ରଥମଥର ଲାଗି ଯୁବକମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଭବିଷ୍ୟତରେ ସେମାନେ ସାଂସାରିକ ଜୀବନଯାପନ କରିବେ। ତେଣୁ ସ୍ତ୍ରୀ ରୋଗ ଓ ମାସିକ ଋତୁସ୍ରାବ ପ୍ରତି ସେମାନଙ୍କୁ ମଧ୍ୟ ସଚେତନ କରାଯିବା ସହ ଏହି ସମସ୍ୟା ଉପରେ କିଛି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ସୂଚନାଯୋଗ୍ୟ, ଜର୍ମାନୀର ଏକ ଏନ୍‌ଜିଓ 'ୱାସ ୟୁନାଇଟେଡ ପକ୍ଷରୁ ୨୦୧୪ରୁ ମେ ୨୮ ତାରିଖକୁ ମେନଷ୍ଟ୍ରୁଆଲ ହାଇଜିଏନ୍ ଦିବସ ଭାବେ ପାଳନ କରାଯାଇଥିଲା। ମହିଳାଙ୍କ ଋତୁସ୍ରାବ ସମୟରେ ଉପୁଜୁଥିବା ସମସ୍ୟା ଲାଗି ଏହି ସଚେତନତା କାର୍ଯ୍ୟକ୍ରମ ସେମାନେ ହାତକୁ ନେଇଥିଲେ। ଉଲ୍ଲେଖଥାଉ କି, କାର୍ଯ୍ୟକ୍ରମରେ ବିଏସ୍‌ସିଏଲ ସାମାଜିକ ପ୍ରକଳ୍ପ ଅଧିକାରିଣୀ ଦୀପ୍ତିରାଣୀ ସାହୁ, ଡ. ବିନାପାଣୀ ନନ୍ଦ, ଡ. ବିଜୟ ଷଡଙ୍ଗୀ ଓ ବିଏସ୍‌ସିଏଲର ସରୋଜିନୀ ବ୍ରହ୍ମା ଏବଂ ଶିଶିର ଗ୍ରହଚାର୍ଯ୍ୟ ଉପସ୍ଥିତ ଥିଲେ।

## ବିଓଆଇ ଅଫିସର୍ସ ଆସୋସିଏଶନର ରିଲିଫ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮।୫




ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ ପକ୍ଷରୁ ବାତ୍ୟା ପ୍ରଭାବିତ ଲୋକଙ୍କ ଲାଗି ରିଲିଫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଷତିଗ୍ରସ୍ତଙ୍କୁ ତାର୍ପୋଲିନ, ମଶାରି, ସୋଲାର ଲାଇଟ, ଖାଦ୍ୟ ପ୍ୟାକେଟ ଏବଂ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଆଳସାରଙ୍ଗ, ନିମସାହି, ଚାଷଖଣ୍ଡ, ଗଉଡ ସାହି, ପରାହାଟ, ହରଚଣ୍ଡୀ ସାହି, ବଗୁଲା ପାରି ଭଳି ସ୍ଥାନଗୁଡିକରେ ରିଲିଫ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଝାଡଖଣ୍ଡ ଆସୋସିଏଶନର ସାଧାରଣ ସମ୍ପାଦକ ସୁନୀଲ କୁମାର ଲାକ୍ରା, ସଭାପତି ରାଜକୁମାର ଶ୍ରୀବାସ୍ତବଙ୍କ ସମେତ ଝାଡଖଣ୍ଡର ୮ ସଦସ୍ୟ, ଓଡ଼ିଶା ଆସୋସିଏଶନ ସଭାପତି ସ୍ମୃତିରଞ୍ଜନ ସାହୁ, ସାଧାରଣ ସମ୍ପାଦକ କମଳଜିତ ମହାପାତ୍ର, ସ୍ଥାନୀୟ ବାସିନ୍ଦା ସୁବ୍ରତ କୁମାର ବରାଳ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜ୍ୟାଭିଷେକ ପର୍ବ

ଖୋର୍ଦ୍ଧା ଅଫିସ,୨୮।୫

ଛତ୍ରପଡା ରାମଲୀଳାର ଅଭିଷେକ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ରାମ ନାଟକର ପରିସମାପ୍ତି ଘଟିଛି। ରାବଣକୁ ନିହତ କରି ପ୍ରଭୁ ରାମଚନ୍ଦ୍ର ଭାଇ ଲକ୍ଷ୍ମଣଙ୍କ ସହ ସ୍ତ୍ରୀ ସୀତାଙ୍କୁ ଧରି ଅଯୋଧ୍ୟା ଫେରିଛନ୍ତି। ୧୪ ବର୍ଷ ପରେ ପ୍ରିୟ ରାଜା ରାମଚନ୍ଦ୍ରଙ୍କୁ ଦେଖି ଅଯୋଧ୍ୟାବାସୀ ଖୁସିରେ ବିଭୋର ହୋଇପଡିଛନ୍ତି। ଘରେ ଘରେ ଆନନ୍ଦ ଲାଗି ରହିଛି। ପରେ ପ୍ରଭୁ ରାମଚନ୍ଦ୍ର ରାଜା ହୋଇଛନ୍ତି। ପର୍ବକୁ ନିଷ୍ଠା ସହକାରେ ପାଳନ କରି ଛତ୍ରପଡାବାସୀ ନିଜକୁ ଭାଗ୍ୟବାନ ମଣିଛନ୍ତି।

# ଅତିରିକ୍ତ ତହସିଲଦାରଙ୍କୁ ବିଡିଓଙ୍କ ଚାପୁଡ଼ା

## ଉପଜିଲାପାଳଙ୍କ ଉପସ୍ଥିତିରେ ଆପୋସ ବୁଝାମଣା

ବାଲକାଟୀ,୨୮।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲାର ଏକ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜଣେ ମହିଳା ଅଧିକାରୀ ଅନ୍ୟ ଜଣେ ଅଧସ୍ତନ ମହିଳା ଅଧିକାରୀଙ୍କୁ ଚାପୁଡା ମାରିଥିବା ଜଣାପଡ଼ିଛି। ଫଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ଉପଜିଲାପାଳଙ୍କ ପାଖରେ ଖବର ପହଞ୍ଚିବାରୁ ଉଭୟଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇ ସମାଧାନ ହୋଇଛି। ଜଣେ ପ୍ରତ୍ୟକ୍ଷଦର୍ଶୀ କର୍ମଚାରୀଙ୍କ କହିବା ଅନୁଯାୟୀ, ସୋମବାର ସନ୍ଧ୍ୟା ସୁଦ୍ଧା ଫନୀଜନିତ ଘରଭଙ୍ଗା ରିପୋର୍ଟ ଜିଲାପାଳଙ୍କୁ ଦେବା ପାଇଁ ଉକ୍ତ ବ୍ଲକ ଅଫିସ୍‌ରେ କର୍ମଚାରୀଙ୍କ ମଧ୍ୟରେ ପ୍ରସ୍ତୁତି ଚାଲିଥାଏ। ଉକ୍ତ ରିପୋର୍ଟ କମ୍ପ୍ୟୁଟରରେ ସମୀକ୍ଷା କରିବା ପାଇଁ ବିଡିଓ, ଅତିରିକ୍ତ ତହସିଲଦାର, ଏବିଡିଓ ଓ ଆସିଷ୍ଟାଣ୍ଟ ଇଞ୍ଜିନିୟର ମଧ୍ୟ ଉପସ୍ଥିତ ଥିଲେ। ଘରଭଙ୍ଗା ରିପୋର୍ଟ ଆଲୋଚନାକୁ ନେଇ ବିଡିଓ ଓ ଅତିରିକ୍ତ ତହସିଲଦାରଙ୍କ ମଧ୍ୟରେ ବଚସା ହୋଇଥିଲା। ହେଲେ ହଠାତ୍ ବିଡିଓ ଉତ୍ତ୍ୟକ୍ତ ହୋଇ ଅତିରିକ୍ତ ତହସିଲଦାରଙ୍କୁ ସମସ୍ତ କର୍ମଚାରୀଙ୍କ ସମ୍ମୁଖରେ ଚାପୁଡ଼ା ମାରିଥିଲେ। ଫଳରେ ଅତିରିକ୍ତ ତହସିଲଦାର ଏ ନେଇ ଥାନାରେ ଏତଲା ଦେବାକୁ ଅଡ଼ି ବସିଥିଲେ। ମାତ୍ର ଅଫିସ କଥା ପଦାରେ ପଡିଯିବା ଏବଂ କାର୍ଯ୍ୟାନୁଷ୍ଠାନ ଭୟରେ ଅନ୍ୟ କର୍ମଚାରୀମାନେ ତାଙ୍କୁ ବୁଝାଶୁଝା କରି ଅଟକାଇଥିଲେ। ତଥାପି ପରିସ୍ଥିତି ସୁଧୁରି ନ ଥିଲା। ଶେଷରେ ଉପଜିଲାପାଳ ଘଟଣାର ସମାଧାନ କରିଥିଲେ। ଏକ ଭୁଲ୍ ବୁଝାମଣା ଯୋଗୁ ଏପରି ଘଟଣା ଘଟିଗଲା ବୋଲି ଉକ୍ତ ବିଡିଓ ଜଣକ କହିଥିବାବେଳେ ଅତିରିକ୍ତ ତହସିଲଦାର ଘଟଣା ସତ ବୋଲି ମାନିବା ସହ ଅଧିକ କିଛି କହିପାରିବେ ନାହିଁ ବୋଲି କହି ଫୋନ କାଟି ଦେଇଥିଲେ।



ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍ ହେଉଛନ୍ତି ଜଣେ ଆଦରଣୀୟ କଳାକାର, ଯାହାଙ୍କୁ ଦେଖିଲେ ଖୁବ୍ ଖୁସି ଲାଗେ।
-ଅନୁପମ ଖେର, ବଲିଉଡ୍ ଅଭିନେତା।

# ଷ୍ଟାଚ୍ୟୁ ଅଫ୍ ୟୁନିଟିକୁ 'ଓ୍ୱାର୍ଲଡ ଆର୍କିଟେକ୍ଟର ନ୍ୟୁଜ୍'ଆଓ୍ୱାର୍ଡସ



**ମୁମ୍ବାଇ:** ଗୁଜରାଟରେ ସ୍ଥାପିତ ବିଶ୍ୱର ସର୍ବୋଚ୍ଚ ଷ୍ଟାଚ୍ୟୁ ଅଫ୍ ୟୁନିଟି ୨୦୧୯ ଓ୍ୱାର୍ଲଡ ଆର୍କିଟେକ୍ଟର ନ୍ୟୁଜ୍ (ଡବ୍ଲ୍ୟୁଏଏନ୍) ଆଓ୍ୱାର୍ଡସରେ ସ୍ଥାନ ପାଇଛି। ଅନ୍ତର୍ଜାତୀୟ ମାନର ସର୍ବୋତ୍ତମ ଡିଜାଇନ୍‌କୃତ ପ୍ରକଳ୍ପକୁ ଏହି ପୁରସ୍କାର ପାଇଁ ଚୟନ କରାଯାଇଥାଏ। ଏଥିପାଇଁ ପୁରସ୍କାର ବିତରଣ ଉତ୍ସବ ଜୁଲାଇରେ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ଷ୍ଟାଚ୍ୟୁ ନିର୍ମାତା 'ଲାର୍ସେନ ଆଣ୍ଡ ଟୁବ୍ରୋ'ର ସିଇଓ ତଥା ଏମ୍‌ଡି ଏସ୍.ଏନ୍. ସୁବ୍ରମଣ୍ୟନ୍ କହନ୍ତି, ଭାରତୀୟ ଇଞ୍ଜିନିୟରିଂ କୌଶଳ ଏବଂ ପ୍ରକଳ୍ପ ପରିଚାଳନାକୁ ଏହା ଏକ ଉଲ୍ଲେଖନୀୟ ସ୍ୱୀକୃତି। ଷ୍ଟାଚ୍ୟୁ ଅଫ୍ ୟୁନିଟି ବାସ୍ତବରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଏବଂ ସମଗ୍ର ଜାତିର ଗର୍ବ। ଦେଶର ମହାନ୍ ସ୍ୱାଧୀନତା ସଂଗ୍ରାମୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମୃତିରେ ୧୮୨ ମିଟର ବିଶିଷ୍ଟ ସୁଉଚ୍ଚ ପ୍ରତିମୂର୍ତ୍ତି ୩୩ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି। ଏହାର ମୂଳଦୁଆ ନିର୍ମାଣରେ ୬,୫୦୦ ଟନ୍ ଷ୍ଟିଲ୍, ମୂର୍ତ୍ତି ନିର୍ମାଣରେ ୧୮,୫୦୦ ଟନ୍ ଷ୍ଟିଲ୍, ୨ଲକ୍ଷ ୧୦ହଜାର ଟନ୍ କଂକ୍ରିଟ ଏବଂ ୧୭୦୦ ଟନ୍ ବ୍ରୋଞ୍ଜ୍ ବ୍ୟବହାର କରାଯାଇଛି। ଏଥିପାଇଁ ୪,୫୦୦ ଡିଜାଇନର, ଆର୍କିଟେକ୍ଟର, ବିଶ୍ୱସ୍ତରୀୟ ପରାମର୍ଶଦାତା, ଇଞ୍ଜିନିୟର ଏବଂ ଶ୍ରମିକ ନିୟୋଜିତ ହୋଇଥିଲେ। ଉକ୍ତ ଷ୍ଟାଚ୍ୟୁର ଡିଜାଇନ୍ କରିଛନ୍ତି ମହାରାଷ୍ଟ୍ରର ବିଶିଷ୍ଟ ସ୍ଥପତି ରାମ୍ ଭି. ସୁତାର। ସେ ସର୍ଦ୍ଦାର ପଟେଲ୍‌ଙ୍କ ଚାଲିବାର ପୋଜ୍‌କୁ ଜୀବନ୍ତ ରୂପ ଦେଇଛନ୍ତି। ଷ୍ଟାଚ୍ୟୁ ଅଫ୍ ୟୁନିଟି ଘଣ୍ଟା ପ୍ରତି ୨୯୦ କିଲୋମିଟର ବେଗରେ ପ୍ରବାହିତ ପବନ ଏବଂ ୬.୫ ତୀବ୍ରତାର ଭୂକମ୍ପକୁ ସହ୍ୟ କରିପାରିବ।

## ନୃତ୍ୟକୁ ମୋ ପିଲାଙ୍କ ଖୁବ୍ ପସନ୍ଦ




**ମୁମ୍ବାଇ:** ମୋ ପିଲା ମୁଁ ନାଚୁଥିବାର ଦେଖିଲେ ଖୁବ୍ ଖୁସି ହୁଅନ୍ତି ବୋଲି ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ପ୍ରକାଶ କରିଛନ୍ତି। ଏପରି କି ପିଲାଙ୍କୁ ସେମାନଙ୍କ ସାଙ୍ଗସାଥୀମାନେ କହନ୍ତି, 'ତୁମ ମମ୍ ଜଣେ ଭଲ ନର୍ତ୍ତକୀ।' ୫୨ ବର୍ଷୀୟା ଏହି ଅଭିନେତ୍ରୀ କହନ୍ତି, ନୃତ୍ୟ ତାଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେ ନୃତ୍ୟ ବିନା ଜୀବନ କଳ୍ପନା କରିପାରିବେ ନାହିଁ। ଜଣେ ଭଲ ନର୍ତ୍ତକୀ ବୋଲି ସେ ଏ ଯାଏ ଅନୁଭବ କରିନାହାନ୍ତି। ତେବେ ସେ ନୃତ୍ୟକୁ ଖୁବ୍ ଭଲ ପାଆନ୍ତି ଏବଂ ନୃତ୍ୟ ବେଳେ ସେ ଆତ୍ମହରା ହୁଅନ୍ତି। ସେ ଟ୍ରେନ୍‌ରେ, ବାହାରେ ଏବଂ ଯେ କୌଣସିଠାରେ ନୃତ୍ୟ କରିପାରନ୍ତି। ସେ ପିଲାଦିନର ଗୋଟିଏ କଥା ମନେପକାଇ କହନ୍ତି, ଏକଦା ତାଙ୍କ ମା' ତାଙ୍କୁ ତଳେ ବସାଇଦେଇ କହିଥିଲେ, 'ଚୁପଚାପ୍ ବସ। ନହେଲେ ଲୋକେ ଟଙ୍କା ବର୍ଷା ଆରମ୍ଭ କରିବେ।' ସେ ୩ ବର୍ଷ ବୟସରୁ ନାଚ ପ୍ରତି ଆକର୍ଷିତ ହୋଇଥିଲେ। ନୃତ୍ୟ କି ଅଭିନୟ ବିନା ତାଙ୍କ ଜୀବନ ବୃଥା। ଏହା ତାଙ୍କୁ ଶୃଙ୍ଖଳା, ଶିଷ୍ଟାଚାର, ଆବେଗ, ପେସା ପ୍ରତି ସଚ୍ଚୋଟତା ଏବଂ ଆଧ୍ୟାତ୍ମିକତା ଶିଖାଇଛି ବୋଲି ମାଧୁରୀ ପ୍ରକାଶ କରିଛନ୍ତି। ମାଧୁରୀଙ୍କୁ ଆଗାମୀ କଲର୍ସ ଡ୍ୟାନ୍ସ ଶୋ' 'ଡ୍ୟାନ୍ସ ଦିଓ୍ୱାନେ'ରେ ଫିଲ୍ମ ନିର୍ଦ୍ଦେଶକ ଶଶାଙ୍କ ଖୈତାନ ଏବଂ କୋରିଓଗ୍ରାଫର ତୁଷାର କାଲିଆଙ୍କ ସହ ଦେଖିବାକୁ ମିଳିବ।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୦ | ୨୫.୯ |
| ଚାନ୍ଦବାଲି | ୩୮.୮ | ୨୮.୯ |
| କଟକ | ୩୭.୮ | ୨୬.୮ |
| ପାରାଦ୍ୱୀପ | ୩୩.୦ | ୨୮.୭ |
| ଭୁବନେଶ୍ୱର | ୩୮.୨ | ୨୭.୬ |
| ଗୋପାଳପୁର | ୩୩.୦ | ୨୬.୩ |
| ପୁରୀ | ୩୩.୬ | ୨୭.୬ |
| ଅନୁଗୋଳ | ୪୧.୭ | ୨୪.୬ |
| ବାରିପଦା | ୩୮.୬ | ୨୭.୪ |
| ଝାରସୁଗୁଡ଼ା | ୪୩.୬ | ୨୯.୬ |
| କେନ୍ଦୁଝର | ୪୦.୦ | ୨୪.୦ |
| ସମ୍ବଲପୁର | ୪୪.୭ | ୨୯.୬ |
| ସୁନ୍ଦରଗଡ଼ | ୪୨.୦ | ୨୫.୦ |
| ହୀରାକୁଦ | ୪୩.୭ | ୨୯.୬ |
| ତାଳଚେର | ୪୧.୨ | ୨୭.୦ |
| ଭବାନୀପାଟଣା | ୪୨.୬ | ୨୬.୬ |
| ବଲାଙ୍ଗୀର | ୪୪.୫ | ୨୯.୦ |
| କୋରାପୁଟ | ୩୪.୨ | ୧୮.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୪.୦ | ୨୪.୫ |
| ମାଲକାନଗିରି | ୪୨.୦ | ୧୮.୦ |
| ସୋନପୁର | ୪୪.୬ | ୨୬.୬ |
| ଦାରିଙ୍ଗିବାଡ଼ି | ୩୬.୦ | ୨୨.୫ |

ଡିଗ୍ରୀ ସେଲ୍‌ସିୟସ୍




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

# ନେତାଜୀଙ୍କ ଜୀବନୀକୁ ନେଇ ଫିଲ୍ମ

**କୋଲକାତା**



ଭାରତର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀକୁ ନେଇ ପଶ୍ଚିମବଙ୍ଗରେ ଫିଲ୍ମ ଶୁଟିଂ ଆରମ୍ଭ ହୋଇଛି। ପରବର୍ତ୍ତୀ ଜୀବନରେ ସୁଭାଷ ଉତ୍ତରପ୍ରଦେଶରେ ଛଦ୍ମବେଶରେ 'ଗୁମ୍‌ନାମି ବାବା' ଭାବେ ରହିଆସୁଥିଲେ ବୋଲି ଅନେକେ ବିଶ୍ୱାସ କରନ୍ତି। ତେଣୁ ଉକ୍ତ ଫିଲ୍ମର ଟାଇଟଲ୍ 'ଗୁମ୍‌ନାମି' ରଖାଯାଇଛି। ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ଜାତୀୟ ପୁରସ୍କାର ବିଜେତା ଫିଲ୍ମ ନିର୍ମାତା ଶ୍ରୀଜିତ୍ ମୁଖାର୍ଜୀ। ଏଥିରେ ନେତାଜୀଙ୍କ ଭୂମିକାରେ ଅଛନ୍ତି ବଙ୍ଗଳା ହିରୋ ପ୍ରସେନ୍‌ଜିତ୍ ଚାଟାର୍ଜୀ। ଉକ୍ତ ଫିଲ୍ମ ଶୁଟିଂ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରି ନେତାଜୀଙ୍କ ନାତି ଚନ୍ଦ୍ରକୁମାର ବୋଷ୍ କହନ୍ତି, ସୁଭାଷଙ୍କୁ ଛଦ୍ମନାମରେ 'ଗୁମ୍‌ନାମି ବାବା' କହିବା ଏକ ଧର୍ତ୍ତବ୍ୟ ଅପରାଧ। କାରଣ ଏ ସମ୍ପର୍କରେ ଡକ୍ୟୁମେଣ୍ଟାରି କିମ୍ବା ଫଟୋଗ୍ରାଫିକ୍ ପ୍ରମାଣ ନାହିଁ। ଅକ୍ଟୋବର ଦୁର୍ଗାପୂଜା ସମୟରେ ଏହା ରିଲିଜ ହେବାର ଅଛି।

## ସଂସଦରେ ଏକାଠି ବସିବେନି ହେମାମାଳିନୀ-ସନ୍ନି

**ନୂଆଦିଲ୍ଲୀ:** ଭାଜପା ଟିକେଟରୁ ଏଥର ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି ବଲିଉଡ୍ ଅଭିନେତ୍ରୀ ହେମାମାଳିନୀ ଓ ଅଭିନେତା ସନ୍ନି ଦେଓଲ। ସନ୍ନିଙ୍କ ସାବତ ମା' ହେଉଛନ୍ତି ହେମା। ହେଲେ ସଂସଦ ଗଲେ ଏମାନେ ଏକାଠି ବସିବେନି। ହେମା ସଂସଦର ବରିଷ୍ଠ ସଦସ୍ୟ ହୋଇଥିବାବେଳେ ସନ୍ନି ହେଉଛନ୍ତି ନବନିର୍ବାଚିତ। ତେଣୁ ହେମାଙ୍କୁ ଆଗଧାଡ଼ିରେ ଏବଂ ସନ୍ନିଙ୍କୁ ନିୟମ ଅନୁଯାୟୀ ପଛଧାଡିର ଆସନ ମିଳିବ।

# ଏଭରେଷ୍ଟରୁ ୧୧ ଟନ୍ ବର୍ଜ୍ୟବସ୍ତୁ ସଫା



**କାଠମାଣ୍ଡୁ:** ଏଭରେଷ୍ଟରେ ବର୍ଜ୍ୟବସ୍ତୁ ଗଦାହେବାରେ ଲାଗିଛି। ନେପାଳ ପକ୍ଷରୁ ଏଭରେଷ୍ଟ ସଫା ଅଭିଯାନ ବେଳେ ୧୧ ଟନ୍ ବର୍ଜ୍ୟବସ୍ତୁ କଢ଼ାଯାଇଛି। ଏଥିପାଇଁ ୨ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବର୍ଜ୍ୟବସ୍ତୁ ସଫା ସମୟରେ ୪ ପର୍ବତାରୋହୀଙ୍କ ମୃତଦେହ ମିଳିଛି। ମୃତଦେହଗୁଡ଼ିକୁ କାଠମାଣ୍ଡୁ ଅଣାଯାଇଛି। ସୂଚନାଯୋଗ୍ୟ, ୬୬ ବର୍ଷ ପୂର୍ବେ ଏଡମଣ୍ଡ୍ ହିଲାରୀ ଏବଂ ତେନ୍‌ଜିଂ ନର୍ଗେ ଶେର୍ପା ଏଭରେଷ୍ଟ ଆରୋହଣ କରିଥିଲେ। ସେମାନଙ୍କ ସହିତ ୧୨ ଜଣ ଶେର୍ପା ଥିଲେ। ଏକ ମାସରୁ ଅଧିକ ଦିନ ଧରି ଏହି ଦଳ ଏଭରେଷ୍ଟରେ ରହିଥିଲେ। ସେମାନଙ୍କ ରହିବା ସମୟରେ ନାନାପ୍ରକର ବର୍ଜ୍ୟବସ୍ତୁ ଏଠାରେ ଜମା ହୋଇଥିଲା। ପରବର୍ତ୍ତୀ ସମୟରେ ନେପାଳ ସରକାର ପ୍ରତିବର୍ଷ ଏଭରେଷ୍ଟ ସଫା କାର୍ଯ୍ୟ ଆରମ୍ଭ କରିଥିଲେ।

[ଇତିହାସର ଆଇନାରେ]

## ମେ ୨୯ର ପ୍ରମୁଖ ଘଟଣା

୧୯୮୮ ମେ ୨୯ରେ ଆମେରିକା ରାଷ୍ଟ୍ରପତି ରୋନାଲ୍ଡ ରେଗାନ୍ ସୋଭିଏଟ୍ ରାଷ୍ଟ୍ରସଂଘକୁ ପ୍ରଥମ ଗସ୍ତରେ ଯାଇଥିଲେ। ସୋଭିଏଟ୍ ନେତା ମିଖାଇଲ୍ ଗୋର୍ବାଚେଭ୍‌ଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ଆମେରିକାର ରାଷ୍ଟ୍ରପତି ହେଉଛନ୍ତି ରାଷ୍ଟ୍ର ମୁଖ୍ୟ ଏବଂ ଆମେରିକା ସରକାରଙ୍କ ମୁଖ୍ୟ। ରାଷ୍ଟ୍ରପତି ମଧ୍ୟ ଆମେରିକାର ସଶସ୍ତ୍ର ବାହିନୀର କମାଣ୍ଡର-ଇନ୍-ଚିଫ୍।

୨୦୦୪ ମେ ୨୯ରେ ଓ୍ୱାଶିଂଟନ୍ ଡିସିରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସ୍ମାରକୀ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ଓ୍ୱାଶିଂଟନ୍ ଡିସିକୁ ଔପଚାରିକ ଭାବେ ଡିଷ୍ଟ୍ରିକ୍ଟ ଅଫ୍ କଲମ୍ବିଆ ମଧ୍ୟ କୁହାଯାଏ। ଆମେରିକାରେ ବିପ୍ଳବ ପରେ ଏହା ପ୍ରତିଷ୍ଠା କରାଯାଇଥିଲା। ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ଓ୍ୱାଶିଂଟନ୍‌ଙ୍କ ନାମରେ ଓ୍ୱାଶିଂଟନ୍ ନାମକରଣ ହୋଇଛି। ତାଙ୍କୁ ମଧ୍ୟ ଆମେରିକାର ଜନକ କୁହାଯାଏ।


ଧରିତ୍ରୀ DHARITRI — CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

URGENTLY REQUIRED
OFFICE ASSISTANT/ FIELD BOY
Contact: OM GRAPHICS, Plot No.: 1361, Road No.5, Jagannath Nagar, BBSR
Mob.: 9337024339

REQUIREMENT
Manager: Both Ladies & Gents, Age: 22-32. Helper: 2 Nos, Driver: 1 No
M. No: 9583576928, 7978802641
HOTTA ASSOCIATES, VSS Nagar, Bhubaneswar

DOMINOS PIZZA HIRING
Delivery Boy Full Time / Part Time
Salary Rs. 9000/- to 10,000/- per month + Incentive.
Qualification: 10th Pass Driving Licence Must.
CALL: 9040033665

All Odisha Aadarsha Vidyalaya Vacancy
TEACHER, CLERK, SECURITY GUARD, DATA ENTRY, PEON (MALE / FEMALE)
Sal- 15,000 / Above, 3 year Exp.
Qualification : +2 / Above
Contact : 8480659517

Application for reputed financial Bank in BBSR, Khorda, Cuttack district.
Post: FOS, TL
Min. Qualification: +2 above
Mob: 8895049690 8280225886
Salary: 10k + Incentive (No charges applicable)
Email: spamrobbsr@gmail.com

Contact: 9938414918
Bhubaneswar ଅଫିସ୍ ପାଇଁ 10th/ above Candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

REQUIRED
A reputed business house requires
• Private Car Driver (One) with DL(3W/4W)
• TATA Ace Driver (Two) with DL(Transport)
Please Contact: 9938303321

REQUIRED
ACCOUNTANT with Experience in Tally, Plumber, Electrician, Housekeeping, ITI (Electrical/ Mechanical)
Contact: Gurukrupa Chicks to Chicken Pvt. Ltd.
7894463236, 0674-2465327

Urgently Required
Manager for Plant Operations at Jharsuguda.
Minimum 5 years experience with knowledge of Container Stuffing.
Walk in Interview on 25/26th May'19 at Hotel Orchard, Ekatali
Mobile : 7498268518

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

Walk-in-Interview: Family Planning Association of India, Bhubaneswar Branch, 392-BJB Nagar, Lewis Road, Bhubaneswar.
Time: 10.00AM, Date: 05.06.2019
• Doctor- 01-MBBS / BAMS.
• Health Educators- 03, +3 Pass.
Cont: 0674-2436427, 9439976785

PARADIP PORT TRUST
PARADIP PORT-754 142, ODISHA (INDIA)
ADMINISTRATIVE DEPARTMENT
SAGARMALA
No.AD/RSC-III-21-17/2017/1670
ADVERTISEMENT
Dated, the 24th May, 2019
Paradip Port Trust, an autonomous body under Ministry of Shipping invites applications from Indian Nationals for filling up following posts through Direct Recruitment.

| Sl. No. | Post / Scale of pay | No. of Posts | Age Limit | Essential qualification & experience |
|---|---|---|---|---|
| 01. | HINDI ASSISTANT Rs.27400-70500/- (Class-III) | 01 (UR) | 32 Years | Essential : 1. A Graduate with Hindi as an elective subject at Degree level. OR Intermediate with Kovid. 2. Minimum speed of 30 words per minute in Hindi typing through Skill Test to be conducted only on computers with experience of 3 years as Hindi Typist. 3. Preference will be given to the candidates having higher qualification subject to passing the Skill Test. THE SKILL TEST NORMS Time allowed : 10 minutes (30 w.p.m correspond to 9000 KDPH on an average of 5 key depressions for each word) |
| 02. | HINDI TYPIST Rs.25200-59600/- (Class-III) | 01 (UR) | 32 Years | Essential : 1. Degree from a recognized University. 2. Passed Hindi Parichaya or equivalent. 3. Minimum speed of 25 words per minute in Hindi Typing through Skill Test to be conducted only on computers. 4. Desirable : Candidates having higher qualification subject to passing the Skill Test. THE SKILL TEST NORMS Time allowed : 10 minutes (25 w.p.m correspond to 7500 KDPH on an average of 5 key depressions for each word) |

Application complete in all respects including all the information, present / permanent address, e-mail, Mob. No., qualification, caste etc. and all the self attested testimonials with two latest passport size photographs may be submitted to Secretary, Paradip Port Trust, Dist-Jagatsinghpur, Odisha-754142 by 30.06.2019. The candidates already in service may submit their application through proper channel. The cutoff date for determining the age is 01.05.2019. Upper age limit and TA/DA to the SC/ST candidates will be decided as per Govt. guideline. The age limit of the candidates enlisted under compassionate appointment scheme, contract workers working under PPT will be decided as per office order No. AD/RR/II/18/2013/4009, dated : 08.11.2018 for which they have to submit the application through proper channel. Decision of the Appointing Authority would be final and PPT reserves the right to cancel and modify the advertisement/vacancies without any notice.
Sr. Dy. Secretary
For Secretary
PPT/PR/91/19-20, DT.28.05.2019

URGENT REQUIRED
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ Candidate ଆବଶ୍ୟକ। ଦରମା: 27,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

ଆବଶ୍ୟକ
9000ରୁ 12000 ଦରମା ଥାଇ କମ୍ପାନୀ ଶ୍ରମିକ 4 ଜଣ, ଅଭିଜ୍ଞତା ଥିବା ଗ୍ରାଜୁଏଟ୍ ସହ PGDCA, ଷ୍ଟୋର କିପର-1.
ଯୋଗାଯୋଗ:-
9437048854, 9040150146

"Wanted for a photo lamination & framing business core house at Bhubaneswar.
1. Carpenter: Male candidate having experience in design carpentry works on wood.
2. Cook: Cook required for part time/full time.
3. Driver: Having valid HMV/ TRANSPORT license.
Contact No.: 9337170743, 9337170744

REQUIRED
1) GODOWN INCHARGES MUST HAVE KNOWLEDGE IN COMPUTER AND DESPATCH
2) COMPUTER OPERATOR MUST HAVE KNOWLEDGE IN COMPUTER AND SAP
3) GODOWN SUPERVISOR MUST HAVE KNOWLEDGE IN INVENTORY CONTROL AND DESPATCH
IN A REPUTED ISO 22000:2005 ORGANISATION AT BHUBANESWAR NEAR TOMANDO.
WALK IN INTERVIEW ON 03.06.2019 AND 04.06.2019 FROM 9.30 A.M. TO 4 P.M.
CONTACT : 9337593376, 9337665446, 7894439987

OFFICE OF THE PRINCIPAL GOVT. COLLEGE, SUNDARGARH
No.1608 Date: 27.05.19
WALK-IN-INTERVIEW
Interview for engagement of guest faculties for different subjects (+2, +3/P.G & B.Ed) for the academic session 2019-20 shall be conducted on 19.06.2019 and 20.06.2019 at 10 A.M in the respective departments of Govt. College, Sundargarh. For details please visit College Website www.govtcollegesundargarh.org
Sd./- Principal, Govt. College, Sundargarh.

NANDANKANAN ZOOLOGICAL PARK
NOTICE NO. 01 of 2019-20 Date: 28.05.2019
WALK IN INTERVIEW ON 10.06.2019
Nandankanan Zoological Park requires qualified candidates with Post Graduate Degree in Zoology / Wildlife Biology / Life Sciences from a recognized university for temporary engagement of One Research fellow and two field Assistants for the project "Species recovery of Gharials (Gavialis gangeticus, Gmelin) in river Mahanadi". The application form along with detail terms and conditions shall be available on the website www.nandankanan.org from 30.05.2019.
Sd./- Deputy Director
Nandankanan Zoological Park


**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ଖରିଫ୍ ଚାଷ ପାଇଁ ପ୍ରସ୍ତୁତି



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ



ଖରିଫ୍ ଋତୁ ଓଡ଼ିଶା ଓ ଭାରତବର୍ଷରେ ମୁଖ୍ୟ ଫସଲ ଋତୁ। ଓଡ଼ିଶାରେ ଏହି ଫସଲ ଋତୁରେ ଧାନ, ମାଣ୍ଡିଆ, ମକା, ଜୁଆର, କପା, ନଳିତା, ସିରଡ ଓ ବିଭିନ୍ନ ପ୍ରକାରର ପନିପରିବା ଚାଷ କରାଯାଇଥାଏ। ଖରିଫ୍ ଫସଲ ପାଇଁ ମୁଖ୍ୟ ହେଲା ଜମି ପ୍ରସ୍ତୁତି। ଫନୀ ବାତ୍ୟାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭଲ ବର୍ଷା ହୋଇଛି। ତେଣୁ ଜମିକୁ ଚାଷ ସହଜରେ କରିହେବ। ଖରିଫ୍ ଫସଲ ପାଇଁ ଖରାଟିଆ ଚାଷ ନିତାନ୍ତ ଜରୁରୀ। ଖରାଟିଆ ଚାଷର ଅନେକଗୁଡ଼ିଏ ଉପକାରିତା ରହିଛି। ମାଟି ଓଲଟିବା ଦ୍ୱାରା ମାଟିରେ ଥିବା ଘାସ, ଘାସମଞ୍ଜି ନଷ୍ଟ ହୋଇଯାଏ ଏବଂ ପରବର୍ତ୍ତୀ ଫସଲରେ ଅନାବନା ଘାସ ଯଥେଷ୍ଟ ପରିମାଣରେ ହ୍ରାସ ପାଇଥାଏ। ପୁଣି ମାଟିରେ ଥିବା ପୋକଯୋକ, ଶୁକ, ଅଣ୍ଡାଗୁଡ଼ିକ ନଷ୍ଟ ହୋଇଯାଆନ୍ତି ଏବଂ ଚଢ଼େଇମାନେ ସେଗୁଡ଼ିକ ଖାଇଯାଆନ୍ତି। ଯାହାଫଳରେ ପରବର୍ତ୍ତୀ ଫସଲ ପୋକ ପ୍ରାଦୁର୍ଭାବରୁ ରକ୍ଷା ପାଇଥାଏ। ନିକଟରେ ଅକ୍ଷୟ ତୃତୀୟା ଯାଇଛି। ଧାନ ବୁଣାଯିବା ଅଞ୍ଚଳରେ ଅକ୍ଷିମୁଠି ଅନୁକୂଳ ହୋଇଥିବ। ବର୍ତ୍ତମାନ ଖରାଟିଆ ଚାଷକରି, ହିଡ଼ କଟି କରି ଆବଶ୍ୟକ ପରିମାଣର ଶଢ଼ା ଗୋବର ଖତ ଓ କମ୍ପୋଷ୍ଟ ଖତ ଜମିରେ ପ୍ରୟୋଗ କରନ୍ତୁ। ଧାନ ଫସଲ କରୁଥିବା ଚାଷୀମାନେ ତଳିଘରାକୁ ଭଲ ଭାବରେ ଚାଷକରି ଗୋବର ଖତ ପ୍ରୟୋଗ କରି ପ୍ରସ୍ତୁତ କରି ରଖନ୍ତୁ। ରଜ ପରେ ପରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଗଲେ ବୁଣାବୁଣି ଓ ତଳିଘରା ପ୍ରସ୍ତୁତି କାମ କରିବାକୁ ହେବ ଏବଂ ଧାନତଳି ବୁଣିବାକୁ ହେବ। ଜୈବିକ ଗୋବର ଖତରୁ ଗଛ ଆବଶ୍ୟକ କରୁଥିବା ଯବକ୍ଷାରଯାନ, ଫସ୍‌ଫସରସ୍ ଓ ପଟାସ୍ ଉପଲବ୍ଧ ହୋଇଥାଏ। ଗଛ ଉପରୋକ୍ତ ସାରକୁ ଧୀରେ ଧୀରେ ଗ୍ରହଣ କରି ହୃଷ୍ଟପୁଷ୍ଟ ହୋଇ ବଢ଼ିଥାଏ। ଫସଲ ପାଇଁ ଆବଶ୍ୟକ ହେଉଥିବା ପୃଷ୍ଟିସାର ଗୋବର ଖତରେ ଅଧିକ ପରିମାଣରେ ଥିବାରୁ ଏହା ଫସଲ ପାଇଁ ଉପାଦେୟ।

ଜମି ପ୍ରସ୍ତୁତି ସଙ୍ଗେ ସଙ୍ଗେ ଆଉ ଏକ ଅପରିହାର୍ଯ୍ୟ ଆବଶ୍ୟକତା ହେଉଛି ବିହନ ଯୋଗାଡ଼ କରିବା। ଅଧିକ ଅମଳ ପାଇଁ ସୁସ୍ଥ, ନୀରୋଗ, ହୃଷ୍ଟପୁଷ୍ଟ ଓ ଉନ୍ନତମାନର ବିହନର ଆବଶ୍ୟକତା ରହିଛି। ଉନ୍ନତ ମାନର ବିହନ ଅନୁବଂଶୀୟ ଓ ଭୌତିକ ଶୁଦ୍ଧତା ସମ୍ପନ୍ନ ହୋଇଥିବା ଦରକାର। ବିହନରେ ଅନ୍ୟ ପ୍ରଜାତି କିମ୍ବା ଘାସମଞ୍ଜି ନ ଥାଇ ଶୁଦ୍ଧ ଏବଂ ପରିଷ୍କାର ହେବା ଆବଶ୍ୟକ। ବିହନ ରୋଗପୋକ ଦ୍ୱାରା ସଂକ୍ରମିତ ହୋଇ ନ ଥିବା ଦରକାର। କୃଷି ଉତ୍ପାଦନ ବୃଦ୍ଧିରେ ଉନ୍ନତମାନର ବିହନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶୁଦ୍ଧ ଓ ନୀରୋଗ ବିହନ ଜମିରେ ସୁସ୍ଥ ସବଳ ଚାରା ଗଛ ସୃଷ୍ଟି କରିଥାଏ। ଜମିରେ ବିହନ ବୁଣିବା ପୂର୍ବରୁ ନମୁନା ନେଇ ନମୁନା ବିହନ ଅଙ୍କୁରିତ ହେଉଛି କି ନାହିଁ ତାହା ପରୀକ୍ଷା କରିବା ଦରକାର। ପ୍ରମାଣିତ ବିହନଗୁଡ଼ିକ ରୋଗପୋକ ଜୀବାଣୁମୁକ୍ତ ଓ ଉପଚାରିତ ହୋଇଥିବାରୁ ପ୍ରମାଣିତ ବିହନ ଉପଯୋଗ କରିବା ଉଚିତ। ସାଧାରଣତଃ ଆମର ଚାଷୀମାନେ ପୂର୍ବ ବର୍ଷ ଚାଷ କରିଥିବା ଧାନର ବିହନ ରଖି ବ୍ୟବହାର କରିଥାନ୍ତି। ପ୍ରମାଣିତ ବିହନ ଅପେକ୍ଷା ଏହି ବିହନର ଗୁଣବତ୍ତା ଯଥେଷ୍ଟ କମ୍ ଏବଂ ଏହା ଉପଯୋଗ କରିବା ଦ୍ୱାରା ଉତ୍ପାଦନ ହ୍ରାସ ପାଇଥାଏ। ପ୍ରଯଜକ ବିହନ, ପିଣ୍ଡ ବିହନ ଓ ପ୍ରମାଣିତ ବିହନ ଉନ୍ନତ ମାନର ବିହନ ଅଟେ। ଏହି ବିହନ ବ୍ୟବହାର କଲେ ବିହନ ପରିମାଣ କମ୍ ଲାଗିଥାଏ ଏବଂ ଅଧିକ ଅମଳ ମିଳିଥାଏ।

ଉନ୍ନତମାନର ବିହନର ଅଭାବ ଆମ ରାଜ୍ୟରେ ଏକ ଉତ୍କଟ ସମସ୍ୟା। ଆମ ରାଜ୍ୟରେ ଉନ୍ନତମାନର ବିହନର ଅଭାବ ହେତୁ ଅନେକ ସମୟରେ ଆମକୁ ଅଲଗା ରାଜ୍ୟ, ବିହନ ଉତ୍ପାଦନକାରୀ ସଂସ୍ଥା ତଥା ବିହନ କମ୍ପାନୀଗୁଡ଼ିକ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଅନେକ ସମୟରେ ଏହିସବୁ ବିହନ ଗଜା ନ ହେବା, ରୋଗାକ୍ରାନ୍ତ ହେବା, ଧାନ ଫସଲରୁ ଧାନକେଣ୍ଡା ନ ବାହାରିବା ଇତ୍ୟାଦି ସମସ୍ୟାଗୁଡ଼ିକ ଦେଖାଯାଉଛି। ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟ ବିହନ ନିଗମ, କୃଷି ବିଭାଗର ବିକ୍ରୟ କେନ୍ଦ୍ର, କୃଷି ସମବାୟ ସମିତିଗୁଡ଼ିକ ମାଧ୍ୟମରେ ବିହନ ଯୋଗାଇ ଦିଆଯାଉଛି। ଚଷା ହୁଡ଼ିଲେ ବରଷେ। ଅସ୍ୱାଭାବିକ ଗୁଣସମ୍ପନ୍ନ ବିହନଗୁଡ଼ିକର ବ୍ୟବହାରର ନିରାକରଣ ହେବା ଉଚିତ। ଏଥିପାଇଁ ସବୁ ମହଲରେ ଉଦ୍ୟମ ହେବା ଆବଶ୍ୟକ।

ବର୍ଷାଋତୁ ଆଉ ଏକମାସ ପରେ ଆସିଯିବ। 'ଚାଷ ତରତର ବଣିଜ ମଠ'। ତେଣୁ ବର୍ଷାଋତୁ ପୂର୍ବରୁ ଚାଷୀମାନେ ଖରାଟିଆ ଚାଷ, ତଳିଘରା ପ୍ରସ୍ତୁତି, ଗୋବର ଓ କମ୍ପୋଷ୍ଟ ଖତ ପ୍ରୟୋଗ କରି ପୂରା ପ୍ରସ୍ତୁତିରେ ରୁହନ୍ତୁ। ଉନ୍ନତମାନର ବିହନ ସଂଗ୍ରହ କରି ସଅଳସଅଳ ବୁଣାବୁଣି ଓ ରୁଆପୋତା ସାରନ୍ତୁ। ମକା, ମାଣ୍ଡିଆ, ଜୁଆର, ବାଜରା, କପା, ହରଡ ଇତ୍ୟାଦି ଫସଲ ଚାଷ କରିବା ପାଇଁ ମନସ୍ଥ କରିଥିବା ଚାଷୀମାନେ ଭଲ ବିହନ ସଂଗ୍ରହ କରି ଠିକ୍ ସମୟରେ ଫସଲ ବୁଣନ୍ତୁ। ପ୍ରଧାନ ଫସଲ ଋତୁ ଖରିଫ ଋତୁରେ ସଅଳ, ଠିକ୍ ଏବଂ ଲାଭଜନକ ଫସଲ ଚାଷ କରି ନିଜର ଭରଣପୋଷଣ କରିବା ସଙ୍ଗେ ସଙ୍ଗେ ଦୁନିଆକୁ ଆହାର ଯୋଗାନ୍ତୁ। ଖାଲ, ମଟାଳ ଓ ଉଚ୍ଚା ଜମି ପାଇଁ ଠିକ୍ କିସମ୍‌ର ବିହନ ବାଛନ୍ତୁ। ଏବର୍ଷ ଖରିଫ୍ ଋତୁ ପ୍ରାରମ୍ଭରୁ ପ୍ରଳୟଙ୍କରୀ ବାତ୍ୟା ଫନୀ କୃଷକଙ୍କର ମେରୁଦଣ୍ଡ ଭାଙ୍ଗିଦେଇଛି। ବାତ୍ୟା, ବନ୍ୟା ଓଡ଼ିଶା ଚାଷୀଙ୍କର ଚୀର ସହଚର। ଏଥିରେ ହତୋତ୍ସାହିତ ନ ହୋଇ ଓଡ଼ିଶାର ଚାଷୀଭାଇମାନେ ପୁଣି ମେରୁଦଣ୍ଡ ସଳଖି ଠିଆ ହୁଅନ୍ତୁ ଏବଂ ପରବର୍ତ୍ତୀ ଖରିଫ୍ ଫସଲ ପାଇଁ ନିଜକୁ ପ୍ରସ୍ତୁତ କରନ୍ତୁ।

–ମୋ:୭୮୯୪୩୩୫୩୭୧

# ଚାଷ ହେଉଛି ପରିଚୟ



ସଫଳଚାଷୀ

ନିରଞ୍ଜନ ପ୍ରଧାନ

ପିଲାଟି ଦିନରୁ ତାଙ୍କର ଚାଷ ପ୍ରତି ଥିଲା ଅହେତୁକ ଆଗ୍ରହ। ହାଇସ୍କୁଲରେ ପଢୁଥିବା ବେଳେ ସେ ଆରମ୍ଭ କରିଥିଲେ ପରିବା ଚାଷ। ଏହି ଚାଷ ହିଁ ତାଙ୍କୁ ସ୍ୱାବଲମ୍ବୀ ହେବାର ବାଟ ଦେଖାଇଥିଲା। ଏଥିରୁ ନିଜ ପାଠପଢ଼ା ଖର୍ଚ୍ଚ ମେଣ୍ଟାଇବାକୁ ବି ସକ୍ଷମ ହୋଇଥିଲେ। ସ୍ନାତକୋତ୍ତର ଶିକ୍ଷା ଶେଷ ପରେ ବି ଚାଷକାର୍ଯ୍ୟକୁ ସ୍ୱରୋଜଗାରର ମାଧ୍ୟମ ଭାବେ ଆପଣେଇ ନେଇଥିଲେ। ତେବେ କିଛିବର୍ଷ ମଧ୍ୟରେ ସ୍ଥାନୀୟ ଅଞ୍ଚଳରେ ଜଣେ ସଫଳ ଚାଷୀ ଭାବେ ନିଜକୁ ପରିଚିତ କରାଇବାରେ ହୋଇଛନ୍ତି ସମର୍ଥ। ସେ ହେଲେ ନିରଞ୍ଜନ ପ୍ରଧାନ (ମୋ:୮୦୧୮୦୫୫୨୧)। ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ଗ୍ରାମ ପଞ୍ଚାୟତ ଅଧୀନ ପତିରାଜପୁର ଗ୍ରାମରେ ତାଙ୍କ ଘର।

ବାପା ବନମାଳୀଙ୍କ ସହ ପରିବା କ୍ଷେତକୁ ଯାଇ କିଛି କାମ କରିପାରିଲେ ତାଙ୍କୁ ଖୁସି ଲାଗେ। ଏଇଭଳି ହିଁ ତାଙ୍କର ଚାଷପ୍ରତି ଆଗ୍ରହ ବଢ଼ିଥିଲା। ହାଇସ୍କୁଲରେ ପଢୁଥିବା ବେଳେ ୧୫ଗୁଣ୍ଠ ଜମିରେ ପ୍ରଥମେ ପରିବା ଚାଷ କରିଥିଲେ। ପ୍ରାଥମିକ ସଫଳତା ତାଙ୍କ ଆଗ୍ରହକୁ ବହୁଗୁଣିତ କରିଦେଲା। ଆଉ ଆଗକୁ ପାଠ ପଢ଼ିବାଲାଗି ମନୋବଳ ବି ବଢ଼ାଇଦେଲା। ଚାଲିଲା ଚାଷକାମ, ଏଥିରୁ ମିଳୁଥିବା ଲାଭରେ ପାଠପଢ଼ା ଖର୍ଚ୍ଚ ମେଣ୍ଟାଇବା ସହ ବାପାଙ୍କୁ ମଧ୍ୟ କିଛି ସାହାଯ୍ୟ କରିଥିଲେ। ଏହିଭଳି ଭାବେ ତାଙ୍କର ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ ହେଲା। ଏତିକି ବେଳେ ସାଙ୍ଗମାନେ ଚାକିରି କରୁଥିବାର ଦେଖି ତାଙ୍କର ମଧ୍ୟ କମ୍ପାନୀରେ ଚାକିରି କରିବାକୁ ଇଚ୍ଛା ହେଲା । ସେ ମୁମ୍ବାଇ ପଳାଇଲେ । ଚାକିରି କଲେ। କିଛିଦିନ ଯିବାପରେ ତାଙ୍କୁ ଅଡୁଆ ଲାଗିଲା। ଆତ୍ମନିର୍ଭଶୀଳ ହୋଇ ବଞ୍ଚି ଆସୁଥିବା ନିରଞ୍ଜନଙ୍କୁ ଅନ୍ୟପାଖରେ ଚାକିରି କରିବା ସହଜ ହେଲାନାହିଁ । ବାରମ୍ବାର ସେଠାରେ ଅସୁସ୍ଥ ହେଲେ। ବର୍ଷେ ନ ପୂରୁଣୁ ସେ ମୁମ୍ବାଇ ଛାଡି ଗାଁକୁ ଫେରି ଆସିଲେ। ମାତ୍ର ଆଉ ଚାକିରି ନ କରି ଚାଷ ମାଧ୍ୟମରେ ସ୍ୱରୋଜଗାରକ୍ଷମ ହେବା ଲାଗି ଅଣ୍ଟା ଭିଡ଼ିଲେ। ବାଇଗଣ, କାକୁଡ଼ି, ଭେଣ୍ଡି, ବୋଇତାଳୁ ସମେତ ବିଭିନ୍ନ ପରିବା ଏବଂ ଶାଗ ଚାଷରେ ତାଙ୍କ କ୍ଷେତ ହସିଉଠେ। ବର୍ଷ ତମାମ ସେ ନିକଟସ୍ଥ ଅଲିପୁର, ପତିରାଜପୁର, ଡୁଙ୍ଗୁରା ଓ ଅଡା ହାଟର ପ୍ରାୟ ପରିବା ଚାହିଦାକୁ ମେଣ୍ଟାଇ ଆସୁଛନ୍ତି। ଗୋଟିଏ ପ୍ରକାରର ଚାଷ ବଦଳରେ ସ୍ଥାନୀୟ ବଜାରର ଚାହିଦାକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାରର ଚାଷ କଲେ ଏଥିରୁ ଅଧିକ ଲାଭ ମିଳିପାରିବ ବୋଲି କୁହନ୍ତି ସେ। ଏଥିସହ ନିଜେ ଖବରକାଗଜ ପଢ଼ି ଓ ଟିଭିରେ କୃଷି ସମ୍ପର୍କିତ ଖବର ଦେଖି ଉନ୍ନତ ପ୍ରଣାଳୀରେ ଚାଷର କୌଶଳ ଜାଣିପାରୁଛନ୍ତି, ଯାହାକି ଚାଷକାମରୁ ଅଧିକ ଦୁଇ ପଇସା ମିଳିବାରେ ସହାୟକ ହେଉଛି। ଗୋଟିଏ ଋତୁ(୬ମାସ)ରେ ସବୁଖର୍ଚ୍ଚ ଯାଇ ପାଖାପାଖି ଲକ୍ଷେଟଙ୍କା ଲାଭ ମିଳିଥାଏ ବୋଲି କୁହନ୍ତି ନିରଞ୍ଜନ । ଏହି ଆୟରୁ ୩ଝିଅଙ୍କର ପାଠପଢ଼ା ସମେତ ପରିବାରର ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବା ସହ ଭଲ ଘରଟିଏ ବି କରିଛନ୍ତି। ଚାକିରି କରିଥିବା ସାଙ୍ଗଙ୍କଠାରୁ ସେ ଅଧିକ କିଛି କରିଥିବାର ଆତ୍ମତୃପ୍ତି ପାଆନ୍ତି। ୨୦୧୬ରେ କୁଆପଥର ବର୍ଷାରେ ତାଙ୍କର ବହୁ ପରିମାଣର ଚାଷ କ୍ଷତି ହୋଇଥିଲା। ଚାଷ ଦେଖିବାକୁ ଆସିଥିବା ବିଭିନ୍ନ ଅଧିକାରୀ, ନେତା କ୍ଷତିଭରଣା ନେଇ ଅନେକ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଟଙ୍କାଟିଏ ବି କ୍ଷତିପୂରଣ ନ ମିଳିବା ତାଙ୍କୁ ଅନେକ କଷ୍ଟ ଦେଇଥିଲା। ଫନୀ ବାତ୍ୟାରେ ତାଙ୍କର ମଧ୍ୟ କିଛି କ୍ଷତି ହୋଇଛି ବୋଲି କହିଛନ୍ତି । ଆବଶ୍ୟକ ସମୟରେ ଖଇରା କୃଷିସୂଚନା ପରାମର୍ଶ କେନ୍ଦ୍ରରୁ ସହାୟତା ମିଳିପାରୁଛି। ଯଦି ଖଇରା ଅଞ୍ଚଳରେ ଏକ ଶୀତଳଭଣ୍ଡାର ପ୍ରତିଷ୍ଠା ହୋଇପାରନ୍ତା ଏଥିରେ ଅଧିକ ଅମଳକୁ ସାଇତି ରଖାଯାଇ ଦରକାର ସମୟରେ ଏହାର ଫାଇଦା ନିଆଯାଇପାରନ୍ତା ବୋଲି କୁହନ୍ତି ସେ। ଖଇରା, ସିମୁଳିଆ ଓ ସୋର ଦେଇ ପ୍ରବାହିତ କାଂଶବାଂଶ ନଦୀକୁ ସ୍ୱତନ୍ତ୍ର ନଦୀବନ୍ଧ ଯୋଜନାରେ ଉନ୍ନତୀକରଣ କରାଯାଇ ଏହାର ଦୁଇପାର୍ଶ୍ୱରେ ଥିବା ଚାଷଜମିକୁ ଜଳସେଚନର ବ୍ୟବସ୍ଥା କରାଯାଇପାରିଲେ ସ୍ଥାନୀୟ ଚାଷୀଭାଇମାନେ ଏଥିରୁ ଢେର ଉପକୃତ ହୋଇପାରନ୍ତେ। ତେବେ ପରିଶ୍ରମ ସହ ପରିବାର ସଦସ୍ୟଙ୍କ ସାହାଯ୍ୟ ତାଙ୍କୁ ଏଇଠି ପହଞ୍ଚାଇଛି ବୋଲି ଦୃଢୋକ୍ତି ବ୍ୟକ୍ତ କରନ୍ତି ନିରଞ୍ଜନ।

–ଉତ୍କଳବନ୍ଧୁ ପଣ୍ଡା



ନିଜ ଖେତରେ ପରିବାର ସହ ନିରଞ୍ଜନ।

# ଫଳଚାଷ ସମ୍ପର୍କରେ...



ଓଡ଼ିଶାର ଜଳବାୟୁରେ ନାନାପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା ଆମ୍ବ, ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳୀ, ସପେଟା, ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାର କରି ଦୁଇ ତିନି ଓଡ଼ ଚାଷ କରନ୍ତୁ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଏବେଠୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ, କମଳା, ନଡ଼ିଆ, ପିଜୁଳି, ପଣସ, ଲିଚୁ ଇତ୍ୟାଦି ପାଇଁ ଏକ ମିଟର ଗଭୀର ଓ ଏକ ମିଟର ଗୋଲେଇର ଗାତ, କଦଳୀ ଓ ଅମୃତଭଣ୍ଡା ସକାଶେ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଖୋଳନ୍ତୁ। ସପୁରୀ ଲାଗି ୩୦ସେମି ଚଉଡା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ।

# ନଳିତାରେ କୋଡ଼ାଖୁସା

ନଳିତା ୩ ସପ୍ତାହର ହୋଇଯାଇଥିଲେ କୋଡ଼ାଖୁସା ସାରି ପ୍ରଥମ ଦଫା ଘାସ ବାଛି ଦିଅନ୍ତୁ ଏବଂ ତା' ସହିତ ଗଛପତଳା କରି ଦିଅନ୍ତୁ। ଯେଉଁ ଜାଗାରେ ବର୍ଷା ହୋଇଯାଇଥିବ, ସଅଳ ବୁଣାଯାଇଥିବା ନଳିତା ୫ରୁ ୬ ସପ୍ତାହର ହୋଇ ଯାଇଥିଲେ କୋଡ଼ାଖୁସା ସାରି ଘାସ ବାଛି ଦିଅନ୍ତୁ। ତା' ସହିତ ଗଛ କରି ଦିଅନ୍ତୁ ଏବଂ ଏକର ପିଛା ୧୭.୫ କିଗ୍ରା ୟୁରିଆ ସାର ପ୍ରୟୋଗ କରନ୍ତୁ।



# ଫନୀ ପରବର୍ତ୍ତୀ ପ୍ରାଣୀଙ୍କ ପରିଚାଳନା

(ଦ୍ୱିତୀୟ ଭାଗ)

**ସଂକ୍ରାମକ ରୋଗ ନିୟନ୍ତ୍ରଣ:** ବାତ୍ୟା ସମୟରେ ପ୍ରାଣୀମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମିଯିବା ଫଳରେ ବିଭିନ୍ନ ରୋଗ ଯଥା ସାହାଣା, ବଜବଜିଆ, ଅଢ଼େଇଦିନିଆ ଜ୍ୱର, ଫାଟୁଆ, ଗୋମଡ଼କ, ଥନହରା, କାଶ, ସର୍ଦ୍ଦି, ଗଳାଫୁଲା ଆଦି ଦେଖାଯାଇଥାଏ। ତା'ଛଡ଼ା କୃମି ଓ ଟିଙ୍କଜନିତ ସଂକ୍ରାମକ ରୋଗ ମୁଖ୍ୟତଃ ଗୋପାଳକଙ୍କ ପାଇଁ କଷ୍ଟକର ପରିସ୍ଥିତି ସୃଷ୍ଟି କରିଥାଏ। ପାଣି ଜମିରହିବା ଫଳରେ କୃମିଙ୍କ ବଂଶ ବୃଦ୍ଧି ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିଥାଏ। କୃମି ମୁକ୍ତ କରିବା ପାଇଁ କୃମି ନାଶକ ଔଷଧ ଖାଇବାକୁ ଦିଅନ୍ତୁ। ତରଳ ଝାଡ଼ା ହେଉଥିଲେ ହଠାତ୍ କୃମି ଔଷଧ ଦିଅନ୍ତୁ ନାହିଁ। ବାତ୍ୟା ପରେ କୌଣସି ରୋଗର ଲକ୍ଷଣ ଦେଖାଯିବା ମାତ୍ରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକରିବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖାଇବାକୁ ଦିଅନ୍ତୁ। ନିମ୍ବପତ୍ର, ହଳଦୀ ପାଉଡର ଓ ତୁଳସୀ ପତ୍ର ଦିନକୁ ଦୁଇ ଥରକରି ସାତ ଦିନ ଯାଏ ଖାଇବାକୁ ଦେବା ଫଳରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସହିତ କୃମି ନାଶକ ହିସାବରେ ମଧ୍ୟ କାମକରିଥାଏ। ପ୍ରାଣୀ ଚିକିତ୍ସା ଶିବିରର ସହାୟତା ନିଅନ୍ତୁ।



ପରିବେଶର ଚାପ ଓ ଅତ୍ୟଧିକ ଗରମ ଯୋଗୁଁ ପ୍ରାଣୀର କୌଣସି ଅସ୍ୱାଭାବିକ ଲକ୍ଷଣମାନ ଦେଖିଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। ଛାଇ ଜାଗାକୁ ନେଇଯାଆନ୍ତୁ। ମୁଣ୍ଡରେ ଓଦା କପଡ଼ା ବା ଅଖା ରଖି ଦିଅନ୍ତୁ ଓ ଥଣ୍ଡା ପାଣିରେ ପୋଛି ଥଣ୍ଡା ପବନରେ ରଖନ୍ତୁ।

**ସରକାରୀ ସହାୟତା:** ବାତ୍ୟା ପରବର୍ତ୍ତୀ ସମୟରେ ସରକାର ସହାୟତା ରାଶି ଘୋଷଣା କରଛନ୍ତି। ପଶୁ ମୃତ୍ୟୁ, ଗୁହାଳ ଭଙ୍ଗା ଓ ଅନ୍ୟାନ୍ୟ କ୍ଷେତ୍ରରେ ସହାୟତା ରାଶି ମିଳିବ। ତେଣୁ ଏହାର ଲାଭ ପାଇବା ପାଇଁ ସ୍ଥାନୀୟ ସରପଞ୍ଚ ଓ ବିଭିନ୍ନ ଲୋକ ପ୍ରତିନିଧି, ସରକାରୀ ଅଧିକାରୀ (ରାଜସ୍ୱ ଅଧିକାରୀ, ପ୍ରାଣୀ ସଂପଦ ଅଧିକାରୀ)ଙ୍କ ପରାମର୍ଶ କ୍ରମେ ବିହିତ ପଦକ୍ଷେପମାନ ନେବା ଜରୁରୀ।

–ଡା. ସାରଦା ପ୍ରସନ୍ନ ସାହୁ
–ଡା. ରଞ୍ଜନ କୁମାର ମହାନ୍ତ

ପ୍ରଥମ ପୃଷ୍ଠାରୁ...

## ଗତିପଥ ବଦଳାଉଛି ...

ଏକଦା ବୁଢ଼ାବଳଙ୍ଗ ନଦୀ ସ୍ଥାନୀୟ ଲୋକଙ୍କ ପାଇଁ ଆଶୀର୍ବାଦ ପାଲଟିଥିଲା। ନଦୀ ତଟ ଅଞ୍ଚଳ ଉର୍ବର ହୋଇଥିବାରୁ ସେମାନେ ନାନା ଫସଲ ଉତ୍ପାଦନ କରି ଚଳୁଥିଲେ। ଏହାର ଜଳସ୍ରୋତ କ୍ରମେ ଗାଁ ଆଡକୁ ମୁହାଁଇବାରୁ ବୁଢ଼ାବଳଙ୍ଗ ଆଜି ସେମାନଙ୍କ ପାଇଁ ଅଭିଶାପ ପାଲଟିଛି। ଅନେକ ଗ୍ରାମବାସୀଙ୍କ ନିକଟରେ ସ୍ଥାୟୀବାସିନ୍ଦା ପ୍ରମାଣପତ୍ର ନ ଥିବାରୁ ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଆଶ୍ରୟ ନେବା ଲାଗି ଏହି ଅଞ୍ଚଳରେ ଏଯାଏ ବହୁମୁଖୀ ଆଶ୍ରୟସ୍ଥଳୀ ନିର୍ମାଣ ହୋଇନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି କ୍ଷେତ୍ରରେ ମଧ୍ୟ ନଦୀ ଅବବାହିକା ଅଞ୍ଚଳ ଅବହେଳିତ ହୋଇରହିଛି। ଏ ସମ୍ପର୍କରେ ବାରମ୍ବାର ଜିଲାପାଳ, ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ପୂର୍ବତନ ସରପଞ୍ଚ ବୃନ୍ଦାବନ ରାଉତ ପ୍ରକାଶ କରିଛନ୍ତି। ଉକ୍ତ ଅଞ୍ଚଳର ବରିଷ୍ଠ ନାଗରିକ କରୁଣାକର ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ରାଉତ, ବିଜେନ୍ଦ୍ର ପ୍ରଧାନ, ରବୀନ୍ଦ୍ର ଖୁଣ୍ଟିଆ, ତ୍ରିଲୋଚନ ବିଶ୍ୱାଳ, ଅଚ୍ୟୁତ ଦାସ, ହରିଶ୍ଚନ୍ଦ୍ର ଖଟୁଆ, ସୂର୍ଯ୍ୟକାନ୍ତ ପ୍ରଧାନ, ଶଙ୍କରା ମାଝି, ବାସ ଗୁଡ୍ଡୁ, ବେଲ ଦାସ, ଲକ୍ଷ୍ମୀମଣି ସାହୁ, ସାବିତ୍ରୀ ରାଉତ, ପ୍ରେମଲତା ପରିଡ଼ା ପ୍ରମୁଖ ବର୍ଷାଦିନ ପୂର୍ବରୁ ନଦୀବନ୍ଧକୁ ସୁଦୃଢ କରିବା ପାଇଁ ମରାମତି କାର୍ଯ୍ୟ କରା ନ ଗଲେ ସେମାନେ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସତ୍ୟଭାମା ରାଉତଙ୍କୁ ପଚାରିବାରୁ କହିଛନ୍ତି, ୨୦୦୫-୦୬ ମସିହାରେ ଜଳସେଚନ ବିଭାଗ ପକ୍ଷରୁ ନଦୀପାର୍ଶ୍ୱରେ ପଥରବନ୍ଧ କରାଯାଇଥିଲା। କାମ ଶେଷ ନ ହେବାରୁ ଗ୍ରାମର କିଛି ଅଂଶ ବାଦ୍ ପଡିଥିଲା। ୨୦୧୩ରେ ହୋଇଥିବା ବନ୍ୟାରେ କାଠପାଳ କୋଷ୍ଟକେନାଲ ବନ୍ଧ ସମେତ ନଦୀବନ୍ଧ ଅତଡ଼ା ଖାଇଥିଲା। ଏଯାଏ ତାହାକୁ ମରାମତି କରାଯାଇନାହିଁ। ଏଥର ବର୍ଷା ଋତୁରେ ବଡ଼ ଧରଣର ବନ୍ୟା ହେଲେ ମାଣିକୁଲା, ଜଗନ୍ନାଥପୁର, କାଠପାଳ ଓ ନଳକୁଲି ଗ୍ରାମ ସମେତ ଆଖପାଖ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିବ। ନଦୀକୂଳବର୍ତ୍ତୀ ୪ଶହରୁ ଊର୍ଦ୍ଧ୍ୱ ପରିବାରର ୩ ହଜାରରୁ ଅଧିକ ଲୋକ ବିପନ୍ନ ହେବାର ଆଶଙ୍କା ରହିଛି। ଏଣୁ ସମସ୍ୟାର ପ୍ରତିକାର ଲାଗି ପଞ୍ଚାୟତ ଅଧିକାରୀ, ଜିଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ଜିଲା ଜଳସେଚନ ବିଭାଜନ ଯନ୍ତ୍ରୀ ନିରଞ୍ଜନ ମହାଲିକଙ୍କୁ ପଚାରିବାରୁ କହିଛନ୍ତି, ବୁଢାବଳଙ୍ଗ ନଦୀକୂଳିଆ ଅଞ୍ଚଳର ସମସ୍ୟା ସମ୍ପର୍କରେ ପ୍ରଶାସନ ଅବଗତ ରହିଛି। ଖୁବ୍‌ଶୀଘ୍ର ଏକ ଟେକ୍‌ନିକାଲ ଟିମ୍ ଦ୍ୱାରା ସର୍ଭେ କରାଯାଇ ପଥରବନ୍ଧ ନିର୍ମାଣ ଲାଗି ନାବାର୍ଡ଼କୁ ରିପୋର୍ଟ ପ୍ରଦାନ କରାଯିବ।

## ୟୁପିରେ ବିଷାକ୍ତ ...

ସେମାନେ ସେଠାରୁ ଫେରିବା ପରେ ଏନେଇ ଅଧିକ ସୂଚନା ମିଳିପାରିବ। ଏହି ଘଟଣା ପରେ ବାରାବାଙ୍କି ଜିଲା ଅବକାରୀ ଅଧିକାରୀ ଶିବ ନାରାୟଣ ଦୁବେ, ଅବକାରୀ ଇନ୍ସପେକ୍ଟର୍ ରାମତୀର୍ଥ ମୌର୍ଯ୍ୟ, ୩ ହେଡ୍ କନ୍‌ଷ୍ଟେବଳ ଓ ୫ଜଣ କନ୍‌ଷ୍ଟେବଳଙ୍କୁ ନିଲମ୍ବିତ କରାଯାଇଛି। ଏଥିସହ ପୋଲିସ ସର୍କଲ୍ ଅଫିସର୍ ପଓ୍ୱନ୍ ଗୌତମ୍ ଓ ଷ୍ଟେଶନ୍ ହାଉସ୍ ଅଫିସର୍ ରାଜେଶ କୁମାର ସିଂଙ୍କୁ ମଧ୍ୟ କର୍ତ୍ତବ୍ୟରେ ଅବହେଳା ଯୋଗୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିସହ ସେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ଏଭଳି ଘଟଣା ପଛରେ ରାଜନୈତିକ ଷଡ଼ଯନ୍ତ୍ର ଅଛି କି ନାହିଁ ତା'ର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ଚଳିତ ବର୍ଷ ପ୍ରାରମ୍ଭରେ ବିଷାକ୍ତ ମଦ ପିଇବା ଯୋଗୁ ଶତାଧିକ ଲୋକଙ୍କ ଜୀବନ ଯାଇଥିଲା। ପୂର୍ବରୁ ରାଜନୈତିକ ଶତ୍ରୁତା ଓ ଷଡ଼ଯନ୍ତ୍ରକୁ ନେଇ ଏଭଳି ଅନେକ ଘଟଣା ଘଟିଥିବାର ଉଦାହରଣ ରହିଛି। ଆଜମ୍‌ଗଡ଼, ହର୍ଦୋଇ, କାନ୍‌ପୁର,ବାରବାଙ୍କି ମଦମୃତ୍ୟୁ ଘଟଣା ପଛରେ ସମାଜବାଦୀ ପାର୍ଟି ନେତାଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଏଥିରେ ରାଜନୈତିକ ଷଡ଼ଯନ୍ତ୍ର ଥିବା କଥାକୁ ସମ୍ପୂର୍ଣ୍ଣ ଏଡାଇ ଦିଆଯାଇ ପାରିବନି ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରକାଶ କରିଛନ୍ତି।

## ସୁଭଦ୍ରାଙ୍କ ରଥ ଚକ...

ଏଥିରେ ଫାଟ ହୋଇଥାଇପାରେ ବୋଲି ମହାରଣା ସେବକମାନେ ସନ୍ଦେହ କରୁଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ସୁଦ୍ଧା ନନ୍ଦିଘୋଷ ଏବଂ ତାଳଧ୍ୱଜ ରଥର ୪ଟି ଲେଖାଏ ଏବଂ ଦେବୀ ରଥର ୩ଟି ଚକ ନିର୍ମାଣ ସରିଛି। ରଥଖଳାରେ ୭ଟି ଅରମୁଣ୍ଡି ଏବଂ ୮ଟି ଅଖ କାଠ ପଡ଼ିଥିବା ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ନୃସିଂହ ଚତୁର୍ଦ୍ଦଶୀଠାରୁ ରୂପକାର ସେବକମାନେ ଖୋଦେଇ କାର୍ଯ୍ୟରେ ଯୋଗଦେଇଛନ୍ତି। କଣଗୁଜ ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ରୂପକାର ସେବକ ପଞ୍ଚାନନ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ଦୋଳବେଦୀ କୋଣସ୍ଥିତ ଅସ୍ଥାୟୀ କମାରଶାଳରେ କଣ୍ଟା ତିଆରି କାମ ଜୋର୍‌ସୋରରେ ଚାଲିଛି। ରଥ ନିର୍ମାଣ କାମ ଦେଖିବା ପାଇଁ ପ୍ରତ୍ୟହ ଖଳା ନିକଟରେ ଲୋକଙ୍କ ଭିଡ଼ ଜମୁଛି।

## ବେସ୍ କ୍ୟାମ୍ପରେ ...

ଫେରୁଥିବାବେଳେ ବାଲକୋନି ଏରିଆରେ ପ୍ରାଣ ହରାଇଥିବା ଖବର ପ୍ରଚାରିତ ହୋଇଥିଲା। ଢେଙ୍କାନାଳର କଳ୍ପନା ପୂର୍ବରୁ ୨୦୦୪ ଓ ୨୦୦୬ରେ ଏଭରେଷ୍ଟ ଆରୋହଣରେ ବିଫଳ ହୋଇଥିଲେ ହେଁ ୨୦୦୮ ମେ ୨୧ରେ ନିଜ ସ୍ୱପ୍ନକୁ ସାକାର କରିଥିଲେ। ଓଡ଼ିଶାର ପ୍ରଥମ ପର୍ବତାରୋହୀଭାବେ ସେ ଏଭରେଷ୍ଟ ଆରୋହଣ କରିଥିଲେ। ନିକଟରେ ଦ୍ୱିତୀୟଥରପାଇଁ ସେ ନିଜ ଉଦ୍ୟମରେ ସଫଳ ହୋଇଥିଲେ ହେଁ ପ୍ରତ୍ୟାବର୍ତ୍ତନ ପଥରେ ଏହି ଦୁଃଖଦ ଘଟଣା ଘଟିଥିଲା। ତାଙ୍କ ମରଶରୀର ଆଣିବା ଦାୟିତ୍ୱ ରାଜ୍ୟ ସରକାର ନେଇଥିବାବେଳେ ଓଡ଼ିଶାରୁ ଏକ ଟିମ୍ ନେପାଳ ଯାତ୍ରା କରିଛନ୍ତି।

## ୧୧ କ୍ୟାବିନେଟ୍...

ବିଜେପୁର ଉପନିର୍ବାଚନ ଓ ଗତ ସାଧାରଣ ନିର୍ବାଚନରେ ନବୀନଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିପାଇଁ ତାଙ୍କୁ ପୁରସ୍କୃତ କରାଯାଇଛି। ମନ୍ତ୍ରୀ ପ୍ରତାପ ଜେନାଙ୍କ ଭାଗ୍ୟ ମଧ୍ୟ ପୁଣି ଖୋଲିଯାଇଛି। କେନ୍ଦ୍ରାପଡ଼ା ଲୋକ ସଭା ଆସନରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରାଇବାରେ ତାଙ୍କର କୁଆଡେ ବଡ଼ ଭୂମିକା ଥିଲା। ଏଥିପାଇଁ ତାଙ୍କୁ ପୁଣି ମନ୍ତ୍ରୀ ପଦବୀ ମିଳିଥିବା କୁହାଯାଉଛି। ଏକାମ୍ର ବିଧାୟକ ଅଶୋକ ପଣ୍ଡା ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଦାୟିତ୍ୱରେ ଥିଲେ। ପୁଣି ତାଙ୍କୁ ମନ୍ତ୍ରୀପଦ ମିଳିଛି। ଗଞ୍ଜାମ ଜିଲାରୁ ମନ୍ତ୍ରୀ ଥିବା ବିକ୍ରମ କେଶରୀ ଆରୁଖ, ସୋନପୁର ଜିଲାରୁ ଦୁଇଜଣ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ନିରଞ୍ଜନ ପୂଜାରୀ ପୁଣି ମନ୍ତ୍ରୀ ପଦବୀ ପାଇବାରେ ସଫଳ ହୋଇଛନ୍ତି।

ଦୀର୍ଘଦିନ ଧରି ବିଧାନସଭାକୁ ଜିତି ଆସୁଥିବା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଥର ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି। କଳାହାଣ୍ଡି ଜିଲାର ଜୁନାଗଡରୁ ଦୁଇଥର ବିଧାୟକ ହୋଇଥିବା କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀ ହେବାର ସୌଭଗ୍ୟ ମିଳିଛି। ପୁରୀ ଜିଲାରେ ଦୁଇ ପ୍ରଭାବଶାଳୀ ନେତା ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏବଂ ସଞ୍ଜୟ ଦାସବର୍ମାଙ୍କର ଗତ ନିର୍ବାଚନରେ ଶୋଚନୀୟ ପରାସ୍ତ ହେବା ପରେ ଲଗାତର ୩ ଥର ବିଧାୟକ ହୋଇଥିବା ସମୀର ରଞ୍ଜନ ଦାଶଙ୍କ ପାଇଁ ମନ୍ତ୍ରୀ ହେବା ରାସ୍ତା ପରିଷ୍କାର ହୋଇଯାଇଛି। ଟିଗିରିଆ ଗଡର ଟାଣୁଆ ବିଜେଡି ନେତା ଅଭିମନ୍ୟୁ ସାହୁଙ୍କୁ ହତ୍ୟା କରାଯିବା ପରେ ତାଙ୍କ ସ୍ତ୍ରୀ ଟୁକୁନି ସାହୁଙ୍କୁ ସେଠାରୁ ବିଜେଡି ପ୍ରାର୍ଥୀ କରିଥିଲା। ସେ ଲଗାତର ଦୁଇଥର ସେଠାରୁ ନିର୍ବାଚିତ ହୋଇସାରିଛନ୍ତି। ଟୁକୁନିଙ୍କୁ ମଧ୍ୟ କେନ୍ଦ୍ରାପଡାରେ ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ବିରୋଧରେ ପ୍ରଚାର ଦାୟିତ୍ୱ ଦିଆଯାଇଥିଲା। ସେ ନିଜର ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରିଥିବାରୁ ନବୀନ ତାଙ୍କ ଉପରେ ଭରସା କରିଥିବା କୁହାଯାଉଛି। ସେହିପରି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ପୁଣି ମନ୍ତ୍ରୀ ପଦବୀ ମିଳିଛି। ଭାଜପା ଛାଡି ବିଜେଡିରେ ସାମିଲ ହୋଇଥିବା ଏବଂ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କୁ ପରାସ୍ତ କରିଥିବା ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାଶ ଏବଂ କାକଟପୁର ବିଧାୟକ ତୁଷାରକାନ୍ତି ବେହେରାଙ୍କୁ ବିଜେଡି ପୁରସ୍କୃତ କରିଛି। ସେହିପରି ଦକ୍ଷିଣ ଓଡ଼ିଶାରୁ ପ୍ରଥମ ଥର ବିଜୟୀ ହୋଇଥିବା କୋଟପାଡ଼ ବିଧାୟିକ ପଦ୍ମିନୀ ଦିଆନଙ୍କୁ ନବୀନ ନିଜ ମନ୍ତ୍ରିମଣ୍ଡଳରେ ସାମିଲ କରିଛନ୍ତି। ନିର୍ବାଚନ ଜିତିବା ପରେ ମନ୍ତ୍ରୀ ହେବା ଆଶାରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଅନେକ ଆଶାୟୀ ବିଧାୟକ ଓ ପୂର୍ବତନ ମନ୍ତ୍ରୀ ଗତ କିଛି ଦିନ ହେବ ଭୁବନେଶ୍ୱରରେ ଡେରା ପକାଇଥିଲେ। ଶେଷରେ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ଗତ ନିର୍ବାଚନରେ ବିଜେଡିକୁ ରାଜ୍ୟରେ ବିପୁଳ ବିଜୟ ମିଳିଛି। ୧୧୨ ବିଧାନସଭା ଆସନ ଦଖଲ କରି ରାଜ୍ୟ ଶାସନ ମଙ୍ଗ ଧରିବେ ବିଜେଡି ସଭାପତି ନବୀନ ପଟ୍ଟନାୟକ। ନବୀନ ଓ ତାଙ୍କ ମନ୍ତ୍ରିମଣ୍ଡଳ ସଦସ୍ୟମାନେ ବୁଧବାର ପୂର୍ବାହ୍ଣ ୧୦ଟା ୩୦ ମିନିଟରେ ପ୍ରଦର୍ଶନୀ ପଡିଆଠାରେ ଶପଥ ନେବା କାର୍ଯ୍ୟକ୍ରମ ରହିଛି। ରାଜ୍ୟପାଳ ଗଣେଶୀ ଲାଲ ଶପଥ ପାଠ କରାଇବେ।

| Dollar | Sensex | Nifty | Gold | Silver |
|---|---|---|---|---|
| 69.69 (18) | 39,749.73 (66.44) | 11,928.75 (4) | 32,870.00 (₹100) | 37,550.00 (₹50) |

"କେନ୍ଦ୍ର ଏବଂ ରାଜ୍ୟ ସ୍ତରର ବିତ୍ତୀୟ ନିୟଣ୍ଟ ହ୍ରାସ ସହ କୃଷି, ଶକ୍ତି ଏବଂ ବ୍ୟାଙ୍କିଙ୍ଗ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକର ଉନ୍ନତି ଉପରେ ନୂଆ ସରକାର ଧ୍ୟାନ ଦେବା ଉଚିତ।"
–ରଘୁରାମ ରାଜନ, ପୂର୍ବତନ ଗଭର୍ନର, ରିଜର୍ଭ ବ୍ୟାଙ୍କ



"କର୍ପୋରେଟ ଟିକସ ୨୫% ପର୍ଯ୍ୟନ୍ତ ହ୍ରାସ କରି ସରକାର କାର୍ଯ୍ୟ ଆରମ୍ଭ କରିପାରିବେ।"
–ଅରବିନ୍ଦ ପାନଗାରିଆ, ପୂର୍ବତନ ଉପାଧ୍ୟକ୍ଷ, ନୀତି ଆୟୋଗ



## ସଂକ୍ଷେପରେ

### ଦୁଇଟି ଉପକମିଟି ଗଠନ କଲା ଜିଏସ୍‌ଟି କାଉନ୍‌ସିଲ୍

ନୂଆଦିଲ୍ଲୀ,୨୮-୫: ଜିଏସ୍‌ଟି କାଉନ୍‌ସିଲ୍ କମ୍ପାନୀଙ୍କ ମଧ୍ୟରେ ହେଉଥିବା କାରବାର ଲାଗି ଇ-ବିଲ୍ ତିଆରି କରିବା, କାରବାର ସୀମା ନିର୍ଦ୍ଧାରଣ ତଥା ଏହାକୁ ସୃଷ୍ଟି କରିବା ଭଳି ନୀତିଗତ ତଥା ଟେକ୍ନିକାଲ ପନ୍ଥାପଦ୍ଧତି ନିର୍ଦ୍ଧାରଣ ନେଇ ଦୁଇଟି ଉପକମିଟି ଗଠନ କରିଛି। ଗୋଟିଏ କମିଟି ଇ-ଇନ୍‌ଭଏସ୍ ଲାଗି ବାଣିଜ୍ୟ ପ୍ରକ୍ରିୟା, ନୀତି ଏବଂ ଆଇନ ଦିଗର ପରୀକ୍ଷଣ କରିବ ଏବଂ ଦ୍ୱିତୀୟ କମିଟି ଏହାର କ୍ରିୟାନ୍ୱୟନ ପାଇଁ ଆବଶ୍ୟକ ଟେକ୍ନିକାଲ ଦିଗ ସମ୍ପର୍କରେ ନିଜର ସୁପାରିସ୍ କରିବ। କମ୍ପାନୀ-କମ୍ପାନୀ ମଧ୍ୟରେ କାରବାର ବେଳେ ଜାଲ୍ ବିଲ୍ ତିଆରି କରିବାକୁ ରୋକିବା ଲାଗି ତତ୍କାଳ ପଦକ୍ଷେପ ନେବା ସମ୍ପର୍କରେ କମିଟି ପ୍ରସ୍ତାବ ଦେବ। ଜିଏସ୍‌ଟି ଅଧୀନରେ ଟିକସ ଫାଙ୍କି ରୋକିବା ଲାଗି ଇ-ବିଲ୍ ଅଥବା ଇ-ଚାଲାଣ ଜାରି କରିବା ଉପରେ ରାଜସ୍ୱ ବିଭାଗ ଜୋର୍ ଦେଇଆସୁଛି। ଏହି ଦୁଇ ଉପକମିଟିରେ କେନ୍ଦ୍ର ଓ ରାଜ୍ୟର ଟିକସ ଅଧିକାରୀମାନେ ସାମିଲ ହୋଇଛନ୍ତି। ଏହାଛଡ଼ା ଜିଏସ୍‌ଟି ନେଟ୍‌ୱାର୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ କମିଟିରେ ରହିବେ।

### ଜୁନ୍‌ରୁ କେରଳରେ ଲାଗୁହେବ ପ୍ରାକୃତିକ ବିପର୍ଯ୍ୟୟ ସେସ୍

ନୂଆଦିଲ୍ଲୀ,୨୮-୫: କେରଳ ସରକାର ଜୁନ୍ ପହିଲାରୁ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ସେସ୍ ଆଦାୟ କରିବେ। ଜିଏସ୍‌ଟି ଉପରେ ୧ ପ୍ରତିଶତ ସେସ୍ ଲାଗୁ କରାଯିବ। ଗତ ବର୍ଷ କେରଳରେ ଦେଖାଦେଇଥିବା ଭୟଙ୍କର ବନ୍ୟାରେ କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମିତ୍ତ ଜିଏସ୍‌ଟି କାଉନସିଲ୍ ଏହି ସେସ୍ ଆଦାୟକୁ ଅନୁମତି ଦେଇଥିଲେ। ଆନ୍ତଃରାଜ୍ୟ ମାଲ୍ ପରିବହନ କ୍ଷେତ୍ରରେ ଏହି ସେସ୍ ଆଦାୟ କରାଯିବ। ପ୍ରାକୃତିକ ବିପର୍ଯ୍ୟୟ ସେସ୍‌ରୁ ପ୍ରାପ୍ତ ଅର୍ଥରେ ବନ୍ୟା ପ୍ରଭାବିତଙ୍କ ଲାଗି ପୁନର୍ବାସ, କ୍ଷତିପୂରଣ ଏବଂ ପୁନଃନିର୍ମାଣ କରାଯିବ। ରାଜ୍ୟ ସରକାର ଏହି ସେସ୍‌ରୁ ବର୍ଷକରେ ପ୍ରାୟ ୬୦୦କୋଟି ଟଙ୍କାର ଅତିରିକ୍ତ ଆୟ କରିବେ ବୋଲି ଆକଳନ କରାଯାଇଛି।

### ଲଜିଷ୍ଟିକ୍ସ ଲାଗି ସ୍ୱତନ୍ତ୍ର ବିଭାଗ ଗଠନ ପ୍ରସ୍ତାବ

ନୂଆଦିଲ୍ଲୀ,୨୮-୫: ଏନ୍‌ଡିଏ ସରକାରଙ୍କ ଦ୍ୱିତୀୟ ଇନିଂସ ଆରମ୍ଭ ହେବାକୁ ଯାଉଥିବା ବେଳେ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ୧୦୦ ଦିନର ଏଜେଣ୍ଡା ପ୍ରସ୍ତୁତ କରାଯାଇଛି। ବ୍ୟବସାୟ ସୁବିଧା ଏବଂ ମାଲ୍ ପରିବହନ(ଲଜିଷ୍ଟିକ୍ସ) ଲାଗି ଏକ ସ୍ୱତନ୍ତ୍ର ବିଭାଗ ଗଠନ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହାଦ୍ୱାରା ବିଭିନ୍ନ ସରକାରୀ ଏଜେନ୍ସି ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇପାରିବ। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ବର୍ତ୍ତମାନ ମାଲ୍ ପରିବହନ(ଲଜିଷ୍ଟିକ୍ସ) ସହ ଜଡ଼ିତ ବିଭିନ୍ନ ଦିଗ ଉପରେ ନଜର ରଖିବା ଲାଗି ସ୍ୱତନ୍ତ୍ର ଭାବେ କୌଣସି ବିଭାଗ ନାହିଁ। ଫଳରେ ସମୁଦ୍ର, ସଡ଼କ ଏବଂ ରେଲୱେ ଦ୍ୱାରା ଭିନ୍ନ ଭିନ୍ନ ମାର୍ଗରେ ହେଉଥିବା ଆମଦାନୀ-ରପ୍ତାନି ଉପରେ ନଜର ରଖାଯାଇପାରୁନି। ସେ କହିଛନ୍ତି ଯେ, ବର୍ତ୍ତମାନ ଲଜିଷ୍ଟିକ୍ସ ବିଭାଗ ବାଣିଜ୍ୟ ବିଭାଗ ଅଧୀନରେ କାର୍ଯ୍ୟ କରୁଛି ଏବଂ ସ୍ୱତନ୍ତ୍ର ସଚିବ ସ୍ତରର ଅଧିକାରୀ ଏହାର ମୁଖ୍ୟ ହୋଇଥାନ୍ତି। ସୂଚନାଥାଉ କି, ମାଲ୍ ପରିବହନକୁ ସୁନିଶ୍ଚିତ କରିବା, ସମୟ ବଞ୍ଚାଇବାରେ ସହାୟତା କରିବା, ରପ୍ତାନିକାରୀ ଏବଂ ଘରୋଇ ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ବଢ଼ାଇବାରେ ଲଜିଷ୍ଟିକ୍ସ ସହଯୋଗ କରିଥାଏ। ଚଳିତବର୍ଷ ଜାନୁୟାରୀରେ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ ମଧ୍ୟ ମାଲ୍ ପରିବହନ ଲାଗି ଏକ ସ୍ୱତନ୍ତ୍ର ବିଭାଗ ଗଠନ ସପକ୍ଷରେ ସୁପାରିସ କରିସାରିଛନ୍ତି।

### ଏଫ୍‌ଡିଆଇ ଆଗମନ ୬ ବର୍ଷରେ ସର୍ବନିମ୍ନ

ନୂଆଦିଲ୍ଲୀ,୨୮-୫: ଦେଶରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି(ଏଫ୍‌ଡିଆଇ) ଆଗମନ ପ୍ରଥମଥର ୬ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଆର୍ଥିକ ବର୍ଷ ୨୦୧୮-୧୯ରେ ଏହା ୧ % ହ୍ରାସ ପାଇ ମାତ୍ର ୪୪.୩୭ ବିଲିୟନ ଡଲାରରେ ପହଞ୍ଚିଛି। ସରକାରୀ ତଥ୍ୟ ଅନୁଯାୟୀ ଟେଲିକମ୍, ଫାର୍ମା ଏବଂ ଅନ୍ୟ ସେକ୍ଟରଗୁଡ଼ିକରେ ବିଦେଶୀ ପୁଞ୍ଜିନିବେଶ ବହୁମାତ୍ରାରେ ହ୍ରାସ ପାଇଛି। ଡିପାର୍ଟମେଣ୍ଟ ଫର୍ ପ୍ରମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ୍ ଇଣ୍ଟରନାଲ ଟ୍ରେଡ୍(ଡିପିଆଇଆଇଟି)ର ତଥ୍ୟ ଅନୁଯାୟୀ, ୨୦୧୭-୧୮ରେ ଦେଶରେ ୪୪.୮୫ ବିଲିୟନ ଡଲାର ବିଦେଶୀ ପୁଞ୍ଜି ନିବେଶ ହୋଇଥିଲା।

# ଉଜ୍ଜ୍ୱଳାରେ ୫ କେଜିର ସିଲିଣ୍ଡର ହେବ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୨୮-୫

**ମୋଦି ୨.୦ର ପ୍ରସ୍ତୁତି**
- ଗରିବ ପରିବାରକୁ ମିଳୁଛି ଗ୍ୟାସ୍ ସଂଯୋଗ
- ବାର୍ଷିକ ହାରାହାରି ୭ଥର ରିଫିଲ ହେଉଛି
- ୫ କେଜିର ସିଲିଣ୍ଡର ରିଫିଲ୍ ୨୬୦ ଟଙ୍କା ପଡ଼ିବ
- ୮୦ ଟଙ୍କା ସବ୍‌ସିଡି ମିଳିବ



ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଯୋଗୁ ଗ୍ରାମାଞ୍ଚଳର ମହିଳାମାନଙ୍କ ଭୋଟ୍ ହାତେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦ୍ୱିତୀୟ କାର୍ଯ୍ୟକାଳରେ ଆଉ ଏକ ଧମାକା କରିବାକୁ ଯାଉଛି। ଆଗାମୀ ଦିନରେ ଗରିବ ମହିଳାଙ୍କୁ ୫ କେଜିର ସିଲିଣ୍ଡର ନେବାକୁ ବାଧ୍ୟତାମୂଳକ କରାଯିବ। ମୋଦି ୨.୦ ସରକାର ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହାଦ୍ୱାରା ରିଫିଲିଂ ଅଧିକ ସଂଖ୍ୟାରେ ହୋଇପାରିବ ବୋଲି ମନେ କରାଯାଉଛି। ଅନ୍ୟପକ୍ଷରେ ତୈଳ କମ୍ପାନୀଗୁଡ଼ିକ ମଧ୍ୟ ଏହାଦ୍ୱାରା ଲାଭାନ୍ୱିତ ହେବେ।

ମୋଦି ସରକାର ଦ୍ୱିତୀୟ ଥର କ୍ଷମତାକୁ ଫେରିବା ପରେ ଏବେ ଉଜ୍ଜ୍ୱଳା ଯୋଜନାର ବିସ୍ତାର କରାଯିବ। ପ୍ରଥମ ପର୍ଯ୍ୟାୟରେ ଦାରିଦ୍ର୍ୟ ସୀମାରେଖା(ବିପିଏଲ୍) ତଳେ ଥିବା ପରିବାରଗୁଡ଼ିକୁ ମାଗଣାରେ ଗ୍ୟାସ୍ ସଂଯୋଗ ଦିଆଯାଇଥିଲା। ଏଥିରେ ୧୬୦୦ ଟଙ୍କାର ଖର୍ଚ୍ଚକୁ ସରକାର ବହନ କରୁଥିଲେ। ଏହି ସଂଯୋଗ ପରିବାରର ମହିଳା ସଦସ୍ୟଙ୍କ ନାମରେ ଜାରି କରାଯାଉଛି। ଏହି ସଂଯୋଗ ଅଧୀନରେ ଲୋକଙ୍କୁ ଗୋଟିଏ ଚୁଲି, ୧୪.୨ କେଜିର ସିଲିଣ୍ଡର ଏବଂ ରେଗୁଲେଟର ଦିଆଯାଉଛି। ପେଟ୍ରୋଲିୟମ ମନ୍ତ୍ରଣାଳୟ ଆସନ୍ତା ୧୦୦ ଦିନ ଭିତରେ ଏହି ଯୋଜନା ଅଧୀନରେ ୮ କୋଟି ଲୋକଙ୍କୁ ସଂଯୋଗ ଦେବାକୁ ଲକ୍ଷ୍ୟଧାର୍ଯ୍ୟ କରିଛି। ଅଦ୍ୟାବଧି ୭ କୋଟି ୧୯ ଲକ୍ଷ ଲୋକଙ୍କୁ ଗ୍ୟାସ୍ ସଂଯୋଗ ଦିଆଯାଇଛି। ଏହି ଲକ୍ଷ୍ୟ ପୂରଣ ହେବା ପରେ ଉକ୍ତ ଯୋଜନାରେ ୫ କେଜିର ସିଲିଣ୍ଡର ନେବାକୁ ବାଧ୍ୟ କରାଯିବ। କାରଣ ଦେଖାଯାଇଛି ଯେ, ବଣ୍ଟାଯାଇଥିବା ସିଲିଣ୍ଡର ମଧ୍ୟରୁ ଅଧିକାଂଶ ରିଫିଲିଂ ହେଉ ନାହିଁ। କାରଣ ସିଲିଣ୍ଡର ରିଫିଲିଂ ପାଇଁ ଲୋକଙ୍କୁ ଅତିକମ୍‌ରେ ୭ଶହରୁ ୮ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏହି ରିଫିଲ୍ ପାଇଁ ସେମାନଙ୍କୁ କୌଣସି ପ୍ରକାର ସବ୍‌ସିଡି ଦିଆଯାଉନାହିଁ। ସୂଚନାଥାଉ କି, ଉଜ୍ଜ୍ୱଳା ଯୋଜନାରେ ଦିଆଯାଇଥିବା ସଂଯୋଗ ମଧ୍ୟରୁ ବର୍ଷକରେ ହାରାହାରି ୩ଥର ରିଫିଲ୍ କରାଯାଉଛି, ଯାହା କି ରାଷ୍ଟ୍ରୀୟ ହାରାହାରି ଠାରୁ କମ୍। ସାରା ଦେଶରେ ଲୋକେ ବର୍ଷକ ମଧ୍ୟରେ ୭ ଥର ରିଫିଲ୍ କରାଉଛନ୍ତି। ଦିଲ୍ଲୀରେ ଏବେ ୧୪.୨ କେଜିର ଏକ ସିଲିଣ୍ଡର ଦର ୭୧୨ ଟଙ୍କା ପଡୁଛି। ଏହା ଉପରେ ୨୧୫ ଟଙ୍କାର ସବ୍‌ସିଡି ମିଳୁଛି। ଅନ୍ୟପକ୍ଷରେ ୫ କେଜିର ସିଲିଣ୍ଡରକୁ ରିଫିଲ୍ କରିବାକୁ ମାତ୍ର ୨୬୦ ଟଙ୍କା ଖର୍ଚ୍ଚ କରିବାକୁ ହେବ ଏବଂ ଏଥିରେ ୮୦ ଟଙ୍କାର ସବ୍‌ସିଡି ବାବଦ ଅର୍ଥ ବ୍ୟାଙ୍କ ଆକାଉଣ୍ଟକୁ ଆସିବ। ଏହାକୁ ଦେଖିଲେ ସିଲିଣ୍ଡର ରିଫିଲ୍ ମୂଲ୍ୟ ୧୮୦ ଟଙ୍କା ପଡିବ। ଗରିବ ପରିବାର ପାଇଁ ସିଲିଣ୍ଡର ରିଫିଲ୍ କରିବା ସୁବିଧାଜନକ ହେବ। ସେହିପରି ୫ କେଜିର ସିଲିଣ୍ଡର ଓଜନ ମଧ୍ୟ କମ୍ ହେବ। ଫଳରେ ଏହାକୁ ସହଜରେ ଅନ୍ୟତ୍ର ନେଇ ହେବ। ସବୁଠୁ ବଡ଼ କଥା ହେଲା, ଏହି ଯୋଜନାର ପରିଧିକୁ ଆଗାମୀ ଦିନରେ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏଥିରେ ଥିବା ନିୟମକୁ କୋହଳ କରାଯିବ। ଫଳରେ ଗରିବ ପରିବାର ନିକଟରେ ଏହି ଯୋଜନାର ଲାଭ ସହଜରେ ଉପଲବ୍ଧ ହେବ। ଉଲ୍ଲେଖ କରାଯାଇପାରେ ଯେ, ୨୦୧୬ରେ ଉତ୍ତର ପ୍ରଦେଶରେ ପ୍ରଥମେ ଉକ୍ତ ଯୋଜନାର ଶୁଭାରମ୍ଭ କରାଯାଇଥିଲା।

## ଏଲ୍‌ଜି ପକ୍ଷରୁ ୱାର୍ଲଡ କପ୍ ଅଫର



ଭୁବନେଶ୍ୱର,୨୮-୫

ପ୍ରମୁଖ କମ୍ପାନୀ ଏଲ୍‌ଜି ପକ୍ଷରୁ ଏହାର 'ୱାର୍ଲଡ କପ୍ ଅଫର' ଅନ୍ତର୍ଗତ ୱିନ ଇଭ୍ରି ଆୱାର ଉଇଥ ଏଲ୍‌ଜି ଅଫର ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ଏଲ୍‌ଇଡି କ୍ରୟ ଉପରେ ସାରା ଦେଶରେ ପ୍ରତି ଘଣ୍ଟା ଏବଂ ସାପ୍ତାହିକ ଲକି ଡ୍ର କାର୍ଯ୍ୟକ୍ରମ ଚାଲୁ ରହିଛି। ଏଥିରେ ଗ୍ରାହକଙ୍କୁ ବିଭିନ୍ନ ଗିଫ୍ଟ ପ୍ରଦାନ କରାଯାଉଛି। ଭୁବନେଶ୍ୱରର ପ୍ରିଲିନ ଏଣ୍ଟରପ୍ରାଇଜେସରୁ ୪୩ ଇଞ୍ଚ ବର୍ଗର ଏକ ଅଲ୍ଟ୍ରା ଏଚ୍‌ଡି ଏଲ୍‌ଇଡି କ୍ରୟ କରି ପ୍ରଭଞ୍ଜନ ଅଧିକାରୀ ଏକ୍ସ ବୁମ୍ ଏଲକେ ୭୨ ସାଉଣ୍ଡ ସିଷ୍ଟମ ଲାଭ କରିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ୨୦ ଜଣଙ୍କ ନାମରେ ଲୁକ୍ ଆଉଟ ନୋଟିସ ଜାରିକଲା ଏମ୍‌ସିଏ

ନୂଆଦିଲ୍ଲୀ,୨୮-୫

କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ(ଏମ୍‌ସିଏ) ୨୦ ଜଣ ପ୍ରମୋଟର ଓ ଡାଇରେକ୍ଟରଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି କରିଛି। ସେମାନଙ୍କ ମଧ୍ୟରେ ଜେଟ୍ ଏୟାରୱେଜ୍ ପ୍ରମୋଟର ନରେଶ ଗୋୟଲଙ୍କ ନାମ ମଧ୍ୟ ସାମିଲ ରହିଛି। ଶନିବାର ଗୋୟଲ ତାଙ୍କ ସ୍ତ୍ରୀ ଅନୀତାଙ୍କ ସହ ଦୁବାଇ ବାଟେ ଲଣ୍ଡନ ପଳାଇଯିବାକୁ ଉଦ୍ୟମ କରୁଥିବା ବେଳେ ମୁମ୍ବାଇ ବିମାନବନ୍ଦରରେ ରୋକାଯାଇଥିଲା। ଗୃହ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କ ବିରୋଧରେ ଲୁକ୍‌ଆଇଟ ନୋଟିସ ଜାରି କରାଯାଇଛି। ଇଣ୍ଟେଲିଜେନ୍ସ ବ୍ୟୁରୋକୁ ଲୁକ୍‌ଆଉଟ ନୋଟିସ ଜାରି କରିବା ଲାଗି ଏମ୍‌ସିଏ ପକ୍ଷରୁ ୨୦ ଜଣଙ୍କ ନାମ ଦିଆଯାଇଥିଲା। ତଦନ୍ତ ଚାଲିଥିବା ଅଥବା ବିଦେଶ ପଳାଇଯିବାର ସମ୍ଭାବନା ଥିବାରୁ ସେମାନଙ୍କ ବିରୋଧରେ ଏହି ନୋଟିସ ଜାରି କରାଯାଇଛି। ନିକଟରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସର୍କୁଲାରରେ ସଂଶୋଧନ କରିଛନ୍ତି। ତଦନୁଯାୟୀ, ଏଣିକି ରାଷ୍ଟ୍ରାୟତ୍ତ ସଂସ୍ଥାର ସିଇଓମାନେ ମଧ୍ୟ ଲୁକ୍‌ଆଉଟ ନୋଟିସ ଜାରି କରିବା ଲାଗି ଅନୁରୋଧ କରିପାରିବେ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଋଣ ପ୍ରଦାନ କ୍ଷେତ୍ରରେ କାର୍ଯ୍ୟରତ ଡିଏଚ୍‌ଏଫ୍‌ଏଲ୍‌ର ପ୍ରମୋଟରଙ୍କ ବିରୋଧରେ ଏମ୍‌ସିଏ ଲୁକ୍‌ଆଉଟ ନୋଟିସ୍ ଜାରି କରିଛି।

## ଏସ୍‌ବିଏସ୍ ବାୟୋଟେକ- ପିଏମ୍ ନରେନ୍ଦ୍ର ମୋଦି ଫିଲ୍ମ ଚୁକ୍ତି

ଭୁବନେଶ୍ୱର,୨୮-୫




ପିଏମ୍ ନରେନ୍ଦ୍ର ମୋଦି ଫିଲ୍ମର ପ୍ରମୋଶନ ଲାଗି ଡଃ ଅର୍ଥୋ ଆୟୁର୍ବେଦିକ ଅଏଲ ଉକ୍ତ ସିନେମା ନିର୍ମାଣକାରୀ ସଂସ୍ଥା ସହ ଚୁକ୍ତିରେ ସାମିଲ ହୋଇଛି। ଡଃ ଅର୍ଥୋ ଅଏଲ ଏସ୍‌ବିଏସ୍ ବାୟୋଟେକ୍ କମ୍ପାନୀର ପ୍ରମୁଖ ଲୋକପ୍ରିୟ ପ୍ରଡକ୍ଟ। ସିନେମାର ସଫଳତା ଲାଗି କମ୍ପାନୀ ପକ୍ଷରୁ ଆଶା ପ୍ରକଟ କରାଯାଇଛି। ଦେଶର ବିକାଶକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଉଥିବା ବେଳେ କମ୍ପାନୀ ଏହି ଉଦ୍ୟମକୁ ପ୍ରଶଂସା କରୁଥିବା କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସିନେମାର ନରେନ୍ଦ୍ର ମୋଦି ଭୂମିକାରେ ବିବେକ ଓବରଏ ନଜର ଆସିଥିବା ବେଳେ ହୀରା ବେନ ଭୂମିକାରେ ଜରିନା ୱାହାବ, ମନୋଜ ଯୋଶୀ ଅମିତ ଶାହ, ବର୍ଖା ବସ୍ତ ଯଶୋଦା ବେନ୍ ଏବଂ ବୋମନ ଇରାନୀ ଲିଡ୍ ରୋଲରେ ରହିଛନ୍ତି। ସିନେମାର ନିର୍ଦ୍ଦେଶନା ଓମଙ୍ଗ କୁମାର ବି ଦେଇଛନ୍ତି।

# ବଜାରରେ ନୂଆ ରିୟଲମି ୩ ପ୍ରୋ

ଭୁବନେଶ୍ୱର,୨୮-୫(ବ୍ୟୁରୋ)



**ପ୍ରମୁଖ ଫିଚର**
- ୪ଜିବି+୬୪ ଜିବି ଭାରିଆଣ୍ଟ ମୂଲ୍ୟ ୧୩,୯୯୯ ଟଙ୍କା
  ୬ଜିବି+ ୬୪ଜିବି ମୂଲ୍ୟ ୧୫,୯୯୯ ଟଙ୍କା
  ୬ ଜିବି+୧୨୮ ଜିବି ୧୬,୯୯୯ ଟଙ୍କା
- ୨୫୬ ଜିବି ପର୍ଯ୍ୟନ୍ତ ଏକ୍ସପାଣ୍ଡେବଲ ମେମୋରି, ୪୦୪୫ ଏମ୍‌ଏଏଚ୍ ବ୍ୟାଟେରି,୬.୩ ଏଫ୍‌ଏଚ୍‌ଡି ଡିସ୍ପ୍ଲେ
- ୨୫ ମେଗା ପିକ୍ସେଲ ସେଲ୍ଫି କ୍ୟାମେରା, ୬୪ ମେଗା ପିକ୍ସେଲ ବ୍ୟାକ୍ କ୍ୟାମେରା

ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ରିୟଲମି ପକ୍ଷରୁ ନୂଆ 'ରିୟଲମି ୩ ପ୍ରୋ' ମଡେଲ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏହା କମ୍ପାନୀର ଅଧିକୃତ ଷ୍ଟୋର ସମେତ ରିଟେଲ ଷ୍ଟୋରଗୁଡ଼ିକରେ ଉପଲବ୍ଧ ହେବ। ସ୍ଥାନୀୟ ଡମଣାଛକସ୍ଥିତ ମିରାକିଲ ମୋବାଇଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରିୟଲମିର ରାଜ୍ୟ ମୁଖ୍ୟ ନିସ୍କଳଙ୍କ ମହାନ୍ତି, ଷ୍ଟକିଷ୍ଟ ସୁମିତ ଅଗ୍ରୱାଲ ଏବଂ ଷ୍ଟୋର ଓନର ଜିତେନ୍ଦ୍ର କୁମାର ସାହୁ ଏହାର ବଜାର ପ୍ରବେଶ କରାଇଥିଲେ। ଏହି ଅବସରରେ କମ୍ପାନୀର ହାପି କଷ୍ଟମରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଉପହାର ମଧ୍ୟ ପ୍ରଦାନ କରାଯାଇଥିଲା। ସେହିଭଳି ଭୁବନେଶ୍ୱରର ୟୁନିକର୍ନ ମୋବାଇଲ ଏବଂ ଲକ୍ଷ୍ମୀ ମୋବାଇଲ ଷ୍ଟୋରରେ ଏହି ମଡେଲଟିକୁ ବଜାର ପ୍ରବେଶ କରାଯାଇଛି। ଏହି ଅବସରରେ ଲକ୍ଷ୍ମୀ ମୋବାଇଲର ସ୍ୱତ୍ୱାଧିକାରୀ ନକୁଳ ସୁବୁଦ୍ଧି ଏବଂ ୟୁନିକର୍ନ ମୋବାଇଲଠାରେ ସ୍ୱତ୍ୱାଧିକାରୀ ସୂର୍ଯ୍ୟରଞ୍ଜନ ପାତ୍ର ଉପସ୍ଥିତ ଥିଲେ। ଗୋଟିଏ ମାସ ତଳେ ଅନ୍‌ଲାଇନରେ ଏହି ମଡେଲଟିକୁ ବଜାର ପ୍ରବେଶ କରାଇଥିବା ବେଳେ ଏହା ମଙ୍ଗଳବାରଠାରୁ ସାରା ରାଜ୍ୟରେ ଶୁଭାରମ୍ଭ ହୋଇଥିବା ରାଜ୍ୟ ମୁଖ୍ୟ ନିସ୍କଳଙ୍କ ମହାନ୍ତି ସୂଚନା ଦେଇଛନ୍ତି। ଅଫଲାଇନରେ ମଧ୍ୟ ଏହାର ବିକ୍ରି ଭଲ ରହିବ ବୋଲି ଆଶାବାଦୀ ଥିବା ମହାନ୍ତି କହିଛନ୍ତି।

## ବାତ୍ୟା ପ୍ରଭାବିତଙ୍କୁ ଟୟୋଟା କର୍ମଚାରୀଙ୍କ ସହାୟତା

ଭୁବନେଶ୍ୱର,୨୮-୫

ଟୟୋଟା କିର୍ଲୋସ୍କାର ମୋଟର୍ସ ପକ୍ଷରୁ ଫନୀ ପ୍ରଭାବିତ ଲୋକଙ୍କ ଲାଗି ରିଲିଫ ପ୍ରଦାନ କରାଯାଇଛି। ପ୍ରଭାବିତ ୮୦୦ ପରିବାରକୁ ଖାଦ୍ୟ ସାମଗ୍ରୀ ଏବଂ ୧୫୦ ସୋଲାର ଲ୍ୟାମ୍ପ ପ୍ରଦାନ କରାଯାଇଛି। ଏହା ଦ୍ୱାରା ମୋଟ ୩୨ ହଜାର ଲୋକଙ୍କ ନିକଟରେ କମ୍ପାନୀ ପହଞ୍ଚି ପାରିଛି। ଆଗାମୀ ଦିନରେ ଆଉ ୧୫୦ ପରିବାରକୁ ସହାୟତା ଯୋଗାଇବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। କର୍ମଚାରୀଙ୍କ ପକ୍ଷରୁ ସ୍ଥାପିତ ଆଇକେୟାର ସଂସ୍ଥା ପକ୍ଷରୁ ରିଲିଫ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ସେହିଭଳି ଏକ ଭ୍ରାମ୍ୟମାଣ ମେଡିକାଲ ୟୁନିଟ ମଧ୍ୟ ନିୟୋଜନ କରାଯାଇଥିଲା। ଏକ ଦାୟିତ୍ୱ ସମ୍ପନ୍ନ କର୍ପୋରେଟ ସିଟିଜେନ ଭାବେ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ମାର୍କେଟିଂ ବିଭାଗ ଡେପୁଟି ନିର୍ଦ୍ଦେଶକ ଏନ.ରାଜା ସୂଚନା ଦେଇଛନ୍ତି।

## ସପ୍ତାହ ସୁଦ୍ଧା ସମ୍ପୂର୍ଣ୍ଣ ଠିକ୍ ହେବ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ

ଭୁବନେଶ୍ୱର,୨୮-୫

ଫନୀ ଯୋଗୁ ରାଜ୍ୟରେ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ କ୍ଷତିଗ୍ରସ୍ତ ହୋଇଛି। ନେଟ୍‌ୱର୍କ ପୁନରୁଦ୍ଧାର କାର୍ଯ୍ୟ ତ୍ୱରିତ ଭିତ୍ତିରେ ଜାରି ରହିଛି। ଏଭଳି ସ୍ଥିତିରେ ଗ୍ରାହକମାନେ ଲ୍ୟାଣ୍ଡ ଲାଇନ, ବ୍ରଡ ବ୍ୟାଣ୍ଡ, ଏଫ୍‌ଟିଟିଏଚ୍ ଏବଂ ଲିଜ୍‌ଡ ଲାଇନ ଭଳି ସେବା ନେବା ଲାଗି ଅସୁବିଧା ସାମ୍ନା କରୁଛନ୍ତି। ନେଟ୍‌ୱର୍କ ପୁନରୁଦ୍ଧାର କାର୍ଯ୍ୟ ଚାଲୁଥିବାରୁ ଲୋକଙ୍କୁ ସେବା ଯୋଗାଣରେ ବାଧା ଉପୁଜୁଥିବା ବିଏସ୍‌ଏନ୍‌ଏଲ୍ ପକ୍ଷରୁ କୁହାଯାଇଛି। ସପ୍ତାହେ ସୁଦ୍ଧା ନେଟ୍‌ୱର୍କ ଠିକ୍ ହୋଇଯିବ। ଏହା ପରେ ସବୁ ସେବା ଗ୍ରାହକଙ୍କୁ ପୂର୍ବଭଳି ଉପଲବ୍ଧ କରାଯିବ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଉଛି।

## ସନ୍ଧ୍ୟା ୬ଟା ଯାଏ ଆର୍‌ଟିଜିଏସ୍ ସୁବିଧା

ମୁମ୍ବାଇ,୨୮-୫




ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଜନତାଙ୍କୁ ଆଶ୍ୱସ୍ତ କରି ବ୍ୟାଙ୍କରେ ରିୟଲ ଟାଇମ୍ ଗ୍ରସ୍ ସେଟେଲମେଣ୍ଟ(ଆର୍‌ଟିଜିଏସ୍) ମାଧ୍ୟମରେ ଟଙ୍କା ପଠାଇବାର ସମୟକୁ ଦେଢ଼ ଘଣ୍ଟା ବଢ଼ାଇ ଦେଇଛନ୍ତି। ଏଣିକି ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଏହି ମାଧ୍ୟମରେ ବ୍ୟାଙ୍କରୁ ଟଙ୍କା ପଠାଇହେବ। ଏହି ବ୍ୟବସ୍ଥା ଜୁନ୍ ପହିଲାରୁ କାର୍ଯ୍ୟକାରୀ ହେବ। ଆର୍‌ବିଆଇ ପକ୍ଷରୁ ମଙ୍ଗଳବାର ଏ ସମ୍ପର୍କରେ ସୂଚନା ଦିଆଯାଇଛି। ବର୍ତ୍ତମାନ ବ୍ୟବସ୍ଥାରେ ଆର୍‌ଟିଜିଏସ୍ ମାଧ୍ୟମରେ ଅପରାହ୍ନ ୪.୩୦ ପର୍ଯ୍ୟନ୍ତ ଟଙ୍କା ଟ୍ରାନ୍ସଫର କରିହେଉଛି। ଏହି ବ୍ୟବସ୍ଥାରେ ତୁରନ୍ତ ଟଙ୍କା ପଠାଯାଇଥାଏ। ବଡ଼ ଆକାରର ରାଶି ପଠାଇବା ଲାଗି ଏହାର ବ୍ୟବହାର କରାଯାଇଥାଏ। ଏହି ବ୍ୟବସ୍ଥାରେ ସର୍ବନିମ୍ନ ୨ ଲକ୍ଷ ଟଙ୍କା ପଠାଯାଇପାରିବ, କିନ୍ତୁ ସର୍ବାଧିକ ପରିମାଣର କୌଣସି ସୀମା ଧାର୍ଯ୍ୟ କରାଯାଇନାହିଁ। ସୂଚନାଥାଉ କି, ଆର୍‌ଟିଜିଏସ୍ ବ୍ୟତୀତ ଗୋଟିଏ ଆକାଉଣ୍ଟରୁ ଅନ୍ୟ ଏକ ଆକାଉଣ୍ଟକୁ ଟଙ୍କା ପଠାଇବା ଲାଗି ଲୋକପ୍ରିୟ ମାଧ୍ୟମ ହେଉଛି ନ୍ୟାଶନାଲ ଇଲେକ୍ଟ୍ରୋନିକ ଫଣ୍ଡ ଟ୍ରାନ୍ସଫର(ଏନ୍‌ଇଏଫ୍‌ଟି) ବ୍ୟବସ୍ଥା। ଏଥିରେ ସର୍ବନିମ୍ନ ଅଥବା ସର୍ବାଧିକ ଟଙ୍କା ପଠାଇବାର କୌଣସି ସୀମା ଧାର୍ଯ୍ୟ ହୋଇ ନାହିଁ।

## ଜାହାଜ ପରିଚାଳନାରେ ପାରାଦୀପ ବନ୍ଦରର ରେକର୍ଡ

ଭୁବନେଶ୍ୱର,୨୮-୫



- ୨୪ ଘଣ୍ଟାରେ ୩୦ ଜାହାଜ ପରିଚାଳିତ
- ପୂର୍ବ ରେକର୍ଡ ୨୭ ରହିଥିଲା
- ୨୦୧୮-୧୯ରେ ୧୦୯.୨୭ ନିୟୁତ ମେଟ୍ରିକ ଟନ ମାଲ ପରିବହନ

ଦୈନିକ ହାରାହାରି ଜାହାଜ ପରିଚାଳନାରେ ପାରାଦୀପ ବନ୍ଦର ରେକର୍ଡ ହାସଲ କରିଛି। ଚଳିତ ମାସ ୨୭ ତାରିଖ ସକାଳ ୭.୩୦ରୁ ୨୮ ତାରିଖ ୭.୩୦ ଅର୍ଥାତ ୨୪ ଘଣ୍ଟା ମଧ୍ୟରେ ବନ୍ଦରରେ ୩୦ ଜାହାଜ ସଫଳ ଭାବେ ପରିଚାଳିତ ହୋଇଥିବା ସୂଚନା ରହିଛି। ଏହା ମଧ୍ୟରେ ୧୦ ପ୍ରବେଶ ଜାହାଜ ରହିଥିବା ବେଳେ ୯ ପ୍ରସ୍ଥାନ, ୩ ସିଫ୍ଟିଙ୍ଗ ଏବଂ ୮ ଶିପିଂ ସପୋର୍ଟ ଜାହାଜ ରହିଛି। ସୁଚିନ୍ତିତ ପଦକ୍ଷେପ ଦ୍ୱାରା ବନ୍ଦରର କାର୍ଗୋ ପରିଚାଳନା ବୃଦ୍ଧି ହୋଇଥିବା ବନ୍ଦର ପକ୍ଷରୁ ସୂଚନା ରହିଛି। ବର୍ତ୍ତମାନ ସୁଦ୍ଧା ୩୯ ଜାହାଜ ହାର୍ବର ମଧ୍ୟକୁ ପ୍ରବେଶ ଲାଗି ଅପେକ୍ଷାରେ ରହିଛନ୍ତି। ଏହି ସଫଳତା ଲାଗି ହାର୍ବର ମାଷ୍ଟର, ମେରାଇନ ପାଇଲଟ, ବନ୍ଦରର କର୍ମଚାରୀ, ଶିପିଙ୍ଗ ଏଜେଣ୍ଟ, ରପ୍ତାନିକାରୀ, ଆମଦାନୀକାରୀ ଏବଂ ଟ୍ରାଫିକ ବିଭାଗକୁ ବନ୍ଦରର ଡେପୁଟି କନଜରଭେଟର କ୍ୟାପଟେନ୍ ଅତୁଲ୍ୟ କୁମାର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଛନ୍ତି।

ଅକ୍ଟୋବର ୨୦୧୮ରେ ପାରାଦୀପ ବନ୍ଦର ୨୪ ଘଣ୍ଟାରେ ୨୭ ଜାହାଜ ପରିଚାଳନା କରିବାକୁ ସକ୍ଷମ ହୋଇଥିଲା। ଭିତ୍ତିଭୂମି ଉନ୍ନତୀକରଣ ସହ ବିଭିନ୍ନ ଆଧୁନିକୀକରଣ କାର୍ଯ୍ୟକୁ ପାରାଦୀପ ବନ୍ଦର ବର୍ତ୍ତମାନ ପ୍ରାଥମିକତା ଦେଉଛି। କାର୍ଗୋ ପରିଚାଳନା କ୍ଷମତାକୁ ବଢାଇବା ଲକ୍ଷ୍ୟରେ ଏଭଳି ବିଭିନ୍ନ ପଦକ୍ଷେପ ନିଆଯାଉଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଏହା ୧୦୯.୨୭ ନିୟୁତ ଟନ୍ କାର୍ଗୋ ପରିଚାଳନା କରିଥିବା ବେଳେ ୨୦୧୯-୨୦ରେ ଏହା ୧୨୦ ନିୟୁତ ମେଟ୍ରିକ ଟନ୍ ଟପିବ ବୋଲି ଆଶା ରହିଥିବା ବନ୍ଦର ପକ୍ଷରୁ ସୂଚନା ରହିଛି।

ଆଉ ଗୋଟିଏ ଦିନ ପରେ କ୍ରିକେଟର ମହାକୁମ୍ଭ ଆଇସିସି ବିଶ୍ୱକପ୍ ଆରମ୍ଭ ହେବ। ଏଥିଲାଗି ବିଶ୍ୱର କୋଣ ଅନୁକୋଣରେ ରହିଥିବା କ୍ରିକେଟ୍‌ପ୍ରେମୀଙ୍କ ନଜର ଏବେ ଏହା ଉପରେ ରହିଛି। ବିଶ୍ୱକପ୍ ଯେତେ ନିକଟତର ହେଉଛି କ୍ରିକେଟ୍‌ପ୍ରେମୀ ପୂର୍ବ ସଂସ୍କରଣଗୁଡ଼ିକର କିଛି ରୋଚକ ଘଟଣା ବିଷୟରେ ଜାଣିବାକୁ ବେଶ୍ ଆଗ୍ରହୀ। ଗତ ୧୧ ସଂସ୍କରଣରେ ଏମିତି ୩ ଜଣ ଖେଳାଳି ରହିଛନ୍ତି, ଯେଉଁମାନେ କି ଗୋଟିଏ ବିଶ୍ୱକପ୍‌ର ଉଭୟ ସେମିଫାଇନାଲ ଓ ଫାଇନାଲରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଜିତିବାର ସୌଭାଗ୍ୟ ପାଇଛନ୍ତି। ସେମାନଙ୍କ ବିଷୟରେ ସଂକ୍ଷେପରେ...



## ମହିନ୍ଦର ଅମରନାଥ

୧୯୮୩ ବିଶ୍ୱକପ୍‌ରେ କପିଳ ଦେବଙ୍କ ନେତୃତ୍ୱାଧୀନ ଭାରତ ଦମ୍‌ଦାର ପ୍ରଦର୍ଶନ କରି ଫାଇନାଲରେ ଶକ୍ତିଶାଳୀ ୱେଷ୍ଟଇଣ୍ଡିଜକୁ ମାତ୍ ଦେଇ ଚାମ୍ପିୟନ ହୋଇଥିଲା। ଜିମ୍ବାୱେ ବିପକ୍ଷ ମ୍ୟାଚ୍‌ରେ କପିଳ ଦେବ ୧୭୫ ରନର ମାରାଥନ ଇନିଂସ ଖେଳି ଭାରତକୁ ପରାଜୟରୁ ରକ୍ଷା କରିଥିଲେ। ସେହିଭଳି ଫାଇନାଲରେ କ୍ରିଷ୍ଣମାଚାରୀ ଶ୍ରୀକାନ୍ତ ଦଳ ପକ୍ଷରୁ ସର୍ବାଧିକ ୩୮ ରନ କରି ଭାରତକୁ ୧୮୦ ରନର ଏକ ସମ୍ମାନଜନକ ସ୍କୋର ଦେଇଥିଲେ। କିନ୍ତୁ ସେମିଫାଇନାଲ ଓ ଫାଇନାଲ ପରି ୨ଟି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ମହିନ୍ଦର ଅମରନାଥଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନକୁ ଆଜି ବି ଦର୍ଶକ ମନେ ରଖିଛନ୍ତି। ଫଳରେ ଏହି ୨ଟି ମ୍ୟାଚ୍‌ରେ ସେ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିବାରେ ସଫଳ ହୋଇଥିଲେ। ସେମିଫାଇନାଲ ମ୍ୟାଚ୍‌ରେ ଅମରନାଥ ନିଜ ୧୨ ଓଭର ସ୍ପେଲରେ ମାତ୍ର ୨୭ ରନ ବ୍ୟୟ କରି ୨ଟି ଉଇକେଟ୍ ନେବା ସହ ଇଂଲଣ୍ଡକୁ ୨୧୪ ରନରେ ଅଟକାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ଚେଜିଂ ସମୟରେ ସେ ୪୬ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ଏହି ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ୱେଷ୍ଟଇଣ୍ଡିଜ ବିପକ୍ଷ ଫାଇନାଲ ମ୍ୟାଚ୍ ଲୋ-ସ୍କୋରିଂ ବିଶିଷ୍ଟ ହୋଇଥିଲେ ମଧ୍ୟ ଏଥିରେ ଅମରନାଥଙ୍କ ପ୍ରଭାବୀ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଭାରତ ପ୍ରଥମେ ବ୍ୟାଟିଂ କରି ଶ୍ରୀକାନ୍ତ (୩୮) ସନ୍ଦୀପ ପାଟିଲ (୨୭) ଓ ଅମରନାଥ (୨୬)ଙ୍କ ଉପଯୋଗୀ ଇନିଂସ ବଳରେ ୧୮୩ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଅମରନାଥ (୭-୦-୧୨-୩)ଙ୍କ ଚମତ୍କାର ସ୍ପେଲ ଯୋଗୁ ଇଂଲଣ୍ଡ ମାତ୍ର ୧୪୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏଥିରେ ମଧ୍ୟ ଅମରନାଥଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

## ଅରବିନ୍ଦ ଡି' ସିଲ୍‌ଭା

ବିଶ୍ୱକପ୍‌ର ୭ମ ସଂସ୍କରଣ ୧୯୯୬ରେ ମିଳିତ ଭାବେ ଭାରତ, ଶ୍ରୀଲଙ୍କା ଓ ପାକିସ୍ତାନରେ ଆୟୋଜିତ ହୋଇଥିଲା। ଏଥିରେ ଶ୍ରୀଲଙ୍କାକୁ ବିଶ୍ୱବିଜେତା କରାଇବାରେ ଅରବିନ୍ଦ ଡି ସିଲ୍‌ଭା ମୁଖ୍ୟ ନାୟକ ଥିଲେ। ଉଭୟ ସେମିଫାଇନାଲ ଓ ଫାଇନାଲ୍‌ରେ ଡି ସିଲ୍‌ଭାଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ଯୋଗୁ ଶ୍ରୀଲଙ୍କା ପ୍ରଥମଥର ପାଇଁ ଚାମ୍ପିୟନ ହୋଇଥିଲା। ଐତିହାସିକ ଇଡେନ ଗାର୍ଡେନ୍ସରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂକରି ୧ ରନରେ ୨ଟି ଉଇକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ୪ ନମ୍ବର ସ୍ଥାନରେ ବ୍ୟାଟିଂକରିବାକୁ ଆସିଥିବା ଡି ସିଲ୍‌ଭା ଗୋଟିଏ ପାର୍ଶ୍ୱରୁ ଦ୍ରୁତ ବ୍ୟାଟିଂକରି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ସେ ୪୭ ବଲରୁ ୧୪ ଚୌକା ସହାୟତାରେ ୬୬ ରନର ଦ୍ରୁତ ଇନିଂସ ଖେଳି ଶ୍ରୀଲଙ୍କାକୁ ୮ ଉଇକେଟ୍‌ରେ ୨୫୧ ରନର ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ପରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୮ ଉଇକେଟ୍‌ରେ ୧୨୦ ରନ କରିଥିବାବେଳେ ଦର୍ଶକ ବିଶୃଙ୍ଖଳା ଲାଗି ମ୍ୟାଚ୍‌କୁ ବନ୍ଦ କରିଦିଆଯାଇଥିଲା। ରନ୍‌ରେଟ୍ ଆଧାରରେ ଶ୍ରୀଲଙ୍କାକୁ ବିଜୟୀ ଘୋଷିତ କରାଯାଇଥିଲା। ୬୬ ରନ ସହ ଗୋଟିଏ ଉଇକେଟ୍ ନେଇଥିବା ଡି ସିଲ୍‌ଭା ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଫାଇନାଲ ମ୍ୟାଚ୍‌ରେ ମଧ୍ୟ ଅରବିନ୍ଦଙ୍କ ବ୍ୟାଟିଂ କମାଲ ଦେଖିବାକୁ ମିଳିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୪୨ ରନର ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ପ୍ରାରମ୍ଭରୁ ସନଥ୍ ଜୟସୂରିୟା (୯) ଓ ରମେଶ କାଲୁବିଥରନ (୬)ଙ୍କୁ ହରାଇଥିଲା। ୪ର୍ଥ ସ୍ଥାନରେ ଆସିଥିବା ଡି ସିଲ୍‌ଭା ୧୦୭ ରନର ଅପରାଜିତ ଇନିଂସ ଖେଳି ଦଳକୁ ଚାମ୍ପିୟନ କରାଇଥିଲେ। ଶତକ ସହ ୩ଟି ଉଇକେଟ୍ ନେଇଥିବା ଯୋଗୁ ତାଙ୍କୁ ମ୍ୟାନ୍ ଅଫ୍ ଦି ଫାଇନାଲ ବିବେଚିତ କରାଯାଇଥିଲା।

# ସେମିଫାଇନାଲ, ଫାଇନାଲର
(୧୯୮୩, ୧୯୯୬, ୧୯୯୯)
# ମ୍ୟାନ୍ ଅଫ୍ ଦି ମ୍ୟାଚ୍





## ଶେନ ୱାର୍ନ

ଅରବିନ୍ଦ ଡି ସିଲ୍‌ଭାଙ୍କ ପରେ ବିଶ୍ୱକପ୍‌ର ପରବର୍ତ୍ତୀ ସଂସ୍କରଣ ଅର୍ଥାତ୍ ୧୯୯୯ରେ ଏହି ସଫଳତା ଦୋହରାଇଥିଲେ କିମ୍ବଦନ୍ତୀ ଅଷ୍ଟ୍ରେଲୀୟ ଲେଗ୍-ସ୍ପିନର ଶେନ୍ ୱାର୍ନ। ଦକ୍ଷିଣ ଆଫ୍ରିକା ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ଶନ୍ ପୋଲକ, ଆଲାନ ଡୋନାଲ୍ଡ, ଜ୍ରାକ୍ କାଲିସ ଓ ଷ୍ଟିଭ ଏଲ୍‌ୱର୍ଥୀଙ୍କ ବଲକୁ ସାମ୍ନା କରି ନ ପାରି ଅଷ୍ଟ୍ରେଲିଆ ୨୧୩ ରନ କରିପାରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୨ ଓଭରରେ କୌଣସି ଉଇକେଟ୍ ନ ହରାଇ ୪୮ ରନ କରିଥିଲା। ତେବେ ଏହାପରେ ୱାର୍ନ ବୋଲିଂ କରିବାକୁ ଆସି ୨୯ ରନରେ ୪ ଉଇକେଟ୍ ନେଇ ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଅନ୍ତିମ ଓଭରରେ ୯ ରନ୍ ଆବଶ୍ୟକ ହେଉଥିବାବେଳେ ଲାନ୍ସ କ୍ଲୁଜନର ୮ ରନ ସଂଗ୍ରହ କରି ଡୋନାଲ୍ଡଙ୍କ ସହ ଭୁଲ ବୁଝାମଣା ଯୋଗୁ ରନ ଆଉଟ୍ ହୋଇଯାଇଥିଲେ। ଫଳରେ ମ୍ୟାଚ ଟାଇ ରହିଥିଲା ଏବଂ ସୁପର୍ ସିକ୍ସରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭଲ ରନ୍‌ରେଟ୍ ଯୋଗୁ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଥିଲା। ଚମତ୍କାର ବୋଲିଂ ଲାଗି ୱାର୍ନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାପରେ ପାକିସ୍ତାନ ବିପକ୍ଷ ଫାଇନାଲ ମ୍ୟାଚ୍‌ରେ ମଧ୍ୟ ୱାର୍ନଙ୍କ ମ୍ୟାଜିକ୍ ଦେଖିବାକୁ ମିଳିଥିଲା। ମିଡଲ ଓଭରରେ ୱାର୍ନ (୯-୧-୩୩-୪)ଙ୍କ ଟାଇଟ୍ ବୋଲିଂ ଯୋଗୁ ପାକିସ୍ତାନ ୧୩୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅଷ୍ଟ୍ରେଲିଆ ଆଡାମ ଗ୍ରୀଲଖ୍ରୀଷ୍ଟ (୫୪)ଙ୍କ ଅର୍ଦ୍ଧଶତକ ବଳରେ ୨ ଉଇକେଟ୍ ହରାଇ ୨୦ ଓଭରରେ ଲକ୍ଷ୍ୟ ହାସଲ କରି ଚାମ୍ପିୟନ ହୋଇଥିଲା। ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ୱାର୍ନଙ୍କୁ ମ୍ୟାନ୍ ଅଫ୍ ଦି ଫାଇନାଲ ପୁରସ୍କାର ପ୍ରଦାନ କରାଯାଇଥିଲା।

## ପେନ୍‌ସିଲ୍ ମୁନରେ ବିଶ୍ୱକପ୍



ଏଲ. ଈଶ୍ୱର ରାଓଙ୍କ ଦ୍ୱାରା ପେନ୍‌ସିଲ୍ ମୁନରେ ଆଇସିସି ବିଶ୍ୱକପର କ୍ଷୁଦ୍ର ପ୍ରତିକୃତି। ଫଟୋ: ମୌସମ

# ବିଶ୍ୱକପ୍ ଅଭିଯାନରେ ଟିମ୍ ଇଣ୍ଡିଆ

ମେ ୩୦ରୁ ଇଂଲଣ୍ଡରେ କ୍ରିକେଟ୍ ବିଶ୍ୱକପ୍ ଆରମ୍ଭ ହେବ। ଏହି କ୍ରିକେଟ୍ ମହାସମରରେ ୧୦ଟି ଦଳ ଭାଗ ନେବେ। ଏହି ମେଗା ଇଭେଣ୍ଟ ଆରମ୍ଭ ହେବାକୁ ଆଉ ଗୋଟିଏ ଦିନ ବାକି ରହିଛି। ସମସ୍ତ ଅଂଶଗ୍ରହଣକାରୀ ଦଳ ଗୁଡିକ ସେମାନଙ୍କର ଅଧିନାୟକ ଏବଂ ୧୫ ଜଣିଆ ଟିମ୍ ଘୋଷଣା କରି ସାରିଛନ୍ତି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଟିମ ଇଣ୍ଡିଆ ଗତ ବୁଧବାର ଇଂଲଣ୍ଡରେ ପଦାର୍ପଣ କରିଛି। ଅସଲ ପରୀକ୍ଷା ପୂର୍ବରୁ ଦଳ ଗୁଡ଼ିକ କେତେଗୁଡିଏ ଅଭ୍ୟାସ ମ୍ୟାଚ୍ ଖେଳି ପ୍ରକୃତ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବେ। ଇଂଲଣ୍ଡର ୧୧ଟି ଭେନ୍ୟୁରେ ମୋଟ ୪୮ଟି ମ୍ୟାଚ୍ ଅନୁଷ୍ଠିତ ହେବ। ସମସ୍ତ ମ୍ୟାଚ୍ ବେଶ୍ ପ୍ରତିଦ୍ୱନ୍ଦୀତାମୂଳକ ହେବ ବୋଲି ପିଚ୍ କ୍ୟୁରେଟର, କ୍ରିକେଟ୍ ବିଷାରଦ ଏବଂ ପୂର୍ବତନ ଖେଳାଳିମାନେ ଆଶାପୋଷଣ କରିଛନ୍ତି। ଏପରି କି ଭଲ ଫର୍ମରେ ଥିବା ଟିମ୍‌ଗୁଡିକର ଦଳଗତ ସ୍କୋର ୫୦୦ ରନ୍‌ରୁ ଅଧିକ ହୋଇପାରେ ବୋଲି ଇଂଲଣ୍ଡ ଆଣ୍ଡ ୱେଲସ୍ କ୍ରିକେଟ୍ ବୋର୍ଡ ପକ୍ଷରୁ ଦାବି କରାଯାଇଛି। ଫ୍ଲାଟ୍ ପିଚ୍‌ରେ ଅନେକ ବିଶ୍ୱ ରେକର୍ଡ ସ୍ଥାପନ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ପେସ୍ ବୋଲରମାନେ ଚଳିତ ବିଶ୍ୱକପ୍‌ରେ ଏକାଗ୍ରତା ରକ୍ଷା କରିବାରେ ସଫଳ ହେବା ପାଇଁ ଉପଯୁକ୍ତ ଲାଇନ୍ ଏବଂ ଲେନ୍‌ଥରେ ବୋଲିଂ କରିବାକୁ ହେବ। ସେହିପରି ବିଭିନ୍ନ ଦଳର ସ୍ପିନରମାନେ ମଧ୍ୟ ସଫଳ ହେବାର ସମ୍ଭାବନା ରହିଛି। ଏହି ମେଗା ପ୍ରତିଯୋଗିତାରେ ଅଲ୍‌ରାଉଣ୍ଡରମାନେ ବିଭିନ୍ନ ଦଳ ପକ୍ଷରୁ ପ୍ରମୁଖ ଭୂମିକା ଗ୍ରହଣ କରିବେ। ବିରାଟ କୋହଲିଙ୍କ ହାତରେ ଭାରତର କମାଣ୍ଡ ରହିଥିବାବେଳେ ଆରୋନ୍ ଫିଞ୍ଚ ଅଷ୍ଟ୍ରେଲିଆ, ଫାଫ୍ ଡୁପ୍ଲେସି ଦକ୍ଷିଣ ଆଫ୍ରିକା, ସର୍ଫରାଜ ଅହମ୍ମଦ ପାକିସ୍ତାନ, ଇଅନ୍ ମୋର୍ଗାନ ଇଂଲଣ୍ଡ, କେନ୍ ୱିଲିୟମସନ ନ୍ୟୁଜିଲାଣ୍ଡ, ଦିମୁଥ କରୁଣାରତ୍ନେ ଶ୍ରୀଲଙ୍କା, ଅଶ୍ରଫ୍ ମୋର୍ତ୍ତାଜା ବାଂଲାଦେଶ, ଗୁଲ୍‌ବଦିନ୍ ନାଇବ୍ ଆଫଗାନିସ୍ତାନ ଏବଂ ଜାସନ ହୋଲ୍ଡର୍ ୱେଷ୍ଟଇଣ୍ଡିଜ୍‌ର ନେତୃତ୍ୱ ନେଉଛନ୍ତି। ଆଇସିସି ଦ୍ୱାରା ବିଶ୍ୱକପ୍ ଫର୍ମାଟରେ ପରିବର୍ତ୍ତନ ଯୋଗୁ ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ପ୍ରତି ଦଳକୁ ଥରେ ଲେଖାଏ ଭେଟିବେ। ଶେଷରେ ଶ୍ରେଷ୍ଠ ୪ଟି ଦଳ ପଏଣ୍ଟ ଟେବୁଲ୍ ଏବଂ ନେଟ୍ ରନ୍ ରେଟ୍ ଆଧାରରେ ସେମିଫାଇନାଲ୍‌କୁ ଉନ୍ନୀତ ହେବେ। ଆଇସିସି ଏକଦିବସୀୟ ର୍‍ୟାଙ୍କିଙ୍ଗରେ ଯଦିଓ ଆୟୋଜକ ଇଂଲଣ୍ଡ ୧୨୪ ପଏଣ୍ଟ ସହ ୧ ନମ୍ବର ସ୍ଥାନରେ ଏବଂ ଟିମ୍ ଇଣ୍ଡିଆ ୧୨୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଏବଂ ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ ରହିଛନ୍ତି ତଥାପି ଇଂଲଣ୍ଡର ପରିବେଶରେ ଟାଇଟଲ୍ ହାସଲ ପାଇଁ ମୁଖ୍ୟତଃ ଟିମ୍ ଇଣ୍ଡିଆ, ଆୟୋଜକ ଇଂଲଣ୍ଡ, ସର୍ବାଧିକ ସଫଳତା ପାଇଥିବା ଅଷ୍ଟ୍ରେଲିଆ ଏବଂ ଅନ୍‌ଲକି ସାଉଥ୍ ଆଫ୍ରିକା ରହିଛନ୍ତି। ଅନ୍ୟ ଦଳଗୁଡିକ ମଧ୍ୟ ବିପର୍ଯ୍ୟୟ ସୃଷ୍ଟି କରିବାକୁ ସକ୍ଷମ ଅଟନ୍ତି। ଯେହେତୁ ଏକଦିବସୀୟ ଫର୍ମାଟ୍, ସେଥିପାଇଁ ବାଂଲାଦେଶ, ଆଫଗାନିସ୍ଥାନ, ଅସ୍ଥିର ପ୍ରଦର୍ଶନ କରୁଥିବା ଶକ୍ତିଶାଳୀ ୱେଷ୍ଟଇଣ୍ଡିଜ୍ ଏବଂ ପାକିସ୍ତାନ ଦଳର କୌଣସି ମୁହୂର୍ତ୍ତରେ ପ୍ରତ୍ୟାବର୍ତ୍ତନ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। କାରଣ ଇଂଲଣ୍ଡ ପରିବେଶରେ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ଖେଳାଳିମାନଙ୍କର କାଉଣ୍ଟି ମ୍ୟାଚ୍ ଖେଳିବାର ବେଶ୍ ଅଭିଜ୍ଞତା ରହିଛି। ଅଷ୍ଟ୍ରେଲିଆ ଦଳକୁ ଡେଭିଡ୍ ୱାର୍ନର ଏବଂ ଷ୍ଟିଭେନ୍ ସ୍ମିଥ ଫେରିଛନ୍ତି। ତେଣୁ ଏହି ଦଳ ସ୍ୱତଃ ଶକ୍ତିଶାଳୀ ହୋଇଛି। ଦଳର ପେସ୍ ଏବଂ ସ୍ପିନ୍ ବୋଲିଂ ବେଶ୍ ସନ୍ତୁଳିତ। ନାଥନ୍ ଲିୟନ ଏବଂ ଆଡାମ ଜାମ୍ପାଙ୍କ ପରି ସ୍ପିନର ଏବଂ ଅଲରାଉଣ୍ଡର ମାର୍କସ୍ ଷ୍ଟୋଇନିସ୍ ଅଷ୍ଟ୍ରେଲିଆ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇପାରନ୍ତି।

ସେହିପରି ଆୟୋଜକ ଇଂଲଣ୍ଡ ଦଳକୁ ଅଦୌ ହେୟ ମନେକରାଯାଇ ନ ପାରେ। କାରଣ ଅଲରାଉଣ୍ଡରରେ ଭରପୂର ଏହି ଦଳ ନିଜ ମାଟିରେ ସେମିଫାଇନାଲ ଖେଳିବାକୁ ବେଶ୍ ଦକ୍ଷତା ରଖିଛି। ଦଳରେ ବେନ୍ ଷ୍ଟୋକ୍ସ, ଜନି ବେୟାରଷ୍ଟୋ, ଜୋସ୍ ବଟଲର, ମୋଇନ ଅଲି, ଜୋ ରୁଟ୍, ଆଦିଲ ରସିଦ୍, ଇଆନ୍ ମୋର୍ଗାନଙ୍କ ପରି ନାମୀ ଦାମୀ ଖେଳାଳି ରହିଛନ୍ତି। ସେହିପରି ଅନ୍ୟତମ ଶ୍ରେଷ୍ଠ ଦଳ ରୂପେ ଟିମ୍ ଇଣ୍ଡିଆକୁ କଡା ଟକ୍କର ଦେବା ପାଇଁ ଦକ୍ଷିଣ ଆଫ୍ରିକା ଦଳ ମଧ୍ୟ ବେଶ୍ ସନ୍ତୁଳିତ। ଏକଦିବସୀୟ ମ୍ୟାଚ୍ ପାଇଁ ଦଳରେ କ୍ୱିଣ୍ଟନ ଡିକକ୍, ଫ୍ଲାଫ୍ ଡୁପ୍ଲେସି, ଡେଭିଡ୍ ମିଲର୍, ଜେପି ଡୁମିନି, କାଗିସୋ ରାବାଡା ଏବଂ ଇମ୍ରାନ ତାହିର ରହିଛନ୍ତି। ପ୍ରଦର୍ଶନ ଦୃଷ୍ଟିରୁ ଦେଖିଲେ ନ୍ୟୁଜିଲାଣ୍ଡ ଦଳ ମଧ୍ୟ ଏକଦିବସୀୟ ସିରିଜ୍‌ଗୁଡିକରେ ଭଲ ପ୍ରଦର୍ଶନ କରିଛି। ଦଳରେ କେନ୍ ୱିଲିୟମ୍‌ସନ୍, ଟ୍ରେଣ୍ଟ ବୋଲ୍ଟ, ମିଚେଲ୍ ସାଣ୍ଟନର, ଟିମ ସାଉଦି, ରସ୍ ଟେଲର, ମାର୍ଟିନ ଗୁପଟିଲ୍, ଟମ୍ ଲାଥାମ୍‌ଙ୍କ ପରି ସ୍ପେଶାଲିଷ୍ଟ ଖେଳାଳି ରହିଛନ୍ତି। ୱେଷ୍ଟଇଣ୍ଡିଜ୍ ଦଳରେ ମଧ୍ୟ କ୍ରିସ୍ ଗେଲ୍, ସିମରନ୍ ହେଟ୍‌ମେୟର, ଡାରେନ୍ ବ୍ରାଭୋ, ଆନ୍ଦ୍ରେ ରସେଲ ବିପର୍ଯ୍ୟୟ ସୃଷ୍ଟି କରିବାକୁ ସକ୍ଷମ।

କ୍ରିକେଟ୍ ବିଷାରଦ ଏବଂ ପୂର୍ବତନ ଅଧିନାୟକମାନଙ୍କ ମତରେ ଚଳିତ ବିଶ୍ୱକପ୍ ପାଇଁ ଆଇସିସି ର୍‍ୟାକିଙ୍ଗ୍‌ର ୧ ନମ୍ବର ବ୍ୟାଟ୍ସମ୍ୟାନ୍ ତଥା ଟିମ୍ ଇଣ୍ଡିଆର ଆଗ୍ରେସିଭ୍ ଅଧିନାୟକ ବିରାଟ କୋହଲି ସମସ୍ତଙ୍କ ଆଗରେ ରହିଛନ୍ତି। ଜବରଦସ୍ତ ଫର୍ମରେ ଥିବା ଏବଂ ର୍‍ୟାଙ୍କିଙ୍ଗ୍‌ରେ ୧୨୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଥିବା ଟିମ୍ ଇଣ୍ଡିଆର ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନ ଶିଖର ଧାୱନ, ରୋହିତ ଶର୍ମା, ଫର୍ମକୁ ଫେରିଥିବା ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଡେଥ୍ ଓଭର ୟର୍କର ସ୍ପେସାଲିଷ୍ଟ ଯଶପ୍ରୀତ ବୁମରା,ସ୍ପିନର କୁଲଦୀପ ଯାଦବ, ଯେଜୁବେନ୍ଦ୍ର ଚହଲ, ଇଣ୍ଟେଲିଜେଣ୍ଟ ରବୀନ୍ଦ୍ର ଜାଡେଜା, ସୁଇଂ ସ୍ପେଶାଲିଷ୍ଟ ଭୁବନେଶ୍ୱର କୁମାର ଏବଂ ଅଭିଜ୍ଞ ମହମ୍ମଦ ସାମିଙ୍କ ଶାଣିତ ବେଗ ଗୁରୁତ୍ୱପୂର୍ଣ୍ଣ। ଏକଦିବସୀୟ ମ୍ୟାଚ୍‌ରେ କ୍ଲେଭର ଏବଂ କୁଲ୍ ରୂପେ ବେଶ୍ ପରିଚିତ ମହେନ୍ଦ୍ର ସିଂ ଧୋନୀ ୩୪୧ ମ୍ୟାଚ୍‌ରୁ ୧୦,୫୦୦ ରନ୍ ଏବଂ କିଙ୍ଗ୍ କୋହଲି ୨୨୭ ମ୍ୟାଚ୍‌ରୁ ୧୦,୮୪୩ ରନ୍ କରିଥିବା ବେଳେ ହିଟ୍ ମ୍ୟାନ୍ ରୋହିତ ଶର୍ମା ୮୦୦୦ରୁ ଅଧିକ ରନ୍ ସଂଗ୍ରହ କରିବା ଟିମ୍ ପାଇଁ ବେଶ୍ ଉପଯୋଗୀ ରହିବ। ବାମହାତୀ ବ୍ୟାଟ୍ସମ୍ୟାନ୍ ଶିଖର ଧାୱନ ଏବଂ ଦ୍ୱିତୀୟ ଉଇକେଟ୍ କିପର୍ ଦୀନେଶ କାର୍ତ୍ତିକଙ୍କର ଇଂଲଣ୍ଡ ପରିବେଶରେ ଭଲ ଅଭିଜ୍ଞତା ରହିଛି।

ଏକ ଦିବସୀୟ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ଅଧିନାୟକ କ୍ୟାରିୟର ମଧ୍ୟ ବେଶ୍ ଭଲ। ଏକ ଦିବସୀୟରେ ସେ ୬୮ଟି ମ୍ୟାଚ୍‌ରେ ନେତୃତ୍ୱ ନେଇ ୪୮ଟିରେ ଭାରତକୁ ବିଜୟୀ କରାଇଛନ୍ତି। ବିଶ୍ୱର ଏହି ୧ ନମ୍ବର ବ୍ୟାଟ୍ସମ୍ୟାନ୍ ଏବଂ ୨୦୦୭ରୁ ଏ ପର୍ଯ୍ୟନ୍ତ ୩ଟି ବିଶ୍ୱକପ୍ ଖେଳିଥିବା କ୍ଲେଭର ଏମ୍.ଏସ୍. ଧୋନୀ ସର୍ବାଧିକ ୩୪୧ଟି ଏକଦିବସୀୟ ମ୍ୟାଚ୍ ଖେଳିଥିବାରୁ ବିରାଟ କୋହଲି ଏବଂ ଟିମ୍ ଇଣ୍ଡିଆ ପାଇଁ ମହାରଥୀ ସାବ୍ୟସ୍ତ ହେବେ। ଲୋକେଶ ରାହୁଲ ଏବଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଫର୍ମକୁ ଫେରିବା ଭାରତ ପାଇଁ ଲକି ସାବ୍ୟସ୍ତ ହେବ।

ଚଳିତ ବିଶ୍ୱକପ୍ ପାଇଁ ଯଦିଓ ସମସ୍ତ ଦଳ ବେଶ୍ ସନ୍ତୁଳିତ ତଥାପି ପୂର୍ବ ପ୍ରଦର୍ଶନ ଏବଂ ଫର୍ମରେ ଥିବା ବ୍ୟାଟ୍ସମ୍ୟାନ୍ ଏବଂ ବୋଲରମାନଙ୍କ ଯୋଗୁଁ ଟିମ୍ ଇଣ୍ଡିଆ ହଟ୍ ଫେଭରାଇଟ୍ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଇସିସି ବିଶ୍ୱକପ୍ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ଏବଂ ବୋଲିଂରେ ୫ଜଣ ଭାରତୀୟ ସ୍ଥାନ ପାଇଛନ୍ତି। ବ୍ୟାଟିଂରେ ବିରାଟ କୋହଲି, ରୋହିତ ଶର୍ମା ଏବଂ ବୋଲିଂରେ ଯଶପ୍ରୀତ ବୁମରା ଏବଂ ସ୍ପିନ୍‌ର କୁଲଦୀପ ଯାଦବ ଓ ଯେଜୁବେନ୍ଦ୍ର ଚହଲ ରହିଛନ୍ତି।

ଫର୍ମାଟ୍ ବଦଳିବା ସହିତ ଲଢ଼େଇ ହେବ ଭିନ୍ନ ପରିବେଶରେ। ଯଦିଓ ବିଶ୍ୱକପ୍‌ରେ କଙ୍ଗାରୁ ଦଳର ଦବ୍‌ଦବା ଅବ୍ୟାହତ ରହିଛି ତଥାପି ଆଗାମୀ ସଂସ୍କରଣରେ ବିଶ୍ୱତାଜ ଏସିଆ ମହାଦେଶରେ ରହିବାର ବେଶ୍ ସମ୍ଭାବନା ରହିଛି।

-(ନିର୍ମଳ କୁମାର ମିଶ୍ର)



> ବିଶ୍ୱକପ୍ ସଫଳତା କେବଳ ୪ ଦଶନ୍ଧି ପ୍ରତୀକ୍ଷାରେ ଅବସାନ ଘଟାଇବ ନାହିଁ, କ୍ୟାରିବିୟନ ଲୋକମାନଙ୍କୁ ଏକତ୍ରିତ କରିବ ।
> –ଜାସନ ହୋଲ୍ଡର, ୱେଷ୍ଟଇଣ୍ଡିଜ କ୍ରିକେଟ ଅଧିନାୟକ



> ଅଷ୍ଟ୍ରେଲିଆ କ୍ରିକେଟ ଦଳର ବିଶ୍ୱକପ୍ ସଫଳତା ଗ୍ଲେନ୍ ମାକ୍ସୱେଲଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଉପରେ ନିର୍ଭର କରିବ ।
> –ପ୍ୟାଟ୍ କୁମିନ୍ସ, ଅଷ୍ଟ୍ରେଲିଆ ଉପ ଅଧିନାୟକ

## ସଂକ୍ଷେପରେ

### ଡୋପ୍ ଟେଷ୍ଟରେ ଧରାପଡ଼ିଲେ ରୀନା



**ନୂଆଦିଲ୍ଲୀ, ୨୮।୫ (ପି.ଟି.):** ଭାରତୀୟ ରେସ୍‌ଲିଂ (କୁସ୍ତି)ପାଇଁ ପୁଣି ଏକ ଲଜ୍ଜାଜନକ ପରିସ୍ଥିତି। ୨୩ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ବିଜୟିନୀ ରୀନା ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ତାଙ୍କୁ ତୁରନ୍ତ ସସ୍‌ପେଣ୍ଡ କରାଯାଇଥିବା ଭାରତୀୟ କୁସ୍ତି ମହାସଂଘ ସଭାପତି ବ୍ରିଜ୍ ଭୂଷଣ ଶରନ୍ ପ୍ରକାଶ କରିଛନ୍ତି। ରୀନାଙ୍କୁ ପଚରାଯିବାରେ ସେ କହିଛନ୍ତି, ସେ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା ପାଇଁ ଜଣେ ସମ୍ପର୍କୀୟଙ୍କ ପରାମର୍ଶକ୍ରମେ ଏକ ଇଞ୍ଜେକ୍ସନ ନେଇଥିଲେ। ସମ୍ପର୍କୀୟ ଜଣକ ହେଉଛନ୍ତି ଜଣେ କୋଚ୍। ମାର୍ଚ୍ଚରେ ମଙ୍ଗୋଲିଆରେ ଅନୁଷ୍ଠିତ ଚାମ୍ପିୟନଶିପ୍‌ରେ ରୀନା ୫୩ କେଜି ଶ୍ରେଣୀରେ ଏକ ରୌପ୍ୟ ଜିତିଥିଲେ। ଗତବର୍ଷ ଜୁଲାଇରେ ଜୁନିୟର ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଏହାଛଡ଼ା ୨୦୧୫ ଏସିଆନ କ୍ୟାଡେଟ୍ ଚାମ୍ପିୟନଶିପ୍‌ରେ ସେ ଏକ ରୌପ୍ୟ ପଦକ ହାସଲ କରିଥିଲେ। ଆମ ପାଇଁ ଏହା ଏକ ଖରାପ ଖବର ବୋଲି ବ୍ରିଜ୍ ଭୂଷଣ କହିଛନ୍ତି। କାରଣ ଏଥିପାଇଁ ଆମକୁ ବିଶ୍ୱ କୁସ୍ତି ମହାସଂଘକୁ ପୁଣି ୧୬ ଲକ୍ଷ ଟଙ୍କା ଜରିମାନା ଦେବାକୁ ହେବ। ଆମେ ୧୨ ମାସ ମଧ୍ୟରେ ୧୨ ଲକ୍ଷ ଟଙ୍କା ଦେଇ ସାରିଲୁଣି। ବର୍ତ୍ତମାନ ଏହା ହେଉଛି ଆମର ତୃତୀୟ ମାମଲା।

### ବୋପ୍ପାନା-କୋପିଲ ଯୋଡ଼ି ବିଜୟୀ

**ପ୍ୟାରିସ, ୨୮।୫ (ପି.ଟି.):** ଭାରତର ରୋହନ ବୋପାନ୍ନା ଏବଂ ତାଙ୍କ ରୋମାନିଆନ ପାର୍ଟନର ମାରିଅସ୍ କୋପିଲ ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ବିଜୟ ଲାଭ କରିଛନ୍ତି। ମଙ୍ଗଳବାର ଏହି ଅଣସିଡ୍ ଯୋଡ଼ି ୬ଷ୍ଠ ସିଡ୍ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡର ରାଭେନ କ୍ଲାସେନ ଏବଂ ମାଇକେଲ ଭେନସ୍‌ଙ୍କୁ ୬-୩, ୭-୬ (୧) ସେଟ୍‌ରେ ହରାଇ ଦେଇଛନ୍ତି।

## ଏଫ୍‌ଆଇଏଚ୍ ସିରିଜ୍ ଫାଇନାଲ୍ସ: ରମଣଦୀପଙ୍କ ପ୍ରତ୍ୟାବର୍ତ୍ତନ

# ଭାରତୀୟ ଦଳ ଘୋଷିତ

**ଭୁବନେଶ୍ୱର,୨୮।୫(ସ୍ପୋର୍ଟ୍ସ ବ୍ୟୁରୋ)**

ଆସନ୍ତା ୬ ତାରିଖରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଥିବା ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପୁରୁଷ ସିରିଜ ଫାଇନାଲ୍ସ ପାଇଁ ଏକ ୧୮ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି।

**ଭାରତୀୟ ଦଳ**

ଗୋଲକିପର- ପି.ଆର. ଶ୍ରୀଜେସ୍, କ୍ରିଷନ ବି ପାଠକ।

ଡିଫେଣ୍ଡର୍ସ- ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା (ଉପ ଅଧିନାୟକ), ସୁରେନ୍ଦର କୁମାର, ବରୁନ୍ କୁମାର, ଅମିତ ରୋହିଦାସ, ଗୁରିନ୍ଦର ସିଂ।

ମିଡଫିଲ୍ଡର- ମନପ୍ରୀତ ସିଂ (ଅଧିନାୟକ), ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ସୁମିତ, ନୀଳକାନ୍ତ ଶର୍ମା।

ଫରୱାର୍ଡ- ମନଦୀପ ସିଂ, ଆକାଶଦୀପ ସିଂ, ରମଣଦୀପ ସିଂ, ଗୁରସାହିବଜିତ ସିଂ ଓ ସିମରନଜିତ ସିଂ।



ଏଫ୍‌ଆଇଏଚ୍ ପୁରୁଷ ସିରିଜ ଫାଇନାଲ୍ସ ପାଇଁ ମନୋନୀତ ୧୮ଜଣିଆ ଭାରତୀୟ ଦଳ।

ଦଳରେ ଦୁଇଜଣ ଓଡ଼ିଆ ତାରକାଙ୍କୁ ସ୍ଥାନ ମିଳିଛି। ଅଭିଜ୍ଞ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରାଙ୍କୁ ଉପ ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଯୁବ ଡିଫେଣ୍ଡର ଅମିତ୍ ରୋହିଦାସଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି।

ଆଣ୍ଠୁରେ ଆଘାତ ସମସ୍ୟା କାରଣରୁ ଦୀର୍ଘ ୯ ମାସ ଧରି ହକିରୁ ଦୂରେଇ ରହିଥିବା ଅଭିଜ୍ଞ ଷ୍ଟ୍ରାଇକର ରମଣଦୀପ ସିଂ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଷ୍ଟ୍ରେଲିଆ ଗସ୍ତରେ ବିଶ୍ରାମ ଦିଆଯାଇଥିବା ବରୁନ କୁମାରଙ୍କ ସମେତ ଅମିତ ରୋହିଦାସ ଓ ମିଡ୍ ଫିଲ୍ଡର ସୁମିତ୍ ମଧ୍ୟ ଦଳକୁ ଫେରିଛନ୍ତି। ମିଡ୍‌ଫିଲ୍ଡର ମନପ୍ରୀତ ସିଂ ଦଳର ଅଧିନାୟକ ନିଯୁକ୍ତ ହୋଇଛନ୍ତି। ମନଦୀପ ସିଂ, ଗୁରସାହିବଜିତ୍ ସିଂ, ସିମରନଜିତ ସିଂ ଓ ଆକାଶଦୀପ ସିଂଙ୍କ ସମେତ ୨୬ ବର୍ଷୀୟ ରମନଦୀପ ସିଂ ଭାରତୀୟ ଫରୱାର୍ଡର ମଙ୍ଗ ସମ୍ଭାଳିବେ। ଅଭିଜ୍ଞ ଗୋଲକିପର ପି.ଆର୍. ଶ୍ରୀଜେସ ଓ କ୍ରିଷନ ବି ପାଠକ ଗୋଲ କିପିଂ ଦାୟିତ୍ୱରେ ରହିବେ। ହରମନପ୍ରୀତ ସିଂ, ବୀରେନ୍ଦ୍ର, ସୁରେନ୍ଦର କୁମାର, ବରୁଣ କୁମାର, ଅମିତ ରୋହିଦାସ ଓ ଗୁରିନ୍ଦର ସିଂ ଦଳର ବ୍ୟାକ୍‌ଲାଇନ୍ ଦାୟିତ୍ୱରେ ରହିବେ। ସେହିପରି ମିଡଫିଲ୍ଡରେ ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ସୁମିତ ଓ ନୀଳକାନ୍ତ ଶର୍ମାଙ୍କ ସମେତ ଅଧିନାୟକ ମନପ୍ରୀତ ମୁଖ୍ୟ ଦାୟିତ୍ୱ ନିର୍ବାହ କରିବେ।

ଭାରତ ପୁଲ୍ ଏ'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡିକ ହେଲେ ରୁଷିଆ, ପୋଲାଣ୍ଡ ଓ ଉଜ୍‌ବେକିସ୍ତାନ। ସେହିପରି ଜାପାନ, ମେକ୍ସିକୋ, ଆମେରିକା ଓ ଦକ୍ଷିଣ ଆଫ୍ରିକା ପୁଲ୍ ବି'ରେ ସ୍ଥାନ ପାଇଛନ୍ତି। ଭାରତ ୬ ତାରିଖରେ ରୁଷିଆ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଭାରତ ଏହି ଟୁର୍ନାମେଣ୍ଟରେ ଶୀର୍ଷରେ ରହି ଅଲିମ୍ପିକ୍ କ୍ୱାଲିଫିକେଶନ ଇଭେଣ୍ଟ ପାଇଁ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ ରହିଛି। ଏହି କ୍ୱାଲିଫିକେଶନ ଇଭେଣ୍ଟ ଚଳିତ ବର୍ଷ ଶେଷ ଆଡକୁ ଆୟୋଜନ ହେବ।

## ଦଳରେ ସନ୍ତୁଳନ ରହିଛି: ଗ୍ରାହମ ରିଡ୍

ଏହି ଟୁର୍ନାମେଣ୍ଟରେ ଭାରତ ଭଲ ପ୍ରଦର୍ଶନ କରି ଶୀର୍ଷରେ ରହିବ ବୋଲି ହେଡ୍ କୋଚ୍ ଗ୍ରାହମ ରିଡ୍ କହିଛନ୍ତି। କୋଚ୍ ହିସାବରେ ପ୍ରଥମଥର ପାଇଁ ଏହି ଟୁର୍ନାମେଣ୍ଟରେ ଭୂମିକା ନିର୍ବାହ କରିବାକୁ ଯାଉଛି। ୨୦୨୦ ଅଲିମ୍ପିକ୍ସ ଲାଗି ଏହି ଟୁର୍ନାମେଣ୍ଟ ଆମ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଆମେ ଏକ ସନ୍ତୁଳିତ ଦଳ ଚୟନ କରିଛୁ ବୋଲି ସେ କହିଛନ୍ତି। ଇଞ୍ଜୁରି ମୁକ୍ତ ହୋଇ ରମନଦୀପ ସିଂ ଓ ଅଷ୍ଟ୍ରେଲିଆ ଗସ୍ତରେ ବିଶ୍ରାମରେ ଥିବା ବରୁଣ କୁମାର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୁଣି ସୁମିତ ଓ ଅମିତ ରୋହିଦାସଙ୍କ ପ୍ରତ୍ୟାବର୍ତ୍ତନ ଫଳରେ ଭାରତୀୟ ଡିଫେନ୍ସ ଆହୁରି ଦୃଢ ହେବ ଓ ପେନାଲ୍ଟି କର୍ନର କନଭରସନରେ ମଧ୍ୟ ଉନ୍ନତି ଆସିବ ବୋଲି ସେ କହିଛନ୍ତି। ସେହିପରି ସିମରନଜିତଙ୍କ ପ୍ରତ୍ୟାବର୍ତ୍ତନରେ ଫରୱାର୍ଡ ଲାଇନ୍‌ରେ ଦଳର ଷ୍ଟ୍ରାଇକ୍ ପାୱାରରେ ଉନ୍ନତି ହେବ ବୋଲି ରିଡ୍ କହିଛନ୍ତି। ସର୍କଲ ଏଣ୍ଟ୍ରି, ଟାଇଟ ମାର୍କିଂ ଓ ଟ୍ୟାକ୍‌ଲିଂ ଉପରେ ଆମେ ବର୍ତ୍ତମାନ ଧ୍ୟାନ ଦେଉଛୁ। ଏଥିରେ ଉନ୍ନତି ଆଣିବାକୁ ପ୍ରୟାସ କରିବୁ। ଟୁର୍ନାମେଣ୍ଟରେ ଦଳ କିପରି ସ୍ଥିର ପ୍ରଦର୍ଶନ କରି ତାହା ଉପରେ ଗୁରୁତ୍ୱ ଦେବୁ। ତେଣୁ ଆମେ ସବୁ ଦଳକୁ ସମାନ ଗୁରୁତ୍ୱ ଓ ସମ୍ମାନ ଦେବୁ। ସବୁ ମ୍ୟାଚ୍‌ରେ ଆମେ ଶତପ୍ରତିଶତ ପ୍ରଦର୍ଶନ ପାଇଁ ଚେଷ୍ଟିତ ହେବୁ। ଶ୍ରେଷ୍ଠ ପ୍ରଦର୍ଶନ କରି ଶୀର୍ଷରେ ରହିବା ପାଇଁ ପ୍ରୟାସ କରିବୁ। ଗତ ଅଷ୍ଟ୍ରେଲିଆ ଗସ୍ତ ଆମ ପାଇଁ ଲାଭଦାୟକ ହୋଇଛି। ବିଶ୍ୱର ଶ୍ରେଷ୍ଠ ଦଳ ବିପକ୍ଷରେ ମ୍ୟାଚ୍ ଖେଳିବାର ଅଭିଜ୍ଞତା ହାସଲ କରିଛୁ ଓ ଏହା ଏମେ କାମରେ ଆସିବ। ପେନାଲ୍ଟି କର୍ନର ପାଇଁ ଆମେ ୩ଜଣ ଡ୍ରାଗ୍ ଫ୍ଲିକରଙ୍କୁ ଚୟନ କରିଛୁ ବୋଲି ସେ କହିଛନ୍ତି। ମୋଟାମୋଟି ଉପରେ ଦଳର ସଫଳତା ନେଇ ରିଡ୍ ଆଶାବାଦୀ ଥିବା କଥା କହିଛନ୍ତି।



ଅଧିନାୟକ ମନପ୍ରୀତ ସିଂ, କୋଚ୍ ଗ୍ରାହମ ରିଡ ଓ ଉପ ଅଧିନାୟକ ବୀରେନ୍ଦ୍ର ଲାକ୍ରା।

## କୌଣସି ଦଳକୁ ହେୟ ମନେକରୁନୁ: ମନପ୍ରୀତ

ଟୁର୍ନାମେଣ୍ଟରେ କୌଣସି ଦଳକୁ ହେୟ ମନେ କରିହେବ ନାହିଁ। ତେବେ ଜାପାନ ଓ ଦକ୍ଷିଣ ଆଫ୍ରିକା ଭଳି ଭାରତକୁ କଡ଼ା ଚ୍ୟାଲେଞ୍ଜ୍ ଦେବେ ବୋଲି ଭାରତୀୟ ଅଧିନାୟକ ମନପ୍ରୀତ ସିଂ କହିଛନ୍ତି। ଦଳର ତଥା ଖେଳାଳିଙ୍କ ଆତ୍ମବିଶ୍ୱାସ ସ୍ତରରେ ଉନ୍ନତି ଆଣିବାକୁ ପ୍ରୟାସ କରାଯିବ। ଟୁର୍ନାମେଣ୍ଟରେ ସବୁ ସୁଯୋଗର ସଦ୍‌ବ୍ୟବହାର କରି ଗୋଲରେ ପରିଣତ କରିବାକୁ ଚେଷ୍ଟା କରିବୁ ଓ ଏହା ଆମର ମୁଖ୍ୟ ତଥା ମୂଳ ଲକ୍ଷ୍ୟ ହେବ। ଡିଫେନ୍ସରେ ଥିବା ଦୁର୍ବଳତାକୁ ଦୂର କରିବାକୁ ଚେଷ୍ଟା କରିବୁ। ଏ ନେଇ ମଧ ହୋମ୍ ୱାର୍କ କରିଛୁ। ଏହା ହେଉଛି ଭାରତର ପୁରୁଣା ସମସ୍ୟା। ତେବେ ଏଥର ସବୁ ଦୁର୍ବଳତାକୁ ପଛରେ ପକାଇ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ। ମହାବାତ୍ୟା ଫନୀ ସତ୍ତ୍ୱେ ଷ୍ଟାଡିୟମ ସେତେଟା ପ୍ରଭାବିତ ହୋଇନାହିଁ। ଟର୍ଫ୍‌ରେ ମଧ ସେଭଳି କିଛି କ୍ଷତି ହୋଇନାହିଁ। ଭୁବନେଶ୍ୱରରେ ଖେଳିବା ଆମ ପାଇଁ ଏକ ସୌଭାଗ୍ୟର କଥା। ଏଠାକାର ଦର୍ଶକ ସବୁବେଳେ ଆମକୁ ଉତ୍ସାହିତ କରିଥାନ୍ତି। ଦର୍ଶକଙ୍କ ଭଲ ପାଇବା ଆମକୁ ଭଲ ଖେଳିବାକୁ ଉତ୍ସାହିତ କରିବ। ସାହସର ସହ ଫନୀକୁ ମୁକାବିଲା କରିବାରେ ଭୁବନେଶ୍ୱରବାସୀ ସଫଳ ହୋଇଛନ୍ତି ଓ ସରକାର ମଧ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିଛନ୍ତି। ଗତ ବିଶ୍ୱକପ୍ ଭଳି ଭୁବନେଶ୍ୱର ଦର୍ଶକ ଏକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଦେଖିବାର ସୁଯୋଗ ହାସଲ କରିବେ।

## ତ୍ରୁଟି ସୁଧାରିବାକୁ ପ୍ରୟାସ କରିବୁ: ବୀରେନ୍ଦ୍ର

ଫନୀ ଯୋଗୁ କଳିଙ୍ଗ ଷ୍ଟାଡିୟମର ଟର୍ଫ କ୍ଷତିଗ୍ରସ୍ତ ହୋଇନାହିଁ ବୋଲି ଉପ ଅଧିନାୟକ ବୀରେନ୍ଦ୍ର ଲାକ୍ରା କହିଛନ୍ତି। ଆମେ ୪/୫ ଦିନ ହେବ ଅଭ୍ୟାସ କରିଛୁ। ଟର୍ଫ୍‌ରେ କୌଣସି ସମସ୍ୟା ନାହିଁ ବୋଲି ଆମେ ନିଶ୍ଚିତ ଅଛୁ। ଘୋଷିତ ଦଳ ବେଶ୍ ସନ୍ତୁଳିତ। ଦଳରେ ଯୁବ ଓ ଅଭିଜ୍ଞ ଖେଳାଳି ରହିଛନ୍ତି। ମ୍ୟାଚ୍ ଅନ୍ତିମକ୍ଷଣରେ ଆମେ ଗୋଲ ବରଣ କରିଆସୁଛୁ। ଏହା ନିଶ୍ଚିତ ଭାବେ ଏକ ପୁରୁଣା ସମସ୍ୟା। ତେବେ ଏହି ତ୍ରୁଟିକୁ ସୁଧାରିବା ପାଇଁ ଅଭ୍ୟାସ କରୁଛୁ। କେବଳ ସେତିକି ନୁହଁ, ଅନ୍ତିମ ମୁହୂର୍ତ୍ତରେ କିପରି ଆମେ ଗୋଲ ଦେବାରେ ସଫଳ ହେବୁ ସେ ନେଇ ମଧ ପ୍ରୟାସ ଜାରି ରଖିଛୁ। ନୂଆ କୋଚ୍ ଏଥିପାଇଁ ଭିଡିଓ ଆନାଲିସିସ କରି ରଣନୀତି ପ୍ରସ୍ତୁତ କରିବେ ବୋଲି ବୀରେନ୍ଦ୍ର କହିଛନ୍ତି। ନୂଆ କୋଚ୍ ବେସିକ ସ୍କିଲ୍ ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରିବ। ର୍‍ୟାଙ୍କିଙ୍ଗକୁ ଦେଖି କୌଣସି ଦଳର ଶକ୍ତି ଓ ସାମର୍ଥ୍ୟକୁ ଆମେ ମାପିବାକୁ ଚେଷ୍ଟା କରିବୁନି। ଯେକୌଣସି ଦିନରେ ଯେକୌଣସି ଦଳ ବିଜୟୀ ହୋଇପାରିବ। ତେଣୁ ସବୁ ଦଳ ଓ ମ୍ୟାଚ୍‌କୁ ଆମେ ସମାନ ଗୁରୁତ୍ୱ ଦେବୁ। ଛୋଟ ଦଳ ବଡ଼ ଦଳକୁ ହରାଇ ବିପର୍ଯ୍ୟୟ ଘଟାଇବାର କ୍ଷମତା ରଖିଥାନ୍ତି। ତେବେ ଜାପାନ ଓ ଦକ୍ଷିଣ ଆଫ୍ରିକା ଭାରତକୁ ଚ୍ୟାଲେଞ୍ଜ୍ ଦେବେ ବୋଲି ବୀରେନ୍ଦ୍ର କହିଛନ୍ତି।



ଶତକୀୟ ଭାଗୀଦାରି ଅବସରରେ ଲୋକେଶ ରାହୁଲ ଓ ମହେନ୍ଦ୍ର ସିଂ ଧୋନୀ।

## ରାହୁଲ, ଧୋନୀଙ୍କ ଶତକ: ଭାରତ ବିଜୟୀ

**କାର୍ଡିଫ, ୨୮।୫:** ଲୋକେଶ ରାହୁଲ ଓ ମହେନ୍ଦ୍ର ସିଂ ଧୋନୀଙ୍କ ଶତକ ପରେ ବୋଲରମାନଙ୍କ ଭଲ ପ୍ରଦର୍ଶନ ବଳରେ ଭାରତ ୯୫ ରନରେ ବାଂଲାଦେଶକୁ ହରାଇ ବିଶ୍ୱକପ ପାଇଁ ୱାର୍ମଅପ୍ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ୱାର୍ମଅପ୍ ମ୍ୟାଚରେ ଭାରତ ପକ୍ଷରୁ ଧାର୍ଯ୍ୟ ୩୬୦ ରନ ବିଜୟ ଲକ୍ଷ୍ୟର ପିଛା କରି ବାଂଲାଦେଶ ୪୯.୩ ଓଭରରେ ୨୬୪ ରନ କରି ଅଲଆଉଟ ହୋଇଯାଇଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଶୀଘ୍ର ଦୁଇ ଓପନର ଶିଖର ଧାୱନ(୧) ଓ ରୋହିତ ଶର୍ମା(୧୯)ଙ୍କ ଉଇକେଟ ହରାଇଥିଲେ ହେଁ ଅଧିନାୟକ ବିରାଟ କୋହଲିଙ୍କ ୪୭(୪୬ ବଲ, ୫ ଚୌକା), ଲୋକେଶ ରାହୁଲଙ୍କ ୧୦୮(୯୯ ବଲ, ୧୨ ଚୌକା, ୪ ଛକା) ଓ ମହେନ୍ଦ୍ର ସିଂ ଧୋନୀଙ୍କ ଦ୍ରୁତ ୧୧୩(୭୮ ବଲ, ୮ ଚୌକା, ୭ ଛକା) ରନ ବଳରେ ୭ ଉଇକେଟ ହରାଇ ୩୫୯ ରନର ବିଶାଳ ସ୍କୋର କରିଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ୧୧ ବଲ୍‌ରୁ ୨୧(୨ ଚୌକା, ୧ ଛକା) ଓ ରବୀନ୍ଦ୍ର ଜାଡେଜା ୪ ବଲ୍‌ରୁ ୧୧(୧ ଚୌକା, ୧ ଛକା) ରନ କରିଥିଲେ। ବାଂଲାଦେଶ ବୋଲରଙ୍କ ମଧ୍ୟରେ ରୁବେଲ ହୁସେନ ଓ ଶାକିବ ଅଲ୍ ହାସନ ୨ଟି ଲେଖାଏ ଏବଂ ମୁସ୍ତାଫିଜୁର ରହମାନ, ମହମ୍ମଦ ସୈଫୁଦ୍ଦିନ ଓ ସବିର ରହମନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବାଂଲାଦେଶ ମୁଶ୍‌ଫିକର ରହିମଙ୍କ ୯୦(୯୪ ବଲ, ୮ ଚୌକା, ୨ ଛକା), ଲିଟନ ଦାସଙ୍କ ୭୩(୯୦ ବଲ, ୧୦ ଚୌକା) ରନ ସତ୍ତ୍ୱେ ଦଳ ପୂରା ୫୦ ଓଭର ଖେଳିନପାରି ୨୬୪ ରନରେ ସୀମିତ ରହିଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ଦୁଇ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ୩ଟି ଲେଖାଏ, ଯଶପ୍ରୀତ ବୁମ୍‌ରା ୨ଟି ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଭାରତ ୫୦ ଓଭରରେ ୩୫୯/୭(ଧୋନୀ–୧୧୩, ରାହୁଲ–୧୦୮, କୋହଲି–୪୭, ରୁବେଲ–୨/୬୨, ଶାକିବ–୨/୫୮)। ବାଂଲାଦେଶ ୪୯.୩ ଓଭରରେ ୨୬୪/ ଅଲଆଉଟ (ମୁଶ୍‌ଫିକର–୯୦, ଲିଟନ–୭୩, କୁଲଦୀପ–୩/୪୭, ଚହଲ–୩/୫୫, ବୁମ୍‌ରା–୨/୨୫)।

## ୱେଷ୍ଟଇଣ୍ଡିଜ୍‌ର ବୃହତ୍ ବିଜୟ

**ବ୍ରିଷ୍ଟଲ,୨୮।୫ (ଏଏଫ୍‌ପି):** ସ୍ଥାନୀୟ କାଉଣ୍ଟି ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ବିଶ୍ୱକପ୍‌ର ଅନ୍ୟ ଏକ ହାଇସ୍କୋରିଂ ଅଭ୍ୟାସ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୯୧ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ୍ ସାଇ ହୋପ୍‌ଙ୍କ ୧୦୧ରନର ଶତକୀୟ ପାଳି ବଳରେ ୪୯.୨ ଓଭରରେ ୪୨୧ ରନକରି ଅଲଆଉଟ୍ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୪୭.୨ ଓଭରରେ ୩୩୦ ରନକରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ନ୍ୟୁଜିଲାଣ୍ଡ ତରଫରୁ ଟମ୍ ବ୍ଲଣ୍ଡେଲ ୧୦୬ ରନର ଶତକୀୟ ପାଳି ଖେଳିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ସର୍ବାଧିକ ୪, ମ୍ୟାଟ ହେନେରି ୨ ଉଇକେଟ ନେଇଥିଲେ। ସେହିପରି ୱେଷ୍ଟଇଣ୍ଡିଜ ତରଫରୁ ବୋଲିଂରେ କାର୍ଲୋସ୍ ବ୍ରାଥୱେଟ ୩, ଫାବିଆନ ଆଲେନ ୨ ଉଇକେଟ ଅକ୍ତିଆର କରିଥିଲେ।

## ଜେଭ୍‌ରେଭ୍‌ଙ୍କ ସଂଘର୍ଷପୂର୍ଣ୍ଣ ବିଜୟ

**ପ୍ୟାରିସ, ୨୮।୫ (ଏଏଫ୍‌ପି)**

ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରେ ୫ମ ସିଡ୍ ତଥା ଜର୍ମାନ ଖେଳାଳି ଆଲେକ୍‌ଜାଣ୍ଡର ଜେଭ୍‌ରେଭ୍ ସଂଘର୍ଷପୂର୍ଣ୍ଣ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଏକ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ସେ ଜନ ମିଲ୍‌ମ୍ୟାନଙ୍କୁ ୭-୬ (୭/୪), ୬-୩, ୨-୬, ୬-୭ (୫/୭),୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଦୀର୍ଘ ୪ ଘଣ୍ଟା ୧୧ ମିନିଟ୍ ଧରି ଚାଲିଥିଲା। ଟୁର୍ନାମେଣ୍ଟର ଏହା ସବୁଠାରୁ ଦୀର୍ଘତମ ମ୍ୟାଚ୍ ବୋଲି କୁହାଯାଉଛି। ରୋଲାଣ୍ଡ ଗ୍ୟାରୋସଠାରେ ୧୯୩୭ରେ ହେନେର ହେଙ୍କେଲଙ୍କ ପରେ ଜର୍ମାନୀର ପ୍ରଥମ ପୁରୁଷ ଖେଳାଳି ହିସାବରେ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛନ୍ତି ଜେଭରେଭ। ୨୨ ବର୍ଷୀୟ ଜେଭ୍‌ରେଭ୍ ଦ୍ୱିତୀୟ ରାଉଣ୍ଡରେ ସ୍ୱିଡିଶ କ୍ୱାଲିଫାୟର ମିକାଏଲ୍ ୱାଇମେରଙ୍କୁ ଭେଟିବେ। ବିଶ୍ୱର ୫ ନମ୍ବର ମାନ୍ୟତାପ୍ରାପ୍ତ ଏହି ଖେଳାଳି ସିଜନ ଆରମ୍ଭରେ ସଂଘର୍ଷ ଚଳାଇଥିବାବେଳେ ଗତ ସପ୍ତାହରେ ଜେନେଭାରେ ଏକ ଟାଇଟଲ ଜିତିଥିଲେ। ବର୍ଷକ ପୂର୍ବେ ଏଠାରେ ସେ ଥରେ ମାତ୍ର ଏକ ଗ୍ରାଣ୍ଡସ୍ଲାମ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲେ।

ବ୍ରିଟିଶ ନମ୍ବର ୱାନ୍ ମହିଳା ଖେଳାଳି ଜୋହାନା କୋଣ୍ଟା ପ୍ରଥମ ଥର ପାଇଁ ଫ୍ରେଞ୍ଚ୍ ଓପନ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏଠାରେ ୨୬ତମ ସିଡ୍‌ପ୍ରାପ୍ତ ଏହି ଖେଳାଳି ବିଶ୍ୱର ୧୪୭ ନମ୍ବର ମାନ୍ୟତାପ୍ରାପ୍ତ ଜର୍ମାନୀର ଆନୋଟିନା ଲୋଟନରଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। କୋଣ୍ଟା ଏଠାରେ ପୂର୍ବରୁ ୪ଥର ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଥିଲେ। ଅଷ୍ଟ୍ରେଲିଆର ବର୍ନାଡ୍ ଟୋମିକ୍ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ହାରିଯାଇଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାର ଟେଲର ଫ୍ରିଜ୍ ଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ତାଙ୍କୁ ୬-୧, ୬-୪, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି।

## କିଟ୍ ଇଣ୍ଟରନ୍ୟାଶନାଲ ଚେସ୍ ଫେଷ୍ଟିଭାଲ ୩୧ରୁ

# ଦେବାଶିଷ ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ

**ଭୁବନେଶ୍ୱର, ୨୮।୫(କ୍ରୀଡ଼ା ପ୍ରତିନିଧି)**

କିଟ୍ ଇଣ୍ଟରନ୍ୟାଶନାଲ ଚେସ୍ ଫେଷ୍ଟିଭାଲର ଦ୍ୱାଦଶ ସଂସ୍କରଣ ଚଳିତମାସ ୩୧ ତାରିଖରୁ ଆରମ୍ଭ ହେବ। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଏହା ଜୁନ ୭ ପର୍ଯ୍ୟନ୍ତ ଚାଲିବ। ଭେନେଜୁଏଲା ଗ୍ରାଣ୍ଡମାଷ୍ଟର ଇଟୁରିଜାଗା ବୋନେଲି ଏଡୁଆର୍ଡୋ (୨୬୩୭ ଏଲୋ ରେଟିଂ) ଟୁର୍ନାମେଣ୍ଟରେ ଟପ୍ ସିଡ୍‌ର ମାନ୍ୟତା ପାଇଥିବାବେଳେ ଓଡ଼ିଶା ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ(୨୫୪୪) ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ।

ଅନ୍ତର୍ଜାତୀୟ ଚେସ୍ କ୍ୟାଲେଣ୍ଡରରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟର ମର୍ଯ୍ୟାଦା ବହନ କରୁଥିବା ଏହି ପ୍ରତିଯୋଗିତା ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ଓ କିଟ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଛି। ୩ଟି କାଟେଗୋରିରେ ହେବାକୁ ଯାଉଥିବା ଏହି ଟୁର୍ନାମେଣ୍ଟରେ ୩୦ ଦେଶର ଗ୍ରାଣ୍ଡମାଷ୍ଟର, ଅନ୍ତର୍ଜାତୀୟ ମାଷ୍ଟର, ମହିଳା ଗ୍ରାଣ୍ଡମାଷ୍ଟର, ମହିଳା ଅନ୍ତର୍ଜାତୀୟ ମାଷ୍ଟର ଆଦି ଅଂଶଗ୍ରହଣ କରୁଛନ୍ତି। ଟୁର୍ନାମେଣ୍ଟ ପାଇଁ ୨୫,୦୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି ବୋଲି ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଏବଂ ଏଓସିଏ ଉପସଭାପତି ରଞ୍ଜନ ମହାନ୍ତି। ୨୦୦୦ରୁ ଊର୍ଦ୍ଧ୍ୱ ଏଲୋ ରେଟିଂପ୍ରାପ୍ତ ଖେଳାଳି କାଟେଗୋରି 'ଏ'ରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ଭାରତ, ତାଜିକସ୍ତାନ, ଚେକ୍ ରିପବ୍ଲିକ, ଆର୍ମେନିଆ, ବେଲଜିୟମ, ଆମେରିକା, ସ୍ପେନ, ଭେନଜୁଏଲା, ରୁଷିଆ, ବାଂଲାଦେଶ, ୟୁକ୍ରେନ, କାଜାଖସ୍ତାନ,





ଚେସ୍ ଫେଷ୍ଟିଭାଲ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ଶ୍ରୀଲଙ୍କା, ନେପାଳ, ମାଲେସିଆ, ଭିଏତନାମ, ଚିଲି, ଆଫଗାନିସ୍ତାନ, ଦକ୍ଷିଣ ଆଫ୍ରିକା, ସିଙ୍ଗାପୁର, ଗ୍ରୀସ୍, ଜାପାନ, ଫିଲିପାଇନ୍ସ, ଦକ୍ଷିଣ କୋରିଆ, ହଂକଂ, ଓମାନ, କାତାର, ମଙ୍ଗୋଲିଆ ଆଦି ଦେଶର ପ୍ରତିଯୋଗୀ ଭାଗ ନେବେ।

ପରିସଂଖ୍ୟାନ ଅନୁସାରେ ଏଥିରେ ମୋଟ ୧୯ ଗ୍ରାଣ୍ଡମାଷ୍ଟର ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରୁ ଭାରତର ୩ ଜଣ (ଆର.ଆର. ଲକ୍ଷ୍ମଣ, ଦେବେନ୍ଦୁ ବରୁଆ, ଦେବାଶିଷ ଦାସ) ହୋଇଥିବାବେଳେ ଅନ୍ୟ ୧୬ ଜଣ ବିଦେଶୀ ଖେଳାଳି। ଏହା ବ୍ୟତୀତ ଜଣେ ମହିଳା ଗ୍ରାଣ୍ଡମାଷ୍ଟର, ୧୮ ଅନ୍ତର୍ଜାତୀୟ ମାଷ୍ଟର, ୩ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୬ ଫିଡେ ମାଷ୍ଟର, ୭ ମହିଳା ଫିଡେ ମାଷ୍ଟର, ୪ କ୍ୟାଣ୍ଡିଡେଟ ମାଷ୍ଟର ଓ ୨ ମହିଳା କ୍ୟାଣ୍ଡିଡେଟ ମାଷ୍ଟର ଏହିପରି ୬୦ ଟାଇଟଲଧାରୀ ଏଥିରେ ଭାଗ ନେବାକୁ ଯାଉଛନ୍ତି। କାଟେଗୋରି 'ଏ'ର ଶୀର୍ଷ ୨୦ ବୋର୍ଡ ମ୍ୟାଚର ସିଧା ପ୍ରସାରଣ କରାଯିବ। ଅନ୍ତର୍ଜାତୀୟ ଆର୍ବିଟର ଆର. ଅନନ୍ତରାମଙ୍କ ନେତୃତ୍ୱରେ ଟୁର୍ନାମେଣ୍ଟ ପରିଚାଳିତ ହେବ। ମ୍ୟାଚ ଗୁଡ଼ିକ କ୍ୟାମ୍ପସ ୧୫(ବି)ସ୍ଥିତ ଇଣ୍ଟରନ୍ୟାଶନାଲ ଚେସ୍ ହଲ୍ ଏବଂ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଏଠାରେ ପୂର୍ବରୁ ପ୍ରତିଯୋଗିତାର ୧୧ଟି ଯାକ ସଂସ୍କରଣ, ଫିଡେ ବିଶ୍ୱ ଜୁନିୟର ଚେସ୍ ଚାମ୍ପିୟନଶିପ୍ ୨୦୧୬ ଏବଂ ଆହୁରି ଅନେକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ସଫଳତାର ସହିତ ଆୟୋଜିତ ହୋଇଛି।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ମେ ୨୯/୨୦୧୯ Bhubaneswar, Wednesday, May 29/ 2019

## ସଂକ୍ଷେପରେ

### ବିନିର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କଲା ବିଶେଷଜ୍ଞ ଦଳ

**ବାରଙ୍ଗ,୨୮।୫(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଅନ୍ୟତମ ଆକର୍ଷକ ହେଉଛି ଓରାଙ୍ଗଓଟାନ ବିନି। କିଛିଦିନ ପୂର୍ବେ ବିନିର ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ତାକୁ ପର୍ଯ୍ୟଟକମାନଙ୍କ ଠାରୁ ଦୂରରେ ରଖାଯାଇଛି। ଏବେ ସେ ଫିଡିଂ ଚାମ୍ବରରେ ରହିଥିବାବେଳେ ନନ୍ଦନକାନନ ଡାକ୍ତରମାନଙ୍କ ନଜରବନ୍ଦିରେ ରହି ଚିକିତ୍ସିତ ହେଉଛି। ତା'ର ଖାଦ୍ୟ ଥଳିରେ ଘାଆ ହୋଇ ପୂଜ ବାହାରିବା ସମସ୍ୟା ଦେଖାଦେଇଥିଲା। ଫିଡିଂଚାମ୍ବରରେ ରହି ଚିକିତ୍ସିତ ହେବାପରେ ସ୍ୱାସ୍ଥ୍ୟରେ ଏକପ୍ରକାର ଉନ୍ନତି ହୋଇଥିଲେ ମଧ ସମ୍ପୂର୍ଣ୍ଣ ରୂପେ ଠିକ୍ ହୋଇ ନ ଥିଲା। ସାଥୀକୁ ଅପେକ୍ଷା କରି କରି ବାର୍ଦ୍ଧକ୍ୟ ଗ୍ରାସ କରିଯାଇଥିଲେ ମଧ ପର୍ଯ୍ୟଟକଙ୍କୁ ମନୋରଞ୍ଜନ ଦେଇଚାଲିଥିଲା। କିନ୍ତୁ ମଙ୍ଗଳବାର ଅଧିକ ଅସୁସ୍ଥ ହୋଇପଡିଥିଲା ବିନି। ଖାଇବା ପରିମାଣ କମିବା ସହ ଘୁମାଇବା ଭଳି ସ୍ଥିତିରେ ରହିବାରୁ କର୍ତ୍ତୃପକ୍ଷଙ୍କ ଚିନ୍ତାର କାରଣ ସାଜିଥିଲା। ଫଳରେ କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ଅପରାହ୍ନରେ ଓୟୁଏଟିର ଏକ ବିଶେଷଜ୍ଞଦଳ ଆସି ବିନିର ସ୍ୱାସ୍ଥ୍ୟାବସ୍ଥାକୁ ପରଖି ଥିଲେ। ତା'ର ଚିକିତ୍ସା ବିଷୟରେ ନନ୍ଦନକାନନର ଡାକ୍ତରମାନଙ୍କ ସହ ଆଲୋଚନା କରିବା ସହ ପରାମର୍ଶ ଦେଇ ଫେରିଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୨୦୩୫ ପର୍ଯ୍ୟନ୍ତ ଦେଶରେ ଖାଦ୍ୟାଭାବ ଭୟ ନାହିଁ

- ଧାନ ଉତ୍ପାଦନରେ ଚୀନକୁ ଟପିବାକୁ ଯୋଜନା
- ଏନ୍ଆର୍ଆର୍ଆଇରେ ହେବ ଜାତୀୟ ସ୍ତରୀୟ କର୍ମଶାଳା

**କଟକ ଅଫିସ, ୨୮।୫**

ସମ୍ପ୍ରତି ଚାଇନା ବିଶ୍ୱରେ ସର୍ବାଧିକ ଧାନ ଉତ୍ପାଦନକାରୀ ରାଷ୍ଟ୍ର ଭାବେ ପରିଗଣିତ ହେଉଛି। ଚାଇନାରେ ହେକ୍ଟର ପିଛା ହାରାହାରି ୬୦ କୁଇଣ୍ଟାଲ ଧାନ ଉତ୍ପାଦନ ହେଉଥିବା ବେଳେ ଭାରତରେ ହେକ୍ଟର ପିଛା ହାରାହାରି ୪୨ କୁଇଣ୍ଟାଲ ଧାନ ଉତ୍ପାଦନ ହେଉଛି। ତେବେ ପ୍ରତିବର୍ଷ ଦେଶରେ ୨ ମିଲିୟନ ଟନ୍ ଧାନ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ କୃଷି ବୈଜ୍ଞାନିକମାନେ ଉଦ୍ୟମ ଅବ୍ୟାହତ ରଖିଛନ୍ତି। ଆସନ୍ତା ୩୦ ତାରିଖରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ କଟକର ଜାତୀୟ ଧାନ ଗବେଷଣା କେନ୍ଦ୍ର ପରିସରରେ ଏକ ଜାତୀୟ ସ୍ତରୀୟ କୃଷି କର୍ମଶାଳା ଅନୁଷ୍ଠିତ ହେବାକୁ ଯାଉଛି। ଏହି କର୍ମଶାଳାରେ ଦେଶର ବିଭିନ୍ନ ଅଞ୍ଚଳରୁ ପାଖାପାଖି ୩୦୦ କୃଷି ବୈଜ୍ଞାନିକଙ୍କ ସମେତ ୨୦୦ ଶିଳ୍ପପତି ଓ ଫିଲିପାଇନ୍ସର ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକମାନେ ଯୋଗଦେବେ ବୋଲି ଜଣାପଡ଼ିଛି।

ଏହି କର୍ମଶାଳାରେ ମୁଖ୍ୟତଃ ବିଭିନ୍ନ ରାଜ୍ୟ ପାଇଁ କେଉଁସବୁ କିସମ ଧାନ ଉଦ୍ଭାବନ କରାଯାଇଛି ଓ ଆଗାମୀ ଦିନରେ କେଉଁସବୁ କିସମ ଉଦ୍ଭାବନ ପାଇଁ ଗବେଷଣା ଚାଲିଛି ତାହା ଉପରେ ଆଲୋଚନା କରାଯିବ। ସ୍ୱାଧୀନତା ପରଠାରୁ ଏନ୍ଆର୍ଆର୍ଆଇରେ ପ୍ରଥମ ଥର ପାଇଁ ଏହି କର୍ମଶାଳାର ଆୟୋଜନ କରାଯାଇଛି। ହାଇଦ୍ରାବାଦର ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ ଅଫ ରାଇସ୍ ରିସର୍ଚ୍ଚ, ଏନ୍ଆର୍ଆର୍ଆଇ ଓ ଆସୋସିଏଶନ ଅଫ ରାଇସ୍ ରିସର୍ଚ୍ଚର ମିଳିତ ଉଦ୍ୟମରେ ଏହି କର୍ମଶାଳାର ଆୟୋଜନ କରାଯାଇଛି। ଦେଶର କୃଷିମହାନିର୍ଦ୍ଦେଶକ ଡକ୍ଟର ତ୍ରିଲୋଚନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଦେଶର ୭୦ଟି କୃଷି ବିଦ୍ୟାଳୟର କୁଳପତିମାନେ ମଧ ଯୋଗଦେବେ। କର୍ମଶାଳାର ସହସଂଯୋଜକ ତଥା ଏନ୍ଆର୍ଆର୍ଆଇର ପ୍ରଧାନ ବୈଜ୍ଞାନିକ ଡ.ଶରତ ପ୍ରଧାନଙ୍କ କହିବା ଅନୁଯାୟୀ, ଦେଶରେ ୨୦୩୫ ମସିହା ପର୍ଯ୍ୟନ୍ତ ଖାଦ୍ୟାଭାବର ଭୟ ଆଦୌ ନାହିଁ। ଏହାକୁ ୨୦୫୦ ପର୍ଯ୍ୟନ୍ତ ବଳବତ୍ତର ରଖିବା ପାଇଁ ବୈଜ୍ଞାନିକମାନେ ଗବେଷଣା ଜାରି ରଖିଛନ୍ତି। ଦେଶ ସ୍ୱାଧୀନତା ସମୟରେ ଦେଶର ଜନସଂଖ୍ୟା ପାଖାପାଖି ୩୦ କୋଟି ଥିବାବେଳେ ଦେଶରେ ହାରାହାରି ୨୫ ମିଲିୟନ ଟନ୍ ଧାନ ଉତ୍ପାଦନ ହେଉଥିଲା। ଫଳରେ ଦେଶରେ ଭୟଙ୍କର ଭାବେ ନିଅଣ୍ଟିଆ ପରିସ୍ଥିତି ଉପୁଜିଥିଲା। ମାତ୍ର ଏବେ ଦେଶରେ ୧୩୦ କୋଟି ଲୋକ ଥିବାବେଳେ ଦେଶରେ ୧୧୩ ମିଲିୟନ ଟନ୍ ଧାନ ଉତ୍ପାଦନ କରୁଛି। କେବଳ ଦେଶ ଧାନ ଉତ୍ପାଦନ କରି ନିଜ ପାଇଁ ସ୍ୱାବଲମ୍ବୀ ହେବା ସହିତ ବର୍ଷକୁ ୧୦ ମିଲିୟନ ଟନ୍ ଧାନ ରପ୍ତାନି କରୁଛି। ବାସୁମତି ଭଳି କିସମର ଧାନ ଇରାନ, ସାଉଦିଆରବ ଓ କୁଏଟ ଆଦି ରାଷ୍ଟ୍ରକୁ ରପ୍ତାନି ହେଉଥିବା ବେଳେ ଆଫ୍ରିକୀୟ ଦେଶଗୁଡ଼ିକୁ ଅଣ ବାସୁମତି ଧାନ ରପ୍ତାନି କରାଯାଉଛି। ଏପରିକି ଚାଇନାକୁ ମଧ ଗତ ବର୍ଷ ସମୁଦାୟ ରପ୍ତାନିର ୫ ପ୍ରତିଶତ ଅଣବାସୁମତି ଧାନ ରପ୍ତାନି କରାଯାଇଥିବା ଜଣାପଡ଼ିଛି। ୨୦୫୦କୁ ଆଖି ଆଗରେ ରଖି କୃଷି ବୈଜ୍ଞାନିକମାନେ ଗବେଷଣା ଚଳାଇଥିବା ଡାକ୍ତର ପ୍ରଧାନ କହିଛନ୍ତି। ଉଦାହରଣ ଦେଇ ସେ କୁହନ୍ତି, ଅଦ୍ୟାବଧି ଏନ୍ଆର୍ଆର୍ଆଇ ୩୯ଟି କିସମର ଧାନ ଉତ୍ପାଦନ କରିଛି। ସେଥିମଧ୍ୟରୁ ମଉଡମଣି, ପ୍ରଧାନ ଧାନ, ସିଆର୍ ଧାନ ୫୦୦, ସିଆର୍ ଧାନ ୧୦୧, ସିଆର୍ ଧାନ ୨୦୫ ଇତ୍ୟାଦି କିସମ ଉଦ୍ଭାବନ ହୋଇ ଚାଷୀଙ୍କ ମଧ୍ୟରେ ବେଶ୍ ଆଦୃତଲାଭ କରିଛି। ମଉଡମଣି ଏବେ ଏକର ପିଛା ୪୦ କୁଇଣ୍ଟାଲ ଅମଳ କ୍ଷମତା ବହନ କରି କୃଷି କ୍ଷେତ୍ରରେ ଏକ ବିପ୍ଳବ ଆଣିଛି। ସେହିପରି ସିଆର୍୮୦୧ ଓ ସିଆର୍୮୦୨ ଧାନ ପରିବେଶ ସହିତ ଖାପ ଖୁଆଇ ବଞ୍ଚିବାର କ୍ଷମତା ରଖିଥିବା ଡ. ପ୍ରଧାନ କହିଛନ୍ତି। ଏହି ଦୁଇଟି କିସମର ଧାନ ବର୍ଷା, ମରୁଡ଼ିକୁ ସହ୍ୟ କରିବାର କ୍ଷମତା ରଖିଛି। ଏହିଭଳି ଭାବେ ଆଗାମୀ ଦିନରେ ଅନେକ ନୂତନ କିସମର ଧାନ ଉଦ୍ଭାବନ ପାଇଁ ଏନ୍ଆର୍ଆର୍ଆଇ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଆଧାର କରି ଡ. ପ୍ରଧାନ କହିଛନ୍ତି ଯେ, ସମ୍ପ୍ରତି ଦେଶରେ ଯୁବକମାନେ କର୍ମସଂସ୍ଥାନ ନ ପାଇ ବେରୋଜଗାର ହୋଇ ବୁଲୁଛନ୍ତି। ତେଣୁ ଅଧିକ ଅମଳକ୍ଷମ ଧାନ ଦ୍ୱାରା ଯେଭଳି ଅଧିକ ଲାଭ ହୋଇପାରିବ ସେଥିପାଇଁ ଗୁରୁତ୍ୱ ଦିଆଯାଉଛି। ଯୁବକମାନେ ଯେଭଳି କୃଷି ଉଦ୍ୟୋଗୀ ହୋଇପାରିବେ ତାହାକୁ ଆଖିଆଗରେ ରଖି ବୈଜ୍ଞାନିକମାନେ ଗବେଷଣା ଚଳାଇଥିବା ଡ. ପ୍ରଧାନ ସୂଚନା ଦେଇଛନ୍ତି। ଅଧିକ ସୂଚନା ଦେଇ ଡ. ପ୍ରଧାନ କହିଛନ୍ତି ଯେ, ଏନ୍ଆର୍ଆର୍ଆଇ ଦ୍ୱାରା ଉଦ୍ଭାବନ କରାଯାଇଥିବା ଧାନ ଚାଷ କରି ଦେଶ ବର୍ଷକୁ ୪୮,୬୦୦ କୋଟି ଟଙ୍କା ପାଉଥିବା ସେ କହିଛନ୍ତି। ତେଣୁ ଉକ୍ତ କର୍ମଶାଳା ଏନ୍ଆର୍ଆର୍ଆଇ ବୈଜ୍ଞାନିକମାନଙ୍କ ସହିତ କୃଷି ଉଦ୍ୟୋଗୀମାନଙ୍କ ପାଇଁ ଏକ ନୂତନ ସମ୍ଭାବନା ସୃଷ୍ଟି କରିବ ବୋଲି ଡ. ପ୍ରଧାନ ସୂଚନା ଦେଇଛନ୍ତି।



କଳାହାଣ୍ଡିର ଜଣେ ଚାଷୀଙ୍କ କ୍ଷେତ୍ରରେ ମଉଡ଼ମଣି ଧାନ ଫଳିଛି ।

# ଶପଥ ଗ୍ରହଣ ଉତ୍ସବ ପାଇଁ ସୁରକ୍ଷା, ଟ୍ରାଫିକ୍ କଟକଣା

- କମିଶନରେଟ ପୋଲିସର କାର୍‌କେଡ ରିହରସାଲ
- କଡାକଡି ଯାଞ୍ଚ ପରେ ଉତ୍ସବ ସ୍ଥଳକୁ ଛଡ଼ାଯିବ
- ସୁରକ୍ଷା ଦାୟିତ୍ୱରେ ୨୫ ପ୍ଲାଟୁନ ଫୋର୍ସ

**ଭୁବନେଶ୍ୱର, ୨୮।୫(ବ୍ୟୁରୋ)**

ସାଧାରଣ ନିର୍ବାଚନରେ ବିପୁଳ ଜନ ସମର୍ଥନ ପାଇଥିବା ବିଜେଡି ପୁଣି ସରକାର ଗଠନ କରିବାକୁ ଯାଉଛି। ବୁଧବାର ନୂଆ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ପଞ୍ଚମଥର ପାଇଁ ଓଡ଼ିଶାର ଶାସନ ଭାର ସମ୍ଭାଳିବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଭୁବନେଶ୍ୱରର ପ୍ରଦର୍ଶନୀ ପଡିଆରେ ସକାଳ ସାଢେ ୧୦ଟାରେ ହେବାକୁ ଥିବା ଏହି ଶପଥ ଗ୍ରହଣ ଉତ୍ସବ ପାଇଁ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡା କରାଯାଇଛି। ଉତ୍ସବସ୍ଥଳଠାରୁ ଆରମ୍ଭ କରି ପୂରା ରାଜଧାନୀରେ ଟ୍ରାଫିକ କଟକଣା ମଧ ଲାଗୁ କରାଯାଇଛି। ବିଶେଷକରି ମୁଖ୍ୟମନ୍ତ୍ରୀ ଓ ଯୋଗଦେବାକୁ ଆସୁଥିବା ବିଶିଷ୍ଟ ଅତିଥିଙ୍କ ରୁଟ୍‌ର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ମଙ୍ଗଳବାର ଅପରାହ୍ନରେ ପୋଲିସ ପକ୍ଷରୁ କାର୍‌କେଡ୍ ରିହରସାଲ କରାଯାଇଛି।

କମିଶନରେଟ ପୋଲିସ ପକ୍ଷରୁ ମିଳିଥିବା ସୂଚନାନୁସାରେ, ସୁରକ୍ଷା ଦାୟିତ୍ୱରେ ୨୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଏଥିସହ ସାଦା ପୋଷାକଧାରୀ ପୋଲିସ, କୁଇକ୍ ଆକ୍ସନ ଟିମ୍ ଓ ଡଗ୍ ସ୍କ୍ୱାଡ୍ ରହିବେ। ସହରର ବିଭିନ୍ନ ସ୍ଥାନରେ ୩୦ରୁ ଅଧିକ ସିସିଟିଭି ଲଗାଯାଇଥିବାବେଳେ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଦର୍ଶନୀ ପଡିଆ ପାର୍ଶ୍ୱରେ ଥିବା ବଡ଼ କୋଠାଗୁଡିକୁ ପୋଲିସ ନିଜ ଅଧୀନକୁ ନେବ। ବରିଷ୍ଠ ପୋଲିସ ଅଧିକାରୀମାନେ କଣ୍ଟ୍ରୋଲରୁମ୍‌ରେ ରହି ପୂରା ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିବେ। ସମସ୍ତ ସୁରକ୍ଷା ଦାୟିତ୍ୱ ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ ଉପରେ ନ୍ୟସ୍ତ କରାଯାଇଛି।

ଉତ୍ସବ ପାଇଁ ଯାତାୟାତ କଟକଣା ଲାଗୁ କରାଯାଇଛି। ରାମମନ୍ଦିର ଛକରୁ ହାଉସିଂ ବୋର୍ଡ ଛକ (ମଧୁସୂଦନ ମାର୍ଗ) ରାସ୍ତାରେ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ଯାତାୟାତ ବନ୍ଦ ରହିବ। ଯେଉଁ ଯାତ୍ରୀମାନେ ବାଣୀବିହାର ଛକ ଆଡୁ ଆସି ରାମମନ୍ଦିର ଛକ ଦେଇ ହାଉସିଂବୋର୍ଡ ଛକ ଆଡକୁ ଯିବାକୁ ଚାହୁଁଥିବେ ସେମାନେ ମାଷ୍ଟରକ୍ୟାଣ୍ଟିନ ଦେଇ ଲୋୟର ପିଏମ୍‌ଜି ବାଟେ ହାଉସିଂ ବୋର୍ଡ ଛକ ଆଡକୁ ଯାଇପାରିବେ। ସେହିପରି ଆଚାର୍ଯ୍ୟବିହାର ଛକ ଆଡୁ ଆସୁଥିବା ଲୋକେ ହାଉସିଂ ବୋର୍ଡ ଛକ ଦେଇ ରାମମନ୍ଦିର ଆଡକୁ ଯାଇପାରିବେ।

### କେଉଁ ପ୍ରବେଶ ପଥରେ କେଉଁମାନେ ଯିବେ

ଶପଥଗ୍ରହଣ ସମାରୋହ ସ୍ଥଳରେ ରହିବ ୩ଟି ପ୍ରବେଶ ପଥ। ଗେଟ୍ ନଂ.୩ରେ ରାଜ୍ୟପାଳ, ହାଇକୋର୍ଟର ମୁଖ୍ୟ ବିଚାରପତି ଓ ମୁଖ୍ୟମନ୍ତ୍ରୀ ପ୍ରବେଶ କରିବେ। ଗେଟ୍ ନଂ.୨ ଦେଇ ଆସିବେ ନିର୍ବାଚିତ ଏମ୍‌ପି ଓ ବିଧାୟକ। ୧ ନମ୍ବର ଗେଟ୍‌ରେ ଅନ୍ୟ ନିମନ୍ତ୍ରିତ ଅତିଥିମାନେ ପ୍ରବେଶ କରିବେ। ଅନ୍ୟପକ୍ଷରେ ପାସ୍ ପାଇଥିବା ଯାନବାହନଗୁଡିକୁ ନିର୍ଦ୍ଧାରିତ ପାର୍କିଂସ୍ଥଳ ପର୍ଯ୍ୟନ୍ତ ଛଡ଼ାଯିବ। ଉତ୍ସବ ସ୍ଥଳକୁ ଯିବା ପାଇଁ ପିଙ୍କ୍, ଗ୍ରୀନ୍ ଓ ୟେଲୋ ଆଦି ୩ଟି ରଙ୍ଗର ପାସ୍ ବ୍ୟବସ୍ଥା କରାଯାଇଛି। ପିଙ୍କ୍ ପାସ ଥିବା ବ୍ୟକ୍ତିମାନେ ସଚିବାଳୟ ମାର୍ଗ ଦେଇ ଗେଟ୍ ନଂ.୨ ବାଟେ ପଡିଆକୁ ଯିବେ। ଗ୍ରୀନ୍ ପାସ୍‌ଧାରୀ ହାଉସିଂବୋର୍ଡ ଛକ ଦେଇ ଗେଟ୍ ନଂ.୩ (ଦୃଷ୍ଟିହୀନ ବିଦ୍ୟାଳୟ ସମ୍ମୁଖ)ବାଟେ ଓ ୟେଲୋ ପାସ୍ ପାଇଥିବା ବ୍ୟକ୍ତିମାନେ ରାମମନ୍ଦିର ପଟେ ପ୍ରବେଶ କରି କ୍ୟାପିଟାଲ ହାଇସ୍କୁଲ ସମ୍ମୁଖ ଗେଟ୍ ନଂ.୪ ଓ ୫ ଦେଇ ପଡିଆକୁ ଯିବେ। ପିଙ୍କ୍ ପାସ୍‌ଧାରୀ ୨ ନମ୍ବର ଗେଟ୍ ନିକଟ, ଗ୍ରୀନ୍ ପାସ୍‌ଧାରୀ ମଧୁସୂଦନ ମାର୍ଗ ଓ ୟୋଲୋ ପାସ୍‌ଧାରୀ କ୍ୟାପିଟାଲ ହାଇସ୍କୁଲ ପଡିଆ ଅସ୍ଥାୟୀ ପାର୍କିଂସ୍ଥଳରେ ଗାଡି ରଖିବେ।



ପ୍ରଦର୍ଶନୀ ପଡ଼ିଆରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି ପୋଲିସ କମିଶନର ଓ ଅନ୍ୟ ଅଧିକାରୀମାନେ ।




ଶପଥ ଗ୍ରହଣ ଉତ୍ସବର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକା କଳା।

### ବାତ୍ୟା ସହାୟତା ପ୍ରସଙ୍ଗ
## ଜିଲାପାଳଙ୍କୁ ଚିଠି ଲେଖିଲେ ବିଧାୟକ

**ପୁରୀ ଅଫିସ, ୨୮।୫:** ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ପୁରୀ ଛାରଖାର ହୋଇଯାଇଛି। ସାଧରଣ ଜନଜୀବନ ପ୍ରଭାବିତ ହୋଇଥିବାବେଳେ କ୍ଷତିଗ୍ରସ୍ତ ଲୋକଙ୍କୁ ଜିଲାପ୍ରସାଶନ ପକ୍ଷରୁ ବିପନ୍ନ ମାନଙ୍କ ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ତାହାର ସବିଶେଷ ରିପୋର୍ଟ ପ୍ରଦାନ ପାଇଁ ନବନିର୍ବାଚିତ ବିଧାୟକ ଜୟନ୍ତକୁମାର ଷଡ଼ଙ୍ଗୀ ମଙ୍ଗଳବାର ରାତିରେ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ବାତ୍ୟାର ତିନି ସପ୍ତାହ ପରେ ବି ଲୋକଙ୍କ ନିକଟରେ ପ୍ରଶାସନ ପହଞ୍ଚିପାରି ନାହିଁ। ରିଲିଫ ସାମଗ୍ରୀ ଓ ବିଦ୍ୟୁତ ସଂଯୋଗକୁ ନେଇ ଲୋକେ ବାରମ୍ବାର ରାଜରାସ୍ତାକୁ ଓହ୍ଲାଉଛନ୍ତି। ପ୍ରକୃତ ହିତାଧିକାରୀ ରିଲିଫରୁ ବଞ୍ଚିତ ହେଉଥିବାବେଳେ କେତେକ ରାଜନୈତିକ ବ୍ୟକ୍ତି ବିଶେଷ ସେମାନଙ୍କ ସମର୍ଥକଙ୍କ ନିକଟକୁ ରିଲିଫ ପହଞ୍ଚାଉଥିବା ଅଭିଯୋଗ ହେଉଛି। ତେଣୁ ରିଲିଫ ପ୍ରଦାନରେ ନିରପେକ୍ଷତା ସହ ଜିଲାପ୍ରଶାସନ ପକ୍ଷରୁ ସବିଶେଷ ରିପୋର୍ଟ ଦାଖଲ ପାଇଁ ବିଧାୟକ ଷଡ଼ଙ୍ଗୀ ଏହି ଚିଠି ଲେଖିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସନ୍ତୋଷ ହେଉଛି ପ୍ରକୃତିଦତ୍ତ ସମ୍ପଦ, ଆଉ ବିଳାସର ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ।
-ସକ୍ରେଟିସ୍



## ସଂକ୍ଷେପରେ

### ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା

**କଟକ ଅଫିସ, ୨୮।୫:** ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା ଓ କବିତା ପାଠୋତ୍ସବ ସ୍ଥାନୀୟ ନୂଆବଜାରସ୍ଥିତ ଏଗ୍ରିକଲଚର୍ କଲୋନୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶ୍ୱିନୀ କୁମାର ସେଠୀ ସଭାପତିତ୍ୱ କରି ସମାଜ ସେବାରେ ସାହିତ୍ୟ ଓ ଗାନ୍ଧିବାଦ ବିଷୟରେ ଆଲୋକପାତ କରିଥିଲେ। ଇଂ. ହରିହର ସେଠୀ, ପ୍ରାଧାପକ ଆଦିତ୍ୟ ପ୍ରତାପ ଧଳ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ଯୁଗରେ ଗାନ୍ଧିବାଦର ଭୂମିକା ବିଷୟରେ ଆଲୋଚନା କରିଥିଲେ। କବିତା ପାଠୋତ୍ସବରେ ପ୍ରସନଜିତ୍ ସାହୁ, ସନ୍ତୋଷ କୁମାର ପାଲ, ସ୍ୱରୂପ ମିଶ୍ର, ରାଜ କିଶୋର ସ୍ୱାଇଁ, ରତନ ମହାନ୍ତି, ଅନ୍ନପୂର୍ଣ୍ଣା ସାହୁ, ପୁଷ୍ପାଞ୍ଜଳି ଲେଙ୍କା, ପ୍ରଭାତିରାଣୀ ମହାନ୍ତି, ବନଲତା ସିଂହ ପ୍ରମୁଖ ଯୋଗଦେଇଥିଲେ। କୁନଲତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

### ଭାରତୀୟ ସଂସ୍କୃତି ପ୍ରଚାର ସମିତିର ବାର୍ଷିକ ଉତ୍ସବ

**କଟକ ଅଫିସ,୨୮।୫:** ଭାରତୀୟ ସଂସ୍କୃତି ପ୍ରଚାର ସମିତିର ବାର୍ଷିକ ଉତ୍ସବ ଚଣ୍ଡୀ ମନ୍ଦିର ମାର୍ଗସ୍ଥିତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଡ. ନାରାୟଣ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ପ୍ରଚାରକ ବିପିନ ପ୍ରସାଦ ନନ୍ଦ ଯୋଗଦେଇ ସମାଜର କଲ୍ୟାଣ ଦିଗରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ପାଦକ ନୃସିଂହ ଚରଣ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଆଗାମୀ ୩ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଡ. ନାରାୟଣ ମହାନ୍ତି ସଭାପତି, ରାଧେଶ୍ୟାମ ଚିମନକା ଉପସଭାପତି, ନୃସିଂହ ଚରଣ ପଣ୍ଡା ସମ୍ପାଦକ, ରାମକୃଷ୍ଣ ରଥ ସହସମ୍ପାଦକ, ସତ୍ୟନାରାୟଣ ମିଶ୍ର କୋଷାଧକ୍ଷ ଏବଂ ଶିବନାରାୟଣ ସିଂହ, ପ୍ରମୋଦିନୀ ଦାସ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ।

### ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଶ୍ରାଦ୍ଧବାର୍ଷିକ

**କଟକ ଅଫିସ, ୨୮।୫:** କଟକ ନଗର ଜିଲା କଂଗ୍ରେସ କମିଟି ପକ୍ଷରୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଶ୍ରାଦ୍ଧବାର୍ଷିକ ସୋମବାର ପାଳିତ ହୋଇଛି। ଏହି ଅବସରରେ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ କମିଟି ସଭାପତି ତଥା ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ପୌରୋହିତ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ନେହେରୁଙ୍କ ଫଟୋଚିତ୍ରରେ ମୋକିମ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କଂଗ୍ରେସ ଦଳର ନୀତି ଓ ଆଦର୍ଶକୁ ଆଧାର କରି କର୍ମୀମାନେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ବିଧାୟକ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ସାଧାରଣ ସମ୍ପାଦିକା ଗିରିବାଳା ବେହେରା, ନିକୁଞ୍ଜ ପଶାୟତ, ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, କଂଗ୍ରେସ ନେତା ଅଶ୍ୱିନୀ ମହାରଣା ପ୍ରମୁଖ ଯୋଗଦେଇ ନେହେରୁଙ୍କ ସ୍ମୃତିଚାରଣ କରିଥିଲେ।

### ପଥଚାରୀଙ୍କୁ ଦହି ସର୍ବତ ବଣ୍ଟନ

**ଟିଗିରିଆ,୨୮।୫(ଡି.ଏନ.ଏ.):** ଟିଗିରିଆ ଯୁବ ଅହମ୍ମଦିଆ ପଙ୍କାଲ ପକ୍ଷରୁ ସୋମବାର ଖୁଣ୍ଟୁଣୀ-ନରସିଂହପୁର ରାଜ୍ୟ ରାଜପଥର ପଙ୍କାଲ ଛକଠାରେ ପଥଚାରୀଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଯୁବ ଅହମ୍ମଦିଆ ସଭାପତି ସାଦ୍ଦିକ ଅହମ୍ମଦ, ୟାମିନ ଖାଁ, ଅଜିମ ଖାଁ, କୁରବାନ ଖାଁ, ସାହିଲ ଖାଁ ପ୍ରମୁଖଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଯୁବକ ସାମିଲ ହୋଇଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

■ ଆଠଗଡ଼ ବନ ଉନ୍ନୟନ ସଂସ୍ଥାର ୭ମ ବାର୍ଷିକ ଅଧିବେଶନ

# ‘ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ଜରୁରୀ’

**ଆଠଗଡ଼,୨୮।୫(ସ୍ୱ.ପ୍ର.)**



ଆଠଗଡ଼ ବନ ଉନ୍ନୟନ ସଂସ୍ଥାର ବାର୍ଷିକ ଅଧିବେଶନରେ ଯୋଗଦେଇଥିବା ଅତିଥି।

ଆଠଗଡ଼ ବନ ଉନ୍ନୟନ ସଂସ୍ଥାର ୭ମ ବାର୍ଷିକ ସାଧାରଣ ଅଧିବେଶନ ମଙ୍ଗଳବାର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ବନ ଉନ୍ନୟନ ସଂସ୍ଥାର ଅଧକ୍ଷ ତଥା ଅନୁଗୋଳସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରଦୀପରାଜ କରାଟେ ଏଥିରେ ଅଧକ୍ଷତା କରି ପରିବେଶ ସନ୍ତୁଳନ ରକ୍ଷା ପାଇଁ ଜଙ୍ଗଲ ସମ୍ପଦ, ବନ୍ୟଜନ୍ତୁ ଓ ଆର୍ଦ୍ରଭୂମିର ସୁରକ୍ଷା ଏବଂ ଅଭିବୃଦ୍ଧି ଅତ୍ୟନ୍ତ ଜରୁରୀ ବୋଲି ମତପ୍ରକାଶ କରିଥିଲେ। ଓଡ଼ିଶାରେ ୬୧ ହଜାର ବର୍ଗ କିଲୋମିଟର ଜଙ୍ଗଲ ସମ୍ପଦ ଯାହାକି ରାଜ୍ୟର ମୋଟ ଆୟତନର ୩୨ ପ୍ରତିଶତ ବୋଲି କରାଟେ କହିବା ସହ ଓଡ଼ିଶାବାସୀଙ୍କ ଜଙ୍ଗଲସମ୍ପଦ ସହିତ ଥିବା ଭାବଗତ ସମ୍ପର୍କ ନିଆରା ବୋଲି ମତବ୍ୟକ୍ତ କରିଥିଲେ। ଏତଦ୍‌ବ୍ୟତୀତ ଜଙ୍ଗଲ ଗୁଡିକର ନିକଟବର୍ତ୍ତୀ ଗ୍ରାମାଞ୍ଚଳର ସମନ୍ୱିତ ବିକାଶ ସହିତ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ଲାଗି ସରକାର ଏବେ ଅନେକ ଅନୁଯୋଜନା ହାତକୁ ନେଇଥିବା ଆରସିସିଏଫ କରାଟେ ସୂଚନ ଦେଇଥିଲେ।

ଆଠଗଡ଼ ବନ ଉନ୍ନୟନ ସଂସ୍ଥାର ସଭ୍ୟ ସଚିବ ତଥା ଡିଏଫଓ ସସ୍ମିତା ଲେଙ୍କା ସଂସ୍ଥାର ବାର୍ଷିକ ବିବରଣୀ ଉପସ୍ଥାପନ କରିବା ସହ ୨୦୧୧-୧୨ରୁ ୨୦୧୮-୧୯ ପର୍ଯ୍ୟନ୍ତ କରାଯାଇଥିବା ବନୀକରଣ ବିଷୟରେ ଆଲୋକପାତ କରିଥିଲେ। ଏଥିସହିତ ଆସନ୍ତା ୨୦୧୯-୨୦ ବର୍ଷ ପାଇଁ ମୋଟ ୧୬୫ ହେକ୍ଟର ଜମିରେ ନୂତନ ବନୀକରଣ ପାଇଁ ଯୋଜନା ରହିଥିବା ଲେଙ୍କା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ପରିବେଶବିତ ତଥା ଅବସରପ୍ରାପ୍ତ ବିଚାର ବିଭାଗୀୟ ଅଧିକାରୀ ଚିତ୍ତରଞ୍ଜନ ଦାଶ ଯୋଗଦେଇ ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ ଯୋଗୁ ଦିନକୁ ଦିନ ଉତ୍ତାପ ବୃଦ୍ଧି ସହିତ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଜୀବଜଗତ ପାଇଁ ବିପଦର

> ■ ୧୬୫ ହେକ୍ଟର ଜମିରେ ବନୀକରଣ ପାଇଁ ଯୋଜନା
> ■ ଜଙ୍ଗଲ ସମ୍ପଦର ଅବକ୍ଷୟ ଯୋଗୁ ଉତ୍ତାପ ବୃଦ୍ଧି ପାଉଛି
> ■ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଜୀବଜଗତ ପାଇଁ ବିପଦର କାରଣ ହୋଇଛି

କାରଣ ହୋଇଛି ବୋଲି ମତପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବିଡିଓ ଅଜାମ୍ବର ମହାନ୍ତି ଯୋଗଦେଇ ସଚେତନତା ଅଭାବରୁ ଲୋକେ ନିଜ ସ୍ୱାର୍ଥ ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବାରୁ ଜଙ୍ଗଲ ସମ୍ପଦ ଓ ବନ୍ୟଜନ୍ତୁ ବହୁଳ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ବନ ସୁରକ୍ଷା ସମିତି ଏବଂ ବନବିଭାଗ ଲୋକଙ୍କୁ ଏଥିପ୍ରତି ସଚେତନ କରିବା ସହ ଜଙ୍ଗଲ ନିଆଁ ରୋକିବା ଲାଗି ପଦକ୍ଷେପ ନେବା ଲାଗି ସେ ପରାମର୍ଶ ଦେଇଥିଲେ। ଆଠଗଡ଼ର ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର ଦାସ କର୍ଯ୍ୟକ୍ରମ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଠଗଡ଼ ବନଖଣ୍ଡ ଅଧୀନସ୍ଥ ୧୬୧ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଏହି ଅଧିବେଶନରେ ଯୋଗଦାନ କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ନରସିଂହପୁର ସହକାରୀ ବନ ସଂରକ୍ଷକ ପୂର୍ଣ୍ଣଚନ୍ଦ୍ର ଗୁରୁ ଧନ୍ୟବାଦ ଦେଇଥିଲେ।

## ଅନୁସୂଚିତ ପାଇକ ଜାତି ସଂଘର ବାର୍ଷିକ ସମ୍ମିଳନୀ

**ବାଙ୍କୀ,୨୮।୫(ସ୍ୱ.ପ୍ର.)**

ରାଜ୍ୟ ଅନୁସୂଚିତ ପାଇକ ଜାତି ସଂଘର ୫୮ତମ ବାର୍ଷିକ ସମ୍ମିଳନୀ ବାଙ୍କୀ ବ୍ଲକ କଳାପଥର ନିକଟସ୍ଥ ଶ୍ରୀରାମପୁର ଗ୍ରାମରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କୈଳାସ ଚନ୍ଦ୍ର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅଚ୍ୟୁତା ନନ୍ଦ ନାୟକ ବାର୍ଷିକ ବିବରଣୀ ପାଠ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସାମାଜିକ କର୍ମୀ ବିରଞ୍ଚି ନାରାୟଣ ନାୟକ ଉଦ୍‌ବୋଧନ ଦେଇଥିଲେ। ସନ୍ତୋଷ କୁମାର ନାୟକ, ସ୍ଥାନୀୟ ସରପଞ୍ଚ ସନ୍ତୋଷ ବେହେରା ଏବଂ ବ୍ଲକ ଅଧକ୍ଷ ଗୋପାଳ ଚରଣ ବେହେରା ଅନୁସୂଚିତ ପାଇକ ଜାତି ସଂଘର ଉନ୍ନତି ନିମନ୍ତେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବାଙ୍କୀ ରାଜ୍ୟର ସଭାପତି ବେଣୁଧର ନାୟକ, ସଂଘ ସମ୍ପାଦକ ନିର୍ମଳ ନାୟକ, କୋଷାଧ୍ୟକ୍ଷ ନରେଶ ନାୟକ ଏବଂ ଶ୍ରୀରାମପୁରର ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଯୁବ ସାମାଜିକ କର୍ମୀ ତ୍ରିନାଥ ନାୟକ ଧନ୍ୟବାଦ ଦେଇଥିଲେ।

## ପଣ୍ଡିତ ଗୋବିନ୍ଦ ରଥଙ୍କ ଶ୍ରାଦ୍ଧ ଦିବସ



ବାଙ୍କୀ ବରପୁତ୍ର ପଣ୍ଡିତ ଗୋବିନ୍ଦ ରଥଙ୍କ ଶ୍ରାଦ୍ଧ ଦିବସରେ ମଞ୍ଚାସୀନ ଅତିଥି।

**ବାଙ୍କୀ,୨୮।୫(ସ୍ୱ.ପ୍ର.)**

ବାଙ୍କୀ ବରପୁତ୍ର ପଣ୍ଡିତ ଗୋବିନ୍ଦ ରଥଙ୍କ ୧୦୧ତମ ଶ୍ରାଦ୍ଧ ଦିବସ ବାଙ୍କୀ ପ୍ରେସ୍ କ୍ଲବ ବିଦ୍ୟାରତ୍ନ ଭବନଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପ୍ରେସକ୍ଲବ ପୃଷ୍ଟପୋଷକ ତଥା ପ୍ରାକ୍ତନ ବିଧାୟକ ପ୍ରଭାତ ତ୍ରିପାଠୀ ମୁଖ୍ୟଅତିଥିଭାବେ ଯୋଗଦେଇ ରଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି ଓଡ଼ିଆ ଭାଷାର ସୁରକ୍ଷା ସମ୍ପର୍କରେ ପଣ୍ଡିତ ରଥଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ପଣ୍ଡିତ ରଥଙ୍କ ଅଧିକ ସମୟ କଟିଥିବା କଟକ ସହରରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ଏବଂ ଭୁବନେଶ୍ୱରର ଓଡ଼ିଶା ସାହିତ୍ୟ ଏକାଡେମି ପକ୍ଷରୁ ପ୍ରତିବର୍ଷ ରାଜ୍ୟସ୍ତରୀୟ ସଭା କରାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ତ୍ରିପାଠୀ ପ୍ରତିଶ୍ରୁତି ଦେଇଥିଲେ। ବାଙ୍କୀ କ୍ରେଡିଟ୍ କୋଅପେରେଟିଭ୍ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ କୃତ୍ତିବାସ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କବି ଶରତ ଚନ୍ଦ୍ର ମହାପାତ୍ର ରଥଙ୍କ ସମ୍ପର୍କରେ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସୁବାସ ଚନ୍ଦ୍ର ପାଢୀ ବିବରଣୀ ପ୍ରଦାନ କରିଥିଲେ। ପରେ ରଥଙ୍କ ସମ୍ପର୍କରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଖବରଦାତା ଜ୍ଞାନେନ୍ଦ ମୋହନ ମିଶ୍ର ଧନ୍ୟବାଦ ଦେଇଥିଲେ। ବୟୋଜ୍ୟେଷ୍ଠ ନାଗରିକ ସଂଘ ସଭାପତି ବିରଞ୍ଚି ଦାସ, ଦେବେନ୍ଦ୍ର ନାଥ ବେହେରା, ଅପର୍ଣ୍ଣା ମନ୍ତ୍ରୀ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ସନ୍ତୋଷ ମହାପାତ୍ର ଓ ଚିନ୍ତାମଣି ମହାପାତ୍ରଙ୍କ ସମେତ ବହୁବ୍ୟକ୍ତି ଯୋଗଦେଇ ରଥଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଅଚ୍ୟୁତାନନ୍ଦଙ୍କ ସ୍ନାନ ଯାତ୍ରା ପ୍ରସ୍ତୁତି ବୈଠକ



ଅଚ୍ୟୁତାନନ୍ଦଙ୍କ ପୀଠ ପରିସରରେ ଅନୁଷ୍ଠିତ ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ନେମାଳ,୨୮।୫(ଡି.ଏନ.ଏ.)**

ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଦେବସ୍ନାନ ପୂର୍ଣ୍ଣିମା ଯାତ୍ରା ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅଚ୍ୟୁତାନନ୍ଦଙ୍କ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିଶ୍ଚିନ୍ତକୋଇଲି ତହସିଲଦାର ଜିତେନ୍ଦ୍ର ପାତ୍ର ଅଧକ୍ଷତା କରି ଚଳିତ ବର୍ଷ ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ପାତ୍ର ସମସ୍ତଙ୍କୁ ନିବେଦନ କରିଛନ୍ତି। ପାନୀୟ ଜଳ, ଗମନାଗମନ, ସ୍ୱାସ୍ଥ୍ୟସେବା, ଟ୍ରାଫିକ୍ ବ୍ୟବସ୍ଥା, ଉଜ୍ଜ୍ୱଳ ଆଲୋକ, ଭିଆଇପିଙ୍କୁ ପାସ୍ ପ୍ରଦାନ, ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ, ପ୍ରଭୁଙ୍କ ପୂଜାର୍ଚ୍ଚନା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଫନୀ ବାତ୍ୟାରେ ପୀଠ ଚର୍ତୁପାର୍ଶ୍ୱ ଓ ଚିତ୍ରୋତ୍ପଳା ବାଲିମେଳା ପଡ଼ିଆରେ ବ୍ୟାପକ ଗଛ ଭାଙ୍ଗି ଯାଇଥିବାରୁ ଆଗାମୀ ଦିନରେ ଚାରାରୋପଣ ପାଇଁ ତହସିଲଦାର ପାତ୍ର ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ନେମାଳ ଥାନା ଅଧିକାରୀ ନିହାରରଞ୍ଜନ ମହାନ୍ତି, ଡ. ଦିଲୀପ କୁମାର ଦେ, ଅକ୍ଷୟ ସାହୁ, ହରେକୃଷ୍ଣ ପୂଝାରୀ, ଅଜୟ କୁମାର ପୃଷ୍ଟି, ସେବକ ସଂଘ ସଭାପତି କ୍ଷମାନିଧି ପୂଝାରୀ, କେଶବ ଚନ୍ଦ୍ର ଦଳାଇ, ବିମଳ କୁମାର ଦାସ, ସୁଧାଂଶୁ ଶେଖର ମହାପାତ୍ର, ଖବରଦାତା ରତ୍ନାକର ବାରିକ ଓ ଟ୍ରଷ୍ଟ ପକ୍ଷରୁ ଶରତ ମଲ୍ଲିକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### କଳ୍ପନା ଦାଶଙ୍କୁ ଶ୍ରଦ୍ଧାଞ୍ଜଳି

**ବାଙ୍କୀ,୨୮।୫(ସ୍ୱ.ପ୍ର.)**

ପର୍ବତ ଅରୋହଣକାରିଣୀ କଳ୍ପନା ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ବାଙ୍କୀ ଶିମିଳିପୁରର ବିନୋରୀ ଭବନଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଆଦର୍ଶ ଯୁବ ପରିଷଦ ଚକାପଦା ଓ ଆମ ପରିବାର ଚକ୍ର ଶିମିଳିପୁରର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ କୁମାର ଅମୀୟ ପୌରୋହିତ୍ୟ କରିଥିଲେ। କବି ବିଦ୍ୟାଧର ଖଗୁଆଙ୍କ ସଭାପତିତ୍ୱରେ ପ୍ରଦୀପ ଜେନା, ଜ୍ୟୋତି ରଞ୍ଜନ ପାଢୀ, ବିଜୟ ରଣା, ମୃତ୍ୟୁଞ୍ଜୟ ପୃଷ୍ଟି, ନିରଞ୍ଜନ ପଣ୍ଡା, ଅକ୍ଷୟ ସାମଲ, ଶଙ୍କର ନାୟକ ଅଂଶଗ୍ରହଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଗୁଜରାଟର କୋଚିଂ ସେଣ୍ଟର ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

## ଅତିରିକ୍ତ ତହସିଲଦାରଙ୍କୁ ବିଡିଓଙ୍କ ଚାପୁଡ଼ା
### ଉପଜିଲାପାଳଙ୍କ ଉପସ୍ଥିତିରେ ଆପୋସ ବୁଝାମଣା

**ବାଲକାଟୀ,୨୮।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲାର ଏକ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜଣେ ମହିଳା ଅଧିକାରୀ ଅନ୍ୟ ଜଣେ ଅଧସ୍ତନ ମହିଳା ଅଧିକାରୀଙ୍କୁ ଚାପୁଡା ମାରିଥିବା ଜଣାପଡ଼ିଛି। ଫଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ଉପଜିଲାପାଳଙ୍କ ପାଖରେ ଖବର ପହଞ୍ଚିବାରୁ ଉଭୟଙ୍କ ମଧ୍ୟରେ ଆପୋସ ବୁଝାମୁଣା ହୋଇ ସମାଧାନ ହୋଇଛି। ଜଣେ ପ୍ରତ୍ୟକ୍ଷଦର୍ଶୀ କର୍ମଚାରୀଙ୍କ କହିବା ଅନୁଯାୟୀ, ସୋମବାର ସନ୍ଧ୍ୟା ସୁଦ୍ଧା ଫନୀଜନିତ ଘରଭଙ୍ଗା ରିପୋର୍ଟ ଜିଲାପାଳଙ୍କୁ ଦେବା ପାଇଁ ଉକ୍ତ ବ୍ଲକ ଅଫିସ୍‌ରେ କର୍ମଚାରୀଙ୍କ ମଧ୍ୟରେ ପ୍ରସ୍ତୁତି ଚାଲିଥାଏ। ଉକ୍ତ ରିପୋର୍ଟ କମ୍ପ୍ୟୁଟରରେ ସମୀକ୍ଷା କରିବା ପାଇଁ ବିଡିଓ, ଅତିରିକ୍ତ ତହସିଲଦାର, ଏବିଡିଓ ଓ ଆସିଷ୍ଟାଣ୍ଟ ଇଞ୍ଜିନିୟର ମଧ୍ୟ ଉପସ୍ଥିତ ଥିଲେ। ଘରଭଙ୍ଗା ରିପୋର୍ଟ ଆଲୋଚନାକୁ ନେଇ ବିଡିଓ ଓ ଅତିରିକ୍ତ ତହସିଲଦାରଙ୍କ ମଧ୍ୟରେ ବଚସା ହୋଇଥିଲା। ହେଲେ ହଠାତ୍ ବିଡିଓ ଉତ୍ତ୍ୟକ୍ତ ହୋଇ ଅତିରିକ୍ତ ତହସିଲଦାରଙ୍କୁ ସମସ୍ତ କର୍ମଚାରୀଙ୍କ ସମ୍ମୁଖରେ ଚାପୁଡ଼ା ମାରିଥିଲେ। ଫଳରେ ଅତିରିକ୍ତ ତହସିଲଦାର ଏ ନେଇ ଥାନାରେ ଏତଲା ଦେବାକୁ ଅଡ଼ି ବସିଥିଲେ। ମାତ୍ର ଅଫିସ କଥା ପଦାରେ ପଡିଯିବା ଏବଂ କାର୍ଯ୍ୟାନୁଷ୍ଠାନ ଭୟରେ ଅନ୍ୟ କର୍ମଚାରୀମାନେ ତାଙ୍କୁ ବୁଝାଶୁଝା କରି ଅଟକାଇଥିଲେ। ତଥାପି ପରିସ୍ଥିତି ସୁଧୁରି ନ ଥିଲା। ଶେଷରେ ଉପଜିଲାପାଳ ଘଟଣାର ସମାଧାନ କରିଥିଲେ। ଏକ ଭୁଲ୍ ବୁଝାମଣା ଯୋଗୁ ଏପରି ଘଟଣା ଘଟିଗଲା ବୋଲି ଉକ୍ତ ବିଡିଓ ଜଣକ କହିଥିବାବେଳେ ଅତିରିକ୍ତ ତହସିଲଦାର ଘଟଣା ସତ ବୋଲି ମାନିବା ସହ ଅଧିକ କିଛି କହିପାରିବେ ନାହିଁ ବୋଲି କହି ଫୋନ କାଟି ଦେଇଥିଲେ।

### ରାମଲୀଳା କଳାକାର ସମ୍ବର୍ଦ୍ଧିତ

**ବାଙ୍କୀ,୨୮।୫(ବି.ପ୍ର.)**

ଡମପଡା ବ୍ଲକ ଅନ୍ତର୍ଗତ କୁଶପଙ୍ଗି ଗ୍ରାମର ରମେଶଚନ୍ଦ୍ର ନାୟକ ଜଣେ ପ୍ରଚଣ୍ଡ କଳାର ଅଧିକାରୀ। ଗାଁର ଛୋଟ ମଞ୍ଚରୁ ଅଭିନୟ ଆରମ୍ଭ କରିଥିଲେ। ପରେ ଦୀର୍ଘ ବର୍ଷ ଧରି କୁଶପଙ୍ଗି ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ରାମଲୀଳାରେ ରାବଣ ଭୂମିକାରେ ଅଭିନୟ କରି ବେଶ ଚର୍ଚ୍ଚିତ ଓ ସୁନାମ ଅର୍ଜନ କରିଛନ୍ତି। ବହୁ ମଞ୍ଚରେ ତାଙ୍କର ଚର୍ଚ୍ଚିତ ଭୂମିକା ରହିଛି। ଏହି ଅବସରରେ ଚଳିତ ବର୍ଷ କଟକ ନୂଆ ବଜାର ପୋତା ପୋଖରୀସ୍ଥିତ ସମର୍ପଣ ପରିବାର ପକ୍ଷରୁ ରମେଶଙ୍କୁ ଏକ ସାଂସ୍କୃତିକ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଛି। ଅମଣିହା ପାଟଣାଠାରେ ସଞ୍ଚାଳିତ ରାମଲୀଳା ପେଣ୍ଡାଲରେ ଅଞ୍ଚଳର କେତେଜଣ କଳାକାରଙ୍କ ସହିତ ରମେଶଚନ୍ଦ୍ରଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ସମର୍ପଣ ପରିବାର ସଭାପତି ସନତ କୁମାର ନାୟକ ଓ ସମ୍ପାଦକ ତୀର୍ଥବାସୀ ବେହେରାଙ୍କଠାରୁ ପ୍ରଶଂସାପତ୍ର ଗ୍ରହଣକରି ଗ୍ରାମ ପାଇଁ ରମେଶ ପ୍ରଶଂସାର ପାତ୍ର ପାଲଟିଛନ୍ତି।

## ନୂଆପାଟଣା ଚନ୍ଦନଯାତ୍ରା ଉଦ୍‌ଯାପିତ



ନୂଆପାଟଣା ଚନ୍ଦନ ଯାତ୍ରାର ଶେଷ ଦିନରେ ମଦନମୋହନଙ୍କ ଚାପ ଖେଳକୁ ଶ୍ରଦ୍ଧାଳୁ ଦେଖୁଛନ୍ତି।

**ଟିଗିରିଆ,୨୮।୫(ଡି.ଏନ.ଏ.)**

ଟିଗିରିଆ ବ୍ଲକ ଅଧୀନ ହସ୍ତତନ୍ତ ଗ୍ରାମ ନୂଆପାଟଣାରେ ଚାଲିଥିବା ମଦନମୋହନଜୀଉଙ୍କ ଚନ୍ଦନ ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସକାଳୁ ଶ୍ରୀଜୀଉ ଗ୍ରାମର ୩୦୦ରୁ ଊର୍ଦ୍ଧ୍ୱ ବହୁରୂପୀ ଓ ନଦୀୟା, ସଙ୍କୀର୍ତ୍ତନ ଗହଣରେ ହାତୀ ଉପରେ ବିଜେ ହୋଇ ନଗର ପରିକ୍ରମା କରିଥିଲେ। ଏହାପରେ ଚନ୍ଦନ ପୋଖରୀରେ ଯାଇ ଚାପ ଖେଳିଥିଲେ। ଦୁଇ ଦିନର ନଗର ପରିକ୍ରମଣ ପରେ ତୃତୀୟ ଦିନ ଅନ୍ତିମ ପର୍ବରେ ନୂଆପାଟଣା ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଚନ୍ଦନ ପୋଖରୀ କୂଳରେ ରହି ଚାପରେ ବିଜେ ମଦନମୋହନଙ୍କୁ ଭୋଗଲାଗି କରିବା ସହ ପୂଜାର୍ଚ୍ଚନା କରିଥିଲେ। ଠାକୁରଙ୍କ ବିଭିନ୍ନ ସେବା ନୀତିକୁ ସେବାୟତ ସଚ୍ଚିଦାନନ୍ଦ ଦାଶ, ସୁରେଶ ଦାଶ ଏବଂ ଅନ୍ୟମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ। ଗ୍ରାମ ପରିଚାଳନା କମିଟିର ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ ଚନ୍ଦନ ପୋଖରୀରେ ସମସ୍ତ ମେଢ଼ ପହଞ୍ଚିବା ପରେ ଭସାଣ ପର୍ବ ଆରମ୍ଭ ହୋଇଥିଲା।









ଟିଗିରିଆ ବ୍ଲକ ନୂଆପାଟଣା ଗ୍ରାମର ମଦନମୋହନଙ୍କ ଚନ୍ଦନ ଯାତ୍ରା ଉପଲକ୍ଷେ ବିଭିନ୍ନ ସ୍ଥାନରେ ନିର୍ମାଣ କରାଯାଇଥିବା ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ଶୋଭାଯାତ୍ରାରେ ବିସର୍ଜନ ପାଇଁ ନିଆଯାଉଛି।



ସନ୍ତୋଷ ହେଉଛି ପ୍ରକୃତିଦତ୍ତ ସମ୍ପଦ, ଆଉ ବିଳାସର ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ।
- ସକ୍ରେଟିସ୍



# ଫନୀ ଭାଙ୍ଗିଲା ଘର
# କର୍ତ୍ତୃପକ୍ଷ କହିଲେ ଶ୍ରେଣୀଗୃହ ଛାଡ଼

## ନୃସିଂହଙ୍କ ଚିନ୍ତା ଘାରିଲା

**ଖୋର୍ଦ୍ଧା ଅଫିସ,୨୮।୫**

ଫନୀ ଭାଙ୍ଗିଦେଲା ଘର। ବାସହରା ହୋଇଗଲେ ଖୋର୍ଦ୍ଧା ବ୍ଲକ ବରସାହି ପଞ୍ଚାୟତ ଠାକୁରପଡା ଗାଁର ନୃସିଂହ ଚରଣ ସାହୁଙ୍କ ପରିବାର। ସ୍କୁଲ ଘରେ ମୁଣ୍ଡ ଗୁଞ୍ଜିଥିଲେ। ହେଲେ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ହେଉଥିବାରୁ ବାତ୍ୟା ବିପନ୍ନଙ୍କ ପରିବାରକୁ ସ୍କୁଲ କର୍ତ୍ତୃପକ୍ଷ ଘର ଛାଡିବାକୁ କହୁଛନ୍ତି। ଯେଉଁ ଭଙ୍ଗା ଘର ନୃସିଂହଙ୍କର ଅଛି ସେଠାରେ ପାଲଟାଣି ଖରାଦିନେ ରହିବା ସମ୍ଭବ ନୁହେଁ। ନୃସିଂହଙ୍କୁ ରହିବା ଅସୁବିଧା ଏବେ ଚିନ୍ତାର କାରଣ ପାଲଟିଛି। ସେପଟେ ନୃସିଂହଙ୍କର ନାଁ ଘରଭଙ୍ଗା ତାଲିକାରେ ନାହିଁ। ଏଣୁ ବିଜୁ ପକ୍କାଘର ଯୋଜନା ଅଥବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ କରିବାକୁ ନୃସିଂହ ଯୋଗ୍ୟ ହୋଇପାରିବେ ନାହିଁ। ଏଭଳିସ୍ଥିତିରେ କ'ଣ କରିବେ, କେଉଁଆଡେ ଯିବେ ଚିନ୍ତାରେ ଘାରିହୋଇ ବିଡିଓ, ତହସିଲଦାରଙ୍କୁ ଭେଟିଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ସୋମବାର ଜିଲାପାଳଙ୍କୁ ଆସି ଦୁଃଖ ଜଣାଇ ଯାଇଥିବା ସୂଚନା ଦେଇଛନ୍ତି।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ନୃସିଂହଙ୍କ ପରିବାର।



ଦେଉଳଟାଙ୍ଗୀ ଗାଁର ବିପନ୍ନମାନେ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି।

### ଭଙ୍ଗାଘର ତଦନ୍ତ ହେଉନି

ବାତ୍ୟା ଫନୀ ଘର ଭାଙ୍ଗିଲା। ବାସହରା ହେଲେ ଅନେକେ। ହେଲେ ପ୍ରଶାସନିକ ତଦନ୍ତରେ ଗୁହାଳ ଘରକୁ ବାସଘର ଓ ଅନ୍ୟ ଘରର ଫଟୋ ଉଠାଇ ଘର ଭାଙ୍ଗିଥିବା ଦର୍ଶାଯାଉଛି। ସରକାରୀ ଅନୁଦାନକୁ ହଡପ ପାଇଁ ତଦନ୍ତ ରିପୋର୍ଟ ପ୍ରସ୍ତୁତ ହୋଇସାରିଛି। ପ୍ରକୃତ ବିପନ୍ନଙ୍କୁ ଅଣଦେଖା କରାଯାଇଥିବା ଦର୍ଶାଇ ଖୋର୍ଦ୍ଧା ବ୍ଲକ କାଇପଦର ଦେଉଳଟାଙ୍ଗୀ ଗାଁର ବାତ୍ୟା ବିପନ୍ନମାନେ ଜିଲାପାଳଙ୍କୁ ମଙ୍ଗଳବାର ଫେରାଦ ହୋଇଛନ୍ତି। ଏପରି କି ଦେଉଳଟାଙ୍ଗୀରେ ବିପନ୍ନ ପଲିଥିନ୍ ପାଇ ନ ଥିବା ଅଭିଯୋଗ ରହିଛି। ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ସରକାରୀ ସହାୟତା ଯୋଗାଇଦେବାକୁ ବିପନ୍ନମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

### ପଲିଥିନ୍ ଦାବିରେ ବିକ୍ଷୋଭ

ବାତ୍ୟା ଫନୀ ଯିବାର ୨୫ ଦିନରୁ ଊର୍ଦ୍ଧ୍ୱ ବିତିଯାଇଛି। ହେଲେ ଏ ଯାବତ ବାତ୍ୟା ବିପନ୍ନ ପଲିଥିନ୍ ପାଇନାହାନ୍ତି। ପଲିଥିନ୍ ନ ପାଇବାରୁ ମଙ୍ଗଳବାର ଖୋର୍ଦ୍ଧା ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ବାତ୍ୟା ବିପନ୍ନମାନେ ବିକ୍ଷୋଭ କରିଥିଲେ। ଘଟଣାସ୍ଥଳରେ ଖୋର୍ଦ୍ଧା ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଯେଉଁମାନଙ୍କର ପ୍ରକୃତ ଘର ଭାଙ୍ଗିଛି ସେମାନଙ୍କର ଲିଷ୍ଟ ଦେବାକୁ କହିବାରୁ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ବିକ୍ଷୋଭ ଅପରାହ୍ନ ୧ଟାରେ ପ୍ରତ୍ୟାହୃତ ହୋଇଥିଲା। ବିପନ୍ନମାନେ ଲିଷ୍ଟ ଧରି ତହସିଲରେ ପହଞ୍ଚିଥିଲେ। ପ୍ରକାଶଥାଉ କି ଖୋର୍ଦ୍ଧା ସହରର ୨୨ଟି ୱାର୍ଡରେ ଫନୀ ବ୍ୟାପକ କ୍ଷୟକ୍ଷତି କରିଛି। ତେବେ ଏ ଯାବତ ସବୁ ବିପନ୍ନଙ୍କ ପାଖରେ ପହଞ୍ଚିପାରିନି ପଲିଥିନ୍। ସହରର ୭ନଂ. ୱାର୍ଡ ସାମନ୍ତରାପୁରରେ କେହି ହେଲେ ବିପନ୍ନ ପଲିଥିନ୍ ପାଇ ନ ଥିବା ଅଭିଯୋଗ ରହିଛି। ସେହିପରି ୭ନଂ. ୱାର୍ଡ କାମନାବର ହରିଜନସାହି, ୮ନଂ . ୱାର୍ଡ ବୁଢ଼ୀ ବଗିଚା, ୧୦ ନଂ. ୱାର୍ଡ ଭାଲିଆବାଡି ମୁସଲମାନ ବସ୍ତି, ୧୬ ନଂ. ୱାର୍ଡ ଗୁରୁଜଙ୍ଗ ବସ୍ତି, ୧୩ ନଂ. ୱାର୍ଡ ବରୁଣେଇ ସାହିର ବିପନ୍ନ ପଲିଥିନ୍ ପାଇନାହାନ୍ତି। ଏଣୁ ୭ନଂ. ୱାର୍ଡ କାମନାବର ହରିଜନସାହି ଓ ସାମନ୍ତରାପୁର, ୮ନଂ. ୱାର୍ଡ ବୁଢ଼ି ବଗିଚା, ୧୦ ନଂ. ୱାର୍ଡ ଭାଲିଆବାଡି ମୁସଲମାନ ବସ୍ତି, ୧୬ ନଂ. ୱାର୍ଡ ଗୁରୁଜଙ୍ଗ ବସ୍ତି, ୧୩ ନଂ. ୱାର୍ଡ ବରୁଣେଇ ସାହିର ବିପନ୍ନମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଅତିରିକ୍ତ ତହସିଲଦାରଙ୍କୁ ବିଡିଓଙ୍କ ଚାପୁଡ଼ା
### ଉପଜିଲାପାଳଙ୍କ ଉପସ୍ଥିତିରେ ଆପୋସ ବୁଝାମଣା

**ବାଲକାଟୀ,୨୮।୫(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲାର ଏକ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜଣେ ମହିଳା ଅଧିକାରୀ ଅନ୍ୟ ଜଣେ ଅଧସ୍ତନ ମହିଳା ଅଧିକାରୀଙ୍କୁ ଚାପୁଡା ମାରିଥିବା ଜଣାପଡ଼ିଛି। ଫଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ଉପଜିଲାପାଳଙ୍କ ପାଖରେ ଖବର ପହଞ୍ଚିବାରୁ ଉଭୟଙ୍କ ମଧ୍ୟରେ ଆପୋସ ବୁଝାମୁଣା ହୋଇ ସମାଧାନ ହୋଇଛି। ଜଣେ ପ୍ରତ୍ୟକ୍ଷଦର୍ଶୀ କର୍ମଚାରୀଙ୍କ କହିବା ଅନୁଯାୟୀ, ସୋମବାର ସନ୍ଧ୍ୟା ସୁଦ୍ଧା ଫନୀଜନିତ ଘରଭଙ୍ଗା ରିପୋର୍ଟ ଜିଲାପାଳଙ୍କୁ ଦେବା ପାଇଁ ଉକ୍ତ ବ୍ଲକ ଅଫିସ୍‌ରେ କର୍ମଚାରୀଙ୍କ ମଧ୍ୟରେ ପ୍ରସ୍ତୁତି ଚାଲିଥାଏ। ଉକ୍ତ ରିପୋର୍ଟ କମ୍ପ୍ୟୁଟରରେ ସମୀକ୍ଷା କରିବା ପାଇଁ ବିଡିଓ, ଅତିରିକ୍ତ ତହସିଲଦାର, ଏବିଡିଓ ଓ ଆସିଷ୍ଟାଣ୍ଟ ଇଞ୍ଜିନିୟର ମଧ୍ୟ ଉପସ୍ଥିତ ଥିଲେ। ଘରଭଙ୍ଗା ରିପୋର୍ଟ ଆଲୋଚନାକୁ ନେଇ ବିଡିଓ ଓ ଅତିରିକ୍ତ ତହସିଲଦାରଙ୍କ ମଧ୍ୟରେ ବଚସା ହୋଇଥିଲା। ହେଲେ ହଠାତ୍ ବିଡିଓ ଉତ୍ତ୍ୟକ୍ତ ହୋଇ ଅତିରିକ୍ତ ତହସିଲଦାରଙ୍କୁ ସମସ୍ତ କର୍ମଚାରୀଙ୍କ ସମ୍ମୁଖରେ ଚାପୁଡ଼ା ମାରିଥିଲେ। ଫଳରେ ଅତିରିକ୍ତ ତହସିଲଦାର ଏ ନେଇ ଥାନାରେ ଏତଲା ଦେବାକୁ ଅଡ଼ି ବସିଥିଲେ। ମାତ୍ର ଅଫିସ କଥା ପଦାରେ ପଡିଯିବା ଏବଂ କାର୍ଯ୍ୟାନୁଷ୍ଠାନ ଭୟରେ ଅନ୍ୟ କର୍ମଚାରୀମାନେ ତାଙ୍କୁ ବୁଝାଶୁଝା କରି ଅଟକାଇଥିଲେ। ତଥାପି ପରିସ୍ଥିତି ସୁଧୁରି ନ ଥିଲା। ଶେଷରେ ଉପଜିଲାପାଳ ଘଟଣାର ସମାଧାନ କରିଥିଲେ। ଏକ ଭୁଲ୍ ବୁଝାମଣା ଯୋଗୁ ଏପରି ଘଟଣା ଘଟିଗଲା ବୋଲି ଉକ୍ତ ବିଡିଓ ଜଣକ କହିଥିବାବେଳେ ଅତିରିକ୍ତ ତହସିଲଦାର ଘଟଣା ସତ ବୋଲି ମାନିବା ସହ ଅଧିକ କିଛି କହିପାରିବେ ନାହିଁ ବୋଲି କହି ଫୋନ କାଟି ଦେଇଥିଲେ।

### ଭୁବନେଶ୍ୱର ଲୋକ ସଭା ଆସନରେ ଭାଜପାର ୧୧୯୮ ପୋଷ୍ଟାଲ୍ ଭୋଟ

**ଖୋର୍ଦ୍ଧା ଅଫିସ,୨୮।୫:** ଭୁବନେଶ୍ୱର ଲୋକ ସଭା ଆସନରେ ପୋଷ୍ଟାଲ ଭୋଟରେ ଭାଜପା ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ସରକାରୀ କର୍ମଚାରୀଙ୍କର ଅଧିକ ପସନ୍ଦଯୋଗ୍ୟ ହୋଇଛନ୍ତି । ମୋଟ ୧୫୦୩ ଭୋଟ ମଧ୍ୟରୁ ଅପରାଜିତା ୧୧୯୮ ଭୋଟ ପାଇଥିବାବେଳେ ବିଜେଡି ପ୍ରାର୍ଥୀ ଅରୂପ ମୋହନ ପଟ୍ଟନାୟକ ମାତ୍ର ୨୪୧ ଭୋଟ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ସମର୍ଥିତ ସିପିଆଇ(ଏମ) ପ୍ରାର୍ଥୀ ୩୩, ଅଲ ଇଣ୍ଡିଆ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଶୁଭ୍ରାଂଶୁ ଶେଖର ପାଢ଼ୀ ୧୪, ବହୁଜନ ସମାଜପାର୍ଟି ପ୍ରାର୍ଥୀ ଲଳିତ କୁମାର ନାୟକ ୬, କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ ପ୍ରାର୍ଥୀ ପ୍ରମିଳା ବେହେରା ୮, କୃପା ପାର୍ଟି ପ୍ରାର୍ଥୀ ବିଶ୍ୱନାଥ ରାଉତ ୨, କଳିଙ୍ଗ ସେନାର ପ୍ରାର୍ଥୀ ଭକ୍ତ ଶେଖର ରାୟ ୧ ଭୋଟ ପାଇଛନ୍ତି। ମାତ୍ର ୮ଟି ଭୋଟ ନୋଟାରେ ପଡିଛି।

## ଓଡ଼ିଆ ଜାତୀୟତାର ପୁନଃ ନିର୍ମାଣ ଶୀର୍ଷକ ଆଲୋଚନାଚକ୍ର

**ଖୋର୍ଦ୍ଧା ଅଫିସ,୨୮।୫**

ଫନୀ ପରେ ଓଡ଼ିଆ ଜାତୀୟତାର ପୁନଃ ନିର୍ମାଣ ଶୀର୍ଷକ ଆଲୋଚନାଚକ୍ର ଜିଲା ସଂସ୍କୃତି ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ଡ. ନାରାୟଣ ରାଓ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ଣ୍ଣାଲ ତ୍ରିକଳିଙ୍ଗର ସମ୍ପାଦକ ବୈକୁଣ୍ଠନାଥ ରାଜଗୁରୁ, ଗୋପାଳ ଚନ୍ଦ୍ର ଲାଲା, ଶିବ ସୁନ୍ଦର ପଟ୍ଟନାୟକ ଓ ଯୋଗେଶ ରଥ, ସାହିତ୍ୟିକ ସୁରେଶ ଛୋଟରାୟ, ଗବେଷକ କିଶୋର ଜେନା ଓ ଅଜୟ ମାନ୍ଧତା ପ୍ରମୁଖ ଯୋଗଦେଇ ଓଡ଼ିଆ ଜାତୀୟତାର ପୁନଃ ନିର୍ମାଣ ଉପରେ ଭିନ୍ନ ଭିନ୍ନ ମତ ରଖିଥିଲେ। ପ୍ରାୟ ୨ ହଜାର ବର୍ଷ ପୂର୍ବେ ପ୍ରଳୟଙ୍କରୀ ବାତ୍ୟା ହୋଇ ରାଜଧାନୀ ଭୁବନେଶ୍ୱରରେ ଧ୍ୱଂସବିଧ୍ୱଂସ୍ତ ହୋଇଯାଇଥିଲା। ସେତେବେଳର ରାଜଧାନୀର ନାଁ ଥିଲା କଳିଙ୍ଗ। ରାଜା ଥିଲେ ଖାରବେଳେ। ଉଦୟଗିରିର ହାତୀଗୁମ୍ଫା ଶିଳାଲେଖରେ ଏମିତି କିଛି ରୋଚକ ତଥ୍ୟ ରହିଛି ବୋଲି ବକ୍ତାମାନେ କହିଥିଲେ। ସେହିପରି ଫନୀର ପରବର୍ତ୍ତୀ ପର୍ଯ୍ୟାୟରେ ପୁନଃନିର୍ମାଣକୁ ତ୍ୱରାନ୍ୱିତ କରାଯିବା ଦରକାର। ସଙ୍ଗଠନର ରାଜ୍ୟ ଆବାହକ ସମ୍ବିତ ପଟ୍ଟନାୟକ ଅନୁଷ୍ଠାନର ଆଭିମୁଖ୍ୟ ବିଷୟରେ ସୂଚନା ଦେବା ପରେ କବି ନୀଳାଦ୍ରି ଜଗଦ୍ଦେବ, ବିକ୍ରମ ଚମ୍ପତିରାୟଙ୍କର ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।



ବଡପୋଖରୀଠାରେ ଦଧିବାମନଜୀଉଙ୍କୁ ଡଙ୍ଗାରେ ବସି ଚାପ ଖେଳୁଛନ୍ତି।

## ଦଧିବାମନ ଜୀଉଙ୍କ ଚନ୍ଦନ ଯାତ୍ରା ଉଦ୍‌ଯାପିତ

**ବେଗୁନିଆ,୨୮।୫(ଡି.ଏନ.ଏ.)**

ବେଗୁନିଆରେ ୨୧ ଦିନ ଧରି ଚାଲୁଥିବା ଦଧିବାମନ ଜୀଉଙ୍କ ଚନ୍ଦନ ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ସୋମବାର ଅପରାହ୍ନରେ ଠାକୁରଙ୍କର ଚାପ ଖେଳ ନୀତି ସମ୍ପର୍ଣ୍ଣ ହେବା ପରେ ମଙ୍ଗଳବାର ସାମୂହିକ ସାହି ଶୋଭାଯାତ୍ରାରେ ଠାକୁର ଦୁଆର ଦୁଆର ବୁଲି ଚାଟେରି ଭୋଗ ଖାଇଥିଲେ। ବାଜା, ବାଣ, କଳଘୋଡା, ବାଘବାଘୁଣୀ, ବୁଢାବୁଢୀ ନାଚ, ପଟୁଆରରେ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ଯାଇଥିଲେ। ପୋଖରୀ ନିକଟରେ ବିଭିନ୍ନ ଆତସବାଜି ପ୍ରଦର୍ଶନ ହୋଇଥିଲା। ପରେ ଗ୍ରାମର ଚତୁଃପାର୍ଶ୍ୱରେ ଦେବଦେବୀଙ୍କୁ ପଣାପାଣି ଭୋଗ ଦିଆଯାଇ ସନ୍ତୁଷ୍ଟ କରାଯିବା ପରେ ଏହି ଯାତ୍ରା ଉଦ୍‌ଯାପିତ ହୋଇଥିଲା। ଦଧିବାମନ ଜୀଉଙ୍କ ଚନ୍ଦନ ଯାତ୍ରାରେ ଘରୁଆ ପାଳି, ଥାନା ପାଳି ଓ ସାହି ପାଳି ଲାଗି ହୋଇଥାଏ। ତେବେ ସେଥିମଧ୍ୟରୁ ଥାନା ପାଳିର ଏକ ସ୍ୱତନ୍ତ୍ର ଖଞ୍ଜା ବଞ୍ଚି ରହିଛି। ପୁରୀ ସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ନୀତି କାନ୍ତି ଅନୁଯାୟୀ ବେଗୁନିଆ ଭଉଁରି ସାହିସ୍ଥିତ ଦଧିବାମନ ଦେବଙ୍କ ପୀଠରେ ପ୍ରତିବର୍ଷ ଚନ୍ଦନ ଯାତ୍ରା ପାଳନ ହୋଇଆସୁଛି। ଅକ୍ଷୟ ତୃତୀୟାଠାରୁ ଏହି ପର୍ବ ଆରମ୍ଭ ହୋଇ ୨୧ ଦିନ ପର୍ଯ୍ୟନ୍ତ ଚାଲିଥିଲା। ଦୈନିକ ଦିନ ଓ ରାତିରେ ବଡପୋଖରୀଠାରେ ଶ୍ରୀଜୀଉଙ୍କ ଚାପ ଖେଳ ଅନୁଷ୍ଠିତ ହୋଇଥିଲା। ପୀଠରେ ପ୍ରବଚନ, ନାମ ସଙ୍କୀର୍ତ୍ତନ, ଦାସକାଠିଆ, ରାମନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁମାନଙ୍କୁ ବେଶ୍ ଆକର୍ଷିତ କରୁଥିଲା। ତେବେ ଏଠାରେ ଠାକୁରଙ୍କ ଚନ୍ଦନ ଯାତ୍ରା ପୂର୍ବପୁରୁଷଙ୍କ ପୁରାତନ ପରମ୍ପରାକୁ ଅନୁକରଣ କରି ୧୫ ଦିନ ପର୍ଯ୍ୟନ୍ତ ଘରୋଇ ପାଳି ଭାବେ ପାଳନ କରାଯାଇଥାଏ। ଅନ୍ୟ ୬ ଦିନ ମଧ୍ୟରୁ ବେଗୁନିଆ ଗ୍ରାମର ୫ ସାହି ପକ୍ଷରୁ ୫ ଦିନ ଏବଂ ଅବଶିଷ୍ଟ ଦିନଟି ଥାନା ପକ୍ଷରୁ ପାଳନ କରାଯାଇ ଆସୁଛି।

## ରାଜ୍ୟାଭିଷେକ ପର୍ବ

**ଖୋର୍ଦ୍ଧା ଅଫିସ,୨୮।୫**

ଛତ୍ରପଡା ରାମଲୀଳାର ଅଭିଷେକ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ରାମ ନାଟକର ପରିସମାପ୍ତି ଘଟିଛି। ରାବଣକୁ ନିହତ କରି ପ୍ରଭୁ ରାମଚନ୍ଦ୍ର ଭାଇ ଲକ୍ଷ୍ମଣଙ୍କ ସହ ସ୍ତ୍ରୀ ସୀତାଙ୍କୁ ଧରି ଅଯୋଧ୍ୟା ଫେରିଛନ୍ତି। ୧୪ ବର୍ଷ ପରେ ପ୍ରିୟ ରାଜା ରାମଚନ୍ଦ୍ରଙ୍କୁ ଦେଖି ଅଯୋଧ୍ୟାବାସୀ ଖୁସିରେ ବିଭୋର ହୋଇପଡିଛନ୍ତି। ଘରେ ଘରେ ଆନନ୍ଦ ଲାଗି ରହିଛି। ପରେ ପ୍ରଭୁ ରାମଚନ୍ଦ୍ର ରାଜା ହୋଇଛନ୍ତି। ପର୍ବକୁ ନିଷ୍ଠା ସହକାରେ ପାଳନ କରି ଛତ୍ରପଡାବାସୀ ନିଜକୁ ଭାଗ୍ୟବାନ ମଣିଛନ୍ତି।

## ସୌରଚାଳିତ ଯନ୍ତ୍ରାଂଶ ବିତରଣ

**ବାରଙ୍ଗ,୨୮।୫(ଡି.ଏନ୍.ଏ.):** ଫନୀରେ ବିପର୍ଯ୍ୟସ୍ତ ହୋଇଥିବା ଆମ୍ବତୋଟା ବସ୍ତିବାସିନ୍ଦାଙ୍କୁ ମଙ୍ଗଳବାର ଜେକେ ପେପର କମ୍ପାନୀ ପକ୍ଷରୁ ସୌରଚାଳିତ ଯନ୍ତ୍ରାଂଶ ବିତରଣ କରାଯାଇଛି। ପରିବେଶବିତ ପ୍ରଫୁଲ୍ଲ କୁମାର ଧଳଙ୍କ ତତ୍ତ୍ୱାବଧାନରେ ୪୦ଗୋଟି ପରିବାରକୁ ବଲବ, ଫ୍ୟାନ, ବେଟେରି, ଲଣ୍ଠନ ଇତ୍ୟାଦି ସାମଗ୍ରୀ ପ୍ରଦାନ କରାଯାଇଛି। ଜେକେ ପେପରର ମୁଖ୍ୟ ପବନ କୁମାର ସୁରୀ, ମିସେଶ ବେଲା ଉପସ୍ଥିତ ରହି ଏହାକୁ ପ୍ରଦାନ କରିଥିଲେ।



ବାତ୍ୟାରେ ଉଜୁଡ଼ିଯାଇଥିବା ବୃକ୍ଷସମୂହ।

## ବାତ୍ୟାରେ ମଣିମୁହଁ ଛାରଖାର
### ପୁନର୍ବାର ବୃକ୍ଷରୋପଣ ଦାବି

**ନିରାକାରପୁର,୨୮।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ଅଧୀନ ରାଉଳହଜ ମୌଜାସ୍ଥିତ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଆମ୍ବଗଛ ଥିବା ଏକ ତୋଟା ଫନୀ ଯୋଗୁ ଛାରଖାର ହୋଇଯାଇଛି। ଏହି ବିସ୍ତୃତ ସୁନ୍ଦର ସବୁଜ ଅଞ୍ଚଳଟି ମଣିମୁହଁ ନାମରେ ପରିଚିତ। ମଣିମୁହଁ ଯେପରି ସମସ୍ତଙ୍କୁ ଆକର୍ଷିତ କରିପାରୁଥିଲା ଫନୀ ପରେ ଏହାର ସୌନ୍ଦର୍ଯ୍ୟ ସମ୍ପୂର୍ଣ୍ଣ ହରାଇ ସାରିଛି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। କାରଣ ବାତ୍ୟା ପବନରେ ହଜାର ହଜାର ଗଛ ଭାଙ୍ଗି, ଉପୁଡ଼ିଯାଇଛି। ତୋଟାଟି ଖରାଦିନେ ବେଶ୍ ଥଣ୍ଡା, ଆରାମ ଲାଗୁଥିବାରୁ ସ୍ଥାନୀୟ ଲୋକେ ଏବଂ ପଶୁପକ୍ଷୀ ଆଶ୍ରୟ ନେଉଥିଲେ। ଗରିବ ଲୋକେ ତୋଟାରୁ ଶୁଖିଲା ପତ୍ର ସଂଗ୍ରହ କରି ଜାଳେଣି ଭାବେ ବ୍ୟବହାର କରୁଥିଲେ। ରଜ ପର୍ବ ସମୟରେ ଝିଅମାନେ ଏଠାରେ ଥିବା ବୃକ୍ଷରେ ଦଉଡ଼ି ବାନ୍ଧି ରଜଦୋଳି କରୁଥିଲେ। ସମ୍ପ୍ରତି ତୋଟାର ଚତୁଃପାର୍ଶ୍ୱରେ କେବଳ ଥୁଣ୍ଟାଗଛ ଦୃଷ୍ଟିଗୋଚର ହେଉଛି। ମଣିମୁହଁର ପୂର୍ବ ସୌନ୍ଦର୍ଯ୍ୟ ଫେରାଇ ଆଣିବାକୁ ପୁନର୍ବାର ସରକାରଙ୍କ ତରଫରୁ ଏଠାରେ ପ୍ରଚୁର ପରିମାଣରେ ଆମ୍ବ ଆଦି ଚାରାରୋପଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ମା'ଯୋଗମାୟା ଭାଗବତ ପ୍ରତିଯୋଗିତା
# ବାଘୁଆପଲ୍ଲୀ ଚାମ୍ପିୟନ

**ବୋଲଗଡ଼,୨୮।୫(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ ହାଟବସ୍ତ ଗ୍ରାମସ୍ଥିତ ରାମଲୀଳା ସ୍ଥଳରେ ଚାଲିଥିବା ମା'ଯୋଗମାୟା ଭାଗବତ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ଭାପୁର ବ୍ଲକର ବାଘୁଆପଲ୍ଲୀ ଭାଗବତ ମଣ୍ଡଳୀ ଚାମ୍ପିୟନ ହୋଇଛି। ବୋଲଗଡ଼ ବ୍ଲକର ଖଉରୁଣୀ ଭାଗବତ ମଣ୍ଡଳୀ ମୋଟ ୪୬ ପଏଣ୍ଟ ପାଇ ରନର୍ସ ଅପ୍ ସିଲ୍ ପାଇଥିଲା। ଅନ୍ୟ ପକ୍ଷରେ ବାଘୁଆପଲ୍ଲୀ ଭାଗବତ ମଣ୍ଡଳୀ ମୋଟ ୬୧ ପଏଣ୍ଟ ପାଇ ଚାମ୍ପିୟନ ସିଲ୍ ପାଇଛି। ଶ୍ରେଷ୍ଠ ଗାୟକ ଏବଂ ବାୟକ ଭାବେ ମଧ୍ୟ ବାଘୁଆପଲ୍ଲୀ ଭାଗବତ ମଣ୍ଡଳୀକୁ ପୁରସ୍କୃତ କରାଯାଇଛି। ସେହିପରି ଖଉରୁଣୀ ଭାଗବତ ମଣ୍ଡଳୀର ପାଳିଆମାନେ ଶ୍ରେଷ୍ଠ ପାଳିଆ ହୋଇଛନ୍ତି। ଗ୍ରାମର ମା'ଯୋଗମାୟା ଭାଗବତ ମଣ୍ଡଳୀ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଆୟୋଜକଙ୍କ ପକ୍ଷରୁ ସଭାପତି ପଦ୍ମନାଭ ଖଟାଇ, ସମ୍ପାଦକ ଶେଷଦେବ ଖଟାଇ ଏବଂ ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀଧର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଚାରକ ଭାବେ ଦାଶରଥି ପଟ୍ଟନାୟକ, ଯଦୁମଣି ବିଶ୍ୱାଳ, ପୁରନ୍ଦର ମହାରଣା ଓ ନବକିଶୋର ମାଝି ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ। ଗଣେଶ୍ୱର ଖଟାଇ ଏବଂ ରମେଶ ଚନ୍ଦ୍ର ଭୋଳ ପରିଚାଳନାରେ ସହଯୋଗ କରିଥିଲେ।



ପ୍ରତିଯୋଗିତା ସ୍ଥଳରେ ଯୋଗଦେଇଥିବା ଶ୍ରଦ୍ଧାଳୁ।

## ଖୋର୍ଦ୍ଧା ଜିଲାରେ ପୋଷ୍ଟାଲ ଭୋଟ୍
# ସରକାରୀ କର୍ମଚାରୀଙ୍କ ପସନ୍ଦ ଭାଜପା

**ଖୋର୍ଦ୍ଧା ଅଫିସ,୨୮।୫**

### ଜଟଣୀ ନିର୍ବାଚନମଣ୍ଡଳୀରେ ଶୂନ୍ୟ, ଏକାମ୍ରରେ ବିଜେଡି

ସରକାରୀ କର୍ମଚାରୀଙ୍କ ପସନ୍ଦ ଭାଜପା। ଏଭଳି ତଥ୍ୟ ୨୦୧୯ ସାଧାରଣ ନିର୍ବାଚନର ମତଦାନରୁ ଜଣାପଡିଛି। ଖୋର୍ଦ୍ଧା ଜିଲାର ଜଟଣୀ ବିଧାନସଭା ନିର୍ବାଚନମଣ୍ଡଳୀରେ ପୋଷ୍ଟାଲ ଭୋଟ ଶୂନ୍ୟ ରହିଥିବାବେଳେ ଭୁବନେଶ୍ୱର ଏକାମ୍ରରେ ବିଜେଡି ପ୍ରାର୍ଥୀ ଅଧିକ ପାଇଛନ୍ତି। ତେବେ ଜିଲାରେ ୮ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ୬ଟିରେ ଭାଜପା ପ୍ରାର୍ଥୀମାନେ ସରକାରୀ କର୍ମଚାରୀଙ୍କ ଭୋଟ ହାତେଇବାରେ ସଫଳ ହୋଇଛନ୍ତି। ଜୟଦେବ ନିର୍ବାଚନମଣ୍ଡଳୀରେ ୧୫୧ ପୋଷ୍ଟାଲ ଭୋଟ ମିଳିଥିବାବେଳେ ଭାଜପାର ପ୍ରାର୍ଥୀ ନରେନ୍ଦ୍ର ନାଥ ନାୟକ ୮୧ ଭୋଟ ପାଇଛନ୍ତି। ଏଠାରେ ବିଜେଡିର ପ୍ରାର୍ଥୀ ଅରବିନ୍ଦ ପାଢ଼ୀ ୫୨, ବହୁଜନ ସମାଜ ପାର୍ଟିର ପ୍ରାର୍ଥୀ ୨, ଅଲ ଇଣ୍ଡିଆ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ବିଷ୍ଣୁ ଚରଣ ମଲ୍ଲିକ ୧, ସ୍ୱାଧୀନ ପ୍ରାର୍ଥୀ ନବ କିଶୋର ମଲ୍ଲିକ ୧୩, ନିର୍ମାଲ୍ୟ ପ୍ରସାଦ ବେହେରା ୧, ରାଘବ ଚନ୍ଦ୍ର ସେଠୀ ୧ ଭୋଟ ପାଇଛନ୍ତି। ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ୧୪୭ ପୋଷ୍ଟାଲ ଭୋଟରୁ ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ୭୬ ଖଣ୍ଡ ଭୋଟ ପାଇଛନ୍ତି। ଏଠାରେ ବିଜେଡି ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ୬୪, ବହୁଜନ ସମାଜ ପାର୍ଟିର ପ୍ରାର୍ଥୀ ବୀରେନ୍ଦ୍ର ନାୟକ ୧, କଂଗ୍ରେସ ପ୍ରାର୍ଥୀ ରାଜୀବ କୁମାର ପଟ୍ଟନାୟକ ୪, ଆମ ଆଦିମୀ ପାର୍ଟିର ପ୍ରାର୍ଥୀ ସୁବାଶିଷ ପଟ୍ଟନାୟକ ୧, ସ୍ୱାଧୀନ ପ୍ରାର୍ଥୀ ରଞ୍ଜନ ନାୟକ ୧ ଭୋଟ ପାଇବାରେ ସକ୍ଷମ ହୋଇଛନ୍ତି। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୧୪୦ ପୋଷ୍ଟାଲ ଭୋଟରୁ ୯୦ ଭୋଟ ଭାଜପା ପ୍ରାର୍ଥୀ ଅପରାଜିତା ମହାନ୍ତିଙ୍କ ପାଖକୁ ଯାଇଛି। ଏଠାରେ ବିଜେଡି ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ ୩୭, ବହୁଜନ ସମାଜ ପାର୍ଟିର ପ୍ରାର୍ଥୀ ଅଭିମନ୍ୟୁ ନାୟକ ୨, କଂଗ୍ରେସ ପ୍ରାର୍ଥୀ ଇତିଶ କୁମାର ପ୍ରଧାନ ୯, ସ୍ୱାଧୀନ ପ୍ରାର୍ଥୀ ଯୁଗାଂଶୁ କୁମାର ପଣ୍ଡା ୧, ସୁଧାଂଶୁ ବାଳା ଦାସ ୧ ଭୋଟ ପାଇଛନ୍ତି। ସେହିଭଳି ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ୧୪୭ ପୋଷ୍ଟାଲ ଭୋଟ ରହିଛି। ଏଥିରୁ ବିଜେଡି ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ୭୯ ଭୋଟ ପାଇ ସରକାରୀ କର୍ମଚାରୀଙ୍କର ପସନ୍ଦରେ ଅଛନ୍ତି। ଏଠାରେ ଭାଜପା ପ୍ରାର୍ଥୀ ବାବୁ ସିଂ ୫୮ ଖଣ୍ଡ ଭୋଟ ପାଇ ୨ୟ ସ୍ଥାନରେ ଅଛନ୍ତି। ଜିଲା ସାରା ପୋଷ୍ଟାଲ ଭୋଟ ଭାଜପା ସର୍ବାଧିକ ହାତେଇଛି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ପ୍ରାର୍ଥୀ ରଶ୍ମୀ ମହାପାତ୍ର ୯, ସ୍ୱାଧୀନ ପ୍ରାର୍ଥୀ ସତ୍ୟଜିତ୍ ଜେନା ୧ ଭୋଟ ପାଇଛନ୍ତି। ବେଗୁନିଆ ନିର୍ବାଚନମଣ୍ଡଳୀରେ ୩୦୨ ପୋଷ୍ଟାଲ ଭୋଟ ରହିଥିବାବେଳେ ଭାଜପା ପ୍ରାର୍ଥୀ ରିଷଭ ନନ୍ଦ ୧୫୭ ଖଣ୍ଡ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ୫୮, ବିଜେଡିର ରାଜେନ୍ଦ୍ର କୁମାର ସାହୁ ୮୩, ସ୍ୱାଧୀନ ପ୍ରାର୍ଥୀ ରୁଦ୍ର ନାରାୟଣ ବାହିନୀପତି ୩ ଓ ଶିବ ପ୍ରସାଦ ମିଶ୍ର ୧ ଭୋଟ ପାଇଛନ୍ତି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ୩୪୯ ପୋଷ୍ଟାଲ ଭୋଟ ଥିବାବେଳେ ଭାଜପା ପ୍ରାର୍ଥୀ କାଳୁ ଚରଣ ଖଣ୍ଡେଇତରାୟ ୨୩୫ ଭୋଟ ପାଇଛନ୍ତି। ସେହିଭଳି ବିଜେଡି ପ୍ରାର୍ଥୀ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ୮୬, କଂଗ୍ରେସ ପ୍ରାର୍ଥୀ ସ୍ୱାଗତିକା ପଟ୍ଟନାୟକ ୧୭, ସ୍ୱାଧୀନ ପ୍ରାର୍ଥୀ ଚିନ୍ତାମଣି ସାହୁ ୩, ଜିତେନ୍ଦ୍ର ପ୍ରଧାନ ୭ ଓ ମୋହିତ ରଞ୍ଜନ ବେହେରା ୧ ଭୋଟ ପାଇଛନ୍ତି। ଚିଲିକା ନିର୍ବାଚନମଣ୍ଡଳୀରେ ୧୯୪ ପୋଷ୍ଟାଲ ଭୋଟରୁ ଭାଜପା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ ୧୩୪ ଭୋଟ ପାଇ ଆଗରେ ଅଛନ୍ତି। କଂଗ୍ରେସ ପ୍ରାର୍ଥୀ ପ୍ରଦୀପ କୁମାର ସ୍ୱାଇଁ ୭, ବିଜେଡି ପ୍ରାର୍ଥୀ ପ୍ରଶାନ୍ତ କୁମାର ଜଗଦ୍ଦେବ ୪୮, ବହୁଜନ ସମାଜ ପାର୍ଟିର ପ୍ରାର୍ଥୀ ବସନ୍ତ ବେହେରା ୧, ସ୍ୱାଧୀନ ପ୍ରାର୍ଥୀ ଲଲାଟେନ୍ଦୁ ଶତପଥୀ ୪ ଖଣ୍ଡ ଭୋଟ ପାଇଛନ୍ତି।

### ନୋଟାରେ ୧୨ ଭୋଟ

ଖୋର୍ଦ୍ଧା ଜିଲାର ୮ଟି ନିର୍ବାଚନମଣ୍ଡଳୀରେ ନୋଟାରେ ୧୨ଟି ଭୋଟ ପଡିଛି। ତେବେ ଜଟଣୀ ବିଧାନସଭା ନିର୍ବାଚନମଣ୍ଡଳୀରେ ନୋଟାରେ ଭୋଟ ପଡିନି। ଜୟଦେବରେ ୨, ଭୁବନେଶ୍ୱର ମଧ୍ୟରେ ୨, ଭୁବନେଶ୍ୱର ଉତ୍ତରରେ ୧, ଭୁବନେଶ୍ୱର ଏକାମ୍ରରେ ୨, ବେଗୁନିଅରେ ୩, ଖୋର୍ଦ୍ଧାରେ ୧, ଚିଲିକା ନିର୍ବାଚନମଣ୍ଡଳୀରେ ଗୋଟିଏ ଭୋଟ ପଡିଛି।